କଟକ
ଶନିବାର ୨୨ ଅଗଷ୍ଟ, ୨୦୨୬
ପ୍ରାତଃ ସଂସ୍କରଣ

August 22, 2026 Cuttack
Vol - XXIV, Issue - 141
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ତହସିଲଦାର ଗିରଫ

**ରାଉରକେଲା,୨୧।୮(ନି.ପ୍ର):** ୫ଲକ୍ଷ ଟଙ୍କା ସହ ଧରାପଡ଼ିଥିବା ଲାଠିକଟା ତହସିଲଦାର ମୂରଲୀଧର ଉରମାଲଙ୍କୁ ଗିରଫ କରିଛି ଭିଜିଲାନ୍ସ ଟିମ୍। ଗୁରୁବାର ତହସିଲଦାରଙ୍କୁ ତାଙ୍କ ଗାଡ଼ିରୁ ୫ ଲକ୍ଷ ଟଙ୍କା ସହ ଭିଜିଲାନ୍ସ ଟିମ୍ ଧରିଥିଲା। ଏହି ଟଙ୍କାର ସଠିକ ହିସାବ ସେ ଦେଇପାରିନଥିଲେ। ଟଙ୍କା ସହ ତାଙ୍କ ଗାଡ଼ି ଜବତ କରାଯାଇଥିଲା। ତାଙ୍କର କେତୋଟି ଠିକଣାରେ ମଧ୍ୟ ହୋଇଥିଲା ଚଢାଉ। ଚଢାଉ ସମୟରେ ତାଙ୍କ ଘରୁ ଆଉ ୫.୭୪ ଲକ୍ଷ ଟଙ୍କା ଜବତ ହୋଇଥିଲା।

# ସ୍ୱାମୀଜୀଙ୍କ ପ୍ରତିଟି ରକ୍ତ ବିନ୍ଦୁକୁ ନ୍ୟାୟ ମିଳିବ

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମବାର୍ଷିକୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବୋଧନ

**ତାଳଚେର,୨୧।୮(ନି.ପ୍ର):** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ ସନାତନ ଧର୍ମର ଦୀପ୍ତିମନ୍ତ ମାର୍ଗଦର୍ଶକ। ଆଜିର ଆଧୁନିକ ଯୁଗରେ ସୁଖସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଞ୍ଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା'। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ତାଙ୍କ ଜନ୍ମସ୍ଥାନ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ସ୍ୱାମୀଜୀଙ୍କ ସ୍ମୃତିପୂତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ ଐତିହ୍ୟ ଗ୍ରାମ ଭାବେ ଗଢ଼ିତୋଳାଯିବା ସହ ଗୁରୁଜାଙ୍ଗ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ବିକଶିତ କରାଯିବ ବୋଲି ଘୋଷଣା କରିଛନ୍ତି।

ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, କନ୍ଧମାଳର ଚକାପାଦ ଓ ଜଲେଶପଟ୍ଟା ଆଶ୍ରମ ଏବଂ କନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢ଼ିତୋଳିଥିଲେ ସ୍ୱାମୀଜୀ। ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି। ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ସନାତନୀ ସଂକଳ୍ପ ଭାବେ ଛିଡ଼ା ହୋଇଛି।



ସ୍ୱାମୀଜୀଙ୍କ ଅତୁଳନୀୟ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଫୁଲବାଣୀ ସରକାରୀ ମେଡିକାଲ କଲେଜକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ ଭାବେ ନାମିତ କରାଯାଇଛି। ସ୍ୱାମୀଜୀଙ୍କ କର୍ମପୀଠ ଜଲେଶପଟ୍ଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମର ବିକାଶ ଏବଂ ଐତିହ୍ୟ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିମଧ୍ୟରୁ ୫ କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ, ୩ କୋଟି ଟଙ୍କାରେ ଐତିହ୍ୟ ସ୍ଥଳର ସଂରକ୍ଷଣ ଏବଂ ପାନୀୟ ଜଳ ଯୋଗାଣ ପାଇଁ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

୨୦୦୮ ମସିହା ଜନ୍ମାଷ୍ଟମୀ ରାତ୍ରିରେ ସ୍ୱାମୀଜୀଙ୍କ ନିର୍ମମ ହତ୍ୟାକାଣ୍ଡକୁ ମନେପକାଇ ମୁଖ୍ୟମନ୍ତ୍ରୀ ତତ୍କାଳୀନ ସରକାରଙ୍କ ବିଫଳତା, ଅବହେଳା ଓ ତୁଷ୍ଟୀକରଣ ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ସ୍ୱାମୀଜୀଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ଗଠିତ ଜଷ୍ଟିସ ମହାପାତ୍ର କମିଶନ ଏବଂ ଜଷ୍ଟିସ ନାଇଡୁ କମିଶନଙ୍କ ରିପୋର୍ଟ ଓ ଫାଇଲ ଲୋକସେବା ଭବନରୁ ଗାଏବ ହେବା ଅପରାଧୀଙ୍କୁ ବଞ୍ଚାଇବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଥିଲା ବୋଲି ସେ କହିଛନ୍ତି। ଏହି ମଞ୍ଚରୁ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି ଯେ, ସ୍ୱାମୀଜୀଙ୍କ ରକ୍ତର ପ୍ରତ୍ୟେକ ଟୋପାକୁ ନ୍ୟାୟ ମିଳିବ ଏବଂ ସତ୍ୟର ଉନ୍ମୋଚନ ନିଶ୍ଚିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଦାସର୍ବଦା ସ୍ୱାମୀଜୀଙ୍କ ସେବା ଓ ସନାତନୀ ନିଷ୍ଠାକୁ ଗଭୀର ସମ୍ମାନ ଜଣାଇ ଆସିଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଦୀଜୀଙ୍କ 'ସବ୍‌କା ସାଥ୍ ସବ୍‌କା ବିକାଶ' ଆଦର୍ଶ ଭିତରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ହିଁ ନିହିତ ରହିଛି। **(ପୃଷ୍ଠା:୫)**

## ବରିଷ୍ଠ ଆଇପିଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୧।୮(ନି.ପ୍ର):** ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ୬ ଜଣ ବରିଷ୍ଠ ଅଧିକାରୀଙ୍କ ବିଭାଗ ବଦଳିଛି। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୩ ବ୍ୟାଚ୍‌ର ଆଇପିଏସ୍ ହିମାଂଶୁ ଲାଲଙ୍କୁ ଭୁବନେଶ୍ୱର ବଦଳି କରାଯାଇଛି। ତାଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ଏସ୍‌ଟିଏଫ୍‌ର ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ୨୦୦୪ ବ୍ୟାଚ୍‌ର ଆଇପିଏସ୍ ସତ୍ୟବ୍ରତ ଭୋଇଙ୍କୁ ଆଇଜି ଗୋଇନ୍ଦା ଭାବେ ଦାୟିତ୍ୱ ଦିଆଯାଇଛି। ବର୍ତ୍ତମାନ ସେ ଏନ୍‌ସିଆର୍ ତାଳଚେର ଓ ପିଟିସି ଅନଗୋଳର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ୨୦୦୫ ବ୍ୟାଚ୍‌ର ଆଇପିଏସ୍ ଜୟ ନାରାୟଣ ପଙ୍କଜଙ୍କୁ ଆଇଜି ଗୋଇନ୍ଦାରୁ ଆଇଜି ଦକ୍ଷିଣାଞ୍ଚଳ ରେଞ୍ଜ୍, ବ୍ରହ୍ମପୁର ବଦଳି କରାଯାଇଛି। ଆଇଜି ବ୍ରହ୍ମପୁର ଭାବେ କାର୍ଯ୍ୟକରୁଥିବା ୨୦୦୭ ବ୍ୟାଚ୍‌ର ନୀତି ଶେଖରଙ୍କୁ ଆଇଜି ପୋଲିସ ପ୍ରୋଭିଜନିଂ ଦାୟିତ୍ୱ ଦିଆଯାଇଛି। ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଚରଣ ସିଂହ ମୀନାଙ୍କୁ ଡିଆଇଜି ପୋଲିସ (ଉତ୍ତରାଞ୍ଚଳ) ସମ୍ବଲପୁର ବଦଳି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଆଶିଷ କୁମାର ସିଂହଙ୍କୁ ତାଳଚେର ଏନ୍‌ସିଆର୍ (ଉତ୍ତର କେନ୍ଦ୍ରୀୟ ରେଞ୍ଜ୍)ର ଡିଆଇଜି ଏବଂ ଅନୁଗୋଳ ପିଟିସିର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।

# ପାରାଦୀପ ବନ୍ଦର ବିକାଶକୁ ମିଳିବ ନୂଆ ଉଡ଼ାଣ

## ୪୨୮ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ସୋନୋୱାଲ

**ପାରାଦୀପ,୨୧।୮(ନି.ପ୍ର):** ପାରାଦୀପ ବନ୍ଦରର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପାରାଦୀପ ବନ୍ଦର ଗସ୍ତରେ ଆସି ୪୨୭.୮୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ତଥା ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ବୃହତ ପ୍ରକଳ୍ପଗୁଡ଼ିକ ବନ୍ଦରର କାର୍ଯ୍ୟଦକ୍ଷତା ଏବଂ ଗୁଣବତ୍ତା ବୃଦ୍ଧି ସହିତ ପୂର୍ବ ଭାରତର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବାରେ ବ୍ୟାପକ ସହାୟକ ହେବ। ପାରାଦୀପ ବନ୍ଦରର ବିକାଶକୁ ମିଳିବ ନୂଆ ଉଡ଼ାଣ।





ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସୋନୋୱାଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତର ସାମୁଦ୍ରିକ କ୍ଷେତ୍ର ଏକ ଅଭୂତପୂର୍ବ ଆଧୁନିକୀକରଣ ଦିଗରେ ଦ୍ରୁତଗତିରେ ଆଗେଇ ଚାଲିଛି। ୧୨ ବର୍ଷ ମଧ୍ୟରେ ଦେଶର ବନ୍ଦର ଓ ଜଳପଥଗୁଡ଼ିକୁ ବିଶ୍ୱସ୍ତରୀୟ କରାଯାଇପାରିଛି। ଏହି ବିକାଶମୂଳକ କାର୍ଯ୍ୟଗୁଡ଼ିକ ଆସନ୍ତାକାଲିର ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ୨୦୪୭ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ପ୍ରମୁଖ ଇଞ୍ଜିନ ଭାବେ କାର୍ଯ୍ୟ କରିବ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ୨୦୩୦ ସୁଦ୍ଧା ପାରାଦୀପ ବନ୍ଦରର ବର୍ଥଗୁଡ଼ିକୁ ଶତପ୍ରତିଶତ ଯାନ୍ତ୍ରିକୀକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯାହାକି ବର୍ତ୍ତମାନ ୮୦ ପ୍ରତିଶତ ରହିଛି। ନୂତନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ଦ୍ୱାରା ଅଧିକ ଦ୍ରୁତ, ନିରାପଦ ଏବଂ ସ୍ୱଚ୍ଛ କାର୍ଗୋ ପରିଚାଳନା ସମ୍ଭବ ହୋଇପାରିବ। ଏହା ସହିତ ଜାହାଜଗୁଡ଼ିକର ରହଣି ସମୟ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ମଧ୍ୟ ଯଥେଷ୍ଟ ହ୍ରାସ ପାଇବ। **(ପୃଷ୍ଠା:୫)**

# ପରଲୋକରେ ବିସ୍ମୟ ପ୍ରତିଭା ପ୍ରଣବ ପଟ୍ଟନାୟକ

## ଝୁରୁଛି ସଙ୍ଗୀତ ଜଗତ

## ବାସଭବନରେ ଗାର୍ଡ ଅଫ୍ ଅନର



**ଭୁବନେଶ୍ୱର,୨୧।୮(ନି.ପ୍ର):** ପ୍ରଣବ ପଟ୍ଟନାୟକ, କେବଳ ଏହି ନାମ ହିଁ ଯଥେଷ୍ଟ। ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଅଫେରା ରାଇଜକୁ ଚାଲି ଯାଇଛନ୍ତି ଏହି ସଂଗୀତ ଜଗତର ଏହି ବିସ୍ମୟ ପ୍ରତିଭା। ୮୮ବର୍ଷ ବୟସରେ ଭୁବନେଶ୍ୱରର ଏକ ପ୍ରାଇଭେଟ ହସ୍‌ପିଟାଲରେ ସେ ଆଖି ବୁଜିଦେଇଛନ୍ତି। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ମାତ୍ରେ ହସ୍‌ପିଟାଲ ପରିସର ଲୋକାରଣ୍ୟ ହୋଇଯାଇଥିଲା। ତାଙ୍କ ମରଶରୀରକୁ ଭୁବନେଶ୍ୱରରେ ଲୁଇସ୍ ରୋଡ୍ ସ୍ଥିତ ବାସଭବନକୁ ଅଣାଯାଇଛି। ଅଗଣିତ ସଂଗୀତ ପ୍ରେମୀ, ଶୁଭେଚ୍ଛୁ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବାସଭବନରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

ପ୍ରଣବ ପଟ୍ଟନାୟକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ କିଡ୍‌ନୀ ମଧ୍ୟ ସଂକ୍ରମିତ ହୋଇଥିଲା। ଗତ ୧୦ଦିନ ମଧ୍ୟରେ ଖରାପ ହୋଇଯାଇଥିଲା ସ୍ୱାସ୍ଥ୍ୟାବସ୍ଥା। ଡାକ୍ତରଙ୍କ ଶତ ଚେଷ୍ଟା ସତ୍ତ୍ୱେ ବିଦାୟ ନେଇଯାଇଛନ୍ତି ସବୁ ଦିନ ପାଇଁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର କଳା ଓ ସଂଗୀତ ଜଗତର ଅପୂରଣୀୟ କ୍ଷତି ହେଲା ବୋଲି କହିଛନ୍ତି।

୧୯୩୮ରେ ପ୍ରଣବ ପଟ୍ଟନାୟକଙ୍କ ଜନ୍ମ। ତାଙ୍କ ପିତା ଲାଲମୋହନ ପଟ୍ଟନାୟକ ଓଡ଼ିଶା ବିଧାନସଭାର ବାଚସ୍ପତି ଥିଲେ। କିନ୍ତୁ ରାଜନୀତି ପ୍ରତି ରୁଚି ନରଖି ସଂଗୀତ ଜଗତରେ ମଗ୍ନ ରହିଥିଲେ ପ୍ରଣବ। ତାଙ୍କ ସ୍ୱରର ଭାବ, ମାଧୁର୍ଯ୍ୟ ଓ ଶବ୍ଦର ସ୍ପଷ୍ଟତା ତାଙ୍କର ନିଆରା ପରିଚୟ ସୃଷ୍ଟି କରିଥିଲା। ସୁମଧୁର କଣ୍ଠ ଓ ଅନନ୍ୟ ଗାୟନ ଶୈଳୀରେ ସେ ଶ୍ରୋତାଙ୍କ ହୃଦୟ ଜିତିଥିଲେ। ଓଡ଼ିଆ ସଙ୍ଗୀତ ଜଗତର ଅନ୍ୟତମ ଶ୍ରେଷ୍ଠ ଗାୟକ ହୋଇପାରିଥିଲେ। ଦୀର୍ଘ ୫ ଦଶନ୍ଧି ଧରି ସଙ୍ଗୀତ ଜଗତରେ ସକ୍ରିୟ ଥିଲେ ପ୍ରଣବ। ଓଡ଼ିଆ ଚଳଚ୍ଚିତ୍ର 'ମା'ରେ ସେ ଆରମ୍ଭ କରିଥିଲେ ତାଙ୍କ କ୍ୟାରିୟର। ୬ଥର ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ହୋଇଥିଲେ। ରାଜ୍ୟ ମଧ୍ୟ ତାଙ୍କୁ ଜୟଦେବ ପୁରସ୍କାର ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ କରିଥିଲା।

ଆକାଶବାଣୀ ଓ ଦୂରଦର୍ଶନର ଆଗଧାଡ଼ିର କଣ୍ଠଶିଳ୍ପୀ ଥିଲେ ପ୍ରଣବ। 'ଶ୍ରୀ ଲୋକନାଥ', 'ସୂର୍ଯ୍ୟମୁଖୀ', 'ସିନ୍ଦୂର ବିନ୍ଦୁ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଆଦି ଚଳଚ୍ଚିତ୍ରର ଏହି ଗାୟକଙ୍କ ବିୟୋଗରେ ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କୁ ଝୁରୁଛନ୍ତି ସଙ୍ଗୀତ ପ୍ରେମୀ। ନୂଆପିଢ଼ିର ଗାୟକଙ୍କ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ, ସୁରର ବାଦଶାହ। ଉଷା ମଙ୍ଗେସକର, ବାଣୀ ଜୟରାମ, ଏସ୍ ଜାନକୀ, ଭୂପିନ୍ଦର ସିଂହଙ୍କ ପରି ମହାନ ସିଙ୍ଗରଙ୍କ ସହ ସେ କଣ୍ଠଦାନ କରିଛନ୍ତି। **(ପୃଷ୍ଠା:୫)**

## ୩୧ ଯାଏ ବଢ଼ିଲା ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ଅବଧି

**ଭୁବନେଶ୍ୱର,୨୧।୮(ନି.ପ୍ର):** କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ-୨୦୨୬ ପାଇଁ ଚାଲିଥିବା ପଞ୍ଜୀକରଣ ଅବଧି ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅନିଶ୍ଚିତତା ହେତୁ ହେଉଥିବା ଫସଲ ହାନିରୁ ସୁରକ୍ଷା ତଥା ଅଧିକରୁ ଅଧିକ ଯୋଗ୍ୟ ଚାଷୀଙ୍କୁ ଏହି ବୀମା ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରାଯାଇଛି। ବର୍ଦ୍ଧିତ ଅବଧିରେ ଫସଲ ବୀମା ପଞ୍ଜୀକରଣ ଗଞ୍ଜାମ, କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଭଦ୍ରକ, ଗଜପତି, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କେବଳ ଋଣୀ ଚାଷୀମାନଙ୍କ ପାଇଁ ଉପଲବ୍ଧ ହେବ। ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଅନ୍ୟ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଇଁ ଉପଲବ୍ଧ ହେବ ବୀମା ପଞ୍ଜୀକରଣ। **(ପୃଷ୍ଠା:୫)**

## ଜଳସ୍ତର କମୁଛି, ଦୁର୍ଦ୍ଦଶା ବଢୁଛି

**ଭୁବନେଶ୍ୱର,୨୧।୮(ନି.ପ୍ର):** ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ଜଳକା ନଦୀରେ ବନ୍ୟା ଜଳସ୍ତର ଧୀରେ ଧୀରେ କମୁଛି। କିନ୍ତୁ ଲୋକଙ୍କ ଦୁର୍ଦ୍ଦଶା ବଢୁଛି। ଗାଁକୁ ଫେରୁଛନ୍ତି ବନ୍ୟା ପ୍ରଭାବିତ ଲୋକ। ଘର ସଜାଡୁଛନ୍ତି, ମରାମତି କରୁଛନ୍ତି। ଅନେକ ତ ରୋଷେଇ ବି କରିପାରୁନାହାନ୍ତି। ମାଟି ଘରଗୁଡ଼ିକରେ କାନ୍ଥରେ କାଦୁଅ ଚକଟି ମାଟି ଲେପୁଛନ୍ତି। ସବୁ ଓଦା ହୋଇଯାଇଛି ପାଣିରେ। ଭଲ ଖରାକୁ ଅପେକ୍ଷା କରିଛନ୍ତି। ରିଲିଫ୍ ଖାଦ୍ୟ, ଚୂଡ଼ା ମୁଢି ଭରସାରେ ରହିଥିଲେ ବନ୍ୟା ସମୟରେ ଚାଷୀଙ୍କ ଦୁଃଖତ କହିଲେ ନସରେ। ଜଳମଗ୍ନ ଜମିକୁ ଦେଖି ଲୁହ ଝରାଉଛନ୍ତି।

## ସାଂସଦଙ୍କ ପୁଅ ଗାଡ଼ି ଧକ୍କାରେ ଚାଲିଗଲା ଓଡ଼ିଆ ଯୁବତୀଙ୍କ ଜୀବନ

**ହାଇଦ୍ରାବାଦ,୨୧।୮(ଏଜେନ୍ସି):** ହାଇଦ୍ରାବାଦରେ ଜନସେନା ସାଂସଦଙ୍କ ପୁଅ ଗାଡ଼ି ଧକ୍କାରେ ଜଣେ ଓଡ଼ିଆ ଯୁବତୀଙ୍କର ଅକାଳରେ ବିୟୋଗ ହୋଇଯାଇଛି। ସେ ରାସ୍ତା ପାର୍ ହେବା ବେଳେ ସାଂସଦଙ୍କ ପୁଅଙ୍କର ବିଳାସପୂର୍ଣ୍ଣ କାର୍ ଯୁବତୀଙ୍କୁ ଧକ୍କା ଦେଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲ ନେଇଯାଇଥିଲେ ସାଂସଦଙ୍କ ପୁଅ। କିନ୍ତୁ ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ଯୁବତୀ ଜଣକ ହାଇଦ୍ରାବାଦର ଏକ ମଲ୍‌ରେ କାମ କରୁଥିଲେ। ମଲ୍ କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଛି। ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଛି। କିନ୍ତୁ ସାଂସଦଙ୍କ ପୁଅକୁ ଗିରଫ କରାଯାଇନାହିଁ।

# ୨୮ରେ ମିଳିବ ସୁଭଦ୍ରାର ୫ମ କିସ୍ତି

**ଭୁବନେଶ୍ୱର,୨୧।୮(ନି.ପ୍ର):** ୨୮ ଅଗଷ୍ଟ ୨୦୨୬ ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସମାରୋହରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତିମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ଓକାକ୍ ଟିମ୍ ଏବଂ ବ୍ୟାଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ୫ମ କିସ୍ତିର ଡିବିଟି ପ୍ରଦାନ, ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଂ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଉପମୁଖ୍ୟମନ୍ତ୍ରୀ ସବିଶେଷ ସମୀକ୍ଷା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ୫ମ କିସ୍ତିର ସୁଚାରୁ ଓ ନିର୍ବିଘ୍ନ ବଣ୍ଟନ ପାଇଁ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିବିଟି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା, ବ୍ୟାଙ୍କିଂ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଏବଂ ହିତାଧିକାରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀ ଓ ବ୍ୟାଙ୍କ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**୧,୦୩,୨୬,୧୬୨**
**ଯୋଗ୍ୟ ହିତାଧିକାରୀ ଚିହ୍ନଟ**

ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି, ରାଖୀ ପୂର୍ଣ୍ଣିମାରେ ସୁଭଦ୍ରାର ୫ମ କିସ୍ତି ମିଳିବ। ମୋଟ୍ ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ପଞ୍ଚମ କିସ୍ତି ମିଳିବ। ୨ ଲକ୍ଷ ୨୧ ହଜାର ୫୪ ଜଣଙ୍କୁ ମିଳିବ ପ୍ରଥମ କିସ୍ତି। ସେମାନେ ନୂତନ ହିତାଧିକାରୀ। **(ପୃଷ୍ଠା:୫)**

# ବାରାଣସୀ ଧାନ ଗବେଷଣା କେନ୍ଦ୍ରରେ ଉପମୁଖ୍ୟମନ୍ତ୍ରୀ

## କୃଷକଙ୍କ ପାଇଁ ନୂଆ ପ୍ରଯୁକ୍ତିର ପ୍ରଶଂସା

**ବାରାଣସୀ/ଭୁବନେଶ୍ୱର,୨୧।୮(ନି.ପ୍ର):** ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବାରାଣସୀସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ଆଞ୍ଚଳିକ କେନ୍ଦ୍ର (ଆଇଏସଏଆରସି) ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ସେ ଆଇଏସଏଆରସିର ଗବେଷଣା, ନବସୃଜନ ଏବଂ ବୈଷୟିକ ଜ୍ଞାନକୌଶଳ ଯାହା ସ୍ଥାୟୀ ଓ ସହନଶୀଳ ଧାନ ଆଧାରିତ କୃଷି-ଖାଦ୍ୟ ପ୍ରଣାଳୀକୁ ସାହାଯ୍ୟ କରେ, ତାହା ଅନୁଧ୍ୟାନ କରିଛନ୍ତି। ସେ ସ୍ପିଡ୍ ବ୍ରିଡିଂ, ଭେରାଇଟାଲ କାଫେଟେରିଆ, ଯାନ୍ତ୍ରିକୀକରଣ ଓ ଅମଳ ପରବର୍ତ୍ତୀ ୟୁନିଟ୍, ସିଧା ସଳଖ ଧାନ ବୁଣା ପରୀକ୍ଷଣ ପ୍ଲଟ୍, ଡ୍ରୋନ୍ ପ୍ରଦର୍ଶନୀ ଏବଂ ପୁନରୁଦ୍ଧାରକାରୀ କୃଷି କ୍ଷେତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସୁବିଧାଗୁଡ଼ିକ ମଧ୍ୟବୁଲି ଦେଖିଛନ୍ତି ଧାନ ଚାଷରେ ଉତ୍ପାଦନ, ଦକ୍ଷତା ଏବଂ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ବିକଶିତ ଓ ପ୍ରଦର୍ଶିତ ହେଉଥିବା ପ୍ରଯୁକ୍ତିବିଦ୍ୟା ବିଷୟରେ ବୈଜ୍ଞାନିକମାନେ ଉପମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।



ଉପମୁଖ୍ୟମନ୍ତ୍ରୀ ଜିଓସ୍ପାଟିଆଲ ଲ୍ୟାବ, ପ୍ଲାଣ୍ଟ ଆଣ୍ଡ ସୋଏଲ ଲ୍ୟାବ ଏବଂ ଏନ୍‌ଏବିଏଲ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ରାଇସ୍ ଭାଲ୍ୟୁ ଆଡିସନ ଲ୍ୟାବ ପରିଦର୍ଶନ କରିଛନ୍ତି। ଆଇଏସଏଆରସିର ଅତ୍ୟାଧୁନିକ ଗବେଷଣା ସୁବିଧା ଏବଂ ଧାନର ମୂଲ୍ୟ ବୃଦ୍ଧି ତଥା କୃଷି କ୍ଷେତ୍ରରେ ନବସୃଜନକୁ ସୁଦୃଢ଼ କରିବାର ପ୍ରଚେଷ୍ଟା ବିଷୟରେ ମଧ୍ୟ ସୂଚନା ସଂଗ୍ରହ କରିଛନ୍ତି ଉପମୁଖ୍ୟମନ୍ତ୍ରୀ।

ଆଇଆରଆରଆଇ ଏବଂ ଆଇଏସଏଆରସି ବୈଜ୍ଞାନିକଙ୍କ କାର୍ଯ୍ୟକୁ ଆନ୍ତରିକତାର ସହ ପ୍ରଶଂସା କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ସେ କହିଛନ୍ତି, ଧାନକୁ ଭାରତରୁ ଅଲଗା କରାଯାଇପାରିବ ନାହିଁ। କୃଷକଙ୍କ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ଓ କୌଶଳ ବିକଶିତ କରିବାରେ ବୈଜ୍ଞାନିକଙ୍କ ସହ ଆଲୋଚନା ଏକ ମୂଲ୍ୟବାନ ଶିକ୍ଷଣୀୟ ଅନୁଭୂତି। ଏହା ଓଡ଼ିଶାର ଚାଷୀମାନଙ୍କୁ ସାହାଯ୍ୟ କରିବ ବିଶେଷକରି ବନ୍ୟା ସମୟରେ କେଉଁ ପ୍ରକାର ଧାନ ଓ କମ୍ ଅବଧିର ଫସଲ କରାଯାଇପାରିବ ଓ କୃଷି ନବସୃଜନକୁ କିଭଳି ଆଗେଇ ନିଆଯିବ ସେଥିପାଇଁ ଆଇଆରଆରଆଇର ସହଯୋଗ ରହିବ ବୋଲି ଆଶା ରଖୁଛି।

ଉପମୁଖ୍ୟମନ୍ତ୍ରୀଙ୍କ ଆଇଆରଆରଆଇର ବିଜ୍ଞାନୀ ତଥା କାର୍ଯ୍ୟକାରୀ କଣ୍ଟ୍ରି ମ୍ୟାନେଜର ଡ. ସ୍ୱାତୀ ନାୟକ ଏବଂ ଆଇଏସଏଆରସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ବିକାଶ କୁମାର ସିଂହ ସ୍ୱାଗତ କରିଥିଲେ। ଡ. ସିଂହ ଆଇଏସଏଆରସିର କାର୍ଯ୍ୟାବଳୀ, ଭାରତ ଓ ସମଗ୍ର ଦକ୍ଷିଣ ଏସିଆରେ ଆଇଆରଆରଆଇ ଓ ଆଇଏସଏଆରସିର ଅବଦାନ ଏବଂ ଗବେଷଣା, ନବସୃଜନ, କ୍ଷମତା ବୃଦ୍ଧି ଓ ସହଭାଗିତା ମାଧ୍ୟମରେ କୃଷି ପ୍ରାଥମିକତାଗୁଡ଼ିକର ସମାଧାନ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଓ ନିଭୃତି ଲକ୍ଷରାଜ ମେୱାର ଉପସ୍ଥିତ ଥିଲେ।

## ଅଗ୍ନିପଥ ଯୋଜନା ଅଧୀନରେ ସେନା ଭର୍ତ୍ତି ର୍‍ୟାଲି

**କଟକ,୨୧।୮(ନି.ପ୍ର):** ସେନା ଭର୍ତ୍ତି କାର୍ଯ୍ୟାଳୟ (ଏଆର୍‌ଓ) କଟକ ଦ୍ୱାରା ଅଗ୍ନିପଥ ଯୋଜନା ଅଧୀନରେ ସେନା ଭର୍ତ୍ତି ର୍‍ୟାଲି ୩ ସେପ୍ଟେମ୍ବର ୨୦୨୬ରୁ ୧୬ ସେପ୍ଟେମ୍ବର ୨୦୨୬ ଯାଏ ଗୋପବନ୍ଧୁ ଷ୍ଟାଡିୟମ ପାରାଦୀପରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା,ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାଗୁଡ଼ିକ ପାଇଁ ଆୟୋଜିତ ହେବ। ଏହି ଭର୍ତ୍ତି ର୍‍ୟାଲିରେ ରେଗୁଲାର କ୍ୟାଡର ବର୍ଗ (ସିପାହୀ ଫାର୍ମା,ସୋଲଜର ଟେକ୍ ନର୍ସିଂ ଆସିଷ୍ଟାଣ୍ଟ, ହାବିଲଦାର ଏଜୁକେସନ ଓ ଧର୍ମଶିକ୍ଷକ ଜେସିୟୁ) ସହିତ ଓଡ଼ିଶା, ପଶ୍ଚିମ ବଙ୍ଗ ଏବଂ ସିକ୍କିମ ରାଜ୍ୟ ପାଇଁ ଅଗ୍ନିବୀର କ୍ଲର୍କ/ଏସ୍‌କେଟି (ଷ୍ଟୋର କିପର ଟେକ୍ନିକାଲ) ଭର୍ତ୍ତି ମଧ୍ୟ ସାମିଲ ରହିବ।

ଅନ୍‌ଲାଇନ କମନ ଏଣ୍ଟ୍ରାନ୍ସ କମନ ଏକ୍‌ଜାମରେ ଉତ୍ତୀର୍ଣ୍ଣ, ଶର୍ଟଲିଷ୍ଟ ହୋଇଥିବା କ୍ୟାଣ୍ଡିଡେଟମାନଙ୍କୁ ସେମାନଙ୍କ ଆଡମିଟକାର୍ଡରେ ଉଲ୍ଲେଖ ଥିବା ତାରିଖ ଅନୁଯାୟୀ ଫିଜିକାଲ ଫିଟ୍‌ନେସ ଟେଷ୍ଟ ଓ ମେଡ଼ିକାଲ ପାଇଁ ଉପସ୍ଥିତ ହେବାକୁ ପଡ଼ିବ। କ୍ୟାଣ୍ଡିଡେଟମାନଙ୍କର ଆଡମିଟ୍ କାର୍ଡ ସେମାନଙ୍କ ପଞ୍ଜୀକୃତ ଇମେଲ୍ ଆଇଡିକୁ ପଠାଯାଇସାରିଛି। ଏହାବ୍ୟତୀତ କ୍ୟାଣ୍ଡିଡେଟମାନେ ଅଫିସିଆଲ ୱେବ୍‌ସାଇଟ (www.joindianarmy.nic.in) ରେ ସେମାନଙ୍କ ପ୍ରୋଫାଇଲରେ ଲଗ୍ ଇନ୍ କରି ମଧ୍ୟ ଆଡମିଟ୍ କାର୍ଡ ଡାଉନଲୋଡ କରିପାରିବେ।

କ୍ୟାଣ୍ଡିଡେଟମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭର୍ତ୍ତି ର୍‍ୟାଲି ସମୟରେ ସେମାନଙ୍କର ଅରିଜିନାଲ ଦସ୍ତାବିଜ କୌଣସି ଅଜଣାବ୍ୟକ୍ତି, ଦଲାଲ କିମ୍ବା ଏଜେଣ୍ଟଙ୍କୁ ହସ୍ତାନ୍ତର କରନ୍ତୁ ନାହିଁ। ଏପରି କୌଣସି ଘଟଣା ସାମନାକୁ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ କିମ୍ବା ସେନା ଭର୍ତ୍ତି କାର୍ଯ୍ୟାଳୟ, କଟକର କର୍ମଚାରୀଙ୍କୁ ସୂଚନା ଦିଅନ୍ତୁ। ଯୋଗାଯୋଗ କିମ୍ବା ପଚରାଉଚରା ପାଇଁ କ୍ୟାଣ୍ଡିଡେଟମାନେ ସେନାଭର୍ତ୍ତି କାର୍ଯ୍ୟାଳୟ, କଟକ ସହ ଯୋଗାଯୋଗ କରିପାରିବେ।





**ଅନେକ ସମୟରେ ତଳିପାଦ ଯନ୍ତ୍ରଣା ଅଧିକ ଅସୁବିଧା ସୃଷ୍ଟି କରିପାରେ। ତଳିପାଦ ଯନ୍ତ୍ରଣା ହେତୁ ଅଧିକ ସମୟ ପର୍ଯ୍ୟନ୍ତ ଠିଆହେବା କଷ୍ଟ ହୋଇଯାଏ। ଗୋଡ଼ରେ ଯନ୍ତ୍ରଣା ହେତୁ ଶରୀରର ଓଜନ ଅଧିକ ଭାରୀ ଅନୁଭବ ହେବାକୁ ଲାଗେ। ଏପରି ସମସ୍ୟାରୁ ମୁକ୍ତି ପାଇବାର ଏକ ପ୍ରାକୃତିକ ଉପାୟ ହେଉଛି ଯୋଗ ଅଭ୍ୟାସ...**

# ପାଦ ଯନ୍ତ୍ରଣା ପାଇଁ ୪ ସହଜ ଆସନ

ତଳିପାଦ ଯନ୍ତ୍ରଣା ଏକ ସାଧାରଣ ସମସ୍ୟା। ଦୀର୍ଘ ସମୟ ଧରି ଚାଲିବା, ଦୌଡ଼ିବା କିମ୍ବା ଠିଆ ହେବା ଯୋଗୁ ପାଦର ତଳ ଅଂଶ କିମ୍ବା ଗୋଇଠି ଯନ୍ତ୍ରଣା ଆରମ୍ଭ ହୋଇପାରେ। ଏହି ସମସ୍ୟା ବିଶେଷକରି ପ୍ଲାଣ୍ଟର୍ ଫାସାଇଟିସ୍, ଭୁଲ ଜୋତା ପିନ୍ଧିବା, ଅତ୍ୟଧିକ ଓଜନ, ମଧୁମେହ କିମ୍ବା ସ୍ନାୟୁ ଦୁର୍ବଳତା ଯୋଗୁ ହୋଇଥାଏ।

ତେବେ ଅନେକ ସମୟରେ ଏହି ହାଲୁକା ଯନ୍ତ୍ରଣା ଅଧିକ ଅସୁବିଧା ସୃଷ୍ଟି କରିପାରେ। ତଳିପାଦ ଯନ୍ତ୍ରଣା ହେତୁ ଆପଣ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ହୋଇପାରିବେ ନାହିଁ। ଗୋଡ଼ରେ ଯନ୍ତ୍ରଣା ହେତୁ ଶରୀରର ଓଜନ ଅଧିକ ଭାରୀ ଅନୁଭବ ହେବାକୁ ଲାଗେ। ନିୟମିତ ଭାବରେ କିଛି ଯୋଗାସନ ଅଭ୍ୟାସ କରିବା ଦ୍ୱାରା ପାଦ ତଳି ଯନ୍ତ୍ରଣାରୁ ବହୁତ ପରିମାଣରେ ମୁକ୍ତି ମିଳିପାରିବ।

## ତଳିପାଦ ଯନ୍ତ୍ରଣାର ମୁଖ୍ୟ କାରଣ:

- ପ୍ଲାଣ୍ଟର୍ ଫାସାଇଟିସ୍ ଯନ୍ତ୍ରଣା ସୃଷ୍ଟି କରିପାରେ। ଏଥିରେ ଗୋଇଠିରୁ ପାଦର ଆଙ୍ଗୁଠି ପର୍ଯ୍ୟନ୍ତ ଯାଉଥିବା ମାଂସପେଶୀଗୁଡ଼ିକ ଫୁଲିଯାଏ।
- ଶରୀରର ଅତ୍ୟଧିକ ଓଜନ ମଧ୍ୟ ଗୋଡ଼ରେ ଯନ୍ତ୍ରଣା ସୃଷ୍ଟି କରିପାରେ।
- ଏହି ସମସ୍ୟା ସେହି ଲୋକଙ୍କ ପାଇଁ ସାଧାରଣ ଯେଉଁମାନେ ଦୀର୍ଘ ସମୟ ଧରି ଠିଆ ହୁଅନ୍ତି।
- ଭୁଲ ଉପାୟରେ ଚାଲିବା କିମ୍ବା ଦୌଡ଼ିବା ଦ୍ୱାରା ଗୋଇଠି ଏବଂ ଗୋଡ଼ରେ ଯନ୍ତ୍ରଣା ହୁଏ।
- ରକ୍ତ ସଞ୍ଚାଳନ ଅଭାବରୁ ଗୋଡରେ ଯନ୍ତ୍ରଣା ବୃଦ୍ଧି ପାଏ।
- ଭିଟାମିନ୍ ଡି କିମ୍ବା କ୍ୟାଲସିୟମ୍ ଅଭାବ ଥିବା ଲୋକଙ୍କ ପାଇଁ ଗୋଡ଼ ଯନ୍ତ୍ରଣା ଏକ ସାଧାରଣ ସମସ୍ୟା ହୋଇପାରେ।

### ତାଡାସନ:

ତାଡାସନର ନିୟମିତ ଅଭ୍ୟାସ ଗୋଡ଼ ମାଂସପେଶୀକୁ ମଜବୁତ ଏବଂ ବିସ୍ତାରିତ କରେ। ଏହା ପାଦତଳର ବଧିରତାକୁ ହ୍ରାସ କରେ।



### ବଜ୍ରାସନ:

ବଜ୍ରାସନ ପାଚନ ଶକ୍ତି ବୃଦ୍ଧି କରିବା ସହିତ ପାଦତଳେ ରକ୍ତ ସଞ୍ଚାଳନକୁ ମଧ୍ୟ ଉନ୍ନତ କରିଥାଏ। ଏହା କରିବା ଦ୍ୱାରା ତଳ ପାଦ ଉପରେ ସାମାନ୍ୟ ଚାପ ପ୍ରୟୋଗ କରାଯାଏ ଯାହା ମାଂସପେଶୀକୁ ଆରାମ ଦିଏ।



### ବାଳାସନ:

ଶରୀରକୁ ଆରାମ ଦେଉଥିବା ଏହି ଆସନ ପାଦତଳେର ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରେ। ଏହା ଗୋଇଠି ଏବଂ ପାଦର ତଳ ଭାଗରେ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ।



### ସେତୁବନ୍ଧାସନ:

ଏହା ଗୋଡ଼ ଏବଂ ପାଦତଳର ଶିରାରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ। ମାଂସପେଶୀଗୁଡ଼ିକ ଶକ୍ତିଶାଳୀ ହୁଏ। ସେତୁବନ୍ଧାସନ ଅଭ୍ୟାସ କରିବାକୁ ହେଲେ ପିଠିରେ ଶୋଇ ଆଣ୍ଠୁକୁ ଉପରକୁ ଭାଙ୍ଗି ପାଦକୁ ଅଣ୍ଟା ପାଖରେ ରଖନ୍ତୁ। ଏହାପରେ ଧୀରେ ଧୀରେ ଅଣ୍ଟାକୁ ଉପରକୁ ଉଠାନ୍ତୁ ଏବଂ ହାତକୁ ଭୂମିରେ ରଖି ଶରୀରକୁ ସପୋର୍ଟ ଦିଅନ୍ତୁ।






## 'କ୍ରାଇମ୍ ପାଟ୍ରୋଲ୍'ର ନୂଆ ହୋଷ୍ଟ

# ବଲିଉଡ୍‌ର ସିଙ୍ଘମ୍

ବଲିଉଡର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ ଏବେ ଟେଲିଭିଜନ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଦୀର୍ଘଦିନ ଧରି ଲୋକପ୍ରିୟତା ହାସଲ କରିଥିବା ସତ୍ୟ ଘଟଣା ଉପରେ ଆଧାରିତ କ୍ରାଇମ ଶୋ 'କ୍ରାଇମ ପାଟ୍ରୋଲ'ର ନୂଆ ହୋଷ୍ଟ ଭାବେ ତାଙ୍କୁ ଦେଖିବାକୁ ମିଳିବ। ଏହି ଶୋ'ର ପୂର୍ବତନ ହୋଷ୍ଟ ଅନୁପ ସୋନିଙ୍କୁ ସେ ରିପ୍ଲେସ୍ କରିଛନ୍ତି। ଅଜୟ ଏହାର ନୂଆ ପ୍ରୋମୋ ସୁଟିଂ ଶେଷ କରିସାରିଛନ୍ତି ଏବଂ ଏହି ଭିଡିଓ ଇଣ୍ଟରନେଟରେ ବେଶ୍ ଭାଇରାଲ ହେବାରେ ଲାଗିଛି।

ନିକଟରେ ରିଲିଜ୍ ହୋଇଥିବା ପ୍ରୋମୋ ଭିଡିଓରେ ଅଜୟ ଦେବଗନ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ସେ ଦର୍ଶକଙ୍କୁ ସତର୍କ କରାଇ କହିଛନ୍ତି, ପିଲାଦିନେ ଆମକୁ ଅଜଣା ଲୋକଙ୍କଠାରୁ ସାବଧାନ ରହିବାକୁ ଶିକ୍ଷା ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଅଧିକାଂଶ ଅପରାଧ ନିଜର ପରିଚିତ ଲୋକଙ୍କ ଦ୍ୱାରା ହିଁ ଘଟୁଛି, ଯେଉଁମାନେ ଆପଣଙ୍କ ଘରର ଠିକଣା ଜାଣିଛନ୍ତି ଏବଂ ଆପଣଙ୍କ ସହ ଗୋଟିଏ ଟେବୁଲରେ ବସି ଖାଦ୍ୟ ଖାଉଛନ୍ତି। ଏଥର କ୍ରାଇମ ପାଟ୍ରୋଲରେ ମୁଁ ଆପଣଙ୍କ ସାଥୀରେ ରହିବି ବୋଲି ସେ ଦର୍ଶକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ରିପୋର୍ଟ ଅନୁସାରେ, ଏହି ନୂଆ ସିଜିନ୍ ଅଗଷ୍ଟ ୩୧ରୁ ସୋନି ଟିଭି ଏବଂ ସୋନି ଲିଭ୍‌ରେ ଟେଲିକାଷ୍ଟ ହେବାର ସମ୍ଭାବନା ରହିଛି।

ବର୍ତ୍ତମାନ ସୁଦ୍ଧା ଅଜୟ ମୋଟ ୧୫ଟି ଏପିସୋଡର ଶୁଟିଂ ସମ୍ପୂର୍ଣ୍ଣ କରିଛନ୍ତି। ଦର୍ଶକମାନେ ତାଙ୍କର ଏହି ନୂଆ ଅବତାରକୁ କିପରି ଗ୍ରହଣ କରୁଛନ୍ତି ଏବଂ ଶୋ'ର ଟିଆରପି କେତେ ଆସୁଛି, ତାହା ଉପରେ ଆଧାର କରି ସେ ପରବର୍ତ୍ତୀ ଏପିସୋଡ ଗୁଡିକ ପାଇଁ ସୁଟିଂ ଜାରି ରଖିବେ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ରହିଛି। ଯଦିଓ ଦୀର୍ଘ ବର୍ଷ ଧରି ଅନୁପ ସୋନି ଏହି ଶୋ'ର ମୁଖ୍ୟ ଆକର୍ଷଣ ରହିଆସିଥିଲେ, ତଥାପି ନିର୍ମାତାମାନେ ଏଥର କିଛି ନୂଆ ପ୍ରୟୋଗ କରିବାକୁ ଚାହୁଁଛନ୍ତି। ବଡ଼ ପରଦାରେ 'ଗଙ୍ଗାଜଳ', 'ସିଙ୍ଘମ୍' ଏବଂ 'ଦୃଶ୍ୟମ୍' ଭଳି ହିଟ୍ ଫିଲ୍ମରେ ପୋଲିସ ଏବଂ ଆଇନ ରକ୍ଷକ ଭୂମିକାରେ ଅଭିନୟ କରିଥିବା ଅଜୟଙ୍କୁ ଏବେ ଛୋଟ ପରଦାରେ ଦେଖିବାକୁ ଫ୍ୟାନ୍ସମାନେ ବେଶ୍ ଉତ୍ସାହିତ ଅଛନ୍ତି।



# ପୁରୁଷଙ୍କ ତୁଳନାରେ ମହିଳାଙ୍କର ଶୁଣିବା କ୍ଷମତା ପ୍ରଖର

ପ୍ରାୟତଃ ଆପଣ ଲୋକମାନଙ୍କୁ ମଜାରେ କହିବାର ଶୁଣିଥିବେ ଯେ ମହିଳାଙ୍କ କାନ ବହୁତ ପ୍ରଖର ଥାଏ। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ମଜାରେ କୁହାଯାଇଥିବା ଏହି କଥାଟି ସମ୍ପୂର୍ଣ୍ଣ ସତ୍ୟ। ସାଇଣ୍ଟିଫିକ ରିପୋର୍ଟରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ପୁରୁଷ ଏବଂ ମହିଳାମାନେ ଭିନ୍ନ ଭାବରେ ଶୁଣନ୍ତି। ମହିଳାଙ୍କ ଶ୍ରବଣ କ୍ଷମତା ପୁରୁଷମାନଙ୍କ ତୁଳନାରେ ଅଧିକ ସମ୍ବେଦନଶୀଳ। ଏହି ଅଧ୍ୟୟନରେ କିଛି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ପ୍ରକାଶ ଖୁଲାସା ହୋଇଛି। ଗବେଷଣାରୁ ଜଣାପଡିଛି ଯେ ବୟସ କିମ୍ବା ସ୍ଥାନ ନିର୍ବିଶେଷରେ ମହିଳାମାନଙ୍କର ଶ୍ରବଣ କ୍ଷମତା ପୁରୁଷମାନଙ୍କ ତୁଳନାରେ ପ୍ରଖର।

ଅଧ୍ୟୟନ ଅନୁଯାୟୀ, ମହିଳାଙ୍କ ଶ୍ରବଣ କ୍ଷମତା ପୁରୁଷମାନଙ୍କ ତୁଳନାରେ ହାରାହାରି ପ୍ରାୟ ଦୁଇ ଡେସିବେଲ ଅଧିକ। ଏହି ଅଧ୍ୟୟନ ବିଭିନ୍ନ ପରିବେଶ ଏବଂ ବୟସ ଗୋଷ୍ଠୀ ମଧ୍ୟରେ କରାଯାଇଛି, ଯାହା ସତ୍ୟ ବୋଲି ପ୍ରମାଣିତ ହୋଇଛି। ଏହି ଅଧ୍ୟୟନରେ ପାଞ୍ଚଟି ଦେଶର ୧୩ଟି ଭିନ୍ନ ଭିନ୍ନ ଗୋଷ୍ଠୀର ୪୪୮ ଜଣ ସୁସ୍ଥ ବୟସ୍କଙ୍କ ଶ୍ରବଣ କ୍ଷମତା ପରୀକ୍ଷା କରାଯାଇଥିଲା। ଏହି ଅଧ୍ୟୟନରେ ଗ୍ରାମୀଣ, ସହରାଞ୍ଚଳ ଏବଂ କିଛି ଅଞ୍ଚଳର ବୟସ୍କମାନଙ୍କୁ ସାମିଲ କରାଯାଇଥିଲା, ଯାହା ଗବେଷଣା ପାଇଁ ବିବିଧତା ପ୍ରଦାନ କରିଥିଲା। ଏହି ଗବେଷଣାର ଫଳାଫଳ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ମହିଳାଙ୍କ ଶ୍ରବଣ କ୍ଷମତା ପୁରୁଷମାନଙ୍କ ତୁଳନାରେ ଭଲ। ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମହିଳାମାନେ ସମସ୍ତ ପ୍ରକାରର ଶବ୍ଦ ଭଲ ଭାବରେ ଶୁଣିପାରନ୍ତି।

ଗବେଷଣା ଅନୁସାରେ, ଏହା ମହିଳାମାନଙ୍କ ମଧ୍ୟରେ ଏକ ସାର୍ବଜନୀନ ଜୈବିକ ବୈଶିଷ୍ଟ୍ୟକୁ ସୂଚିତ କରେ, ସମ୍ଭବତଃ ଭିତର କାନର ଗଠନରେ ସୂକ୍ଷ୍ମ ପାର୍ଥକ୍ୟ କିମ୍ବା ହୁଏତ ହରମୋନ ପାର୍ଥକ୍ୟ ହେତୁ ଏହା ହୋଇପାରେ। ଆଶ୍ଚର୍ଯ୍ୟଜନକ କଥା ହେଉଛି ବୟସ ବଢ଼ିବା ସହିତ ଲୋକଙ୍କ ଶ୍ରବଣ କ୍ଷମତା ହ୍ରାସ ପାଉଥିଲେ ମଧ ମହିଳାଙ୍କ ଶ୍ରବଣ କ୍ଷମତା ସେମାନଙ୍କ ବୟସ ଗୋଷ୍ଠୀର ପୁରୁଷମାନଙ୍କ ତୁଳନାରେ ବହୁତ ଭଲ। ଏହି ଗବେଷଣାରେ ପରିଲକ୍ଷିତ ହୋଇଥିଲା ଯେ ଡାହାଣ କାନ ବାମ କାନ ଅପେକ୍ଷା ଟିକେ ଅଧିକ ସମ୍ବେଦନଶୀଳ ଥିଲା।

ଏହି ଅଧ୍ୟୟନଟି ପରିବେଶ ଉପରେ ମଧ୍ୟ ଧ୍ୟାନ ଦେଇଥିଲା। ଏହା ଦର୍ଶାଉଛି ଯେ ଆପଣ ଯେଉଁ ଅଞ୍ଚଳରେ ରୁହନ୍ତି ତାହା ଆପଣଙ୍କ ଶୁଣିବା ଶୈଳୀକୁ ମଧ୍ୟ ପରିବର୍ତ୍ତନ କରିପାରେ। ଅଧ୍ୟୟନ ଅନୁଯାୟୀ, ଉଚ୍ଚ ସ୍ଥାନରେ ରହୁଥିବା ଲୋକଙ୍କର ଶ୍ରବଣ କ୍ଷମତା କମ୍ ଥାଏ କାରଣ ସେଠାରେ ଅମ୍ଳଜାନ ସ୍ତର କମ୍ ଥାଏ। ସେହି ସମୟରେ ଜଙ୍ଗଲରେ ରହୁଥିବା ଲୋକଙ୍କ ଶ୍ରବଣ କ୍ଷମତା ମଧ୍ୟ ଉନ୍ନତ ହୋଇଥାଏ। ସହରବାସୀ ଯେଉଁମାନେ ନିରନ୍ତର ଶବ୍ଦର ସମ୍ମୁଖ ଭାଗରେ ରହନ୍ତି, ସେମାନଙ୍କର ଉଚ୍ଚ ଶବ୍ଦ ପ୍ରତି ସମ୍ବେଦନଶୀଳତା ବୃଦ୍ଧିପାଏ।



# ଆର୍ଟିଫିସିଆଲ୍ ଜୁଏଲାରୀ ପିନ୍ଧୁଥିଲେ...

ଆର୍ଟିଫିସିଆଲ୍ ଜୁଏଲାରୀ ଦେଖିବାକୁ ଖୁବ୍ ଆକର୍ଷଣୀୟ। ହେଲେ ଏହା ୱାଟରପ୍ରୁଫ୍ ହୋଇନଥିବାରୁ ପାଣି ସଂସ୍ପର୍ଶରେ ଆସିଲେ ଜଙ୍କ ହେବା କିମ୍ବା ରଙ୍ଗ ଛାଡିଯିବାର ଆଶଙ୍କା ରହିଛି। ତେଣୁ ଖରାରେ କେଉଁଆଡେ ଯାଉଥିଲେ ଏହାକୁ ନପିନ୍ଧିବା ଭଲ। ଯଦି ଖରାରେ କୌଣସି ଫଙ୍କ୍ଶନରେ ଏହାକୁ ବ୍ୟବହାର କରୁଛନ୍ତି ତେବେ ଝାଳ ଲାଗିଥିଲେ ଭଲ ଭାବେ ପୋଛି ଜିପ୍ ଲକ୍ ପ୍ଲାଷ୍ଟିକ୍ ପାଉଚ୍‌ରେ ରଖନ୍ତୁ। ଧ୍ୟାନ ରଖନ୍ତୁ ପାଉଚ୍‌ର କୌଣସି ଜାଗା ଯେମିତି ଖୋଲା ନରହେ। ପିନ୍ଧିବା ବେଳେ ଓଦା ହୋଇଗଲେ ତୁରନ୍ତ ଏହାକୁ ଶୁଖିଲା କଟନ୍ କପଡାରେ ପୋଛି ଦିଅନ୍ତୁ। ଏଭଳି ଜୁଏଲାରୀ ପରଫ୍ୟୁମ ସଂସ୍ପର୍ଶରେ ଆସି ଖରାପ ହୋଇଯାଏ। ତେଣୁ ଆପଣ ଯେତେବେଳେ ମେଟାଲିକ୍ ଅର୍ଣ୍ଣାମେଣ୍ଟ ପିନ୍ଧୁଛନ୍ତି ଏହାକୁ ଯଥାସମ୍ଭବ ପରଫ୍ୟୁମ୍‌ରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ଏଭଳି ଜୁଏଲାରୀକୁ ସଫା କରିବା ଲାଗି ଟୁଥ୍ ପାଉଡର ବ୍ୟବହାର କରନ୍ତୁ। ଏହାକୁ ଲଗାଇ ଧୀରେ ଧୀରେ ବ୍ରଶ୍ ସାହାଯ୍ୟରେ ଘଷି ସଫା କରି ନରମ କପଡାରେ ପୋଛି ଦିଅନ୍ତୁ। ଅଧିକ ମେଟାଲିକ୍ ଜୁଏଲାରୀକୁ ଏକାଠି ରଖିବା ଦ୍ୱାରା ତାହା ପରସ୍ପର ସହ ଘଷି ହୋଇ ରଙ୍ଗ ଛାଡିଯାଏ। ତେଣୁ ଏହାକୁ ଅଲଗା କରି ରଖନ୍ତୁ।



# କିପରି କଟିବ ଆଜିର ଦିନ

୨୨ ଅଗଷ୍ଟ ୨୦୨୬

**ମେଷ:** ଭୁଲ୍ ବୁଝାମଣା ହେତୁ ପରିବାରରେ କଳହର ଆଶଙ୍କା ରହିଛି। ଯାନବାହନରେ ତ୍ରୁଟିଜନିତ କାରଣରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେନି। ଆଶା କରିଥିବା କାର୍ଯ୍ୟରେ ସଫଳତା ପାଇବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।

**ବୃଷ:** ବାକି ପଡ଼ିଥିବା କାମକୁ ଶେଷ କରିବାକୁ ଚିନ୍ତିତ ଥିଲାବେଳେ ନୂଆ କାମଟିଏ ହାତକୁ ନେବାକୁ ପଡ଼ିପାରେ। ଦେଣନେଣ କାରବାରରେ କୌଣସି ବନ୍ଧୁଙ୍କ ସହ ମତାନ୍ତର ତୀବ୍ର ହେବାର ସୂଚନା ରହିଛି।

**ମିଥୁନ:** ପୂର୍ବଶତ୍ରୁତାରୁ ଝଗଡ଼ା କରିବାକୁ ଚାହୁଁଥିବା ବ୍ୟକ୍ତିର ସାମ୍ନା କରିପାରିବେ ନାହିଁ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ:** କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ପାଇଁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ ।

**ସିଂହ:** ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିପାରନ୍ତି। ଆପଣଙ୍କ ସେବାଲାଭ କରି ସହଯାତ୍ରୀଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, କର୍ମାରମ୍ଭରେ ସଫଳତା ପାଇବେ। ମହିଳାମାନେ ଉପକୃତ ହେବେ।

**କନ୍ୟା:** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନଚଳିବା ଯୋଗୁ ଝଗଡ଼ା ହୋଇପାରେ।

**ତୁଳା:** କୌଣସି କଥାରେ ଅଭାବ ନଥିଲେ ମଧ୍ୟ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ।

**ବିଛା:** ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନକଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। କୌଣସି ସଭାସମିତି କାର୍ଯ୍ୟରେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇ ପାରନ୍ତି ।

**ଧନୁ:** ପାରସ୍ପରିକ ଆପୋସ ମିଳାମିଶାରୁ ବିବାଦର ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବର ଆଶଙ୍କା ରହିଛି।

**ମକର:** ପାରିବାରିକ ସମସ୍ୟା କାରଣରୁ ମନରେ ଦ୍ୱନ୍ଦ୍ୱ ଦେଖାଦେବ। ଅଫିସ୍‌ରେ ମଧ୍ୟ ବିବାଦ ବୃଦ୍ଧି ପାଇବାରୁ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ନିଜ ଲୋକଙ୍କ ବେଖାତିର ମନୋଭାବ ପ୍ରକାଶ କରିପାରନ୍ତି।

**କୁମ୍ଭ:** ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କଲେ ମଧ ହଇରାଣ ହେବାକୁ ପଡ଼ିପାରେ। ଯାନବାହନ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତିତ ରହିବେ।

**ମୀନ:** ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛକଥା ନଭାବି ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ।

# ସାମ୍ବାଦିକ ଭବନ ପଛପଟ ଜମି ଖନନକୁ ନେଇ ବିବାଦ




ଖୋର୍ଦ୍ଧା,୨୧।୮(ନି.ପ୍ର): ଖୋର୍ଦ୍ଧା ସହରର ସାମ୍ବାଦିକ ଭବନ ପଛପଟେ ଥିବା ଜମିରେ ରାତିଅଧିଆ ଜେସିବି ମେସିନ୍ ଲଗାଇ ଖନନ କରାଯାଇଥିବା ଅଭିଯୋଗକୁ ନେଇ ନୂଆ ବିବାଦ ଦେଖାଦେଇଛି। ଖନନ ସମୟରେ ଅଞ୍ଚଳରେ ଥିବା ବିଭିନ୍ନ ଗଛ କ୍ଷତିଗ୍ରସ୍ତ ହେବା ସହ ବହୁ ପରିମାଣର ମାଙ୍କଡ଼ା ପଥର ଭଙ୍ଗାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଉକ୍ତ ଜମିର ପ୍ରକୃତ ମାଲିକାନା, ଖନନର ଉଦ୍ଦେଶ୍ୟ ଓ ଏଥିପାଇଁ ଆବଶ୍ୟକ ଅନୁମତି ନିଆଯାଇଥିଲା କି ନାହିଁତାହାର ସରକାରୀ ଯାଞ୍ଚ ପାଇଁ ସାମ୍ବାଦିକ ମହଲରୁ ଦାବି ହୋଇଛି। ସେଠାରେ ଥିବା , ଖଜୁରୀ, ଶାଗୁଆନ, ଶିଶୁ ଆଦି ବିଭିନ୍ନ ପ୍ରଜାତିର ଗଛ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଥିବା ଅଭିଯୋଗ ରହିଛି। ତେବେ ସ୍ୱତନ୍ତ୍ର ସରକାରୀ ଯାଞ୍ଚ ହୋଇନଥିବାରୁ ଏହାର ପ୍ରକୃତ ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

ସୂଚନାଯୋଗ୍ୟ, ଖୋର୍ଦ୍ଧାରେ ଏକ ସାମ୍ବାଦିକ ଭବନ ପ୍ରତିଷ୍ଠା ପାଇଁ ସାମ୍ବାଦିକମାନେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଏହି ପରିପ୍ରେକ୍ଷୀରେ ତତ୍କାଳୀନ ଭୁବନେଶ୍ୱର ଲୋକସଭା ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ତତ୍କାଳୀନ ଓଡ଼ିଶା ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ତଥା ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ପୌରାଧକ୍ଷା ସଂଯୁକ୍ତା ସାହୁ ଏବଂ ୧୦ ନମ୍ବର ୱାର୍ଡ କାଉନସିଲର ମଧୁସ୍ମିତା ପରିଡ଼ାଙ୍କ ଉପସ୍ଥିତିରେ ୨୦୧୩ ଅଗଷ୍ଟ ୭ରେ ସାମ୍ବାଦିକ ଭବନର ଔପଚାରିକ ଉଦ୍‌ଘାଟନ ହୋଇଥିଲା।

ଭବନ ପଛପଟ ଅଞ୍ଚଳକୁ ଆଗାମୀ ଦିନରେ ବୃକ୍ଷରୋପଣ କରି ଏକ ସବୁଜ ପରିବେଶ ସୃଷ୍ଟି କରିବାର ଯୋଜନା ଥିଲା। ଏପରି ସ୍ଥିତିରେ ରାତି ସମୟରେ ଜେସିବି ଦ୍ୱାରା ଖନନ କରାଯିବା ନେଇ ସନ୍ଦେହ ଓ ପ୍ରଶ୍ନ ଉଠିଛି।ଏହି ଖନନ କାର୍ଯ୍ୟ ଖୋର୍ଦ୍ଧା ପେନସନର୍ସ ଆସୋସିଏସନ୍ ପକ୍ଷରୁ କରାଯାଇଥିବା ନେଇ ଅଭିଯୋଗ ରହିଥିଲେ ମଧ୍ୟ ଏହାର ସତ୍ୟତା ଏବଂ ସମ୍ପୃକ୍ତ ସଂସ୍ଥା ପାଖରେ କୌଣସି ଅନୁମତି ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ସମ୍ପୃକ୍ତ ପକ୍ଷର ଅଧିକୃତ ପ୍ରତିକ୍ରିୟା ମିଳିନଥିବାରୁ ଅଭିଯୋଗକୁ ନିରପେକ୍ଷ ଭାବେ ଯାଞ୍ଚ କରିବାର ଆବଶ୍ୟକତା ରହିଛି।

ଏଥିସହ ଖୋର୍ଦ୍ଧା ସହରରେ ସରକାରୀ ଜମିର ବ୍ୟବହାର, ଦଖଲ ଓ ନିର୍ମାଣକୁ ନେଇ ବ୍ୟାପକ ଯାଞ୍ଚ କରାଯିବା ଆବଶ୍ୟକ ବୋଲି ସାମ୍ବାଦିକମାନେ ଦାବି କରିଛନ୍ତି। ବିଭିନ୍ନ ସଂଗଠନ ନାମରେ ସରକାରୀ ଜମିରେ ନିର୍ମିତ ଗୃହଗୁଡ଼ିକର ବର୍ତ୍ତମାନର ବ୍ୟବହାର, ଦଖଲ ସ୍ଥିତି ଓ ଆବଣ୍ଟନର ନିୟମ ମଧ୍ୟ ଯାଞ୍ଚ କରାଯାଉ ବୋଲି ଦାବି ହୋଇଛି। କେତେକ ଗୃହ ବର୍ତ୍ତମାନ ବ୍ୟବହାର ନହୋଇ ତାଲା ପଡ଼ି ରହିଛି।ସାମ୍ବାଦିକ ଭବନ ପଛପଟ ଜମିକୁ ନେଇ ଉଠିଥିବା ବିବାଦର ସ୍ଥାୟୀ ସମାଧାନ ପାଇଁ ଘଟଣାସ୍ଥଳରେ ତୁରନ୍ତ ସରକାରୀ ମାପଚୁପ କରାଯିବା ସହ ରାଜସ୍ୱ ରେକର୍ଡ ଯାଞ୍ଚ କରାଯିବା ଉଚିତ। ଖନନ ପାଇଁ ଅନୁମତି, ଗଛ କ୍ଷୟକ୍ଷତି, ଭଙ୍ଗାଯାଇଥିବା ପଥରର ପରିମାଣ ଓ ଖନନ କାର୍ଯ୍ୟରେ କେଉଁମାନେ ସମ୍ପୃକ୍ତ ଥିଲେ, ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି।

## ଡ୍ରୋନ୍–ଜିପିଏସ୍ ସର୍ଭେ: ସବୁ ଡିଟେକ୍ଟ ହେବ



ଅସ୍ତରଙ୍ଗ, ୨୧।୮(ନିପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର କୂଳର ସୁରକ୍ଷା କବଚ ଝାଉଁ ଜଙ୍ଗଲରେ ବଡ ଧରଣର ଅର୍ଥ ହରିଲୁଟ୍ ଅଭିଯୋଗ ସାମ୍ନାକୁ ଆସିଛି। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସହନଠାରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ୨୦୨୪–୨୫ ମସିହାରେ କାମ୍ପା ଓ ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାରେ ଲକ୍ଷ ଝାଉଁ ଚାରା ଲାଗିଥିବା କାଗଜପତ୍ରରେ ଦେଖାଯାଇଛି। ମାତ୍ର ବାସ୍ତବରେ ଜମିରେ କେବଳ ବାଲି ଓ ଶୁଖିଲା ଡାଙ୍ଗ। ଏ ନେଇ ସ୍ଥାନୀୟ ଫିଲୁ ବେହେରାଙ୍କ ସମେତ ଗ୍ରାମବାସୀ ପ୍ରଥମେ ପ୍ରତିବାଦ କରିଥିଲେ।

ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ପରେ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଗଷ୍ଟ ୯ରେ ରୁଦ୍ରପ୍ରସାଦ ଲେଙ୍କା ଓ ଅମିୟ ବାରିକ ମୁଖ୍ୟମନ୍ତ୍ରୀ ଜନଶୁଣାଣୀ ପୋର୍ଟାଲରେ ଅଭିଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫାଇଲ ଜଙ୍ଗଲ ସଚିବ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଜରିଆରେ ଅଗଷ୍ଟ ୧୦ରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଙ୍କ ପାଖରେ ପହଞ୍ଚିଥିଲା। ଗୁରୁତ୍ୱ ଦେଖି ବନଖଣ୍ଡ ଅଧିକାରୀ ଅଗଷ୍ଟ ୧୩ରେ ମେମୋ ନଂ ୫୩୯୯/୧ଏଫ/୨୦୨୬ ଓ ୫୪୦୦ ଜାରି କରି ଏସିଏଫ ନୀଳମାଧବ ସାହୁଙ୍କୁ ଅତ୍ୟନ୍ତ ଜରୁରୀ ଭାବେ ୧୦ ଦିନ ମଧ୍ୟରେ ରିପୋର୍ଟ ମାଗିଥିଲେ।

ପୁରୀ ବନଖଣ୍ଡ ଅଧିକାରୀ ଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ସକାଳ ୮ଟା ରୁ ଅପରାହ୍ନ ୨ଟା ଯାଏଁ ଜଙ୍ଗଲରେ ବ୍ୟାପକ ସର୍ଭେ ହୋଇଛି। ଏସିଏଫ ଙ୍କ ନେତୃତ୍ୱରେ ୩ଟି ଟିମ ଗଠନ ହୋଇ ଅସ୍ତରଙ୍ଗ ବନାଞ୍ଚଳର ବିଭିନ୍ନ ବିଟ୍‌ରେ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ୨ ଦିନ ଚାଲିବ। ପ୍ରଥମେ ସୀମା ନିର୍ଦ୍ଧାରଣ ପରେ ଡ୍ରୋନ, ଜିପିଏସ ଓ ଫଟୋଗ୍ରାଫି ମାଧ୍ୟମରେ ଟେକ୍ନିକାଲ ଆସେସମେଣ୍ଟ ହେବ। ଯାହା ରିଜନ ଥିବ ସବୁ ଡିଟେକ୍ଟ ହେବ ବୋଲି ସହକାରୀ ବନ ସଂରକ୍ଷକ କହିଛନ୍ତି। ଟିମରେ କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ, ବନପାଳ ସବୀର ସାହୁ ସମେତ ୧୦ରୁ ଅଧିକ କର୍ମଚାରୀ ସାମିଲ ଅଛନ୍ତି।

ହେଲେ ଗ୍ରାମବାସୀଙ୍କ ସଙ୍ଗୀନ ଅଭିଯୋଗ, ଗଣମାଧ୍ୟମ ଖବର ପରେ ଅଗଷ୍ଟ ୪ରୁ ଅଗଷ୍ଟ ୨୧ ଯାଏଁ ପ୍ରତିଦିନ ରାତିରେ ଚାରା ଆଣି ଭୋରୁ ପୋତା ହେଉଛି। ପ୍ରତିଦିନ ୨ ହଜାର, ଏଯାଏଁ ୧୦ ହଜାରରୁ ଅଧିକ ନୂଆ ଗଛ ଲାଗିଲାଣି। ଏହା ଦୁର୍ନୀତିକୁ ଘଣ୍ଟ ଘୋଡାଇବା ଚେଷ୍ଟା ନା ନୂଆ ଯୋଜନା ମଷ୍ଟର ରୋଲରେ ନାମ ଥାଇ କାମ ନକରି ଟଙ୍କା ଉଠିଛି। ଅସ୍ତରଙ୍ଗ ଝାଉଁ ଜଙ୍ଗଲ ବାତ୍ୟା ଓ ସମୁଦ୍ର କ୍ଷୟରୁ ରକ୍ଷା କରେ, ପୁରୀ ସ୍ୱର୍ଗଦ୍ୱାର ପାଇଁ କାଠ ଯାଏ। ଏଭଳି ସମ୍ବେଦନଶୀଳ ଜଙ୍ଗଲରେ ଦୁର୍ନୀତି ନିନ୍ଦନୀୟ। ତେଣୁ ଗ୍ରାମବାସୀଙ୍କ ଦାବୀ ବନ ବିଭାଗ ତଦନ୍ତ ନୁହେଁ, ଏହି କୋଟି କୋଟି ଝାଉଁ ଚାରା ଆତ୍ମସାତର ଭିଜିଲାନ୍ସ ତଦନ୍ତ ହେଉ, ଦୋଷୀ ଜେଲକୁ ଯାଆନ୍ତୁ।

## ମ୍ୟୁନିସିପାଲଟିର ସ୍ୱାୟତ୍ତ ଶାସନ ସମାରୋହ ପାଇଁ ପ୍ରତିଯୋଗିତା



ନୟାଗଡ଼, ୨୧।୮ (ନି.ପ୍ର): ନୟାଗଡ଼ ପୌପରିଷଦ ତରଫରୁ ସ୍ୱାୟତ୍ତ ଶାସନ ସମାରୋହ ପାଇଁ ସ୍ଥାନୀୟ ଏନଏସି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ଭଳି ୫ଟି ଇଭେଣ୍ଟରେ ପ୍ରତିଯୋଗିତା କରାଯାଇଥିଲା। ନୟାଗଡ଼ର ୨୨ଟି ବିଦ୍ୟାଳୟର ୧୨୧ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲା ବେଳେ ସେଥିମଧ୍ୟରୁ ୩୬ ଜଣ ପ୍ରତିଯୋଗୀ ମନୋନୀତ ହୋଇଥିଲେ। ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ୨ଟି ଗ୍ରୁପ୍ କରାଯାଇଥିଲା। ମ୍ୟୁନିସିପାଲଟି ଚେୟାରମ୍ୟାନ ନିରୁପମା ଖଟେଇ,ମାଲିସ୍ ଚେୟାରମ୍ୟାନ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡା, କାଉନସିଲର ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ତଦାରଖ ଓ ପରିଚାଳନା କରିଥିଲେ। ଏଥିରେ ୧୫ ଜଣ ବିଚାରକ ମଣ୍ଡଳୀ ଓ ସମସ୍ତ କାଉନସିଲ ଅଂଶଗ୍ରହଣ କରିଥିଲେ । ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ଠାରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

## ତୁଳସୀପୁର ସେବା ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା



ଚାରିଛକ,୨୧।୮ (ନି.ପ୍ର): ନିମାପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର ସେବା ସମ୍ବାୟ ସମିତି ସମ୍ମୁଖରେ ସାରର ଅହେତୁ ଦର ପ୍ରତିବାଦରେ ଚାଷିମାନେ ଧାରଣା ଦେଇଛନ୍ତି । ଉକ୍ତ ସେବା ସମବାୟ ସମ୍ମିତି ଦ୍ୱାରା ଚାଷୀମାନଙ୍କୁ ସଠିକ ଦାମରେ ସାର ମିଳୁ ନଥିବାରୁ ଏହାର ପ୍ରତିବାରେ ଆଜି ମନୋଜ କୁମାର କରଙ୍କ ନେତୃତ୍ୱରେ ବନ ବିହାରୀ ଦାଶ, ପଦ୍ମନାଭ ବାରିକ,ନରେନ୍ଦ୍ର ସାହୁ,ପ୍ରଦୀପ ସାହୁ, ଚକ୍ରଧର ସାହୁଙ୍କ ସମେତ ଶତାଧିକ ଚାଷି ସେବା ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତୁଳସୀପୁର ସେବା ସମବାୟ ସମ୍ମିତି ସଭାପତି ଅଜୟ କୁମାର ପାଣି ବୋର୍ଡ ମେମ୍ବର ପ୍ରକାଶ ଚନ୍ଦ୍ର ସାହୁ ଘଟଣା ସ୍ଥଳରେ ପହଂଚି ଚାଷିମାନଙ୍କୁ ବୁଝାଶୁଝା କରିବା ସହ ୧୦ଦିନ ମଧ୍ୟରେ ସମସ୍ତ ଚାଷମାନଙ୍କୁ ସରକାରଙ୍କ ଧାର୍ଯ୍ୟମୂଲ୍ୟରେ ସାର ଯୋଗଇ ଦିଆଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ନିମାପଡା ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ବୈଠକ

ନିମାପଡା, ୨୧।୮(ନି.ପ୍ର): ନିମାପଡା ବ୍ଲକ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଆଜି ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର କୁମାର ସ୍ୱାଇଁ,ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ବିଡ଼ିଓ ଡ. ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ,ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଏବିଡ଼ିଓ ପ୍ରିୟଦର୍ଶିନୀ ବରାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ବନ୍ଦିତା ବଳସିଂ, ସହକାରୀ ଯନ୍ତ୍ରୀ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ରାସ୍ତାରେ ବୁଲୁଥିବା ଗୋରୁ ଗାଈ ମାନଙ୍କୁ କିପରି ନିରାପଦ ସ୍ଥାନରେ ରଖାଯିବ ସେନେଇ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ସମସ୍ତ ସରପଂଚ, ସମିତିସଭ୍ୟ ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତଥିଲେ।

## କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ଅଧିନିୟମ ୨୦୧୩ ଜିଲ୍ଲା ସ୍ତରୀୟ କର୍ମଶାଳା




ଖୋର୍ଦ୍ଧା (ନିପ୍ର ) ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲା ସାମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା (ନିବାରଣ, ପ୍ରତିଷେଧ ଏବଂ ପ୍ରତିକାର) ଅଧି ନିୟମ ୨୦୧୩ ଜନିତ ଜିଲ୍ଲା ସ୍ତରୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି ଉକ୍ତ କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବିଶେଷଜ୍ଞ କସ୍ତୁରୀ ମହାପାତ୍ର, ଆଭ୍ୟନ୍ତରୀଣ କମିଟି ଅଧ୍ୟକ୍ଷା ନିବେଦିତା ପରିଡ଼ା, ଆଞ୍ଚଳିକ କମିଟି ଅଧ୍ୟକ୍ଷା ମଞ୍ଜୁପ୍ରଭା ଧଳ ପ୍ରମୁଖ ଯୋଗ ଦେଇ କାର୍ଯ୍ୟ କ୍ଷେତ୍ରରେ ମହିଳା ମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ପ୍ରତିଷେଧ ଏବଂ ଆଭ୍ୟନ୍ତରୀଣ କମିଟି ଓ ଆଞ୍ଚଳିକ କମିଟିର କାର୍ଯ୍ୟଧାରା ସମ୍ପର୍କରେ ବିଶଦ ଭାବେ ତାଲିମ୍ ପ୍ରଦାନ କରିଥିଲେ ବୈଠକରେ ଅଧ୍ୟକ୍ଷ ଏଭଳି ଅଭିଯୋଗ ଗୁଡିକର ଚିହ୍ନଟ, ଯାଞ୍ଚ,ଶୁଣାଣି ଓ ସମାଧାନ ଓଡ଼ିଶା ସରକାର ଙ୍କ ସେବା ଅଧିନିୟମ ଓ ସାମ୍ବିଧାନିକ ସେବା ୨୦୧୩ ଅଧିନିୟମ ଅନୁଯାୟୀ ସମାଧାନ ଦିଗରେ ଗୁରୁତ୍ୱାରୋପ କରିଥିଲେ ପ୍ରତ୍ୟେକ ମଣିଷ ଆତ୍ମ ସମ୍ମାନର ସହ ବଞ୍ଚିବାର ସାମ୍ବିଧାନିକ ଅଧିକାର ପ୍ରଦାନ କରିଛି ସମୟ ସହିତ ଆମେ ସମସ୍ତେ ଚାଲିବା ସହ ଆଇନକୁ ମାନିବା ଆମ ସମସ୍ତଙ୍କ ଦାୟିତ୍ୱ ସହ ମୋ ଘର ଯେମିତି ସେମିତି ମୋ ଅଫିସକୁ ମଧ୍ୟ ସମ୍ମାନ ଦେଇ ସେବାକରିବା ଆମ ସମସ୍ତଙ୍କ ପ୍ରମୁଖ ଦାୟିତ୍ୱ ବୋଲି ଅତିଥି ବିଶେଷଜ୍ଞ କସ୍ତୁରୀ ମହାପାତ୍ର ପ୍ରକାଶ କରିଥିଲେ ଏଥି ସହ ପ୍ରତ୍ୟେକ କାର୍ଯ୍ୟାଳୟ ମହିଳା ମାନଙ୍କ ସୁରକ୍ଷା ପାଇଁ ନିଜ କାର୍ଯ୍ୟାଳୟରେ କମିଟି ଗଠନ କରିବା, ଏଭଳି ସ୍ପର୍ଶ କାତର ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ନିର୍ଦ୍ଦେଶ ଦେଇଥିଲେ ବିଷୟ ବିଶାରଦ ମାନେ ଅଧିନିୟମ ୨୦୧୩ ର ବିଭିନ୍ନ ଦିଗ ଉପରେ ଆଭ୍ୟନ୍ତରୀଣ କମିଟି, ଆଞ୍ଚଳିକ କମିଟି,ପୁଲିସ ସେବା, ଜିଲ୍ଲା ପ୍ରଶାସନ ସେବା ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ତାଲିମ୍ ପ୍ରଦାନ କରିବା ସହ ଅଧିକାରୀ ମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ପ୍ରଦାନ କରିଥିଲେ ବୈଠକରେ ଡେପୁଟୀ କଲେକ୍ଟର, ସଂଗ୍ରାମ ଜେନା, ଅନନ୍ୟା ସୃଷ୍ଟି ଶତପଥୀ, ଶ୍ରିତପା ମିଶ୍ର, ସାରା ମଲ୍ଲିକ, ସୌମ୍ୟା ସାଗାରିକା ସ୍ୱାଇଁ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ

## ଗୁରୁଃ ସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

କଣ୍ଟିଲୋ, ୨୧୮(ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଗ୍ରାମର ପ୍ରଭୁ ଶ୍ରୀସୋମନାଥ ଦେବଙ୍କ କଲ୍ୟାଣ ମଣ୍ଡପ ପରିସରରେ ମୋ ମାଟି ଭାପୁର ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ ରେ ଆୟୋଜିତ ହେବାକୁ ଥିବା ୫ ମ ବାର୍ଷିକ ଗୁରୁଃ ସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଭାପତି ଶିକ୍ଷାବିତ ରବୀନ୍ଦ୍ରନାଥ ପଟ୍ଟନାୟକ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଭାପୁର ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି,ବୈକୁଣ୍ଠନାଥ ଦାସ, ଭାପୁର ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ,ବରିଷ୍ଠ ସଂଗଠକ ନିରଞ୍ଜନ ସୁବୁଦ୍ଧି, ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ସାହୁ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ପ୍ରମୁଖଙ୍କ ଉପସ୍ଥିତିରେ ଗୁରୁ ପୂଜନ କାର୍ଯ୍ୟକ୍ରମର ରୁପରେଖ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହିପରି କାର୍ଯ୍ୟକ୍ରମକୁ ସରସ,ସୁନ୍ଦର ଭାବେ ପାଳନ ନେଇ ସମସ୍ତେ ମତ ରଖିଥିଲେ।ଭାପୁର, ଖଣ୍ଡପଡ଼ା ବ୍ଲକ ସମେତ ଖଣ୍ଡପଡ଼ା ସହରାଞ୍ଚଳରୁ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଗୁରୁପୂଜନ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା ବେଳେ




ବନମାଳିପୁର ଗ୍ରାମର ପ୍ରଭୁ ଶ୍ରୀସୋମନାଥ ଦେବଙ୍କ ପଞ୍ଚଦୋଳ ଯାତ୍ରା ପଡ଼ିଆରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତ ପ୍ରସ୍ତାବକ୍ରମେ ନିଷ୍ପତ୍ତି ନିଆ ଯାଇଥିବା ଜଣାପଡିଛି।। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଗୋପାଳକୃଷ୍ଣ ପଣ୍ଡା, ହୃଷିକେଶ ରାଉତ, ସମରେନ୍ଦ୍ର ମହାନ୍ତି, ବୃନ୍ଦାବନ ପଣ୍ଡା, ପ୍ରମୋଦ କୁମାର ସାହୁ, ସୁଦର୍ଶନ ବେହେରା, ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଗୋଷ୍ଠୀ ଉନ୍ନୟନ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ




ଭୁବନେଶ୍ୱର, ୨୧।୮ (ନିପ୍ର): ଶୁକ୍ରବାର ଦିନ ବିଶୁଧାନନ୍ଦ ନଗରସ୍ଥିତ ଗୋଷ୍ଠି ଉନୟନ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡକ୍ଟର କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ବର୍ତ୍ତମାନ ସମାଜରେ କିପରି ବରିଷ୍ଠ ନାଗରିକମାନେ ଅବହେଳିତ ଅବସ୍ଥାରେ ରହୁଛନ୍ତି ସେଥିପ୍ରତି ପିଲାମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଆଜିର ଯୁବକ ପରବର୍ତ୍ତୀ ସମୟରେ ବରିଷ୍ଟ ନାଗରିକ ହେବେ, ତେଣୁ ସେମାନେ ବି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ ବିଶିଷ୍ଟ ସମାଜସେବୀ।

## ଇଭି ବାଇକ ଶୋରୁମ ଉଦ୍‌ଘାଟିତ



ଚାରିଛକ, ୨୧।୮ (ନି.ପ୍ର) ନିମାପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର ଲକ୍ଷ୍ମୀ ବଜାରେ ନିୟୁଟନ ଇଭି ବାଇକର ଏକ ଶୋରୁମ ଉଦଘାଟିତ ହୋଇଯାଇଛି । କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟଙ୍କ ସୁପୁତ୍ର ନିମାପଡା କଂଗ୍ରେସ ନେତା ସିଦ୍ଧାର୍ଥ ଶଙ୍କର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୋରୁମକୁ ଉଦଘାଟନ କରିଥିଲେ । ଏହି ଇଭି ବାଇକ ଦ୍ୱାରା ପର୍ଦୂଷଣ କମ ହେବା ସହ ଲୋକମାନେ ପେଟ୍ରୋଲ କିଣାରୁ ବଂଚିତ ହୋଇପାରିବେ ବୋଲି ମୁଖ୍ୟ ଅତିଥି ଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତୁଳସୀପୁର ପୁର୍ବତନ ସରପଂଚ ଆର୍ତତ୍ରାଣ ଦାସ,ପୁର୍ବତନ ସମିତିସଭ୍ୟ ହରିହର ସାହୁ,ସଭାପତି ରଘୁନାଥ ବେହେରା,ଚାରିଛକ ପ୍ରେସ କ୍ଳବ ସଭାପତି ପ୍ରଫୁଲ୍ଲ କୁମାର କର,ଉପ–ସଭାପତି ବସନ୍ତ କୁମାର ଦାସ,ପ୍ରଫୁଲ ସାହୁ ,ଗ୍ରାମ୍ୟକମିଟି ସଭାପତି ବନବିହାରୀ ଦାଶ,କୈଳାଶ ଚନ୍ଦ୍ର ତ୍ରିପାଠୀ,ହରିହର ବେହେରା,ସରୋଜ କୁମାର ମଲ୍ଲିକ, ନାରୀନେତ୍ରୀ କୌଶଲ୍ୟା ମଲ୍ଲିକ , ଇଭି ସୋରୁମ ସୁରେନ୍ଦ୍ର ମୋଟର୍ସ ସୋରୁମ ପ୍ରୋପାଇଟର ବିଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାହକମାନଙ୍କୁ ଉଚିତ ମୂଲ୍ୟରେ ଇଭି ବାଇକ ଯୋଗଇଦିଆଯିବ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ଦେଶୀ ମଦ ସହ ସ୍କୁଟି ଜବତ



ଚିଲିକା, ୨୧।୮(ନି.ପ୍ର): ଖୋର୍ଦ୍ଧା ଅବକାରୀ ଅଧିକ୍ଷିକାଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ନିରୀକ୍ଷକ, ଟାଙ୍ଗୀ ରେଞ୍ଜଙ୍କ ତତ୍ତ୍ୱାବଧାନରେ ବାଣପୁର ଥାନା ଅନ୍ତର୍ଗତ ୨ଟି ସ୍ଥାନରେ ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ କରାଯାଇଛି। ଏହି ସମ୍ପର୍କରେ ପାଟଯୋଶୀ ପୁରୁଣାସାସନ ଗ୍ରାମର ଅଶୋକ ବାରିକ ଏବଂ ଗୁହାଳାଡିଆ ଗ୍ରାମର ଅଶୋକ ଦାସଙ୍କୁ ଗିରଫ କରାଯାଇ ମାନ୍ୟବର ଅଦାଲତକୁ ପଠାଯାଇଛି। ଏହି ଚଢ଼ାଉ ସମୟରେ ୧୮ ଲିଟର ଦେଶୀ ମଦ ଏବଂ ୧ଟି ସ୍କୁଟି ଜବତ କରାଯାଇଛି। ଏ ସମ୍ପର୍କରେ ବାଲୁଗାଁ ଅବକାରୀ ଥାନା କେଶ ନମ୍ବର ୧୨୮/୨୬–୨୭ ଓ ୧୨୯/୨୬–୨୭ ରେ ଦୁଇଟି ମକଦମା ରୁଜୁ କରାଯାଇଛି।


## ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ଦୁର୍ବ୍ୟବହାର କରି ଜଣେ ଗିରଫ



ଦଶପଲ୍ଲା, ୨୧।୮ (ନି.ପ୍ର): ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଅନ୍ତର୍ଗତ ଦାର୍ଶନିପଡା ଗ୍ରାମର ଅଙ୍ଗନବାଡି କର୍ମୀ ଙ୍କୁ ଦୁବ୍ୟବହାର କରି ଶ୍ରୀକାନ୍ତ ନାଏକ ନାମକ ଯୁବକ ଗିରଫ ହୋଇଛନ୍ତି। ସୂଚନା ଅନୁସାରେ କୁଜାମେଣ୍ଡି ପିଏଚ୍‌ସିର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅଭିଯୋଗ ଅନୁସାରେ ୧୯ ତାରିଖ ଦିନ ସେ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଦର୍ଶନୀପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ସରକାରୀ ଟିକାକରଣ କରିବା ପାଇଁ ଆସିଥିଲେ। ତେବେ ସେହି ଟୀକା କରଣ କେନ୍ଦ୍ରକୁ ଅଭିଯୁକ୍ତ ଶ୍ରୀକାନ୍ତଙ୍କ ପତ୍ନୀ ତାଙ୍କ ସାତ ମାସର ଶିଶୁକନ୍ୟାକୁ ନେଇ ଟିକାକରଣ ପାଇଁ ସେଠାକୁ ଆସିଥିଲେ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଶିଶୁକୁ ଟିକା ଦେବା ପାଇଁ ଅନୁରୋଧ କରିଥିଲେ। ଏହାପରେ ସେଠାରେ ଶ୍ରୀକାନ୍ତ ନାଏକ ପହଂଚି ସେହି ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ନିଜ ଶିଶୁକୁ କାହିଁକି ଟିକା ଦିଆଗଲା ବୋଲି ପଚାରି ମୋବାଇଲ୍ ଫୋନ୍ ମାଧ୍ୟମରେ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ମାରିଦେବାର ଧମକ ଦେଇଥିବାର ଅଭିଯୋଗ ବାଣିଗୋଛା ଥାନାରେ ହୋଇଥିଲା। ଏହି ଘଟଣାରେ ବାଣିଗୋଛା ଥାନା କେସ୍ ନଂ–୧୦୫/୨୦୨୬ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ଶ୍ରୀକାନ୍ତ ନାଏକ (୩୭ବର୍ଷ) ପିତା–ସ୍ୱର୍ଗତ ସୁରଥ ନାଏକ, ଗ୍ରାମ–ଦର୍ଶନୀପଡ଼ା, ଥାନା–ବାଣିଗୋଛାଙ୍କୁ ଶୁକ୍ରବାର ଦିନ ଏସ୍.ଆଇ. ବୀରେନ୍ଦ୍ର କୁମାର ଦେହୁରୀ ଗିରଫ କରି ମାନ୍ୟବର କୋର୍ଟକୁ ଚାଲାଣ କରିଛନ୍ତି। ସମସ୍ତ ଘଟଣାକୁ ପାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ଗମ୍ଭୀରତାର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି।

## ଆଇକନିକ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

# ୧୧ ଛାତ୍ରଛାତ୍ରୀ ମଧ୍ୟରୁ କଣ୍ଟିଲୋର ୪ଜଣ କୃତକାର୍ଯ୍ୟ




କଣ୍ଟିଲୋ, ୨୧।୮ (ନି.ପ୍ର) ଭୁବନେଶ୍ବର ଅନ୍ଧାରୁଆସ୍ଥିତ ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ରାଜ୍ୟସ୍ତରରେ ଆୟୋଜିତ ପ୍ରବେଶିକା ପରୀକ୍ଷାରେ ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟର ୧୧ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ପ୍ରକାଶିତ ପରୀକ୍ଷା ଫଳାଫଳରୁ ଜଣାପଡିଛି। ଅନୁଷ୍ଠାନର ୧୦ମ ଶ୍ରେଣୀର ଛାତ୍ର ସୁନିଲ ସାହୁ ପ୍ରବେଶିକା ପରୀକ୍ଷାରେ ରାଜ୍ୟସ୍ତରରେ ୧୫ ତମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାଯାଇଛି। ଛାତ୍ର ସୁନିଲ ପାଠ ପଢି ଭବିଷ୍ୟତରେ ଜଣେ ମହାକାଶ ବିଜ୍ଞାନୀ ହେବାର ଲକ୍ଷ୍ୟ ରଖିଥିବା ନେଇ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ତେବେ ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟ ନିମନ୍ତେ କଣ୍ଟିଲୋ ଗ୍ରାମ ପଞ୍ଚାୟତ ରୁ ୪ ଜଣ କୃତକାର୍ଯ୍ୟ ହୋଇଥିବା ରୁ କଣ୍ଟିଲୋ ଅଞ୍ଚଳରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ହେଲେ ପଦାରବିନ୍ଦ ଦାଶ, ଚିରଞ୍ଜିବ ସାହୁ, ଦେବାଶିଷ ଦଳେଇ, ଅଂଶୁମାନ ମହାରଣା, ଶ୍ରେୟାନ ମହାରଣା, ସୁପ୍ରିୟା ସାହୁ, ଜୟଶ୍ରୀ ନାୟକ, ଦେବାଶିଷ ଦଳେଇ, ଇପସିତା ପଣ୍ଡା, ସୌଭାଗ୍ୟ ରଞ୍ଜନ ବୋଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶ୍ୱାଳଙ୍କ ଠାରୁ ପ୍ରକାଶ। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁ, ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣାଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ରାସ୍ତା କଡ଼ରେ ପଡ଼ିଥିବା ଅସହାୟ ବୃଦ୍ଧଙ୍କୁ ଡାକ୍ତରଖାନାରେ ଭର୍ତ୍ତି



ନୟାଗଡ଼, ୨୧।୮ (ନିପ୍ର): ନୟାଗଡ଼ ତ୍ରିନାଥ ଛକ ନିକଟରେ ରାସ୍ତା କଡ଼ରେ ପଡ଼ିରହିଥିବା ଜଣେ ଅସହାୟ ବୃଦ୍ଧଙ୍କୁ ଜିଲାପାଳ ମଧୁମିତା ରଥଙ୍କ ନିର୍ଦ୍ଦେଶରେ ତଥା ସମାଜସେବୀ ଶ୍ରୀଧର ପ୍ରଧାନଙ୍କ ପ୍ରଚେଷ୍ଟାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି। ଅସହାୟ ବୃଦ୍ଧ ଜଣକ ଗୋଡିସାହି ଅଞ୍ଚଳର ବୋଲି ଶୁଣାଯାଉଛି। ତେବେ ସିଏ ଶ୍ରବଣ ଶକ୍ତି ହୀନ ହୋଇଥିବାରୁ ତାଙ୍କ ଅସହାୟତା ଅଧିକ ବଢ଼ିଯାଇଥିବା ଦେଖାଦେଇଛି। ଯାହା କୁହାଯାଉଛି କିଛିଦିନ ପୂର୍ବେ କିଛି ସମାଜସେବୀ ତାଙ୍କର ଏ ଅସହାୟତା ଦେଖି ତାଙ୍କୁ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଡ଼ାକ୍ତରଖାନାରୁ ସେ ଚାଲି ଆସିବା ପରେ ବୃଦ୍ଧାଶ୍ରମରେ ମଧ୍ୟ ତାଙ୍କୁ ଛାଡ଼ିଥିଲେ। ତେବେ ସେ କିଛି ଜାଣି ନପାରି ପୋଷାକରେ ମଳତ୍ୟାଗ କରି ଦେଉଥିବାରୁ କୌଣସି ବୃଦ୍ଧାଶ୍ରମ ତାଙ୍କୁ ରଖୁନାହାନ୍ତି ବୋଲି ଶୁଣିବାକୁ ମିଳୁଛି। ଏଭଳି ସ୍ଥିତିରେ ସେ ସ୍ଥାନୀୟ ତ୍ରିନାଥ ଛକ ନିକଟରେ ମରଣ ମୁହଁରେ ପଡ଼ି ରହିଥିବା ବେଳେ ସମାଜସେବୀ ଶ୍ରୀ ପ୍ରଧାନ ସୋସିଆଲ ମିଡିଆରେ ବିଭିନ୍ନ ଅନାଥାଶ୍ରମ ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି କିଛି ସାମାଜିକ ଅନୁଷ୍ଠାନକୁ ଯୋଗାଯୋଗ କରିବା ସହ ରାସ୍ତା କଡ଼ରେ ଅନାହାରରେ ମରଣ ଅପେକ୍ଷାରେ ପଡ଼ିଥିବା ଏଇ ଅସହାୟ ବୃଦ୍ଧଙ୍କୁ ସହାୟତା ଦେବା ପାଇଁ ପୋଷ୍ଟଟି ସେୟାର କରିବାକୁ ଅନୁରୋଧ କରିଥିଲେ। ଏପରି ଏକ ସମ୍ବେଦନଶୀଳ ଘଟଣାକୁ ସୋସିଆଲ ମିଡିଆରୁ ଦେଖି କିଛି ସାମାଜିକ କର୍ମୀ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରିବା ସହିତ ତତକ୍ଷଣାତ୍ ବୃଦ୍ଧଙ୍କର ସେବା ଶୁଶ୍ରୁଷା କରିବା ସହିତ ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲରେ ଭର୍ତ୍ତି କରିଥିଲେ। ଜିଲ୍ଲାପାଳ ମଧୁମିତା ରଥ କୌଣସି ସୂତ୍ରରୁ ଖବର ପାଇ ଜରୁରୀକାଳୀନ ଭିତ୍ତିରେ ସବୁପ୍ରକାର ସେବା ଯୋଗାଇ ଦେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇ ସମର୍ପଣ ବୃଦ୍ଧା ଶ୍ରମ ପରିଚାଳକ ଏବଂ ଟାଉନ୍ ଥାନା ପୁଲିସ୍ ମେଡିକାଲରେ ପହଞ୍ଚିଲେ। ବୃଦ୍ଧଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଲେ ତାଙ୍କୁ ସମର୍ପଣ ବୃଦ୍ଧାଶ୍ରମରେ ରଖାଯିବ ବୋଲି ଜଣାପଡିଛି।

**ଅନୁଚିହ୍ନ**

ଦୃଷ୍ଟି ଦିଅନ୍ତୁ ନିଜ ଶବ୍ଦ ଉପରେ,
କାରଣ ଏହା 'କାର୍ଯ୍ୟ'ରେ ରୂପାନ୍ତର ହୁଅନ୍ତି ।

## ସମ୍ପାଦକୀୟ

# ଅଲ୍‌ବିଦା ସ୍ୱରର ଯାଦୁଗର

**କା**ଳଜୟୀ ଗୀତ 'ରେ ଆତ୍ମନ ନିଦ୍ରା ପରିହରି'ର ଗାୟକ ପ୍ରଣବ ପଟ୍ଟନାୟକ ଚିରନିଦ୍ରାରେ । କେବଳ ଏହି ଗୀତ ନୁହେଁ, ବହୁ କାଳଜୟୀ ଗୀତ ଓଡ଼ିଆ ସଙ୍ଗୀତ ଜଗତକୁ ଭେଟି ଦେଇଛନ୍ତି ପ୍ରଣବ । ଓଡ଼ିଶାରେ 'ମାଝୀ' ଗୀତର ସେ ସ୍ପେଶାଲିଷ୍ଟ, ତାଙ୍କଠାରୁ ହିଁ ଆରମ୍ଭ ହୋଇଥିଲା ମାଝୀ ଗୀତର ଟ୍ରେଣ୍ଡ । ଅସଂଖ୍ୟ ସମର୍ଥକ ଓ ଶୁଭେଚ୍ଛୁ, ଅଗଣିତ ପୁରସ୍କାର ଏବଂ ଅନେକ ସ୍ୱୀକୃତି ସବୁ କଳାକାରଙ୍କ ଭାଗ୍ୟରେ ଜୁଟି ନଥାଏ ଯାହା ଜୁଟିଥିଲା ପ୍ରଣବଙ୍କ କ୍ଷେତ୍ରରେ । ପତଳା ଚେହେରା କିନ୍ତୁ ଗମ୍ଭୀର ଓ ମନକୁ ମୁଗ୍ଧ କରିଦେଉଥିବା କଣ୍ଠ ତାଙ୍କର । ସଙ୍ଗୀତ ପ୍ରତି ତାଙ୍କର ନିଷ୍ଠା ଓ ଅଗାଧ ଭକ୍ତି ଅବର୍ଣ୍ଣନୀୟ । ସଙ୍ଗୀତକୁ ଖୁବ୍ ଭଲଭାବରେ ବୁଝୁଥିବା କଳାକାର ଥିଲେ ସେ । ସେ ଥିଲେ ଭିନ୍ନ ପୁଣି ଅଭିନ୍ନ । ସଙ୍ଗୀତରେ ସେ ସଠିକ୍ ଭାବ ଦେଇପାରୁଥିଲେ, ସଙ୍ଗୀତ ନିର୍ଦ୍ଦେଶକ ଯାହା ଭାବୁଥିଲେ ତା'ଠାରୁ ଅଧିକ । ସଙ୍ଗୀତ ନିର୍ଦ୍ଦେଶକମାନେ କହନ୍ତି, ପ୍ରଣବ କଣ୍ଠଦାନ କଲେ ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁନଥିଲା । ସେ ଗାଇବାବେଳେ ଲାଗୁଥିଲା ଯେଭଳି କଣ୍ଠରେ ନୁହେଁ, ପ୍ରଣବ ହୃଦୟରୁ ହିଁ ଗାଉଥିଲେ । ସଙ୍ଗୀତର ଦେବୀ ବି ତାଙ୍କୁ ପରିପୂର୍ଣ୍ଣ କରି ପଠାଇଥିଲେ ଉପହାର ସ୍ୱରୂପ । କୁହାଯାଏ, ବିଜୁପଟ୍ଟନାୟକ ବେଳେବେଳେ ନିଜେ ଗୀତ ଗୁଣୁଗୁଣାନ୍ତି, ପ୍ରଣବଙ୍କୁ ସେ ଖୁବ୍ ଭଲ ପାଉଥିବାରୁ ତାଙ୍କୁ ଡାକି ଘରେ ଗୀତ ଶୁଣନ୍ତି ।



କେବଳ ଓଡ଼ିଆ ଆଧୁନିକ, ଭଜନ, ଜଣାଣ ରୋମାଣ୍ଟିକ, ସେମିକ୍ଲାସିକାଲ, ସିରିୟସ୍, ପଲ୍ଲୀଗୀତ ନୁହେଁ, ଚମତ୍କାର ହିନ୍ଦୀ ଓ ଉର୍ଦ୍ଦୁ ଗଜଲ ମଧ୍ୟ ଖୁବ୍ ଭଲ ଗାଇ ପାରୁଥିଲେ ପ୍ରଣବ । ଆଲିଗଡ଼ରେ ପଢ଼ିବାବେଳେ ସେ ଗଜଲ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଦୈନିକ ରିଆଜ କରୁଥିଲେ । ପ୍ରଣବଙ୍କର ଉର୍ଦ୍ଦୁ ଉଚ୍ଚାରଣ ଅତି ସ୍ପଷ୍ଟ । ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଉଥିଲା । ସଙ୍ଗୀତ ଜଗତରେ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ସକ୍ରିୟ ଥିଲେ ପ୍ରଣବ । ସେ କ୍ୟାରିୟର ଆରମ୍ଭ କରିବା ସମୟରେ ଓଡ଼ିଶାରେ ରେକର୍ଡ଼ିଂ ଷ୍ଟୁଡ଼ିଓ ନଥିଲା। ବାହାର ରାଜ୍ୟକୁ ଯିବାକୁ ପଡୁଥିଲା । ବହୁ ପରେ ଓଡ଼ିଶାରେ ହେଲା ରେକର୍ଡ଼ିଂ ଷ୍ଟୁଡ଼ିଓ । ବାହାର ରାଜ୍ୟରେ ପ୍ରଣବ ରେକର୍ଡ଼ିଂ କରୁଥିବାବେଳେ ତାଙ୍କ କଣ୍ଠସ୍ୱର ଶୁଣି ତାଜୁବ ହୋଇଯାଉଥିଲେ ସମସ୍ତେ । ରାଜ୍ୟ ତାଙ୍କୁ ଜୟଦେବ ପୁରସ୍କାର, ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର, ଚଳଚ୍ଚିତ୍ର ପୁରସ୍କାର ଆଦିରେ ସମ୍ମାନିତ କରିଥିଲା । ସୀମାହୀନ ଦରିଆ ସାଥିହୀନ ଦୁନିଆର ଏହି ଗାୟକ, ସ୍ୱରର ଯାଦୁକର, ସଙ୍ଗୀତ ଜଗତର ମୁକୁଟ ବିହୀନ ସମ୍ରାଟ ଫେରିଗଲେ ସେହି ଅଫେରା ରାଇଜକୁ । ବିଧିର ବିଧାନ, କେ କରିବ ଆନ । ଅଲ୍‌ବିଦା ପ୍ରଣବ... ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ । ଆପଣଙ୍କ ଆସନ ଶୂନ୍ୟ ହୋଇରହିବ ।

# ଏଫ୍‌ଟିଏର ଲାଭ

**ମୁ**କ୍ତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ)ର ଲାଭ ମିଳୁଛି ଭାରତକୁ। ଏଫ୍‌ଟିଏ ଯୋଗୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକୀରେ ଏଫ୍‌ଟିଏ ଅଂଶୀଦାର ରାଷ୍ଟ୍ରଗୁଡ଼ିକୁ ଭାରତର ରପ୍ତାନୀ ଖୁବ୍ ବୃଦ୍ଧି ହୋଇଛି । ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, କେତେକ ଦେଶକୁ ମଧ୍ୟ ଭାରତର ରପ୍ତାନୀ ଦୁଇଗୁଣ ବୃଦ୍ଧି ପାଇଛି । ସିଙ୍ଗାପୁର, ମାଲେସିଆ, ଦକ୍ଷିଣ କୋରିଆ, ମରିସସ୍, ୟୁଏଇ, ଅଷ୍ଟ୍ରେଲିଆ, ୟୁରୋପୀୟ ସଂଘ ଆସିଆନ ଓ ଏଫ୍‌ଟିଏ ବ୍ଲକ ସାମିଲ ହୋଇଛନ୍ତି ଭାରତ ସହ । ୧୬ଟି ଏଗ୍ରିମେଣ୍ଟ ଲାଗୁ ହୋଇସାରିଛି । ଏପ୍ରିଲ-ଜୁନ୍ ୨୦୨୬ରେ ୧୫.୯୨ ପ୍ରତିଶତ ବଢ଼ିଛି ଭାରତର ରପ୍ତାନୀ । ପ୍ରଥମ ତ୍ରୈମାସିକୀରେ ୧୨୯.୩୨ ବିଲିୟନ ଡଲାରର ରପ୍ତାନୀ ହୋଇଛି । ଡାଟା ଅନୁଯାୟୀ, ଏପ୍ରିଲ-ଜୁନ୍ ୨୦୨୬ ତ୍ରୈମାସିକୀରେ ସିଙ୍ଗାପୁରକୁ ଭାରତର ରପ୍ତାନୀ ୧୦୧.୨% ବୃଦ୍ଧି ପାଇ ୬.୫୨ ବିଲିୟନ ଡଲାର ହୋଇଛି । ଗୋଟିଏ ବର୍ଷ ପୂର୍ବେ ଏହି ଅବଧିରେ ୩.୨୪ ବିଲିୟନ ଡଲାର ରପ୍ତାନୀ ହୋଇଥିଲା । ଶ୍ରୀଲଙ୍କାକୁ ଭାରତର ରପ୍ତାନୀ ଏପ୍ରିଲ-ଜୁନ୍ ୨୦୨୬ରେ ୧୨୩.୮ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨.୩୫ ବିଲିୟନ ଡଲାର ହୋଇଛି । ଗତ ବର୍ଷ ଏହି ସମାନ ଅବଧିରେ ଶ୍ରୀଲଙ୍କାକୁ ହୋଇଥିବା ରପ୍ତାନୀର ଆକାର ଥିଲା ୧.୦୫ ବିଲିୟନ ଡଲାର । ଆସିଆନ ଦେଶଗୁଡ଼ିକୁ ଏହି ତ୍ରୈମାସିକୀରେ ରପ୍ତାନୀ ୬୧.୬% ବୃଦ୍ଧି ପାଇ ୧୪.୬୧ ବିଲିୟନ ଡଲାର ହୋଇଛି । ଗତ ବର୍ଷ ଏହି ସମାନ ଅବଧିରେ ଆସିଆନ ଦେଶଗୁଡ଼ିକୁ ଭାରତର ରପ୍ତାନୀର ଆକାର ଥିଲା ୯.୦୪ ବିଲିୟନ ଡଲାର । ଆସିଆନ ଦେଶଗୁଡ଼ିକରେ ବ୍ରୁନେଇ, କାମ୍ବୋଡ଼ିଆ, ଲାଓସ, ଇଣ୍ଡୋନେସିଆ, ମାଲେସିଆ, ମିଆଁମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲ୍ୟାଣ୍ଡ, ତିମୋର-ଲିସ୍ତେ, ଭିଏତ୍‌ନାମ ଆଦି ସାମିଲ ।

# ନା' କହିବା ଖରାପ ନୁହେଁ

**ନ**ଦୀର ଧାରରେ ଦୁଇଟି ବଡ଼ ବଡ଼ ଗଛ କାହିଁ କେଉଁକାଳୁ ଶାଖା ପ୍ରଶାଖା ମେଲାଇ ଠିଆ ହୋଇଥିଲେ । କିଛି ପକ୍ଷୀ ସେହି ବାଟ ଦେଇ ଉଡ଼ି ଯାଉଥିଲେ । ପ୍ରଥମ ଗଛକୁ ଦେଖି ପକ୍ଷୀମାନେ କହିଲେ, ତୁମେ ତ ଏତେ ଶାଖା ପ୍ରଶାଖା ମେଲାଇଛ, ଆମେ ତୁମ ପାଖରେ ନିଜ ବସା ବାନ୍ଧି ରହିପାରିବୁ କି ? କିନ୍ତୁ ଗଛଟି ମନା କରିଦେଲା। ପକ୍ଷୀମାନେ ଉଡ଼ିଯାଇ ପାଖରେ ଥିବା ଦ୍ୱିତୀୟ ଗଛକୁ ଯାଇ ପଚାରିଲେ, ତୁମେ ଏତେ ଶାଖା ପ୍ରଶାଖା ବିସ୍ତାର କରିଛ, ଆମ ପକ୍ଷୀମାନଙ୍କୁ ତୁମ ଗଛରେ ସ୍ଥାନ ଦେଲେ ହୁଅନ୍ତାନି। ଦ୍ୱିତୀୟ ଗଛଟି ଖୁସିରେ ରାଜି ହୋଇଗଲା। ବର୍ଷା ହେଲା, ପ୍ରଥମ ଗଛଟି ଭାଙ୍ଗିପଡ଼ି ନଦୀରେ ସମ୍ପୂର୍ଣ୍ଣ ଭାସି ଯାଉ ଯାଉ ପକ୍ଷୀମାନେ ଦେଖିଲେ। ପକ୍ଷୀମାନେ କହିଲେ, ଆମକୁ ତୁମେ ଟିକେ ନିଜ ଗଛରେ ଆଶ୍ରା ଦେଲନି, ସେଥିପାଇଁ ତୁମେ ଆଜି ଉଚିତ୍ ଦଣ୍ଡ ପାଇଛ । ଏଥିରେ ପ୍ରଥମ ଗଛଟି ହସି ହସି ଉତ୍ତର ଦେଲା ମୁଁ ଜାଣିଥିଲି ମୋ ଚେରଗୁଡ଼ିକ ଦୁର୍ବଳ ହୋଇଗଲେଣି, ଆଗକୁ ଆସୁଥିବା ବର୍ଷାରେ ମୁଁ ଟାଣ ହୋଇ ମାଟିକୁ କାମୁଡ଼ି ରହିପାରବିକି ନାହିଁ ଜଣାନାହିଁ, ତେଣୁ ତୁମେ ଓ ତୁମମାନଙ୍କ ଛୋଟ ଛୋଟ ଛୁଆଙ୍କୁ ବିପଦରେ ପକାଇବାକୁ ଚାହୁଁନଥିଲି। ସେଦିନର ସେ ଘଟଣା ପାଇଁ ମୁଁ କ୍ଷମା ଚାହୁଁଛି । ଏହା କହିବା ଭିତରେ ନଦୀରେ ଗଛଟି ବହିଗଲା। ଏହି ଘଟଣାରେ ପକ୍ଷୀମାନେ ବହୁ ପଶ୍ଚାତାପ କଲେ। କାହାର ନା'କୁ ଆମେ ସର୍ବଦା ରୁକ୍ଷ ବା କଠୋରତା ବୋଲି ଭାବିଥାଉ। କିଏ କହିପାରିବ କାହାର ନା' ଦ୍ୱାରା ଆପଣଙ୍କ ମଙ୍ଗଳ ନିହିତ ଅଛି, କିଏ କେଉଁ ପରିସ୍ଥିତିରେ ଏହି ନା'ଟି କହିଲା, କାହିଁକି କହିଲା, ହୁଏତ ଆମେ ତାହା ବୁଝିପାରିବା ନାହିଁ । ତେଣୁ କାହାର ଚରିତ୍ର ଏବଂ ନା' କହିବାକୁ ତା'ର ବର୍ତ୍ତମାନ ବ୍ୟବହାର ଦ୍ୱାରା ତଉଲିବା ଠିକ୍ ହେବନାହିଁ ।

# ଆମ୍ବେଦକରବାଦ

**ଅଧ୍ୟାପକ ଗୋପବନ୍ଧୁ**

**ତା**ମିଲନାଡୁ ରାଜନୀତିର ଧାରା ସର୍ବଭାରତୀୟ ରାଜନୀତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ କୌଣସି ଜାତୀୟ କିମ୍ବା ଭିନ୍ନ ରାଜନୈତିକ ଦଳ ଏହି ରାଜ୍ୟରେ ଉଧେଇ ପାରୁନାହାଁନ୍ତି। ସ୍ୱାଧୀନତା ପରଠାରୁ ୨୦ ବର୍ଷ ଜାତୀୟ କଂଗ୍ରେସ ରାଜ୍ୟକୁ (ପ୍ରଥମେ ମାଡ୍ରାସ ପ୍ରୋଭିନ୍ସ ଓ ୧୯୫୬ରୁ ମାଡ୍ରାସ ଷ୍ଟେଟକୁ) ଶାସନ କରିଥିଲା। ୧୯୬୭ ମସିହା ପରେ ଲଗାତାର ଦ୍ରାବିଡ ଦଳମାନେ ସରକାର ଗଠନକରି ଆସୁଛନ୍ତି। ବିଶେଷକରି ଦୁଇଟି ଦଳ ଡିଏମ୍‌କେ ଓ ଏଆଇଏଡିଏମ୍‌କେ ଅଦଳବଦଳ ହୋଇ ଶାସନ କରୁଥିଲେ। ଗତ ନିର୍ବାଚନରେ ପରିବର୍ତ୍ତନ ଦେଖାଦେଲା। ଶାସକ ଦ୍ରାବିଡ ମୁନେତ୍ର କାଜାଗମ୍ (ଡିଏମ୍‌କେ)କୁ ହରାଇ ତାମିଲାଗା ଭେଟ୍ରି କାଜାଗମ (ଟିଭିକେ) କ୍ଷମତାକୁ ଆସିଛି। ଏହା ମଧ୍ୟ ଦ୍ରାବିଡ ବିଚାରଧାରାର ଦଳ। ନୂତନତା ହେଉଛି ଏହି ଦଳ ଦ୍ରାବିଡ଼ ବିଚାରଧାରା ସହିତ ଡକ୍ଟର ଆମ୍ବେଦକରଙ୍କ ବିଚାରଧାରାକୁ ଯୋଡ଼ିଛି।

ସାମାଜିକ ନ୍ୟାୟ ଆନ୍ଦୋଳନକୁ ପ୍ରସଙ୍ଗ କରି ରାଜନୈତିକ ସଫଳତା ସର୍ବପ୍ରଥମେ ତାମିଲନାଡୁରେ ମିଳିଥିଲା। ସେଠାରେ ରାମସ୍ୱାମୀ ପେରିୟାରଙ୍କ ସାମାଜିକ ନ୍ୟାୟ ଆନ୍ଦୋଳନ ଏତେ ପ୍ରଭାବଶାଳୀ ଥିଲା ଯେ ତାହା ଏକ ସ୍ଥାୟୀ ରାଜନୈତିକ ଭିତ୍ତିଭୂମି ତିଆରି କରିଥିଲା। ସେ ପ୍ରଚଳିତ ଜାତିପ୍ରଥା, ଧାର୍ମିକ ପାଖଣ୍ଡବାଦ, ଅନ୍ଧବିଶ୍ୱାସ ଓ କୁସଂସ୍କାର ପରି ସାମାଜିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଷୟଗୁଡ଼ିକର ଉତ୍ପାଟନ ପାଇଁ ଆଜୀବନ ସଂଗ୍ରାମ କରିଥିଲେ। ଏହାକୁ ତାମିଲନାଡୁରେ ଏକ ସାମାଜିକ ଆନ୍ଦୋଳନର ରୂପ ଦେବାକୁ ସକ୍ଷମ ହୋଇଥିଲେ। ସେ ପ୍ରଥମେ ଜଷ୍ଟିସ ପାର୍ଟି ଗଠନ କରିଥିଲେ। ଏହାକୁ ବଦଳାଇ ପରେ ସେ ଯେଉଁ ପାର୍ଟି ତିଆରି କରିଥିଲେ ତାହାର ନାମ ଥିଲା ଦ୍ରାବିଡର କାଜାଗମ। ପରେ ତାଙ୍କ ଶିଷ୍ୟ ଆନ୍ନାଦୁରାଇ ତାଙ୍କଠାରୁ ଅଲଗା ହୋଇ ୧୯୪୯ ମସିହାରେ ଗଠନ କଲେ ଦ୍ରାବିଡ ମୁନେତ୍ର କାଜାଗମ୍।

ଆନ୍ନା ଦୁରାଇ ଥିଲେ ମାଡ୍ରାସ୍ ଷ୍ଟେଟର ଶେଷ ମୁଖ୍ୟମନ୍ତ୍ରୀ ଓ ତାମିଲନାଡୁର ପ୍ରଥମ ମୁଖ୍ୟମନ୍ତ୍ରୀ। ୧୯୬୯ରେ ମାଡ୍ରାସ ଷ୍ଟେଟର ନାମ ହେଲା ତାମିଲନାଡୁ। ତାଙ୍କ ଦେହାନ୍ତ ପରେ ଏମ୍. କରୁଣାନିଧି ହେଲେ ତାମିଲନାଡୁର ଡିଏମ୍‌କେ ମୁଖ୍ୟମନ୍ତ୍ରୀ। ପରେ ଡିଏମ୍‌କେରୁ ଗୋଟିଏ ଗୋଷ୍ଠୀ ଏମଜି ରାମଚନ୍ଦ୍ରନଙ୍କ ନେତୃତ୍ୱରେ ବାହାରିଯାଇ ଗଠନ କଲେ ଏଆଇଏଡିଏମ୍‌କେ। ଏହି ଦଳରୁ ସେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ତାଙ୍କ ପରେ ସୁଶ୍ରୀ ଜୟଲଳିତା ହୋଇଥିଲେ ମୁଖ୍ୟମନ୍ତ୍ରୀ।ଏମାନେ ଦୀର୍ଘବର୍ଷଧରି ତାମିଲନାଡୁକୁ ଶାସନକରି ଆସିଥିଲେ। ସାମାଜିକ ନ୍ୟାୟ ବିଚାରଧାରା ବ୍ୟତୀତ ଅନ୍ୟ କୌଣସି ବିଚାରଧାରାର ଦଳ ତିଷ୍ଠି ପାରିନାହିଁ। କଂଗ୍ରେସ ଓ ବିଜେପି ପରି ରାଷ୍ଟ୍ରୀୟ ପାର୍ଟି ବହୁ ଚେଷ୍ଟା ପରେ ବି ନିଜ ସ୍ଥିତିକୁ ବଢାଇପାରି ନାହାଁନ୍ତି ।ଗତ ନିର୍ବାଚନରେ ବିଜେପି ମାତ୍ର ୧ଟି ଓ କଂଗ୍ରେସ ଡିଏମ୍‌କେ ସହ ମେଣ୍ଟ କରି ୫ ଆସନରେ ବିଜୟୀ ହୋଇଛି।

ତାମିଲନାଡୁରେ ସଂରକ୍ଷଣ ସୀମା ସର୍ବାଧିକ। ଏଠାରେ ମୋଟ ସଂରକ୍ଷଣ ହାର ୬୯% । ଇଡବ୍ଲ୍ୟୁଏସ ସଂରକ୍ଷଣ ମିଶିଲେ ଏହା ହେଉଛି ୭୯%। ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ପାଇଁ ୫୦%, ଅନୁସୂଚିତ ଜାତି ପାଇଁ ୧୮% ଓ ଜନଜାତି ପାଇଁ ୧% ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହା ସମ୍ଭବପର ହୋଇଛି ଯେହେତୁ ସେ ରାଜ୍ୟ ସ୍ୱତନ୍ତ୍ର ସାମାଜିକ ସ୍ଥିତିକୁ ଦର୍ଶାଇ ସଂରକ୍ଷଣ ହାରକୁ ବିଧାନସଭାରେ ଗୃହୀତ କରି କେନ୍ଦ୍ରକୁ ପଠାଇଥିଲା। ଏହାକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରାଇଛି। ଏଥିପାଇଁ ରାଜ୍ୟରେ ସର୍ବଦଳୀୟ ପ୍ରଚେଷ୍ଟା ହୋଇଛି। ଓଡ଼ିଶାରେ ଏହି ବର୍ଗର ଲୋକମାନଙ୍କ ସଂଖ୍ୟା ବହୁ ଅଧିକ ହୋଇଥିଲେ ହେଁ ଏଠାରେ ତାମିଲନାଡୁ ତୁଲ୍ୟ ପଦକ୍ଷେପ ନିଆହୋଇ ପାରିନାହିଁ । କାରଣ ଏଠାରେ ସାମାଜିକ ନ୍ୟାୟ ଆନ୍ଦୋଳନ ସଂଗଠିତ ହୋଇନାହିଁ। ଯେଉଁଦିନ ଏହି ପ୍ରକାର ଆନ୍ଦୋଳନରୁ ସୃଷ୍ଟ ସରକାର ଆସିବ ସେହିଦିନ ଏହା ସହଜରେ ହୋଇ ପାରିବ।

ଗତ ବିଧାନସଭା ନିର୍ବାଚନରେ ନବଗଠିତ ପାର୍ଟି ଟିଭିକେ ଶାସକ ଡିଏମକେକୁ ପରାସ୍ତ କରିଛି। ୨୩୪ ଆସନ ମଧ୍ୟରୁ ଟିଭିକେ ୧୦୮ ଓ ଡିଏମକେ ୫୯ ଆସନରେ ଜିତିଛନ୍ତି। କଂଗ୍ରେସ ସମେତ କେତେକ ଛୋଟ ଦଳର ସମର୍ଥନରେ ଟିଭିକେ ସରକାର ଗଠନ କରିଛି ଓ ସି ଜୋଶେଫ ବିଜୟ ହୋଇଛନ୍ତି ମୁଖ୍ୟମନ୍ତ୍ରୀ। ସେ ଚଳଚ୍ଚିତ୍ର ଜଗତରୁ ଆସିଛନ୍ତି। ଦକ୍ଷିଣ ଚଳଚ୍ଚିତ୍ର ଜଗତର ସେ ଜଣେ ପ୍ରସିଦ୍ଧ କଳାକାର। ଏହା ସହିତ ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ଆସୁଥିଲେ। ବିଭିନ୍ନ ସମୟରେ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ। ତେଣୁ ଲୋକମାନେ ତାଙ୍କୁ ଥାଲାପତି ବିଜୟ ବୋଲି ଡାକୁଥିଲେ। ଅର୍ଥାତ୍ କମାଣ୍ଡର (ସେନାପତି) ବିଜୟ। ତାମିଲନାଡୁର ସମସ୍ତ ଦ୍ରାବିଡ଼ ପାର୍ଟି ରାମସ୍ୱାମୀ ପେରିୟାରଙ୍କ ବିଚାରଧାରା ଦ୍ୱାରା ଅନୁପ୍ରାଣିତ। ତେଣୁ ବିଜୟ ଥାଲାପତି ମଧ୍ୟ ପ୍ରାରମ୍ଭରୁ ତାଙ୍କ ବିଚାର ଦ୍ୱାରା ପ୍ରଭାବିତ। ପେରିୟାର ଜାତିବ୍ୟବସ୍ଥା ଓ ଏହାର ଜନକ ବର୍ଣ୍ଣ ବ୍ୟବସ୍ଥାର ଉଚ୍ଛେଦ ସହିତ ଦ୍ରାବିଡ଼ ଅସ୍ମିତା ଉପରେ ଗୁରୁତ୍ୱ ଦେଉଥିଲେ। ସମାଜରେ ସମାନତା, ଭାତୃଭାବ ଓ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା କରିବା ଥିଲା ତାଙ୍କ ଲକ୍ଷ୍ୟ। ଧର୍ମ ଓ ଜାତି ବ୍ୟବସ୍ଥା ଏ ସମସ୍ତର ପ୍ରତିବନ୍ଧକ, ତେଣୁ ସେ ଏଗୁଡ଼ିକୁ ବିରୋଧ କରୁଥିଲେ। ତାଙ୍କ ଅନୁଗାମୀ ଭାବେ ବିଜୟ ଥାଲାପତି ଏହି ବିଚାରଧାରାରୁ ମୁକ୍ତ ନୁହଁନ୍ତି।

ଏହା ସହିତ ଡକ୍ଟର ବିଆର୍ ଆମ୍ବେଦକରଙ୍କ ଆଦର୍ଶ ଓ ପ୍ରଦତ୍ତ ସାମ୍ବିଧାନିକ ବ୍ୟବସ୍ଥା ତାଙ୍କ ବିଚାରର ମଜଭୁତ ସ୍ତମ୍ଭ। ଏହାକୁ ତାଙ୍କ ପାର୍ଟିର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି।। ନିର୍ବାଚନ ପ୍ରଚାର ସମୟରେ ସେ ଗାଡ଼ି ଉପରେ ବସି ଆମ୍ବେଦକରଙ୍କ ଫଟୋଚିତ୍ର ପ୍ରଦର୍ଶନ କରିବା ଦେଖାଯାଇଥିଲା। ସେ ବାରମ୍ବାର ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ ଆମ୍ବେଦକରଙ୍କ ପ୍ରେରଣା ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚାଇଛି। ତାଙ୍କ ଜାତିରହିତ ସମାଜର ପରିକଳ୍ପନା ସହିତ ସମ୍ବିଧାନ ପ୍ରଦତ୍ତ ଧର୍ମନିରପେକ୍ଷତା, ସମତା, ମମତା, ସାମାଜିକ ନ୍ୟାୟ, ବ୍ୟକ୍ତିପ୍ରତି ସମ୍ମାନ ଆଦି ତାଙ୍କ ସରକାରର ଆଦର୍ଶ ପାଲଟିଛି। ଦେଖାଯାଏ ସେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଓ ତିରୋଧାନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥାନ୍ତି। ତାଙ୍କ କାର୍ଯ୍ୟାଳୟରେ ବିଭିନ୍ନ ଦ୍ରାବିଡ଼ ମହାପୁରୁଷଙ୍କ ସହିତ ଆମ୍ବେଦକରଙ୍କ ଫଟୋ ଲାଗିଛି।

ସେ ଇସାଇ ସମ୍ପ୍ରଦାୟର ହେଲେ ହେଁ ନିଜକୁ ଜାତି ଓ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ ରଖିଛନ୍ତି। ରାଜନୀତିରେ ଏଗୁଡ଼ିକର ଆବଶ୍ୟକତା ନାହିଁ ବୋଲି ତାଙ୍କ ମତ। ରାଜନୀତି ହେଉଛି ଏକପ୍ରକାର ସେବା। ମୁଖ୍ୟମନ୍ତ୍ରୀ ହେବାପରେ ସେ ନେଉଥିବା ତ୍ୱରିତ ପଦକ୍ଷେପ ଲୋକଙ୍କ ମନକୁ ପାଉଛି। ଭ୍ରଷ୍ଟାଚାର ଉତ୍ପାଟନ, ପ୍ରଶାସନକୁ ଲୋକାଭିମୁଖୀ କରିବା, ମଦ ଓ ନିଶା ପ୍ରସାର ନିୟନ୍ତ୍ରଣ ଏବଂ ସମସ୍ତଙ୍କୁ ସମାନ ମର୍ଯ୍ୟାଦା ଦେବା ଲୋକଙ୍କ ମନକୁ ପାଉଛି। ତାଙ୍କ ସାଧାରଣ ଜୀବନଶୈଳୀ ଲୋକଙ୍କୁ ପ୍ରଭାବିତ କରୁଛି। ଟିଫିନ୍ କେରିଆରରେ ଘରୁ ଖାଦ୍ୟ ଆଣି ଅଫିସରେ ବସି ଖାଉଛନ୍ତି। କେହି କର୍ମୀ ଆସିଲେ ତାଙ୍କୁ ନିଜ ଆସନରେ ବସାଇ ଏହା ତୁମ ଚେଆର ବୋଲି କହି ସମ୍ମାନ ଦେବା ପରି ଘଟଣା ତାଙ୍କୁ ଗଣତନ୍ତ୍ରର ଜଣେ ପ୍ରକୃତ ପୂଜାରୀ ଭାବେ ସ୍ଥାପିତ କରିଛି।

ପେରିୟାରବାଦ ଓ ଆମ୍ବେଦକରବାଦ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ। ତେଣୁ ଥାଲାପତି ବିଜୟ ପେରିୟାରବାଦକୁ ଛାଡି ଆମ୍ବେଦକରବାଦକୁ ଗ୍ରହଣ କରିଛନ୍ତି କହିବା ଭୁଲ ହେବ। ଏହା କହିବା ଠିକ ହେବ ଯେ ସେ ଉଭୟକୁ ଗ୍ରହଣ କରିଛନ୍ତି। ତଫାତ୍ ହେଉଛି ପେରିୟାରଙ୍କ କଠୋର ପ୍ରୟୋଗକୁ ଆମ୍ବେଦକରଙ୍କ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସାମାନ୍ୟ ନରମ, ଅଧିକ ଶାଣିତ ଓ ବାସ୍ତବମୁଖୀ କରିଛନ୍ତି। ଏହା ସୂଚୀତ କରୁଛି ଯେ ମୁଖ୍ୟମନ୍ତ୍ରୀ ବିଜୟ କେବଳ ତାମିଲନାଡୁରେ ସୀମିତ ରହିବାକୁ ଚାହୁଁ ନାହାଁନ୍ତି, ସେ ଜାତୀୟ ରାଜନୀତି ପାଇଁ ଆଗ୍ରହ ରଖିଛନ୍ତି। ସେ ଜାଣିଛନ୍ତି ଜାତୀୟ ରାଜନୀତିରେ ପେରିୟାରବାଦ ଅପେକ୍ଷା ଆମ୍ବେଦକରବାଦ ଅଧିକ ଗ୍ରହଣୀୟ ହେବ। ଦେଶରେ ଏକ ବଡ଼ ଜନାଧାର ତାଙ୍କୁ ମିଳିଯିବ। ଦେଖାଯାଉ ଏଦିଗରେ ସେ କେଉଁ ରାଜନୈତିକ ଗୋଟି ଖେଳୁଛନ୍ତି।

ମୋ: ୯୪୩୮୨୪୮୮୫୪

# ଶାନ୍ତି ଓ ମୁଁ

**ମାନସ ରଞ୍ଜନ**

**ଶା**ନ୍ତି କାହାକୁ କୁହାଯାଏ? କ'ଣ ପ୍ରତ୍ୟେକ ନିରବତା ଶାନ୍ତି ହୋଇପାରିବ ! ନାଁ ମଣିଷ ମନ ଭିତରେ ଥିବା ଶତ୍ରୁତା, ଦ୍ୱେଷ, ଅଭିମାନ, ରାଗ ଓ ଅହଙ୍କାର ବି କାହା ପାଇଁ ବେଳେବେଳେ ଶାନ୍ତିର ପ୍ରତୀକ । ଆପଣ ଭାବୁଥିବେ ସତରେ ଶାନ୍ତିର ବାସ୍ତବ ସତ୍ୟ କଣ? ମୁଁ ଏ ଶବ୍ଦର ଗଭୀରତାରେ ନିମଜ୍ଜିତ ହେବାକୁ ଚେଷ୍ଟା କଲି । ସେଥିରୁ ଯାହା ଶିଖିଲି ତାହା ଠିକ୍ ଏମିତି...

ମଣିଷ ତାହାର ଦୈନନ୍ଦିନ କର୍ମମୟ ଜୀବନରେ ଅନେକ ଆଶା, ଆକାଂକ୍ଷା ରଖେ । କେତେକ ବାସ୍ତବ ରୂପ ନିଅନ୍ତି ତ ଆଉ କେତେକ ସେ ହାସଲ କରିପାରେ ନାହିଁ । କିଏ ଖଣ୍ଡିଏ ଭଲ ଚାକିରି ପାଇଁ ତ ଆଉ କିଏ ଭଲ ପ୍ରେମିକଟେ ଖୋଜି ଖୋଜି ନୟାନ୍ତ ହୋଇ ପଡ଼େ। ତାହା ସହ କିଏ ଜୀବନରେ ସବୁବେଳେ ସୁବିଧାବାଦୀ ହୋଇ ବଞ୍ଚିବାର ଇଚ୍ଛା ରଖେ। ଯେମିତି ଏ ଦୁନିଆର ସବୁକିଛି ତାଙ୍କ ମନ, ତାଙ୍କ ତନ ଓ ତାଙ୍କର ହିସାବ କିତାବରେ ପରିଚାଳିତ ହୁଅନ୍ତା। ଜୀବନରେ ତାଙ୍କର କେବଳ ସୁଖ ରୁହନ୍ତା, ଦୁଃଖ ହିଁ ନ ଥାନ୍ତା। ଭଲ ଘର, ଭଲ ବର, ଭଲ ଚାକିରିଆ - ସବୁକିଛି ତାଙ୍କ ଜୀବନରେ ଖାଲି ଭଲ ହୁଅନ୍ତା। ଟିକେ ବି କଷ୍ଟ ତାଙ୍କ ଜୀବନରେ ନ ଥାଆନ୍ତା ।

ହେଲେ ଦୁର୍ଭାଗ୍ୟବଶତଃ ସେମିତି ମଣିଷକୁ ତାହା ମିଳେ ନାହିଁ । କାରଣ ଏମିତି ମଣିଷମାନେ ନିୟତିର ନିୟମ ବିରୋଧରେ ଯାଆନ୍ତି, ଜୀବନ ମୁଦ୍ରାର ଉଭୟ ପାଖକୁ ସେମାନେ ସମତୁଲ କରିବାକୁ ପ୍ରୟାସ କରନ୍ତି ନାହିଁ । ସେଥିରେ ସେମାନେ ନିରାଶ ହୁଅନ୍ତି ଆଉ ମନରେ ଅନେକ ଭାବନାତ୍ମକ ଚିନ୍ତା ଆଣିଥାନ୍ତି । ସେମିତି ମଣିଷମାନେ ଚିନ୍ତନ, ମନନ ନ କରି ନିଜର ଦୋଷ, ଦୁର୍ବଳତାକୁ ଆକଳନ ନ କରି ସେମାନେ ତାଙ୍କର ପ୍ରିୟ ମଣିଷମାନଙ୍କ ଉପରେ ଅଧିକ ଆଶା ବାନ୍ଧି ବସନ୍ତି । ଆଉ ଯଦି ତାଙ୍କର ପ୍ରିୟ ମଣିଷ ପାଖରୁ ତାହା ପୂର୍ଣ୍ଣ ନ ହୁଏ, ସବୁ ଦୋଷ ସେମାନେ ତାଙ୍କ ଉପରେ ଲଦି ଦିଅନ୍ତି । ଫଳରେ ଶାନ୍ତି ଭଙ୍ଗ ହୋଇଥାଏ, କେମିତି? ଏମିତି....

ଯଦି ମଣିଷ ନିଜ ସହ ନିଜ ଆଖପାଖ ମଣିଷର ଦୁଃଖ, ସମସ୍ୟାକୁ ବୁଝି ଉଚିତ୍ ଚିନ୍ତନ କରନ୍ତା ତାହାଲେ ସେ ନିଜର ଓ ସାମ୍ନା ଲୋକର ଦୁଃଖ ଏବଂ ସମସ୍ୟାକୁ ମିଶିକି ସମାଧାନ କରିପାରନ୍ତା । ଦୁହେଁ ଖୁସିରେ ରୁହନ୍ତେ ଓ ଦୁହିଁଙ୍କ ଜୀବନ ପଙ୍କରୁ ପଦୁଅଁ ଫୁଟିଲା ଭଳି ପ୍ରସ୍ଫୁଟିତ ହୋଇ ଉ ଠନ୍ତା । ହେଲେ ଅଧିକାଂଶ ମଣିଷ ସେମିତି କରନ୍ତି ନାହିଁ । କାରଣ ସେମିତି ମଣିଷମାନେ ଭାବନ୍ତି ଯେ ସେମାନେ ହିଁ ଏ ଦୁନିଆର ସବୁଠୁ ଦୁଃଖୀ ମଣିଷ, ଏମିତି କ୍ଷେତ୍ରରେ ଶାନ୍ତି ଆସିବ କେଉଁଠୁ? ତାହା ସହ ସାମ୍ନା ଲୋକର ପରିସ୍ଥିତି କଣ, ତାହାର ଜୀବନରେ ଚାଲିଛି କଣ, ସେ କାହିଁକି ଦୁଃଖରେ ଅଛି, ତାହାକୁ ବି କିଛି ସାହାରା ଲୋଡା ଅଛି କି - ଏସବୁ କଥା ଭାବିବାକୁ ଶାନ୍ତି ଖୋଜୁଥିବା ମଣିଷ ପାଇଁ ସମୟ ନ ଥାଏ । ଫଳରେ ସେ ନିଜ ଜୀବନକୁ ଗୋଲାପର କଣ୍ଟା ଭଳି କରି ସାମ୍ନାବାଲାକୁ ବି ଆଘାତ ଦିଏ। ସେ ନିଜ ଦୁଃଖରେ ଏତେ ବ୍ୟସ୍ତ ଓ ବିବ୍ରତ ଥାଏ ଯେ ସାମ୍ନାବାଲା ମଣିଷର କଥା ବିଚାର କରିବା ତା' ପାଇଁ ସମ୍ଭବପର ହୁଏ ନାହିଁ ।

ଆଜିର ଜଞ୍ଜାଳମୟ ଦୁନିଆରେ ମଣିଷ ନିଜର ପରିବାରର ଚିନ୍ତା, ଖରାପ ସାଙ୍ଗସାଥୀ, ପ୍ରେମିକପ୍ରେମିକାଠୁ ଅଧିକ ଆଶା ଓ ଆୟ ନ ଥାଇ ଅଧିକ ବ୍ୟୟ କରି ଆଭିଜାତ୍ୟ ଜୀବନ ବଞ୍ଚିବାର ଅହେତୁକ ଇଚ୍ଛା ବି ଶାନ୍ତିକୁ ଭଙ୍ଗ କରିବାର ଗୋଟେ ବଡ ଅସ୍ତ୍ର ବୋଲି ମୁଁ ଭାବେ । ମୁଁ କହୁନି କି ଆପଣ ଆଭିଜାତ୍ୟ ଜୀବନ ବଞ୍ଚିବା ଖରାପ, ମୁଁ କହୁଛି ଆଭିଜାତ୍ୟ ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆପଣ ସେତେ ସକ୍ଷମ ହେବା ଉଚିତ୍ । ନ ହେଲେ ଅଧିକ ଆଶା ଓ ଅନ୍ୟ ଲୋକଙ୍କ ଜୀବନଶୈଳୀ ଆପଣଙ୍କ ଶାନ୍ତିକୁ ନଷ୍ଟ କରିବାକୁ ଅମୋଘ ଅସ୍ତ୍ର ହୋଇପାରେ। ହଁ ନା ନାହିଁ? ଆପଣ କଣ ଭାବନ୍ତି ମୁଁ ଜାଣିନି...

ଶାନ୍ତିକୁ ଖୋଜିବାକୁ ଯାଇ ମୁଁ ଆଉ କିଛି ପାଇଛି। ମଣିଷ ପାଖରେ ଶାନ୍ତି ଥାଏ। ହେଲେ ସେ ନିଜେ ତାହାକୁ କୁହେ, କି ତୁ ଯା ମୁଁ ଟିକେ ଅଶାନ୍ତିରେ ରହିବାର ଅଛି। କଥା ଅଡୁଆ ଲାଗୁଛି ନା, ହେଲେ ଏମିତି...

ଉଦାହରଣସ୍ୱରୂପ, ଯଦି ଆପଣଙ୍କୁ କେହି ଜଣେ ହେୟମନେ କରୁଛି। ବାରମ୍ବାର, ବାରମ୍ବାର। କିନ୍ତୁ ଆପଣ ତାହାର ସବୁ ଦୋଷ ଦୁର୍ବଳତାକୁ କ୍ଷମା କରି ଦେଉଛନ୍ତି ସମ୍ପର୍କକୁ ବଞ୍ଚେଇବାକୁ ଯାଇ। ତାହା ପୁଣି ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳିତଳାନ୍ତ କରି । ତେବେ ଆପଣ ସେମିତି ଜାଗାରେ କେମିତି ଶାନ୍ତିରେ ରହିବେ? ବାରମ୍ବାର ଆପଣଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିବ, ସତରେ ମୁଁ ସବୁବେଳେ ଭୁଲ୍ । ପୁଣି ଆସକ୍ତିର ସହ ସେ ସମ୍ପର୍କ ସାମ୍ନାକୁ ଆସି ଯାଉଥିବ ଓ ଆପଣ ଭୁଲ ନ କରି ବି ସାମ୍ନା ବାଲାକୁ କ୍ଷମା ମାଗୁଥିବେ। ପୁଣି ଚିନ୍ତା ଆପଣଙ୍କୁ ଘାରୁଥିବ।

ଶେଷରେ ପୁଣି ସେ ସମାନ ପ୍ରଶ୍ନ ଶାନ୍ତି କ'ଣ? ମୋ ପାଇଁ ତ ଶାନ୍ତି ହେଉଛି ଶାନ୍ତିର ବାସ୍ତବିକ ଅର୍ଥ ନ ଜାଣି ଖୁସିରେ ରହିବା...।

ମୋ: ୯୩୩୭୩୫୫୬୫୮

# ଦାଣ୍ଡ ଭାଗବତ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

**ଅ**ତିବଡ଼ୀ ଜଗନ୍ନାଥ ଦାଶ ଶ୍ରୀକ୍ଷେତ୍ର ପୁରୀର ୧୬ଶାସନ ମଧ୍ୟରୁ ଏକ ଶାସନର ବ୍ରାହ୍ମଣ। ବ୍ରାହ୍ମଣମାନେ ସଂସ୍କାରିତ ଜାତି। ଅନେକ ଜାଣନ୍ତି ପୂର୍ବେ କେବଳ ସଂସ୍କୃତ ଭାଷାରେ ପୁରାଣ ଶାସ୍ତ୍ର କର୍ମକାଣ୍ଡ ଲେଖା ରହିଥିଲା। ଏହାର ତତ୍ସମ ବା ଠିକ ତଦ୍‌ଭବରେ ସଂସ୍କୃତ ଶବ୍ଦ ବାକ୍ୟଗୁଡ଼ିକୁ ଓଡ଼ିଆରେ ସଠିକ ଅର୍ଥ କରିବାରେ ଭ୍ରମ କରନ୍ତି ବା ବଣିଜ୍ୟିକ କୁବୁଦ୍ଧି ପ୍ରୟୋଗ କରି ଶ୍ରୋତାକୁ ଲିଖିତ ସୂତ୍ରର ଭିନ୍ନ ବ୍ୟାଖ୍ୟା କରି ଅର୍ଥ ଅର୍ଜନ କରୁଥିଲେ। ଏତଦ୍ୱାରା ସଦା ଧର୍ମଗ୍ରନ୍ଥ, ଧର୍ମଶାସ୍ତ୍ର, ବଣିକ ବୃତ୍ତିର ଧନ୍ଦା ଦିଗକୁ ବଢୁଥିଲା। ଅନେକ ବିଧର୍ମୀ ଏହାର ସୁଯୋଗ ହାସଲ କରିବା ସୁଯୋଗରେ ରହିଲେ। ଏହି ସମସ୍ୟା ଅନେକ ବିଦ୍ୱାନ ଉପଲବ୍ଧି କଲେ। ସେହି ସମୟରେ ଯେତେ ଜଣ ପରିସ୍ଥିତିର ସୁଧାର ନିମିତ୍ତ ଚେଷ୍ଟା ଆରମ୍ଭ କଲେ, ଏହା ମଧ୍ୟରେ ଚୈତନ୍ୟ ଦେବ ଆଦ୍ୟ ବଙ୍ଗରୁ ଉତ୍କଳ ହରି ନାମ ସଂର୍କୀନ ଧାରା ସ୍ୱପାରିଷଦଙ୍କ ସହ ଲୋକରେ ପ୍ରସାର କରାଇ କରାଇ ଆସିଗଲେ। ସେ ଏପରି ଦକ୍ଷିଣ ରାଜ୍ୟରେ ଏହି ନାମର ଧାରା ପ୍ରସାରରେ ଯାଇ ପରେ ପୁରୀ ଶ୍ରୀକ୍ଷେତ୍ରରେ ପାରିଷଦଙ୍କ ସହ ଦୀର୍ଘକାଳ ରହଣିରେ ଅନେକ ଅନେକ ପରିର୍ବନ ପୁରୀ ବାସୀଜନଙ୍କ ମଧ୍ୟରେ ଆସିବାକୁ ଲାଗିଲା।

ହରିନାମ କୀର୍ତ୍ତନର ମୋହ ବାରମ୍ବାର ଲୋକଙ୍କୁ ଆକର୍ଷଣ କଲା। ରାଜା ପ୍ରତାପରୁଦ୍ର ଦେବ ଚୈତନ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ। ରାଜାନୁଗତ ବୈଷ୍ଣବ ଧର୍ମ ତତ୍କାଳ ଓଡ଼ିଶାରେ ପ୍ରଚାର ହୋଇ ଚାଲିଲା। ରାଜାଙ୍କ ଆନୁଗତ୍ୟ ଜମିଦାର ସର୍ବରାକାର, ସବୁଗ୍ରାମ ମୁରବି, ରାଜାଙ୍କ ଅନୁଗତ ପାଇକ ଖଣ୍ଡାୟତ ସେନାମାନେ ଚୈତନ୍ୟ ଦେବଙ୍କ ନାମକୀର୍ତ୍ତନ ଖୋଳ କରତାଳରେ ମଜିବାକୁ ଲାଗିଲେ। ଠିକ ଏହି ସମୟରେ ଜଗନ୍ନାଥ ଦାଶଙ୍କ ସ୍ୱରଚିତ ଓଡ଼ିଆରେ ଭାଗବତ ପାଠର ଶ୍ରୀମନ୍ଦିର କଳ୍ପବଟତଳରେ ବହୁଶ୍ରୋତା ନିତ୍ୟ ଶ୍ରବଣ କରିବା ଆରମ୍ଭ ହୋଇଥିଲା। ଦିନେ ଚୈତନ୍ୟ ଦେବ ବେଢ଼ାରେ କୀର୍ତ୍ତନ କାଳରେ ଜଗନ୍ନାଥ ଦାଶଙ୍କ ଭାଗବତ ଚର୍ଚ୍ଚାରେ ବହୁ ଶ୍ରୋତା ତନ୍ମୟ କରି ରହିବା ଦେଖି ଶ୍ରୀଚୈତନ୍ୟ ସେଠାରେ ପହଞ୍ଚି ନାମ ମୁଖରେ ଦାଶେଙ୍କୁ କୋଳାଗ୍ରତ କରି ଆବେଗରେ କହିଥିଲେ ତୁମେ 'ଅତିବଡ଼' ଏହା ବଙ୍ଗଳା ଭାଷାରେ ଅତିବଡ଼ୀ। ଏଇଟାରୁ ଅତିବଡୀ ବୈଷ୍ଣବ ସମ୍ପ୍ରଦାୟର ଭିତ୍ତିଭୂମି। ଏହା ନାମକୀର୍ତ୍ତନ ସହ ଭାଗବତର ନିବିଡ଼ ସମ୍ପର୍କ। ଏହାପରେ ସର୍ବତ୍ର ବ୍ୟାପିଲା ବିଶେଷକରି ତତ୍କାଳ ଅଭଙ୍ଗ ପୁରୀ କଟକ ବାଲେଶ୍ୱର ଅଞ୍ଚଳ। ଜଗତସିଂହପୁରରୁ ସେତେବେଳେ ସାଙ୍ଗ ମେଳି ହୋଇ ଗ୍ରାମରୁ ପୁରୀକୁ ଚାଲି ଚାଲି ସାଧାରଣ ଲୋକେ ଯାଉଥିଲେ। ଜମିଦାରମାନେ ତାଙ୍କ ଥାଟପ୍ରଜାଙ୍କ ଗହଣରେ ସବାର ଗ୍ରାମରୁ ବି ପାନିକିରେ ବା ଶଗଡ଼ରେ ଯାଉଥିଲେ। ଏମିତି ଆମଗ୍ରାମର ଜଣେ ଜମିଦାର ରାମକୃଷ୍ଣ ମହାନ୍ତି ଥିଲେ। ସେ ବୈଷ୍ଣବ ଧର୍ମ ଦୀକ୍ଷିତ ଥିଲେ । ଘୋଡ଼ାରେ ବା ଘୋଡ଼ାଗାଡ଼ିରେ ଯାଇ ପାରିଥିବା ରାମକୃଷ୍ଣ ବାବୁଙ୍କ ପରିବାରରେ ସବୁ ପୁଅଙ୍କ ନାମରେ ନିଶ୍ଚେ 'କୃଷ୍ଣ' ଲାଗି ରହିଆସିଛି। ଆମ ଗ୍ରାମରେ ଏବେ ବି ଅଛି ପୁରାତନ ନୃସିଂନାଥଙ୍କ ଠାକୁରବାଡ଼ି। ଏହାର ଦାୟିତ୍ୱ ନେଉଥିବା ବିଖ୍ୟାତ ହରିଚନ୍ଦନ, ଶ୍ରୀଚନ୍ଦନ ମଙ୍ଗରାଜ ପରିବାରର ଅତୀତ ସମୟର ପୁରୁଷମାନେ ରାଜବଂଶ, ରାଜ କର୍ମଚାରୀ ଥିବା ଓ ଏମାନେ ଖୁରଧାରୁ ଆସିଥିବା ପ୍ରମାଣ ଅଛି। ଏମାନଙ୍କ ମଧ୍ୟରୁ କେହି କୁଜଙ୍ଗ ରାଜ ଦରବାରରେ ଉଚ୍ଚ ପଦବୀରେ ଥିଲେ।

ଆମ ଗ୍ରାମରେ ଭାଗବତ ପାଠ ପାଇଁ ଅନେକ ଭାଗବତ ଘର ବା ଗାଦୀ ଥିଲା। ମୋର ହେତୁ ପାଇଲା ବେଳକୁ ମୁଁ ଦେଖିଛି ଆମ ଗ୍ରାମର ଭାଗବତ ବଢ଼ାର ଭଲ ଭୋଜିରେ ଗ୍ରାମଲୋକଙ୍କୁ ଆପ୍ୟାୟିତ କରାଯାଉଥିଲା। ରାମକୃଷ୍ଣ ମହାନ୍ତିଙ୍କ ସୁଯୋଗ୍ୟ ପୁତ୍ର ବାଳକୃଷ୍ଣ ବାବୁଙ୍କ ଭାଗବତ ବଢ଼ା ଭୋଜି। ତାଙ୍କର ଅନେକ ଜମି ପ୍ରଜାମାନେ ଚାଷ କରୁଥିବାରୁ ସେ ସମସ୍ତ ପ୍ରଜା ତାଙ୍କ ପରିବାରର ପିଲାମାନେ ଓ ଅନ୍ୟ ଗ୍ରାମବାସୀ ତାଙ୍କ ବାସଭବନ ପ୍ରାଙ୍ଗଣରେ ବହୁଥର ସେପରି ଭୋଜି ଖାଇବା ଅନେକଙ୍କୁ ଜଣା ଥିବ। ନୃସିଂହନାଥଙ୍କ ଠାକୁର ବାଡ଼ିରେ ବର୍ଷକୁ ଅନେକଥର ପ୍ରସାଦ ଲୋକେ ପାଉଥିଲେ। ପଟ୍ଟନାୟକ ସାହିରେ ପ୍ରଭୁ ଚରଣ (ଗେଣ୍ଡୁ) ବାବୁ ତାଙ୍କ ପିତୃ ପରମ୍ପରା ରକ୍ଷାକରି ଅନେକଥର ବହୁମୁଖୀ ଭାଗବତ (ହରିହାଟ) ତାଙ୍କ ଘର ପ୍ରାଙ୍ଗଣରେ କରୁଥିଲେ। ଏହାବାଦ କୃଷ୍ଣଚନ୍ଦ୍ର ମିଶ୍ର, ପୁରସ୍ତମ ସାହୁ, ଭାଗବତ ସାହୁ, କୁମ୍ଭାର ସାହିର ମିଳିତ ପରିବାରଙ୍କ ଏପରିକି ନାରାୟଣୀ ପୀଠରେ ଭାଗବତ ପାଠର ସ୍ଥଳୀ ଥିଲା। ଲୋକେ ଭାଗବତ ପୁରାଣ ଶୁଣିବାକୁ ସେଠାକୁ ପ୍ରତି ସନ୍ଧ୍ୟାରେ ଯାଉଥିଲେ। କାଳକ୍ରମେ ଜମିଦାରୀ ଚାଲିଗଲା। ଅଭିନ୍ନ ପରିବାର ଭିନ୍ନ ଭିନ୍ନ ହୋଇଗଲେ। କନ୍ୟା ବିବାହ ପାଇଁ ଖର୍ଚ୍ଚାର ଆବଶ୍ୟକ ଯୋଗୁଁ ଜମିବାଡ଼ି ବିକ୍ରୟ ହୋଇଗଲା, ଭାଗ ଚାଷ ଆଇନରେ ଧୂଳି ଭାଗରେ ଅନେକଙ୍କ ଜମି ରଇତମାନେ ଦଖଲ ସରକାରୀ କାନୁନରେ ପାଇଗଲେ। ଫଳରେ ଭାଗବତ ପୂଜା ପାଠ ଚଳିବା ଏକ ସମସ୍ୟା ହୋଇଗଲା। ଶୁକ୍ଳ ଖଇ ଦିଟା କିଛି ଦିନ ଭୋଗକୁ ବି କେହି କରିବା ଏପରିକି ପାଠକାରୀ ପାଠକ ଅଭାବ ପଡ଼ିଲେ ବା ତାଙ୍କ ଦକ୍ଷିଣା ଦୁର୍ମୂଲ୍ୟ ହେଲା, ଏହାପରେ ତତ୍କାଳ ହାତ ଲେଖା ତାଳପାତ୍ର ପୋଥିଗୁଡ଼ିକର କରଣି ଛଟା ଅକ୍ଷର ପଢ଼ିବାକୁ ପାଠକ ଅଭାବ ହେଲେ। ସେତେବେଳେ ଲୋକେ ଏକ ତାଳପାତ୍ର ପୋଥିରୁ ଅନ୍ୟ ପୋଥି ତାଳପତ୍ରରେ ଲୁହା ଲେଖନରେ ଲେଖାଇ ବିମାନ ଆସ୍ଥାନରେ ରଖି ପୂଜା କରୁଥିଲେ। କାଳକ୍ରମେ କାଗଜ ବହି ଛପା ବହୁ ଉପଲବ୍ଧ ହେବାରୁ ପୋଥିପରି ଲୋକେ ତାକୁ ସମ୍ମାନ କଲେନାହିଁ। ତେବେ କେବେ ଗ୍ରାମରେ ବସନ୍ତ, ହଇଜା ଆଦି ଦେଖାଦେଲେ ଦାଣ୍ଡ ଭାଗବତ କରାଯାଉଥିବା ମୁଁ ଦେଖିଛି। ହରିଚନ୍ଦନ ସାହିରୁ ଚଣ୍ଡୀସାହି ସେଠାରୁ ବାଳକୃଷ୍ଣବାବୁଙ୍କ ଘର, ଦେଇ ପଟ୍ଟନାୟକ ସାହିରୁ ହରବାବୁଙ୍କ ଘର, ତାପରେ ସବୁ ଘରର ଦାଣ୍ଡେ ଦାଣ୍ଡେ ୫, ୧୦ ପଦ ଭାଗବତ ପାଠ କରି କରି, କୀର୍ତ୍ତନ କରି ହରିବୋଲ ସହ କୁମ୍ଭାର ସାହି ଯାଏ ଯାଉଥିଲେ। ଭାଗବତ ଖଟୁଲି ଜଗୁ ମହାରଣା ମୁଣ୍ଡେଇ ଚଳିବା, ବଟକୃଷ୍ଣ ପଟ୍ଟନାୟକ ଦାଣ୍ଡେ ଦାଣ୍ଡେ ରହି ରହି ପାଠ କରିଯିବା ଓ କୀର୍ତ୍ତନ କରି ଦାଣ୍ଡମାନଙ୍କରେ ଯିବା ପୁଣି ଉଚ୍ଚସ୍ୱରରେ ହରିଧ୍ୱନି କରିବା ଲୋକଙ୍କ ମନରେ ଏକ ଦୈବୀ ସାହସ ଦେବା ଅନୁଭବ ହେଉଥିଲା। ପରୋକ୍ଷରେ ଏପରି ଦାଣ୍ଡ ଭାଗବତ ଗମନ ପଥ ପରିଷ୍କାର ପରିଚ୍ଛନ୍ନ କରାଯାଉଥିଲା। ଏକ ଧାର୍ମିକ ଭାବ ଗ୍ରାମରେ ଉଦିତ ହେଉଥିଲା। ଏଥିରେ ଥିବା ନାମର ବ୍ୟକ୍ତିମାନେ ଚାଲିଗଲେଣି। ହେଲେ ଭବିଷ୍ୟତ ବଂଶଧରଙ୍କ ପାଇଁ ବିପଦ ବେଳେ ଭାଗବତ ଓ ଦିବ୍ୟ ହରିନାମ ସ୍ମରଣ କରିବା ଅନୁଷ୍ଠାନ ନିହାତି ଆବଶ୍ୟକ ଦର୍ଶାଇ ଯାଇଛନ୍ତି।

ମୋ: ୯୪୩୭୧୦୩୧୨୫୩

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ରେଶମ ସହରରେ ମାଳ ମାଳ ଘରୋଇ ହଷ୍ଟେଲ୍, ସୁରକ୍ଷା ବ୍ୟବସ୍ଥା ଢ଼ିଲା

ବ୍ରହ୍ମପୁର,୨୧।୮(ନି.ପ୍ର): ରେଶମ ସହରରେ ମାଳ ମାଳ ଘରୋଇ ହଷ୍ଟେଲ୍ ରହିଛି । ଗଳିକନ୍ଦିରେ ଛୋଟ ଓ ବଡ଼ କୋଠାରେ ଖୋଲିଥିବା ଏହି ହଷ୍ଟେଲ୍‌ଗୁଡ଼ିକରେ ରାଜ୍ୟର ବିଭିନ୍ନ ଜିଲ୍ଲାର ମହିଳା, ଯୁବତୀ, କର୍ମଜୀବୀ, ଛାତ୍ରଛାତ୍ରୀ ଓ ଯୁବକମାନେ ରହୁଛନ୍ତି। ହଷ୍ଟେଲ୍‌ଗୁଡ଼ିକ ଖୋଲିବାକୁ ଏହାର ପରିଚାଳକମାନେ ପ୍ରଶାସନଠାରୁ ଅନୁମତି ନେଉନଥିବା ଅଭିଯୋଗ ହେଉଛି । ହଷ୍ଟେଲ୍‌ରେ ମହିଳା ଓ ଯୁବତୀ ରହୁଥିଲେ ମଧ୍ୟ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନାହିଁ କିମ୍ବା ଅଗ୍ନି ନିରାପତା ବ୍ୟବସ୍ଥା ନାହିଁ । ଦକ୍ଷିଣ ଓଡ଼ିଶାରେ ଉଚ୍ଚଶିକ୍ଷାର ହବ୍ ହେଉଛି ବ୍ରହ୍ମପୁର ସହର। ଏଠାରେ ଏକାଧିକ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ, ଘରୋଇ କଲେଜ, ବୃତିଗତ ଶିକ୍ଷା ପ୍ରଦାନକାରୀ ଶିକ୍ଷାନୁଷ୍ଠାନ, ମାଳ ମାଳ କୋଚିଂ ସେଂଟର ରହିଛି । ସେଥିକ୍ରମରେ ଏଠି ପ୍ରତିଦିନ ଛାତ୍ରଛାତ୍ରୀଙ୍କ ଆଗମନ ବଢ଼ିବାରେ ଲାଗିଛି । ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ବୌଦ୍ଧ ଭଳି ଜିଲ୍ଲାର ଛାତ୍ରଛାତ୍ରୀ ବ୍ରହ୍ମପୁରରେ ଆସି ଶିକ୍ଷା ଗ୍ରହଣ କରୁଛନ୍ତି । ଏଠାରେ ସହର ବଢ଼ିବା ସାଙ୍ଗକୁ ନିଯୁକ୍ତି ସୁଯୋଗ ମଧ୍ୟ ବଢ଼ିବାରେ ଲାଗିଛି । ରାଜ୍ୟର ବିଭିନ୍ନ ଅଚଂଳ ଏବଂ ଆଖପାଖ ଜିଲ୍ଲାର ଗ୍ରାମାଂଚଳ ଯୁବକ ଓ ଯୁବତୀ ବ୍ରହ୍ମପୁର ସହରକୁ ଆସି ଘରୋଇ ହଷ୍ଟେଲ୍ ଗୁଡ଼ିକରେ ମାସିକ ଭଡ଼ା ସୂତ୍ରରେ ରହୁଛନ୍ତି । କିଛି ହଷ୍ଟେଲ୍‌ରେ ଖାଦ୍ୟ ବ୍ୟବସ୍ଥା ମଧ୍ୟ ରହିଛି । ଛାତ୍ରଛାତ୍ରୀ ଓ କର୍ମଜୀବୀଙ୍କ ଆଗମନକୁ ଦେଖି ସହରର ଅନେକ ଲୋକ ଛୋଟ ବଡ଼ କୋଠାରେ ହଷ୍ଟେଲ୍ ଖୋଲି ଦେଇଛନ୍ତି ହଷ୍ଟେଲ୍ ଖୋଲିବା ପାଇଁ କୌଣସି ପ୍ରକାର ସରକାରୀ କଟକଣା ନଥିବାରୁ ଏହି ମାଲିକମାନେ ମନଇଚ୍ଛା ଯେଉଁଠି ସେଇଠି ହଷ୍ଟେଲ୍ ଖୋଲି ଦେଇ ବ୍ୟବସାୟ ଚଳାଉଛନ୍ତି । ବାସଗୃହ ପାଇଁ ଅନୁମତି ନେଇ ନିର୍ମାଣ ହୋଇଥିବା କୋଠାରେ ବ୍ୟବସାୟିକ ହଷ୍ଟେଲ୍ ଖୋଲିଛନ୍ତି କିଛି ସ୍ଥାନରେ ୪ ମହଲା ଓ ୫ ମହଲା କୋଠାକୁ ହଷ୍ଟେଲ୍‌ରେ ପରିଣତ କରାଯାଇଥିଲେ ମଧ୍ୟ ସେଠାରେ ଅଗ୍ନି ନିରାପତା ବ୍ୟବସ୍ଥା ନାହିଁ । ଏପରିକି ସେଠି ଗଳିକୁ ଅଗ୍ନି ନିରାପତା ଗାଡ଼ି ମଧ୍ୟ ଯାଇପାରିବ ନାହିଁ । ଅଧିକାଂଶ ହଷ୍ଟେଲ୍‌ରେ ସୁରକ୍ଷା କର୍ମୀ ନାହାନ୍ତି । କିଛି ହଷ୍ଟେଲ୍‌ରେ କେବଳ ସିସିଟିଭି କ୍ୟାମେରା ହିଁ ଲାଗିଥିବା ଦେଖିବାକୁ ମିଳୁଛି । ବେଆଇନ ଭାବେ ଗଢ଼ି ଉଠିଥିବା ଏହି ହଷ୍ଟେଲ୍ ଗୁଡ଼ିକର ପରିଚାଳନାପାଇଁ ସରକାରଙ୍କ ପକ୍ଷରୁ ଆଜିଯାଏଁ କୌଣସି ଏସ୍‌ଓପି ମଧ୍ୟ ଜାରି କରାଯାଇନାହିଁ । ଅନେକ ସମୟରେ ଏହି ଘରୋଇ ହଷ୍ଟେଲ୍‌ରେ ଆତ୍ମହତ୍ୟା ଭଳି ଘଟଣା ଘଟୁଛି । ହଷ୍ଟେଲ୍ ଖୋଲିବା ପୂର୍ବରୁ କିଛି ମାଲିକ ସ୍ଥାନୀୟ ଥାନାକୁ ଜଣାଉଛନ୍ତି ସେଥିରେ ସହରରେ ଏପରି ଅନେକ ହଷ୍ଟେଲ୍ ପୋଲିସ ଓ ପ୍ରଶାସନର ଆଢୁଆଳରେ ରହିଯାଇଛି । ବ୍ରହ୍ମପୁର ମହାନଗର ନିଗମ ଓ ପୋଲିସ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଗଲେ ମହିଳା ଓ ଯୁବତୀଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହ ସରକାରୀ ରାଜସ୍ୱ ଆଦାୟ ହୋଇପାରନ୍ତା ବୋଲି କୁହାଯାଉଛି ।

# ୩୭ ଛାତ୍ରଛାତ୍ରୀ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ସଫଳ


ବ୍ରହ୍ମପୁର,୨୧।୮(ନି.ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାର ସଦ୍ୟ ପ୍ରକାଶିତ ଫଳାଫଳରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠ ନଗରର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ପ୍ରଦର୍ଶନ କରିଛନ୍ତି ।



ଶିକ୍ଷାବର୍ଷ ୨୦୨୩-୨୪ର ଫଳାଫଳରେ ୬ ଷ୍ଠ ଶ୍ରେଣୀ ପାଇଁ ଧ୍ୟାନଲଗ୍ନା ପାଣିଗ୍ରାହୀ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରଥମେଶ ବାରିକ ୨ୟ ସ୍ଥାନ, ତେଜସ୍ୱୀ ନାହାକ ଓ ଆୟୁଷ ପ୍ରଧାନ ୪ର୍ଥ ସ୍ଥାନ, ପ୍ରିୟାଂଶୁ ପ୍ରିୟଦର୍ଶୀ, ରାକେଶ କୁମାର ନାୟକ, ଶୀତଲ ନାୟକ ଓ ସ୍ନେହା ସୁମନ ତ୍ରିପାଠୀ ୮ମ ସ୍ଥାନ, ଦେବାଂଶୁ ନାୟକ ଓ ଅପର୍ଣ୍ଣା ଆର୍ଯ୍ୟା ମହାପାତ୍ର ୯ମ ସ୍ଥାନ ଅଧିକାର କରିଛନ୍ତି । ବ୍ରହ୍ମପୁର ମହାନଗର ନିଗମରେ ମୋଟ ୧୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ୧୦ ଜଣ ପରୀକ୍ଷାର୍ଥୀ ଯୋଗ୍ୟ ବିବେଚିତ ହୋଇଛନ୍ତି । ଠିକ୍ ସେହିପରି ୯ମ ଶ୍ରେଣୀରୁ ଅର୍ପିତା ଆଚାର୍ଯ୍ୟ ସମଗ୍ର ଜିଲ୍ଲାରେ ୧ମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବ୍ରହ୍ମପୁର ମହାନଗର ନିଗମ ସ୍ତରରେ ୧୪ ଜଣ ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ୧୦ଜଣ ଛାତ୍ରଛାତ୍ରୀ ଯଥା ବିଶ୍ୱଜିତ୍ ପାତ୍ର ଓ ଓମ୍‌କାର ପ୍ରସାଦ ରଥ ୨ୟ ସ୍ଥାନ, ରୁଦ୍ର ପ୍ରସାଦ ପ୍ରଧାନ, ଶୁଭମ୍ ପାଣିଗ୍ରାହୀ ଓ ପ୍ରିତମ୍ କୁମାର ଜେନା ୩ୟ ସ୍ଥାନ, ପ୍ରିୟରଞ୍ଜନ ପଣ୍ଡା ଓ ସୌମ୍ୟରଞ୍ଜନ ପାଣିଗ୍ରାହୀ ୫ମ ସ୍ଥାନ, ଆଶୁତୋଷ ସେଠୀ ଓ ଆକାଂକ୍ଷା ଜେନା ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଶିକ୍ଷା ବର୍ଷ ୨୦୨୪-୨୫ ର ସଦ୍ୟ ପ୍ରକାଶିତ ଏହି ପରୀକ୍ଷା ଫଳାଫଳରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ୬ଷ୍ଠ ଶ୍ରେଣୀରୁ ହିମାଦର୍ଶ ଦେବ ସମଗ୍ର ଜିଲ୍ଲାରେ ୧ମ ସ୍ଥାନ ଅଧିକାର କରିଛନ୍ତି । ବ୍ରହ୍ମପୁର ମହାନଗର ନିଗମ ସ୍ତରରେ ସମୁଦାୟ ୧୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ଶୁଭଙ୍କର ଛୋଟରାୟ ୪ର୍ଥ ସ୍ଥାନ, କେ. ଆଦିତ୍ୟ ରାଓ ୬ଷ୍ଠ ସ୍ଥାନ, ଅପର୍ଣ୍ଣା ଶତପଥୀ ୭ମ ସ୍ଥାନ, ସୁବ୍ରମ୍ଣ୍ୟମ୍ ସାହୁ ୯ମ ସ୍ଥାନ, ଇଶାନୀ ମହାପାତ୍ର ୧୨ଶ ସ୍ଥାନ, ସାର୍ଥକ ପାଣିଗ୍ରାହୀ ୧୩ଶହ ସ୍ଥାନ, ସାନ୍‌ଭୀ ପଣ୍ଡା ୧୪ଶ ସ୍ଥାନ ଅଧିକାର କରିଛନ୍ତି । ୯ମ ଶ୍ରେଣୀରୁ ସୁମିତ୍ କୁମାର ଦାଶ ସମଗ୍ର ଜିଲ୍ଲାରେ ୧ମ ସ୍ଥାନ ଅଧିକାର କରିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ ସ୍ତରରେ ଶ୍ରୀୟା ଜ୍ୟୋତିର୍ମୟୀ ପାଢ଼ୀ ୨ୟ ସ୍ଥାନ, ଅର୍ଚ୍ଚିତା ଆଚାର୍ଯ୍ୟ ୩ୟ ସ୍ଥାନ, ସୌରଭ ଗୌଡ଼ ୪ର୍ଥ ସ୍ଥାନ, ଅଂଶୁମାନ ପ୍ରଧାନ ୬ଷ୍ଠ ସ୍ଥାନ, ଏ. ଆଶୁତୋଷ ସରାବ ୭ମ ସ୍ଥାନ, ଏନ୍. ଶାବନ ଶେଖର ଚୌଧୁରୀ ୯ମ ସ୍ଥାନ, ଆଦ୍ୟାଶା ଦାଶ ୧୦ମ ଓ ଅଙ୍କିତା ସାହୁ ୧୨ଶ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ବିପୁଳ ଗୌରବ ଆଣିଦେଇଛନ୍ତି। ଏଥି ନିମନ୍ତେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ମାର୍ଗଦର୍ଶନ ଦେଇଥିବା ଆଚାର୍ଯ୍ୟ ରାମଚନ୍ଦ୍ର ପାତ୍ର, ଆଦିତ୍ୟ କୁମାର ପଣ୍ଡା, ଆଚାର୍ଯ୍ୟ ବର୍ଷା ପଣ୍ଡା ଏବଂ ଉର୍ମିଳା ପାଢ଼ୀ ଏବଂ କୃତି ଛାତ୍ରଛାତ୍ରୀମାନଙ୍କୁ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ପ୍ରଧାନାଚାର୍ଯ୍ୟଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଛାତ୍ରଛାତ୍ରୀମାନଙ୍କର ଏହି ସଫଳତା ପାଇଁ ଉଚ୍ଚପ୍ରଶଂସା କରିବା ସହ ସେମାନଙ୍କ ଭବିଷ୍ୟତ ମଙ୍ଗଳ କାମନା ପୂର୍ବକ ମାନପତ୍ରାଦି ପ୍ରଦାନ କରିବା ସଙ୍ଗେ କୃତି ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି ।

# ଅଗ୍ନିବୀର ଓ ସ୍ଥଳ ସେନା ଅଧିକାରୀ ନିଯୁକ୍ତି ନେଇ ଆଲୋଚନା

ଆସିକା,୨୧।୮(ନି.ପ୍ର): ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରପ୍ରସାଦ ଶତପଥୀଙ୍କ ପୌରହିତ୍ୟରେ ଏବଂ ବୃତ୍ତିଗତ ପରାମର୍ଶ ପ୍ରକୋଷ୍ଠ ପକ୍ଷରୁ ଭାରତୀୟ ସ୍ଥଳ ବାହିନୀର ଅଗ୍ନିବୀର ଏବଂ ସ୍ଥଳ ସେନା ଅଧିକାରୀ ନିଯୁକ୍ତି ପାଇଁ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଓ ପ୍ରତ୍ୟାଲୋଚନା କାର୍ଯ୍ୟକ୍ରମ ଅଡିଓ ଭିଜୁଆଲ ପ୍ରକୋଷ୍ଠରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ମାନବ ସମ୍ବଳ ବ୍ୟକ୍ତିତ୍ୱ ରୂପେ ଗୋପାଳପୁର ଆର୍ମି କ୍ୟାଣ୍ଟନମେଣ୍ଟର ଲେଫ୍ଟନେଣ୍ଟ କର୍ଣ୍ଣେଲ୍ କଲ୍ୟାଣ କୁମାର ଏବଂ ସମ୍ମାନିତ ଅତିଥିରୂପେ ବ୍ରହ୍ମପୁର ଉପଖଣ୍ଡ, ଗଞ୍ଜାମର ରୋଜଗାର ଅଧିକାରୀ ଭୁବନେଶ୍ୱର ମହାପାତ୍ର ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ସମସ୍ତ ଅତିଥିଙ୍କୁ ସ୍ବାଗତ କରିଥିଲେ। ଆବାହକ ଶୁଭେନ୍ଦୁ କୁମାର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେଶ ପାଇଁ ଉତ୍ସର୍ଗୀକୃତ ହେବା ପାଇଁ ଅଗ୍ନିବୀର ଏବଂ ସ୍ଥଳ ସେନା ଅଧିକାରୀ ପଦବୀ କେତେ ମହତ୍ତ୍ୱ ରଖୁଛି ତାହାର ବିସ୍ତୃତ ବିବରଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପିପିଟି ଶୋ ମାଧ୍ୟମରେ ଅବଗତ କରିଥିଲେ ମୁଖ୍ୟ ଅତିଥି। ସମ୍ମାନିତ ଅତିଥି ଶ୍ରୀ ମହାପାତ୍ର ସମସ୍ତ ନିଯୁକ୍ତି ନିମନ୍ତେ କ୍ୟୁଆର କୋଡ଼ ମାଧ୍ୟମରେ କିପରି ପଞ୍ଜୀକୃତ କରିପାରିବେ, ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପକ ବିଭୂତିଭୂଷଣ ବେବର୍ତ୍ତା,




ପ୍ରାଶାସନିକ ଅଧିକାରୀ ଡ. ଅଭୟକେଶରୀ ପରିଚ୍ଛା ପଟ୍ଟନାୟକ, ବରିଷ୍ଠ ଅଧ୍ୟାପକ ବିଘ୍ନରାଜ ପାଢ଼ୀ, କାର୍ଯ୍ୟକ୍ରମ ଆବାହକ ଶୁଭେନ୍ଦୁ କୁମାର ରଥ ମଞ୍ଚାସୀନ ଥିଲେ। ଶୈକ୍ଷିକ ଅଧିକାରିଣୀ ଡ. ନନ୍ଦିତା ଦାଶଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇପାରିଥିଲା ମଞ୍ଚ ସାଜସଜ୍ଜା ଦାୟିତ୍ୱରେ ଥିଲେ ବୃତ୍ତି ପରାମର୍ଶ ସଦସ୍ୟ ଅଧ୍ୟାପକ ଚନ୍ଦନ ମାରାଣ୍ଡି ଏବଂ ଅଧ୍ୟାପିକା ରଶ୍ମିପ୍ରୀୟା କାଲୋ। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସାହାଯ୍ୟ କରିଥିଲେ ଏନସିସି ସିଟିଓ ଅଧ୍ୟାପକ ଚିତ୍ରସେନ ବେହେରା, ଅଧ୍ୟାପକ ସରୋଜ କୁମାର ପଣ୍ଡା, ଅଧ୍ୟାପକ ରାଜେଶ୍ କୁମାର ସାହୁ, ଯାନ୍ତ୍ରିକ ପ୍ରମୋଦ କୁମାର ସାହୁ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ଅଗ୍ନିବୀର ଏବଂ ସ୍ଥଳ ସେନା ଅଧିକାରୀ ଯୋଗ୍ୟତାଭିତିକ ଲିଫଲେଟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିବାର ନଜିର ରହିଛି। ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକ୍ରମ ଆବାହକ ଶ୍ରୀ ରଥ।

# ଗଞ୍ଜାମ ଜିଲ୍ଲା ମୁଖ୍ୟାଳୟର ପୁରୁଣା କୋଠାଭଙ୍ଗାରେ ଫଳକ ସୁରକ୍ଷିତ ଜରୁରୀ

ଛତ୍ରପୁର,୨୧।୮(ନି.ପ୍ର): ବ୍ରିଟିଶ ଶାସନ କାଳରେ ପରିଚାଳିତ ହୋଇ ଆସିଥିବା ପୁରାତନ ଗଞ୍ଜାମ ଜିଲ୍ଲାପାଳଙ୍କ କୋଠା ଏବେ ଏକ ସପ୍ତାହ ହେଲା କୌଣସି ଏକ ଠିକା ସଂସ୍ଥା ଦ୍ୱାରା ଭଙ୍ଗା ହେବା ଆରମ୍ଭ ହୋଇଛି।ପୂର୍ବେ ଏହା ସିମେଣ୍ଟ ଚାଦର ଘରେ ବ୍ରିଟିଶ ଶାସନ କାଳରେ କାର୍ଯ୍ୟାଳୟ ଏବଂ କୋର୍ଟହଲ ପରିଚାଳିତ ହୋଇ ଆସୁଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ୧୯୯୯ ମସିହାରେ ମହାବାତ୍ୟା ସମୟରେ ଏହି କୋଠା ଭାଙ୍ଗି ଯିବା ପରେ ଏହି କୋଠାର ନିର୍ମାଣ କରାଯାଇ ବଡ଼ ଧରଣର ଛାତ ପଡ଼ିଥିଲା । ଅଦ୍ୟାବଧି ଏହି କୋଠା କ୍ୟାମ୍ପସ ପରିସରରେ ବହୁ ପୁରୁଣା କାଳର ବୋଲି ତଥ୍ୟ ମିଳି ପାରୁଥିଲା । ପୁରୁଣା ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କ୍ୟାମ୍ପସ ପରିସରରେ ବ୍ରିଟିଶ ଶାସନ କାଳରେ ନିର୍ମିତ ହୋଇଥିବା କୋଠାର ଫଳକ ସୁରକ୍ଷିତ ହୋଇ ରହିଥିଲା । ସେହି ଫଳକ ସୁରକ୍ଷିତ ରଖିବା ନିହାତି ଜରୁରୀ ଆବଶ୍ୟକ ବୋଲି ବହୁ ବିଶେଷଜ୍ଞମାନେ ମତ ଦିଅନ୍ତି । ଏହି ଫଳକରୁ ଅନେକ ଐତିହାସିକ ତଥ୍ୟ ମିଳେ । ଯାହାକି ବ୍ରିଟିଶ ଶାସନ କାଳର ବୋଲି ଗଞ୍ଜାମ କଲେକଟ୍ରେଟ୍‌ରୁ ପ୍ରମାଣ ମିଳିଥିଲା । ତେଣୁ ଏବେ ଭଙ୍ଗା ଯାଉଥିବା ପୁରୁଣା ଗଞ୍ଜାମ କଲେକଟ୍ରେଟ୍ କୋଠାର ସମସ୍ତ ମାର୍ବଲ ଫଳକ ଗ୍ରାନାଇଟ,ଓ ଅନ୍ୟାନ୍ୟ ପ୍ରସ୍ତର ନିର୍ମିତ ଫଳକ ବାହାର କରି ସୁରକ୍ଷିତ ରଖିବା ନିହାତି ଆବଶ୍ୟକ ଓ ଏହା ପୁଣି ନୂତନ ପ୍ରାଶାସନିକ କୋଠାରେ ଏକ ନିର୍ଦ୍ଦିଷ୍ଟ କାନ୍ଥରେ ସ୍ଥାପନ କରିବାକୁ ବହୁ ଗଣ୍ୟମାନ୍ୟ ଚିନ୍ତାଶୀଳ ଜନନାୟକଙ୍କ ପକ୍ଷରୁ ଦୃଢ଼ ଦାବୀ ହେଉଛି । ତେଣୁ ଉଚ୍ଚକର୍ତ୍ତୃପକ୍ଷ ତଥା ଗଞ୍ଜାମ ଜିଲ୍ଲାପାଳ ଓ୍ୱି. କୀର୍ତ୍ତି ଭାସନ ଏ ଦିଗରେ ବିଶେଷ ଧ୍ୟାନ ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।




# ଗଞ୍ଜେଇ ଜବତ: ଯୁବତୀଙ୍କ ସହ ୪ ଗିରଫ

ଭଞ୍ଜନଗର,୨୧।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଓ ତାରସିଂ ପୁଲିସ ଥାନା ଇଲାକାର ପୃଥକ ସ୍ଥାନରୁ ଗୁରୁବାର ୪୮ କେଜି ଗଞ୍ଜେଇ ସହ ଦୁଇଟି ବାଇକ୍ ଜବତ କରିଛି। ଉଭୟ ଘଟଣାରେ ପୋଲିସ କନ୍ଧମାଳ ଜିଲ୍ଲା ଟିକାବାଲି ଅଞ୍ଚଳର ସୁବ୍ରତ ପ୍ରଧାନ ଓ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ବିଜୟ ସାହୁ ଏବଂ କନ୍ଧମାଳ ଜିଲ୍ଲାର ରାଜେଶ ସେଠୀ ଓ ପୁରୀ ଜିଲ୍ଲାର ରୁପାଲୀ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୁଚନାନୁସାରେ, ଗୁରୁବାର ତାରସିଂ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ଅଭୟ କୁମାର ପ୍ରଧାନ ଥାନା କର୍ମଚାରୀଙ୍କ ସହ ଥାନା ଅଞ୍ଚଳରେ ପାଟ୍ରୋଲିଂ ସମୟରେ ହରିଗଡ଼ ଓ ନୂଆପଲ୍ଲୀ ମଧ୍ୟସ୍ଥ 'ମେଘା ପ୍ରୋଜେକ୍ଟ' ନିକଟରେ ଦୁଇଜଣ ବ୍ୟକ୍ତିଙ୍କୁ ଅଟକାଇଥିଲେ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୨୫ କେଜି ୬୦୦ ଗ୍ରାମ, ଗଞ୍ଜେଇ, ଗୋଟିଏ ମୋବାଇଲ୍ ଫୋନ୍, ୧୪୦୦ ଟଙ୍କା, ଗୋଟିଏ ମୋଟରସାଇକେଲ୍ ଜବତ କରାଯାଇଥିଲା। ପରେ ସହକାରୀ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଭଞ୍ଜନଗର ଥାନା ଅଧିକାରୀ ଜିବନାନନ୍ଦ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ଥାନା ଅଞ୍ଚଳରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ/ବ୍ଲକିଂ ଡ୍ୟୁଟି ଚାଲିଥିବା ସମୟରେ ଡହ ପୋଲ ନିକଟରେ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପେଟ୍ରୋଲିଂ ଟିମ୍ ଅଟକ ରଖିଥିଲେ। ଯାଞ୍ଚ ବେଳେ ସେମାନେ ଧରିଥିବା ନୀଳ ରଙ୍ଗର ଜରି ବ୍ୟାଗ୍ ରୁ ୨୨.୮୯୦ କିଲୋଗ୍ରାମ ବେଆଇନ ଗଞ୍ଜେଇ ମିଳିଥିଲା। ପରେ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ଅବିନାଶ ମହାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜିବନାନନ୍ଦ ଜେନା ସୁଚନା ଦେଇଛନ୍ତି।

# ଖଲାସୀଙ୍କ ସମସ୍ୟା ସମାଧାନ ଓ ଆର୍‌ଏମ୍ସି ବ୍ୟବସ୍ଥା ସୁଧାର ପାଇଁ ଦାବି

ପାରଳାଖେମୁଣ୍ଡି,୨୧।୮(ନି.ପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ଖଲାସୀମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖଲାସୀ ସଂଘ ପକ୍ଷରୁ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଏଥିସହ ଆର୍‌ଏମ୍ସି ବ୍ୟବସ୍ଥାରେ ସୁଧାର ଆଣିବା ସହ ଖଲାସୀମାନଙ୍କ ପାଇଁ ଆବଶ୍ୟକ ମୌଳିକ ସୁବିଧା ଯୋଗାଇଦେବାକୁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି।



ସୂଚନା ଅନୁସାରେ, ଖଲାସୀମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ବିଶେଷକରି ନିଜର ସାମଗ୍ରୀ ରଖିବା ଓ କାର୍ଯ୍ୟ ସୁବିଧା ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଦାମ ଗୃହର ଆବଶ୍ୟକତା ରହିଛି। ହାଟପଦା ନିକଟରେ ଥିବା ଏକ ପୁରୁଣା ଗୋଦାମ ଗୃହର ପୁନରୁଦ୍ଧାର କରାଯାଇଥିଲେ ମଧ୍ୟ ତାହା ଖଲାସୀମାନଙ୍କ କାର୍ଯ୍ୟରେ ବ୍ୟବହାର ହୋଇପାରୁନଥିବା ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଖଲାସୀ ସଂଘର ସଦସ୍ୟମାନେ ବିଧାୟକ ରୂପେଶ ପାଣିଗ୍ରାହୀଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଗୁହାରି ଜଣାଇଥିଲେ। ଗୋଦାମ ଗୃହ ବ୍ୟବହାର ପାଇଁ ଖଲାସୀମାନଙ୍କୁ ଅନୁମତି ପ୍ରଦାନ, ଆର୍‌ଏମ୍ସି ବ୍ୟବସ୍ଥାରେ ଆବଶ୍ୟକ ସୁଧାର, ଖଲାସୀମାନଙ୍କ କାର୍ଯ୍ୟ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ଓ ସେମାନଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ଭଳି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଖଲାସୀ ସଂଘର ଦାବି ଶୁଣିବା ପରେ ବିଧାୟକ ରୂପେଶ ପାଣିଗ୍ରାହୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ବିଧାୟକ ସଂଘର ସଦସ୍ୟମାନଙ୍କୁ ଜଣାଇଛନ୍ତି।ତେଣୁ ଆଗାମୀ ଦିନରେ ପ୍ରଶାସନିକ ସ୍ତରରେ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବା ନେଇ ଖଲାସୀମାନେ ଆଶା କରିଛନ୍ତି।

# ମାଟି ତଳୁ ବିଧବାଙ୍କ ମୃତଦେହ ଉଦ୍ଧାର

ସୋରଡା,୨୧।୮(ନି.ପ୍ର): ଜଙ୍ଗଲରେ ମାଟି ତଳୁ ବିଧବାଙ୍କ ମୃତଦେହ ଉଦ୍ଧାର। ତାଙ୍କୁ ମାରିବା ପରେ ଘୋଷାଡ଼ି ଘୋଷାଡ଼ି ପୁଟଡିହ ଜଙ୍ଗଲ ଭିତରକୁ ନେଇ ମାଟି ଭିତରେ ପୋତି ଦେଇଥିଲେ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ସୋରଡା ଥାନା ସାପଡିହ ଗ୍ରାମରେ । ମୃତକ ହେଲେ ସାପଡିହ ଗାଁର ପୂର୍ଣ୍ଣବାସି ମଲ୍ଲିକ। ସୂଚନା ମୁତାବକ ପୂର୍ଣ୍ଣବାସୀ ଗତକାଲି ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଇ ସେ ଆଉ ଘରକୁ ଫେରି ନଥିଲେ । ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ଜଙ୍ଗଲରେ ଏକ ମୃତଦେହ ପୋତା ହୋଇଥିବା ଦେଖିଥିଲେ ସ୍ଥାନିୟ ଲୋକେ। ସୂଚନା ପାଇବା ପରେ ଘଟଣା ସ୍ଥଳରେ ସୋରଡାଉ ପୋଲିସ ପହଞ୍ଚିଲା । ପରବର୍ତ୍ତୀ ସମୟରେ ଆସିକା ଏସଡିପିଓ, ଅତିରିକ୍ତ ମାଜିଷ୍ଟ୍ରେଟ ଓ ସାଇଣ୍ଟିଫିକ୍ ଟିମ୍‌ର ଉପସ୍ଥିତିରେ ମୃତକଙ୍କୁ ମାଟି ତଳୁ ବାହାର କରାଗଲା । ମୃତକ ଜଣକ ପୂର୍ଣ୍ଣ ବାସୀ ମଲ୍ଲିକ ଉପସ୍ଥିତ ଥିବା ଘର ଲୋକ ଚିହ୍ନଟ କରିଥିଲେ। ହେଲେ ପୂର୍ଣ୍ଣ ବାସୀଙ୍କ ମୃତ୍ୟୁର ପ୍ରକୃତ କାରଣ ତାହା ଶବ ବ୍ୟବଚ୍ଛେଦ ପରେ ଜଣା ପଡିବ କହିଛନ୍ତି ଆସିକା ଏସଡିପିଓ। ହେଲେ ପୂର୍ଣ୍ଣବାସୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ଘର ଲୋକ । ଏ ନେଇ ସୋରଡା ପୋଲିସ ଜଣଙ୍କୁ ଅଟକ ରଖି ପଚାରାଉଚୁରା କରୁଥିବା ଜଣାପଡ଼ିଛି ।



# କୁଠାରି ବଂଶ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା

ହିଞ୍ଜିଳିକାଟୁ,୨୧।୮(ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଗୌଡ ଗାଁ ନିବାସୀ ଗୋବିନ୍ଦ ମହାରଣାଙ୍କ ଅକାଳ ବିୟୋଗ ହୋଇଥିଲା। ଘୋର ଆର୍ଥିକ ଅନଟନ ଭିତରେ ସେ କୌଳିକ ବୃତ୍ତି ଆପଣେଇ ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ତାଙ୍କ ବିୟୋଗ ପରେ ପରିବାର ପୁରା ଭାଙ୍ଗିପଡ଼ିଛି। ସେ କୁଠାରି ବଂଶର ସଦସ୍ୟ ଥିଲେ। ତାଙ୍କ ବିୟୋଗ ଖବର ପାଇ ଶୁକ୍ରବାର ଗଞ୍ଜାମ ଜିଲ୍ଲା କୁଠାରି ବଂଶ ସଭାପତି ସୀମାଞ୍ଚଳ ମହାରଣାଙ୍କ ନେତୃତ୍ୱରେ ସମ୍ପାଦକ ଅଜିତ କୁମାର ମହାରଣା, ସହ ସମ୍ପାଦକ ପ୍ରଦୀପ କୁମାର ମହାରଣା ଓ କୋଷାଧ୍ୟକ୍ଷ କାଳୁ ମହାରଣା ଗୌଡଗାଁରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ । କର୍ମକର୍ତ୍ତାମାନେ କୁଠାରି ବଂଶ କଲ୍ୟାଣ ପାଣ୍ଠିରୁ ୫ ହଜାର ଟଙ୍କା ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



# ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ

ହିଞ୍ଜିଳିକାଟୁ,୨୧।୮(ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସନ୍ଥ ଶିରୋମଣି ଗୁରୁ ରବିଦାସ ମହାରାଜଙ୍କ ୬୫୦ ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଗତ ଜୁଲାଇ ୨୯ ତାରିଖରୁ ଆସନ୍ତା ବର୍ଷ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ସନ୍ଥ ଶିରୋମଣି ଗୁରୁ ରବି ଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ ଦେଶବ୍ୟାପୀ ପାଳନ କରାଯାଉଛି। ଏହି କ୍ରମରେ ହିଞ୍ଜିଳିକାଟୁ ସ୍ଥିତ ବିଜେପି ଆସ୍କା ସାଂଗଠନିକ ଜିଲ୍ଲା ପକ୍ଷରୁ ଗୁରୁବାର ଏକ ଭବ୍ୟ କାର୍ଯ୍ୟକ୍ରମ ପୌରାଞ୍ଚଳ ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିକାଶ ସେଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ଜିଲ୍ଲା ପ୍ରଭାରୀ ପ୍ରକାଶ ମଙ୍ଗରାଜ, ଖଲ୍ଲିକୋଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ଅନୁସୂଚିତ ଜାତି ରାଜ୍ୟ ସମ୍ପାଦକ ମନୋରଞ୍ଜନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ମହନ୍ତ ଚିନ୍ମୟାନନ୍ଦ ଦାଶ ମହାରାଜ, ରାଜ୍ୟ ପରିଷଦ ସଦସ୍ୟ ମାଧବ ଗୌଡ, ଯୁବ ମୋର୍ଚ୍ଚା ସଭାପତି ଅଜିତ ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ମନୋଜ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଯଜ୍ଞ ନାରାୟନ ଦାଶ, ଜିଲ୍ଲା ସାଧାରଣ ସମ୍ପାଦକ ହୃଷିକେଶ ସାହୁ, ଜିଲ୍ଲା ଉପ ସଭାପତି ଜଗନ୍ନାଥ ଭୂୟାଁ, କାର୍ଯ୍ୟକ୍ରମ ସଂଯୋଜକ ସରୋଜ ଭଞ୍ଜ, ଜୟସେନ ପ୍ରଧାନ ଓ ସ୍ୱପ୍ନା ପ୍ରଧାନ, ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ପାଣିଗ୍ରାହି, ଅରୁଣ ଖୁଣ୍ଟିଆ ଓ ଶ୍ରୀକାନ୍ତ ମହାପାତ୍ର, ଜିଲ୍ଲା ସମ୍ପାଦକ ଆଭା ପରିଡ଼ା ଓ ଗୋପାଳ ମଲ୍ଲିକ, ହିଞ୍ଜିଳି ଅନୁସୂଚିତ ଜାତି ସଭାପତି ପଞ୍ଚାନନ ଦାସ ଏବଂ ବିଭିନ୍ନ ମଣ୍ଡଳର ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରୁ ପିତ୍ର କଳସ ଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇ ନଗର ପରିକ୍ରମା କରି ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ପହଞ୍ଚିଥିଲା। ଅତିଥି ମାନେ ବରପୁତ୍ରଙ୍କ ତୈଳ ପ୍ରତିକୃତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିମାନେ ବକ୍ତବ୍ୟରେ ଦେଶରେ ସନାତନ ଧର୍ମର ସୁରକ୍ଷା, ସଂସ୍କୃତି, ଐତିହ୍ୟ, ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସନ୍ଥ ଶିରୋମଣି ଗୁରୁ ରବି ଦାସ ଆଜୀବନ ସଂଗ୍ରାମ ଜାରି ରଖି ଯୁଗୋପଯୋଗୀ ନିଷ୍ପତ୍ତି ନେଇଥିଲେ। ସେ ଜୀବନ ସାରା ସମରସତାର ବାର୍ତ୍ତା ପ୍ରଦାନ କରି ସମାଜରୁ ଛୁଆଁ ଅଛୁଆଁ, ଅସ୍ପୃଶ୍ୟତା, ଭେଦ ଭାବ ଦୂର କରିବା ସହ ପରିବର୍ତ୍ତନ କରିବାର ଆତ୍ମ ବିଶ୍ୱାସ, ପ୍ରତିବଦ୍ଧତା ଏବଂ ଧୈର୍ଯ୍ୟ ବଜାୟ ରଖି ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରିଥିଲେ। ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଓ ଜନ ସମ୍ପର୍କମୂଳକ କାର୍ଯ୍ୟକ୍ରମ ଆୟୋଜନ ହେବ। ଏଣୁ ସନ୍ଥ ରବି ଦାସ ମହାରାଜଙ୍କ ଆଦର୍ଶ ଓ ସମାଜ ପ୍ରତି ତାଙ୍କ ବାର୍ତ୍ତାକୁ ଗାଁ ଗାଁର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ସଫଳ ପ୍ରୟାସ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ।





## AFFIDAVIT

By virtue of an affidavit No. 63, Dt. 12.08.2026, sworn before Executive Magistrate, Bhubaneswar, I, K Santi, W/o- K Sibu, resident of plot no. 186 At/Po/Ps-Bharatpur, Bhubaneswar, Dist-Khordha, Odisha, Pin-751003, declare that I have changed the name of my minor daughter from K Anna (old name) to K Hannah (new name). Henceforth, She shall be known as K Hannah for all purposes.

K santi
Deponent

## AFFIDAVIT

By virtue of an affidavit No. 2444, Dt. 21.08.2026, sworn before Executive Magistrate, Phulbani, Kandhamal I, Abhishek Digal, S/o-Dumbera Digal, Vill-Glata, Po-Pahiraju, Ps-Gochhapada, Dist-Kandhamal, Odisha, Pin-762002, declare that I have changed the name of my minor daughter from Dibyajyoti Digal (old name) to Glory Digal (new name). Henceforth, she shall be known as Glory Digal for all purposes.

Abhishek Digal
Deponent

## AFFIDAVIT

By virtue of an affidavit No. 2682, Dt. 20.08.2026, sworn before Executive Magistrate, Champua, I, Mahatab Bentakar, S/o-Dasana Bentakar, At/Po-Gumura, Ps-Jhumpura, Dist-Kendujhar, Odisha, Pin-758047, declare that I have changed the name of my minor Son from Gulden Bentakar (old name) to Gulshan Bentakar (new name). Henceforth, He shall be known as Gulshan Bentakar for all purposes.

Mahatab Bentakar
Deponent

## AFFIDAVIT

By virtue of an affidavit No. 05, Dt. 20.08.2026, sworn before Executive Magistrate, Keonjhar, I, Gurucharan Dehury, S/o- Suka Dehury, Vill/Po-Padampur, Ps-Sadar, Dist-Keonjhar, Odisha, Pin-758013, declare that I have changed my name from Kanda Patra (old name) to Guruchran Dehury (new name). Henceforth, I shall be known as Gurucharan Dehury for all purposes.

Gurucharan Dehury
Deponent

## AFFIDAVIT

By virtue of an affidavit No. 04, Dt. 20.08.2026, sworn before Executive Magistrate, Keonjhar, I, Ugresan Behera, S/o- Gajendra Behera, Vill- PWD Colony, Barbil, Po-Barbil, Ps-Barbil, Dist-Keonjhar, Odisha, Pin-758035, declare that I have changed my name from Ugresen Behera (old name) to Ugresan Behera (new name). Henceforth, I shall be known as Ugresan Behera for all purposes.

Ugresan Behera
Deponent

## AFFIDAVIT

By virtue of an affidavit No. 03, Dt. 19.08.2026, sworn before Executive Magistrate, Keonjhar, I, Rita Nayak, W/o- Mahendra Nayak, Vill-Purujoda, Po-Kaliahota, Ps-Telkoi, Dist-Keonjhar, Odisha, Pin-758076, declare that I have changed the name of my minor daughter from Amirita Nayak (old name) to Debasmita Nayak (new name). Henceforth, she shall be known as Debasmita Nayak for all purposes.

Rita Nayak
Deponent

## AFFIDAVIT

By virtue of an affidavit No. 13, Dt. 15.04.2026, sworn before Executive Magistrate, Brahmagiri, Puri, I, Tukuna Jena, S/o- Late- Kedar Bhoi, Vill- Mirjapur, Po-Bhagabanapur, Ps-Brahmagiri, Dist-Puri, Odisha, declare that I have changed my name from Tukuna Bhoi (old name) to Tukuna Jena (new name). Henceforth, I shall be known as Tukuna Jena for all purposes.

Tukuna Jena
Deponent



## OFFICE OF THE EXECUTIVE ENGINEER, RWS&S DIVISION, KENDRAPARA.
At: Ichhapur, Post: Shree Baladevjew,
Email: eerwsskendrapara@gmail.com
Identification No.RWS/07/2026-27
Letter No. 2431/ Dated. 21/08/26

### 1st Corrigendum

This corrigendum has been made for the NIT-07 invited online vide this office letter No. 2324/Dated. 14.08.2026 with date of selling on dt. 21.08.2026, date of clarification on dt. 24.08.2026, date of closing on dt. 31.08.2026 and date of opening on dt. 01.09.2026 against which the date has been modified due to unavoidable circumstances as mentioned below. All other terms and condition remain unaltered.

| Sl. No | Date of selling, Closing and Opening as per NIT-07 of 2026-27 | Revise date of selling to start from | Revised date of Clarification till | Revised date of closing | Revised date of Popening |
|---|---|---|---|---|---|
| 1 | Date of selling :21.08.2026<br>Date of Clarification: 24.08.2026<br>Date of Closing :31.08.2026<br>Date of Opening:01.09.2026 | 25.08.2026 | 29.08.2026 | 03.09.2026 | 05.09.2026 |

Caption No: 25001/1003/2627

Sd/-
(Er. Sujit Kumar Lugun)
Executive Engineer RWS&S Division, Kendrapara

## Office of the Superintending Engineer, Mahanadi South Division-I Kataka -cum- Member Secretary, Odisha State Maritime Museum, Jobra, Kataka
E-mail:- eemsdcuttack@gmail.com,
Phone No. 0671 -2414425

### Tender Call Notice No-01/2026-27 (OSMM)

Percentage Rate double cover tender (Cover I Technical bid & Cover II Financial bid) through online are invited from intended bidders / trading firms of reputed agencies/ firms in association with their dealers/ Institutions / Parties having desired experience as mentioned in the Detailed Tender Call Notice for execution of the work " Maintenance of Aquarium at Odisha State Maritime Museum, Jobra, Kataka" for 01 (One) year.

| Sl No | Name of the Work | Tender Cost | Period of completion | Cost of tender Paper | EMD in Rs. |
|---|---|---|---|---|---|
| 1 | Maintenance of Aquarium at Odisha State Maritime Museum, Jobra, Kataka" for 01 (One) year. | Rs. 51.72 Lakh | 12 (Twelve Calander months) | Rs. 10,000.00 (online) | Rs. 51,720.00 |

Critical dates for tender processing is as follows;

| | | |
|---|---|---|
| 1 | Date of sale and receipt of Bid document | From 25.08.2026 to 08.09.2026 since 5.00 P.M. online. |
| 2 | Date of Pre-bid meeting | On 07.09.2026 in the office chamber of the Member Secretary, OSMM, Kataka-Cum-Superintending Engineer, MSD-I, Kataka. |
| 3 | Date and time of opening of tender Venue- O/o the Member Secretary, OSMM -Cum-SE,MSD-I, Kataka. | Cover I -Technical Bid- 09.09.2026 at 12 Noon.<br>Cover II- Financial Bid- 21.09.2026 at 12 Noon.<br>If the office happens to be closed on the date of opening of the tender as specified the tender will be opened on the next working day at the same time and venue. |
| 4 | Tender Paper Cost | Rs. 10,000.00 to be remitted online. |

The tender document will be floated in the online portal i.e.www.tendersodisha.gov.in
All the Corrigendum/Notices or any other information if any will only be uploaded in the above mentioned Website along with the bidding portal i.e. www.tendersodisha.gov.in

Caption No: 32001/723/2627

Sd/-
Superintending Engineer
Mahanadi South Division No.I- Cum-Member Secretary, OSMM, Kataka

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RWS&S DIVISION, NABARANGPUR
E-Mail: eerwssngp@gmail.com

### Bid Identification No. 08/RWSS-NGP/2026-27/Date:20-08-2026

The Executive Engineer, RWS&S Division, Nabarangpur on behalf of the Governor of Odisha invites Percentage Rate Bids in Single cover (P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website www.tenderorissa.gov.in separately for the works.

| | | |
|---|---|---|
| 1 | Nature of work. | SUPPLYING OF DRINKING WATER TO GOVT. (SSD)GIRL'S HIGH SCHOOL, BIJRAGUDA UNDER TENTULIKHUNTI BLOCK PERTAINING TO NABARANGPUR DISTRICT. |
| 2 | Time period for completion | One (1) Month. |
| 3 | Estimated Cost. | Rs. 32.00 Lakhs1 Nos. |
| 4 | Total Nos of works | 1 Nos. |
| 5 | Tender cost | Rs.6,000.00/- Each. |
| 6 | Class of Contractor | "C & B" |
| 7 | Availability of Bid document in the web site | Dt.25.08.2026 at 01.00 hours to 02.09.2026 up to 17.00 hours. |
| 8 | Last Date of Seeking clarification | During the Office hours of 01.09.2026 up to 01.00 hours |
| 9 | Date of Opening of Bid | Dt. 03.09.2026 at 11.00 AM |

*Note: The amount put to tender is exclusive of GST. The intending bidders should offer their rates which shall be exclusive of GST applicable as per norms. GST applicable on works contract shall be paid over the bill amount at the time of payment of bill.

Further details can be seen in the bidding documents which is available in the e-procurement portal https/www.tendersorissa.gov.in Subsequent corrigendum if required shall be appeared in the web site Authority reserves the right to reject any or all tenders without assigning any reason thereof.

Caption No: 25001/1001/2627

Sd/-
Superintending Engineer,
R.W.S&S. Division, Nabarangpur

# କେନ୍ଦ୍ରାପଡ଼ାରେ ୨ଲକ୍ଷ ୫୧ହଜାର ଲୋକ ବନ୍ୟା ପ୍ରଭାବିତ

କେନ୍ଦ୍ରାପଡ଼ା,୨୧।୮(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ଯୋଗାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି। ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ ଯଥା ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୨ଟି ୱାର୍ଡ ବନ୍ୟା ପ୍ରଭାବିତ ହୋଇଛି। ଏଥିରେ ୨,୫୧,୯୬୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି।



ବନ୍ୟା ପ୍ରଭାବିତ ଅଞ୍ଚଳରୁ ଏପର୍ଯ୍ୟନ୍ତ ୬,୩୫୦ ଜଣଙ୍କୁ ୩୧ଟି ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ଆଜି ୭ଟି କେନ୍ଦ୍ରରେ ୧,୨୬୦ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ମୋଟ ୩୮ଟି ମୁକ୍ତ ରୋଷେଇ/ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ସମୁଦାୟ ୬,୩୫୦ ଜଣ ହିତାଧିକାରୀ ଏହି ବ୍ୟବସ୍ଥାରୁ ଉପକୃତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ସେହିପରି ୬ଟି ଭେଟେନାରୀ ଟିମ୍ ମଧ୍ୟ ନିୟୋଜିତ ଅଛନ୍ତି।ବନ୍ୟା ପ୍ରଭାବିତ ଲୋକଙ୍କୁ ଜରୁରୀ ରିଲିଫ୍ ଭାବେ ଚାଉଳ, ଚୁଡ଼ା, ଗୁଡ଼/ଚିନି, ବିସ୍କୁଟ୍, ପାଣି ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ୮ଟି ପାୱାର ବୋଟ୍, ୧୩୭ଟି ଦେଶୀ ଡଙ୍ଗା ଏବଂ ୧୭ଟି ମେକାନାଇଜ୍ଡ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି। ବନ୍ୟା ପ୍ରଭାବରେ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି।

# ଧନେଶ୍ୱରଙ୍କ ଅବଶିଷ୍ଟ ଗଳ୍ପଧନ ଓ ମଉଳା ଜହ୍ନର ଅଲିଭା ଜୋଛନା ଲୋକାର୍ପିତ

ବାରିପଦା,୨୧।୮(ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଶାଦେବୀ ସ୍ମୃତିପରିଷଦ ଆନୁକୂଲ୍ୟରେ ତାଙ୍କ ରଚିତ ଓ ତତ୍ତ୍ୱ ମସି ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ସାମଲଙ୍କ ସମ୍ପାଦିତ ଗଳ୍ପପୁସ୍ତକ, ଧନେଶ୍ୱରଙ୍କ ଅବଶିଷ୍ଟ ଗଳ୍ପଧନ ଓ କବିତା ପୁସ୍ତକ ମଉଳା ଜହ୍ନର ଅଲିଭା ଜୋଛନା ସ୍ଥାନୀୟ ନହରପଦା ସ୍ଥିତ ସାଇ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ବର୍ଷିୟାନ ଇଞ୍ଜିନିୟର ରବୀନ୍ଦ୍ର ନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସେବାନିବୃତ୍ତ ପ୍ରଫେସର ଡଃ ମୋହିତ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି, ଡଃ ଅବନୀ କୁମାର କୁଣ୍ଡୁ ମୁଖ୍ୟ ବକ୍ତା, ଡଃ ସୁଶାନ୍ତ କୁମାର ବଶା ଗଳ୍ପ ପୁସ୍ତକର ସମୀକ୍ଷକ, ଶ୍ରୀମା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ କୁଂଜବନ ପୃଷ୍ଟି କବିତା ପୁସ୍ତକର ସମୀକ୍ଷକ ଭାବରେ ଓ ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡଃ ଶିଶିର କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ନିଜର କାଳଜୟୀ ସୃଷ୍ଟି ବଳରେ ସ୍ରଷ୍ଟା ସଂସାରରେ ଅମରତ୍ୱ ଲାଭ କରିଥାଏ ବୋଲି କହିଥିଲେ। କବି-କଥାକାର ଅଶୋକ କୁମାର ପଲେଇ ଅତିଥି ପରିଚୟ ପ୍ରଦାନ କଲାପରେ ମୁଖ୍ୟ ଅତିଥି ପୁସ୍ତକ ଦ୍ୱୟର ଶୁଭ ଲୋକାର୍ପଣ କରିଥିଲେ। ପରେ ସମ୍ପାଦକ ରାଜେନ୍ଦ୍ର ସାମଲ ପୁସ୍ତକ ଦୁଇଟି ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସମୀକ୍ଷକ ମାନେ ପୁସ୍ତକ ଦ୍ୱୟର ବିଷଦ ସମୀକ୍ଷା କରି ଲେଖକଙ୍କର ଉଚ୍ଚମାନର ସାହିତ୍ୟ ସର୍ଜନାର ଭୂୟସୀ ପ୍ରଶଂସା କରି ସ୍ୱର୍ଗତ ପଣ୍ଡା ତାଙ୍କର ସାରସ୍ୱତ ଅବଦାନ ଓ ଉତୁଙ୍ଗ ବ୍ୟକ୍ତିତ୍ୱ ପାଇଁ କାଳଜୟୀ ହୋଇଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଆଶିଷ କୁମାର ବଶା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱର୍ଗତ ପଣ୍ଡାଙ୍କର ପୁତ୍ର ଦେବକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଭାପତି ଇଂ ବେହେରା ଓ ପୁସ୍ତକର ପ୍ରଚ୍ଛଦଶିଳ୍ପୀ, ଅଦ୍ୱୈତ ପ୍ରସାଦ ବେହେରାଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ବାଲି ବୋଝେଇ ଟ୍ରାକ୍ଟର ଜବତ

ଖୁଣ୍ଟା,୨୧।୮(ନି.ପ୍ର): ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ବାଲି ଉଠାଇ ଗୁରୁବାର ବିଳମ୍ବିତ ରାତ୍ରୀରେ ବାହାରକୁ ଚାଲାଣ ହେଉଥିବା ବେଳେ ବୈଶିଙ୍ଗା – ଉଦଳା ରାସ୍ତାର ନୂଆସାହି ନିକଟରେ ଜବତ କରିଛି କୁଆମରା ପୋଲିସ। ଜବତ ହୋଇଥିବା ଟ୍ରାକ୍ଟରର ସଠିକ କାଗଜ ପତ୍ର ନଥିବା ମଧ୍ୟ ଜଣାପଡ଼ିଛି। କୁଆମରା ଫାଣ୍ଡିରେ ଟ୍ରାକ୍ଟରଟି ଅଟକ ରଖା ଯାଇଥିବା ବେଳେ ଗିରଫ ହୋଇଥିବା ସମ୍ପୃକ୍ତ ଚାଳକ ଖୁଣ୍ଟା ଥାନା ଅଞ୍ଚଳର ବୋଲି ଜଣାପଡିଛି। ଏନେଇ ଏକ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଚାଲିଥିବା ନେଇ କୁଆମାରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି କହିଛନ୍ତି।

### ସାର୍ବଜନୀନ ଉଦ୍ୟୋଗ କମିଶନରଙ୍କ ବଲାଙ୍ଗୀର ଗସ୍ତ

# ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା



ବଲାଙ୍ଗୀର,୨୧।୮(ନି.ପ୍ର): ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ସାର୍ବଜନୀନ ଉଦ୍ୟୋଗ ବିଭାଗ (ପବ୍ଲିକ ଏଣ୍ଟରପ୍ରାଇସ ଡିପାର୍ଟମେଣ୍ଟ)ର କମିଶନର-ତଥା-ଶାସନ ସଚିବ ମହମ୍ମଦ ସାଦ୍ଧିକ ଆଲମ୍ ଦୁଇ ଦିନିଆ ବଲାଙ୍ଗୀର ଜିଲ୍ଲା ଗସ୍ତ କରିଛନ୍ତି। ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚିବ ଶ୍ରୀ ଆଲମ୍‌ଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ସେଗୁଡ଼ିକର ସଫଳତା, 'ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ' ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଗୌରବ ଶିବାଜୀ ଇଶାଲ୍କର, ଅତିରିକ୍ତ ଜିଲ୍ଲାପାଳ ଡଃ ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶେଷ କରି 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା', 'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଅନ୍ତ୍ୟୋଦୟ ଗୃହ ଯୋଜନା', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା', ପାଇପ୍ ଜଳ ଯୋଗାଣ ଓ ପରିମଳ, 'ସେତୁ ବନ୍ଧନ ଯୋଜନା' ଏବଂ ଗ୍ରାମୀଣ ବିଦ୍ୟୁତୀକରଣ କାର୍ଯ୍ୟସୂଚୀର ସମୀକ୍ଷା ହୋଇଥିଲା। ଶିକ୍ଷା ଓ ଶିଶୁ ବିକାଶ କ୍ଷେତ୍ରରେ 'ପଞ୍ଚସଖା ଶିକ୍ଷା ସେତୁ', 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ', 'ପିଏମ୍ ଶ୍ରୀ ସ୍କୁଲ୍', କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗସ୍ତର ପ୍ରଥମ ଦିନରେ ସଚିବ ଶ୍ରୀ ଆଲମ୍ ପୁଇଁନ୍ତଲା ବ୍ଲକର ବାଇଁରାସର ସ୍ଥିତ ପି.ଡି.ଏସ୍. କେନ୍ଦ୍ର ପରିଦର୍ଶନ କରିବା ସହ 'ମିଶନ୍ କପା ଉତ୍ପାଦନଶୀଳତା' ଅଧୀନରେ ବୁଢ଼ୀସିଣ୍ଡୋଲ୍ (ଜାମଗାଁ) ଠାରେ ୮:୨ ଅନୁପାତରେ କାନ୍ଦୁଲ ଓ ଜଡ଼ା ବୋର୍ଡର ଫସଲ ସହ କପା ଚାଷ କ୍ଷେତ୍ରର ନିରୀକ୍ଷଣ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ସେ ବଲାଙ୍ଗୀର ପୌରପାଳିକା ଅନ୍ତର୍ଗତ ସ୍ମାର୍ଟ ପାର୍କ ଏବଂ ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପରିଦର୍ଶନ କରି ନାଗରିକ ସୁବିଧା ସୁଯୋଗର ଅନୁଧ୍ୟାନ କରିଥିଲେ। ଏହି ଅବସରରେ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଯୋଜନା ବିଭାଗ ଉପ-ନିର୍ଦ୍ଦେଶକ ଅଙ୍କିତ କୁମାର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

### କାଣୀ ଓ ବୈତରଣୀ ନଦୀ ବନ୍ଧ ଦୁର୍ବଳ

# ସ୍ଥିତି ଅନୁଧ୍ୟାନ କଲେ ଗୌତମ ରାୟ



ଦଶରଥପୁର,୨୧।୮(ନି.ପ୍ର): ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ଦଶରଥପୁର ବ୍ଲକର ୨୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଜଳ ଘେରରେ ଥିବାବେଳେ ଡୋବାବିଲ-ପାଟଣା ଘାଇ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼େଇ ଦେଇଛି। କାଣୀ ନଦୀରେ ଡୋବା ବିଲ-ପାଟଣା ଘାଇ ବନ୍ଧ ମରାମତି କରିବା କଷ୍ଟକର ହୋଇପଡ଼ିଥିବାବେଳେ କାଣୀ ନଦୀରେ ପୁଣି ଦେଖା ଦେଇଛି ୨ଟି ସ୍ଥାନରେ ବନ୍ଧ ଦବିବାର ଦୃଶ୍ୟ । ଡୋବାବିଲ ପାଖରେ ୧୦୦ଫୁଟ ପାଖାପାଖିର ଦୁଇଟି ସ୍ଥାନରେ ବନ୍ଧ ଦବି ଥିବାବେଳେ ଦୁହୁରାଅଣ୍ଟା ପଞ୍ଚାୟତ କୁଅଁରସାହି ନିକଟରେ ବୈତରଣୀ ନଦୀ ବନ୍ଧ ୧୦୦ଫୁଟ ଦବିଛି। ଯାଜପୁର ଜିଲ୍ଲା ପୂର୍ବତନ ବିଜେପି ସଭାପତି ଗୌତମ ରାୟ କାଣୀ ନଦୀ ବନ୍ଧ ବୁଲି ଦେଖିବା ସହିତ ଉକ୍ତ ସ୍ଥାନରେ ଦବି ଥିବା ବନ୍ଧରେ ନୂଆ ଘାଇ ନହେବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଳସେଚନ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଏହା ପରେ କୁଅଁରସାହି ନିକଟରେ ଦବିଥିବା ନଦୀ ବନ୍ଧ ବୁଲି ଦେଖିଥିଲେ। ଗୌତମ ରାୟଙ୍କ ସହିତ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସୁବାଷ ମହାନ୍ତି, ଦଶରଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, କଷ୍ପା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ନାୟକ, ବାପି ମହାନ୍ତି, ସବ୍ୟସାଚୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ପଞ୍ଚାୟତରେ ଡିଏଭି ପବ୍ଲିକ୍ ସ୍କୁଲର ବନ୍ୟା ସହାୟତା



କେନ୍ଦ୍ରାପଡ଼ା,୨୧।୮(ନି.ପ୍ର): ବନ୍ୟା ବିପନ୍ନଙ୍କ ନିକଟରେ ସହାୟତା ପହଞ୍ଚାଇବା ଉଦ୍ଦେଶ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ, କେନ୍ଦ୍ରାପଡ଼ା ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ତରଡିପାଳ ଗ୍ରାମପଞ୍ଚାୟତ ଓ ପେଣ୍ଡପାଳ ଗ୍ରାମପଞ୍ଚାୟତ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟର ବନ୍ୟା ସହାୟତା ଅଭିଯାନ ଚାଲିଛି। ବନ୍ୟା ପାଣି ଘେରି ରହିଥିବା ଅଞ୍ଚଳରେ ସେବାଦଳ ଡଙ୍ଗା ଯୋଗେ ଘର ଘର ବୁଲି ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚିଥିଲେ। ଏହି ସମୟରେ ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ଏହି ମାନବିକ ସେବା ଅଭିଯାନରେ ବରିଷ୍ଠ ସମାଜସେବୀ ମହମ୍ମଦ ଜାହିଦ ଖାନ ଓ ପ୍ରେମାନନ୍ଦ ବିଶ୍ୱାଳ ଯୋଗଦେଇ ବନ୍ୟା ବିପନ୍ନଙ୍କୁ ସହାୟତା ପହଞ୍ଚାଇବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ରିଲିଫ୍ ଅଭିଯାନ ପରିଚାଳିତ ହୋଇଥିଲା। ଦୁଇଟି ଗ୍ରାମପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକଙ୍କ ଦ୍ୱାରଦେଶରେ ଡଙ୍ଗା ଯୋଗେ ପହଞ୍ଚି ଆବଶ୍ୟକ ସାମଗ୍ରୀ ଯୋଗାଇବାର ଏହି ପ୍ରୟାସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାମଚନ୍ଦ୍ରପୁର,୨୧।୮(ନିପ୍ର): ଘସିପୁରା ଥାନା ବାଲିପାଳ ଗାଁର ଜୀତେନ୍ଦ୍ର ମହାରଣାଙ୍କ ଶୌଚାଳୟରୁ ତାଙ୍କ ପତ୍ନୀ ବବିତା ମହାରଣା(୩୦)ଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର। ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ। ଘଷିପୁରା ଥାନାରେ ମୃତ ବବିତାଙ୍କ ବାପ ଘର ଲୋକ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଶବ ଜବତ କରିବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ ବବିତାଙ୍କ ଘର ସୁକିନ୍ଦା ଥାନା ଖରଡି ଗାଁରେ, ହେଲେ ସେ ରାମଚନ୍ଦ୍ରପୁର ଥାନା କରଡାପାଳ (ପୁଲୁରିଗଡିଆ) ଗାଁର ଭରତ ମହାରଣାଙ୍କ ପୁଅ ଜିତେନ୍ଦ୍ର ମହାରଣାକୁ ପାଞ୍ଚବର୍ଷ ତଳେ ବିବାହ କରିଥିଲେ। ଉଭୟ ପତିପତ୍ନୀ ବାଲିପାଳ ବଜାରରେ ଏକ ଡ୍ରେସ ଦୋକାନ କରିବା ସହ ସେଠାରେ ଦୀର୍ଘ ଦିନ ହେଲା ରହି ଆସୁଥିଲେ।

### ପିଇଓ ସଂଘ ପକ୍ଷରୁ ବିଡିଓଙ୍କ ନିକଟରେ ଦାବି

# ଆକ୍ରମଣକାରୀ ଗିରଫ ନହେଲେ ଆନ୍ଦୋଳନ

ଦଶରଥପୁର,୨୧।୮(ନି.ପ୍ର): ଦଶରଥପୁର ବ୍ଲକର ସର୍ବାଧିକ ବନ୍ୟା ପ୍ଲାବିତ ପଞ୍ଚାୟତ କୟାଁ ପଞ୍ଚାୟତର ପିଇଓ ପ୍ରଶାନ୍ତ କୁମାର ମିଶ୍ର କୟାଁ ପଞ୍ଚାୟତକୁ ରିଲିଫ ସାମଗ୍ରୀ ଚୁଡା ଗୁଡ ଓ ପିଇବା ପାଣି ନେଇ ଯାଉଥିବା ବେଳେ ଗୁରୁବାର ଦିନ ପ୍ରାୟ ୧୧ଟା ସମୟରେ ଦୁବକଣ-ଲାଲବାଗ ଜାତୀୟ ରାଜପଥ ମଝିରେ ଦୁବକଣ ଗ୍ରାମର ସତ୍ୟରଞ୍ଜନ ନାୟକ (ମନ୍ତ୍ରୀ), ମନୋରଞ୍ଜନ ଯେନା ଓ ଅଞ୍ଜନ ସାହୁ ୩ ଜଣ ମିଶି ପିଇଓ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ପ୍ରକାର ଗାଳି ଗୁଲଜ କରିବା ସହ କିଳା ଓ ଧାରୁଆ ଅସ୍ତ୍ର ଦ୍ୱାରା ମରଣାତ୍ମକ ଆକ୍ରମଣ କରିଥିବା ନେଇ ପିଇଓ ଶ୍ରୀ ମିଶ୍ର ମଙ୍ଗଳପୁର ଥାନାରେ ଗତକାଲି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ମଙ୍ଗଳପୁର ପୋଲିସ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇପାରିନାହିଁ। ସେହିପରି ଆକ୍ରମଣ କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଲେ ଦଶରଥପୁର ବ୍ଲକର ପିଇଓ ସଙ୍ଘ ରିଲିଫ ପରିଚାଳନା କାର୍ଯ୍ୟରେ ସହଯୋଗ କରିବ ନାହିଁ ବୋଲି ଶୁକ୍ରବାର ସଂଘ ତରଫରୁ ବିଡ଼ିଓ ଆକାଶ ପଟ୍ଟନାୟକଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି।



# ବନ୍ୟା ବିପନ୍ନଙ୍କ ପାଇଁ ଦେବଦୂତ ସାଜିଲେ ସମାଜସେବୀ ଅଲକା ଜେନା

ଜଳେଶ୍ୱର,୨୧।୮(ନି.ପ୍ର): ପ୍ରକୃତିର କରାଳ ରୂପ ଆଗରେ ଆଜି ଅସହାୟ ମଣିଷ। ବନ୍ୟାର ବିଭିଷିକା ସାରା ଓଡିଶାରେ ହାହାକାର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଉତ୍ତର ବାଲେଶ୍ୱର ଜିଲ୍ଲାର ପ୍ରଭାବିତ ଅଞ୍ଚଳ ଗୁଡିକରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇ ପଡିଛି। ବିଶେଷ କରି ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଖାଲିନା ଗ୍ରାମପଞ୍ଚାୟତର ଖାଲିନା ଗ୍ରାମରେ ଲୋକଙ୍କ ଦୁଃଖ, ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଛି। ଏହି ଭଳି ଏକ ସଙ୍କଟ ଜନକ ସମୟରେ ବନ୍ୟା ପୀଡିତାଙ୍କ ପାଇଁ ଦେବ ଦୂତ ସାଜି ଆଗେଇ ଆସିଛନ୍ତି ଯୁବ ସମାଜସେବୀ ଅଲକା ଜେନା। ଲଗାତାର ତିନି ଦିନ ଧରି ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ପରିବାରକୁ ଶୁଖିଲା ଖାଦ୍ୟ ଯଥା, ଚୁଡା, ମୁଢି, ବିସ୍କୁଟ, ମିକ୍ସଚର, ନାସ୍ତା, ପାଣି ବୋତଲ ପ୍ରଭୃତି ବଣ୍ଟନ କରି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମୟରେ ଛିଡା ହୋଇ ଉଦାହରଣ ସୃଷ୍ଟି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ତପନ ଜେନା, ଶଙ୍କର ମହାଳିକ, ପୂର୍ଣଚନ୍ଦ୍ର ଜେନା, ରବୀନ୍ଦ୍ର ଜେନା ଆଦି ଶୁଖିଲା ଖାଦ୍ୟ ବଣ୍ଟନରେ ସହଯୋଗ କରି ଥିଲେ।

# ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ

ବାରିପଦା,୨୧।୮(ନି.ପ୍ର): ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର ଅଭିନବ ପ୍ରୟାସ ଦ୍ୱାରା ପ୍ରଥମ କରି ବାରିପଦା ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ବିଦ୍ୟାଳୟ ମାନଙ୍କରେ ପିଲାମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ଆଖି ଆଗରେ ଦୃଷ୍ଟିକୁ ରଖି ଏକ ଦିନିଆ ପ୍ରଶିକ୍ଷଣ ଶିବିର ଲେଡି ହାମିଲଟନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଶିବିରକୁ ବରିଷ୍ଠ ପ୍ରାଥମିକ ଚିକିତ୍ସା ରାଜ୍ୟ ସାଧନ କର୍ମୀ ସତ୍ୟ ନାରାୟଣ ଦାସ ପ୍ରଶିକ୍ଷକ ଭାବେ ଯୋଗଦାନ କରି ବିଦ୍ୟାଳୟ ମଧ୍ୟରେ କିପରି ଭାବେ ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷିତ ରଖି ପାରିବା ତଥା କୌଣସି ଅଘଟଣ ପରେ କିପରି ପ୍ରାଥମିକ ଚିକିତ୍ସା କରାଯାଇ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇପାରିବ ତାହାରି ଉପରେ ପ୍ରଶିକ୍ଷାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର କୌଶଳ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି, ଜେଆରସି, ଯଶିପୁର ବ୍ଲକ ସଂଯୋଜକ ବିଜୟ କୁମାର କଳା ସାଧନ କର୍ମୀ ଭାବେ ତାଲିମ ପ୍ରଦାନ କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପରିଦର୍ଶନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଉକ୍ତ ଶିବିରକୁ ବାରିପଦା ବ୍ଲକର ଶିକ୍ଷକ ସମନ୍ୱୟ ସମିତିର ଅଧ୍ୟକ୍ଷ ଗୌରଗୋପାଳ ଲେଙ୍କା, ସାଧାରଣ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ସଭାପତି ପ୍ରଦୀପ କୁମାର ନାଥ, ଉପଦେଷ୍ଟା ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଠାକୁରାଣୀସାହି, ବଡ଼ଯୋଡ ଓ ଗୁଞ୍ଜୁସାହି କ୍ଲଷ୍ଟରର ୪୨ ଜଣ ପ୍ରଶିକ୍ଷାର୍ଥୀ ଓ ୩ ଜଣ ସିଆରସିସି ଅଂଶ ଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ସମସ୍ତ ୧୩ଟି କ୍ଲଷ୍ଟରର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ଦାସ ପ୍ରକାଶ କରିଛନ୍ତି।




# ଗୋପବନ୍ଧୁ ନଗର ବ୍ଲକରେ ବିଇଓ ଓ ସିଡିପିଓ ପଦ ଖାଲି

ଖୁଣ୍ଟା,୨୧।୮(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକର ଗୁରୁତ୍ୱପୂର୍ଣ୍ଣ ଦୁଇ ପଦବୀ ବ୍ଲକ ଶିକ୍ଷା ଅଧିକାରୀ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ପଦ ଖାଲି ପଡ଼ିଛି। ଯାହା ଫଳରେ ଉଭୟ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅଗ୍ରଗତି ହୋଇ ପାରୁ ନାହିଁ। ବ୍ଲକ ଶିକ୍ଷା ଅଧିକାରୀ ଗତ ମେ ମାସରେ ବଦଳି ହେବା ପର ଠାରୁ ଚାରି ମାସ ଧରି କେହି ସ୍ଥାୟୀ ଅଧିକାରୀ କାର୍ଯ୍ୟରେ ଯୋଗ ଦେଉନାହାଁନ୍ତି। ଉକ୍ତ ବ୍ଲକରେ ମୋଟ ୧୪୫ ବିଦ୍ୟାଳୟ ଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ୮୩, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୩୮ ଓ ଉଚ୍ଚ ବିଦ୍ୟାଳୟ ୨୪ଟି ରହିଛି । ଏହାକୁ ପରିଚାଳନା କରିବା ପାଇଁ ଆବଶ୍ୟକ କର୍ମଚାରୀ ଏବଂ ମୁଖ୍ୟ ଅଧିକାରୀ ନାହାଁନ୍ତି । ତେବେ ଏହି ଦାୟିତ୍ୱ ଉଦଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତିଶ କୁମାର ଘୋଷ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ସେହିପରି ଏବିଇଓ ପଦ ଦୁଇ ବର୍ଷ ହେବ ଶୂନ୍ୟ ପଡ଼ିଛି। ମୁଖ୍ୟ କିରାଣୀ ପଦ ଶୂନ୍ୟ ପଡ଼ିଥିବା ବେଳେ ଅନ୍ୟ ଜଣେ କାମ ଚଳା ଭାବେ କାର୍ଯ୍ୟ ତୁଲାଉଛନ୍ତି। ତେବେ ଶିକ୍ଷା ବିଭାଗର ସମସ୍ତ ଦାୟିତ୍ୱ ଚାରି ମାସ ହେବ ବିଆରସିସି କୁଳମଣି ନାଏକଙ୍କ ଉପରେ ନ୍ୟସ୍ତ ରହିଛି। ବିଭିନ୍ନ ବିଦ୍ୟାଳୟର ଆବଶ୍ୟକ ଶିକ୍ଷକ ଅଭାବ ଥିଲେ ମଧ୍ୟ ତାହା ପୂରଣ ହୋଇପାରୁନାହିଁ। ଫଳରେ ଶିକ୍ଷାର ଗତି ଦିଗହରା ହେଉଛି। ସେହିପରି ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଙ୍କର ଏକ ମାସ ହେବ ଅନ୍ୟତ୍ର ବଦଳି ହେବା ପରେ ସେ ସ୍ଥାନରେ କାହାରିକୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ନାହିଁ । ଫଳରେ ଅଙ୍ଗନବାଡ଼ି ମାନଙ୍କର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଶିଶୁ, କିଶୋରୀ ଓ ଗର୍ଭବତୀ ମହିଳାଙ୍କ ଖାଦ୍ୟର ମାନ ଉପରେ ପ୍ରଶ୍ନବାଚି ସୃଷ୍ଟି କରୁଛି ? ଅଙ୍ଗନବାଡ଼ି ମାନଙ୍କରେ ବିଦ୍ୟୁତ କରଣ ଓ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆଗକୁ ଆଗେଇ ପାରୁ ନାହିଁ । ଉଭୟ ପଦକୁ ଯଥାଶୀଘ୍ର ପୂରଣ କରିବା ପାଇଁ ଜନସାଧାରଣ ଓ ବୁଦ୍ଧିଜୀବି ମାନେ ଦାବି କରିଛନ୍ତି।

### ପୋର୍ଟାଲ ଧିମା

# ୨୧ ତାରିଖ ଯାଏ ୧୧୦୭୩ ଚାଷୀ ପଞ୍ଜୀକୃତ

ଧାମନଗର,୨୧।୮(ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଧାନ କ୍ରୟ କେନ୍ଦ୍ରରେ ଧାନ ବିକ୍ରୟ ପାଇଁ ଅନଲାଇନ ପଞ୍ଜିକରଣ ଚାଲିଛି। ଏହି କାର୍ଯ୍ୟ ଚଳିତ ମାସ ୬ ତାରିଖରୁ ଆରମ୍ଭ ହୋଇଥିବା ବେଳେ ସରକାରଙ୍କ ପକ୍ଷରୁ ଚାଷୀ ମାନେ ଆବେଦନ କରିବା ପାଇଁ ଅଗଷ୍ଟ ୨୫ ଏବଂ ସମବାୟ ସମିତି ଗୁଡ଼ିକ ପାଇଁ ଏହି ପଞ୍ଜିକରଣର ଶେଷ ତାରିଖ ଅଗଷ୍ଟ ୩୧ ତାରିଖ ଧାର୍ଯ୍ୟ ହୋଇଛି। ଆଜିର ଦିନ ପର୍ଯ୍ୟନ୍ତ ୯୨୪୧୬ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଏହି ଜିଲ୍ଲାର ଆବଶ୍ୟକ ଆକଳନ ୧୯୧୯୩୮ ଅଛି। କୁଇଣ୍ଟାଲ ପ୍ରତି ସରକାରଙ୍କ ୮୦୦ ଟଙ୍କା ବୋନସ ପ୍ରଦାନ ପାଇଁ ଅଧିକ ଚାଷୀ ପଞ୍ଜୀକୃତ ହେଉଥିବା ବେଳେ ଏପଟେ ଯୋଗାଣ ବିଭାଗ ପଞ୍ଜୀକରଣ ନିୟମକୁ କଡ଼ାକଡ଼ି କରିଥିଲା। ଚାଷୀଙ୍କ ବାରମ୍ବାର ଅଭିଯୋଗ ଫଳରେ ଶେଷ ପର୍ଯ୍ୟାୟରେ ଏହି ନିୟମ କୋହଳ ହୋଇଥିଲେ ହେଁ ପଞ୍ଜୀକରଣ ପୋର୍ଟାଲ ଖୋଲୁ ନାହିଁ। ଅବଧି ସରିବାକୁ ଆଉ ଦିନ କେଇଟା ଥିବା ବେଳେ ଜଣେ ଜଣେ ଚାଷୀ ସମିତିରେ ପଞ୍ଜୀକରଣ ପାଇଁ ସକାଳୁ ସନ୍ଧ୍ୟାଯାଏ ଅପେକ୍ଷା କରି ବିରକ୍ତ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ଧାମନଗର ବ୍ଲକର ୧୨ ଟି ସମବାୟ ସମିତି ମାଧ୍ୟମରେ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଜାରି ଅଛି। ଏହି ବ୍ଲକରେ ପଞ୍ଜିକରଣ ଟାର୍ଗେଟ ୨୩୬୧୩ ଥିବା ବେଳେ ୨୧ ତାରିଖ ଅର୍ଥାତ ଆଜି ସନ୍ଧ୍ୟା ସୁଦ୍ଧା ୧୧୦୭୩ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ପୋର୍ଟାଲ ଏତେ ଧିମା ଯେ, ଗୋଟିଏ ଦିନରେ ୧୨ ଟି ସମବାୟ ସମିତିରେ ମାତ୍ର ୪୪ ଜଣ ଚାଷୀ ପଞ୍ଜିକୃତ କରିପାରୁଛନ୍ତି। ଏଭଳି ଅବ୍ୟବସ୍ଥା ଜାରି ରହିଲେ ୪୦ % ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରି ପାରିବେ ନାହିଁ। ସମିତିରେ ପଞ୍ଜିକରଣ ପୋର୍ଟାଲ ସଠିକ୍ ଭାବେ ଉପଲବ୍ଧ କରାଇବା ସହ ଅବଧି ବଢ଼ାଇବାକୁ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳର ଚାଷୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

### ଶୋକସନ୍ତପ୍ତ ପରିବାର ନିକଟରେ

# ପହଞ୍ଚିଲା ବିଜୁ ଜନତା ଦଳ

ଜଳେଶ୍ୱର,୨୧।୮(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ଗ୍ରାମ ପଞ୍ଚାୟତର କପାସୁଦା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଗତ ୧୬ ତାରିଖରେ ଘଟିଥିବା ଅତ୍ୟନ୍ତ ଦୁଃଖଦ ଘଟଣାରେ ମାଟି କାନ୍ଥ ପଡ଼ି ଆଇ-ନାତିଙ୍କ ଅକାଳ ବିୟୋଗ ଘଟିଥିଲା। ଏହି ହୃଦୟବିଦାରକ ଘଟଣାରେ ପରିବାରବର୍ଗଙ୍କ ଦୁଃଖରେ ସାମିଲ ହୋଇ, ସେମାନଙ୍କୁ ସାନ୍ତ୍ୱନା ଦେବା ଓ ଏହି କଷ୍ଟଦାୟକ ସମୟରେ ପରିବାର ସହ ଠିଆ ହେବା ପାଇଁ ଗତ କାଲି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ କପାସୁଦାରେ ପହଞ୍ଚିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳ ପକ୍ଷରୁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଉଦ୍ଧାର ହୋଇଥିବା ଝିଅର ଉତ୍ତମ ଚିକିତ୍ସା ପାଇଁ ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜର ଅଧୀକ୍ଷକଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସୋରୋ ବିଧାୟକ ମାଧବ ଧଡ଼ା, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ, ଯୁବ ନେତା ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ବିଜେଡି ଜଳେଶ୍ୱର ବ୍ଲକ୍ ସଭାପତି ଦିଲ୍ଲୀପ କୁମାର ସାମଲ,ବସ୍ତା ବ୍ଲକ ସଭାପତି ମହାଦେବ ଦାସ, ଗୌତମ ପାତ୍ର ଓ ସୁଶୀଲ କୁମାର ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# କଳିଙ୍ଗନଗରରେ ଅପରାଧ ଷଡ଼ଯନ୍ତ୍ର ପଣ୍ଡ: ୫ ଗିରଫ, ବୋମା ଓ ମାରଣାସ୍ତ୍ର ଜବତ



ଦାନଗଦି/କଳିଙ୍ଗନଗର,୨୧।୮(ନି.ପ୍ର): ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୋଲିସ ଏକ ସଂଗଠିତ ଅପରାଧିକ ଷଡ଼ଯନ୍ତ୍ରକୁ ପଣ୍ଡ କରିବା ସହ ଘଟଣାରେ ସଂପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ସୁକିନ୍ଦା ଜେ ଏମଏଫସି କୋର୍ଟ ଚାଲାଣ କରାଯାଇଛି। ଏ ନେଇ କଳିଙ୍ଗନଗର ଥାନାରେ କେସ୍ ନଂ-୨୩୮/୨୦୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୦(୪), ୩୧୦(୫), ଆର୍ମ୍ସ ଆକ୍ଟର ଧାରା ୨୫ ଏବଂ ବିସ୍ଫୋରକ ପଦାର୍ଥ ଆଇନର ଧାରା ୩ ଓ ୪ ଅଧୀନରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ରୋଡ଼ ମୁଣ୍ଡମାଳାର ମନୋଜ ପାତ୍ର (୨୭), କୋରେଇ କଣ୍ଟାର ଅଞ୍ଚଳର ଆଉଲା ଚନ୍ଦନ ରାଓ (୨୩), ଯାଜପୁର ରୋଡ଼ ଲକ୍ଷ୍ମୀନଗରର ଶୁଭମ ଓଝା (୨୩), ଯଖପୁରା ଦଶମାନିଆର ସୁମେନ ପ୍ରଧାନ (୩୮) ଏବଂ ଗଞ୍ଜାମ ଜିଲ୍ଲା ଆସ୍କା ଥେଙ୍ଗାପଲ୍ଲୀର ପି. ଅଜୟ ରାଓ ଓରଫ ସିବା ପ୍ରଧାନ (୩୦)। ପୋଲିସ ସୂଚନା ମୁତାବକ, ଅଭିଯୁକ୍ତମାନଙ୍କ ନିକଟରୁ ବିପୁଳ ପରିମାଣର ମାରଣାସ୍ତ୍ର ଓ ସାମଗ୍ରୀ ଜବତ କରାଯାଇଛି। ସେଥିମଧ୍ୟରେ ରହିଛି ୪ଟି ହାତ ତିଆରି ଜୀବନ୍ତ ବୋମା, ୨ଟି ଲୁହା ଖଣ୍ଡା, ୨ଟି ଛୁରୀ ଓ ୨ଟି ଲୁହା ରଡ଼ , ଡୋମିନାର D-400 (OD-22J-3859) ଏବଂ ହିରୋ ଓଏ Deluxe (OD-09M-9113) ବାଇକ୍,୧ଟି ଆଇରନ କଟର ମେସିନ, ୧ଟି ପ୍ଲାସ, ୭ଟି ଫେସ୍ ମାସ୍କ, ୨ ପ୍ୟାକେଟ ଲଙ୍କା ଗୁଣ୍ଡ, ୪ ବୋତଲ ବିୟର ଏବଂ ୧ଟି ମୋବାଇଲ ଫୋନ ଓ ପୋଲିସ ସମସ୍ତ ସାମଗ୍ରୀକୁ ବାଜ୍ୟାପ୍ତି କରିବା ସହ ଏହି ଗ୍ୟାଙ୍ଗ ପଛରେ ଆଉ କାହାର ହାତ ରହିଛି, ସେ ନେଇ ଅଧିକ ତଦନ୍ତ ଜାରି ରଖିଛି।

# ଆଶ୍ରମ ବିଦ୍ୟାଳୟକୁ ସ୍ଥାନାନ୍ତରିତ ଛାତ୍ରଛାତ୍ରୀଙ୍କ ଅବସ୍ଥା ଅନୁଧ୍ୟାନ କଲେ ଅତିରିକ୍ତ ଏସ୍‌ଆର୍‌ସି



କେନ୍ଦ୍ରାପଡ଼ା,୨୧।୮(ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୁଳସାହି ଆଶ୍ରମ ବିଦ୍ୟାଳୟରୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଆଳି ବ୍ଲକ ଅନ୍ତର୍ଗତ ମହାଦେଇପାଟଣା ଆଶ୍ରମ ବିଦ୍ୟାଳୟରେ ରଖାଯାଇଛି। ଶୁକ୍ରବାର ଅତିରିକ୍ତ SRC ଶ୍ରୀ ସୁଭାସ ନାଥ ଶର୍ମା ମହାଦେଇପାଟଣା ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଅତିରିକ୍ତ SRC ସ୍ଥାନାନ୍ତରିତ ଛାତ୍ରଛାତ୍ରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସୁସ୍ଥତା, ସୁରକ୍ଷା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ରହଣି, ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସୁଚାରୁ ଭାବେ ଯୋଗାଇ ଦିଆଯାଉଛି କି ନାହିଁ, ସେ ନେଇ ସେ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ତଥ୍ୟ ନେଇଥିଲେ। ଏହି ଅବସରରେ ସେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଘଟଣାସ୍ଥଳରେ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରି ସ୍ଥାନାନ୍ତରିତ ଛାତ୍ରଛାତ୍ରୀଙ୍କ ରହଣି ଓ ଯତ୍ନ ସମ୍ପର୍କିତ ସମସ୍ତ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଆଳି ତହସିଲଦାର ସୁମନ ଘୋଷ, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ମଣ୍ଡି ପଞ୍ଜିକରଣ ନେଇ ସମସ୍ୟା: ଚିନ୍ତାରେ ଚାଷୀ

## ଷ୍ଟାଫ୍ ଅଭାବ, ନେଟ୍‌ୱାର୍କ ଓ ସର୍ଭର ଡାଉନ୍ ବାଧକ

ନାଉଗାଁ,୨୧।୮ (ନି.ପ୍ର): ବିଭିନ୍ନ ସମସ୍ୟା ନେଇ ନାଉଗାଁ ବ୍ଲକରେ ଚଳିତ ଖରିଫ ଋତୁ ପାଇଁ ଧାନ ମଣ୍ଡି ଇ-ପଞ୍ଜିକରଣ ପ୍ରକ୍ରିୟା ଧିମେଇଛି। ଅଗଷ୍ଟ ୮ ତାରିଖରେ ପଞ୍ଜିକରଣ ସମ୍ପର୍କିତ ନୋଟିସ ଜାରି ହୋଇଥିବା ବେଳେ ଅଗଷ୍ଟ ୯ ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇଛି। ପଞ୍ଜିକରଣର ଶେଷ ତାରିଖ ଅଗଷ୍ଟ ୩୧। ମାତ୍ର ଏପର୍ଯ୍ୟନ୍ତ ପ୍ରତି ସମବାୟ ସମିତିରେ ପ୍ରାୟ ୨୫୦ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଆହୁରି ୨ ହଜାରରୁ ଅଧିକ ଚାଷୀ ପଞ୍ଜିକରଣ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ଏହି ହାରରେ ପଞ୍ଜିକରଣ ଚାଲିଲେ ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତ ଚାଷୀଙ୍କ ପଞ୍ଜିକରଣ ସମ୍ଭବ ହେବ କି ନାହିଁ, ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ପଞ୍ଜିକରଣ ପାଇଁ ଆବଶ୍ୟକ ଦସ୍ତାବିଜ ସଂଗ୍ରହ ଓ ଯାଞ୍ଚ ମଧ୍ୟ ଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଛି।ବିଭିନ୍ନ ନଥିପତ୍ର ପାଇଁ ଗୋଟିଏ ଅଫିସରୁ ଅନ୍ୟ ଅଫିସକୁ ଦୌଡ଼ିବା ସହିତ ପରିବାର ସଦସ୍ୟଙ୍କ ନିକଟରୁ ଆବଶ୍ୟକ ଦସ୍ତାବିଜ ଯୋଗାଡ଼ କରିବାକୁ ପଡୁଛି।

ବେପାରୀ ଓ ଦଲାଲଙ୍କୁ ରୋକିବା ଏବଂ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବା ନାମରେ ପଞ୍ଜିକରଣ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ଏହାର ଅଧିକ ପ୍ରଭାବ ପ୍ରକୃତ ଚାଷୀଙ୍କ ଉପରେ ପଡୁଥିବା ଅଭିଯୋଗ ହୋଇଛି। ନାଉଗାଁ ବ୍ଲକର ଅଲଣା, ଗଜରାଜପୁର, ନାଉଗାଁ, ଶିଖର, ତିରୁଣା ଓ ଡେରିକି ଅଞ୍ଚଳର କୃଷକ ସେବା ସମବାୟ ସମିତି ମାଧ୍ୟମରେ ଧାନ ମଣ୍ଡି ପଞ୍ଜିକରଣ କରାଯାଉଛି।ଚାଷୀଙ୍କ ସଂଖ୍ୟା ତୁଳନାରେ ସମିତିଗୁଡ଼ିକରେ ପର୍ଯ୍ୟାପ୍ତ ମାନବ ସମ୍ବଳ ନଥିବାରୁ ପଞ୍ଜିକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ଅନେକ ସମିତିରେ ମାତ୍ର ଗୋଟିଏ କିମ୍ବା ଦୁଇଟି କମ୍ପ୍ୟୁଟର ଉପରେ ପଞ୍ଜିକରଣ କାର୍ଯ୍ୟ ନିର୍ଭର କରୁଛି। ଫଳରେ ଶହ ଶହ ଚାଷୀ ପଞ୍ଜିକରଣ ପାଇଁ ରାତିରୁ ଧାଡ଼ିରେ ଅପେକ୍ଷା କରୁଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଚାଷୀମାନେ ପଞ୍ଜିକରଣ ପାଇଁ ଅପେକ୍ଷା କରୁଥିବା କୁହାଯାଉଛି। ଅନ୍ୟପକ୍ଷରେ ବାରମ୍ବାର ଇଣ୍ଟରନେଟ୍ ଓ ସର୍ଭର ଡାଉନ୍ ହେବା ପଞ୍ଜିକରଣ ପ୍ରକ୍ରିୟାକୁ ଆହୁରି ଜଟିଳ କରିଛି। ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ସର୍ଭର କାମ ନକରିବାରୁ ଗୋଟିଏ ସମିତିରେ ଦିନକୁ ମାତ୍ର ପ୍ରାୟ ୨୦ରୁ ୩୦ ଜଣ ଚାଷୀଙ୍କ ପଞ୍ଜିକରଣ ହେଉଛି। ଏଭଳି ସ୍ଥିତି ଜାରି ରହିଲେ ଶେଷ ତାରିଖ ସୁଦ୍ଧା ବହୁ ଚାଷୀ ପଞ୍ଜିକରଣ କରାଇପାରିବେ ନାହିଁ ବୋଲି ଆଶଙ୍କା ଦେଖାଦେଇଛି। ଧାନ ବିକ୍ରି ପାଇଁ ପଞ୍ଜିକରଣ ଅତ୍ୟାବଶ୍ୟକ ହୋଇଥିବାରୁ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ସମିତିରେ ଅତିରିକ୍ତ କର୍ମଚାରୀ ନିଯୁକ୍ତି, ଅଧିକ କମ୍ପ୍ୟୁଟର ବ୍ୟବସ୍ଥା, ନିରବଚ୍ଛିନ୍ନ ଇଣ୍ଟରନେଟ୍ ସେବା ଓ ସର୍ଭର ସମସ୍ୟାର ସ୍ଥାୟୀ ସମାଧାନ ସହ ପଞ୍ଜିକରଣର ଶେଷ ତାରିଖ ବୃଦ୍ଧି କରିବା ଏବଂ ଚାଷୀଙ୍କ ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମଧ ଦାବି ହୋଇଛି।

# ଘର ଭଙ୍ଗାକୁ ନେଇ ଯୁବକଙ୍କ ଆତ୍ମହତ୍ୟା




ଢେଙ୍କାନାଳ,୨୧ ।୮(ନି.ପ୍ର): ଢେଙ୍କାନାଳ ସହର ଉପକଣ୍ଠରେ ଥିବା ୯ ନମ୍ବର ୱାର୍ଡ କୁଟୁଣିଆ ସାହିରେ ତିବ୍ର ବିରୋଧ ସତ୍ତ୍ୱେ ଗତ ୧୨ ଅଗଷ୍ଟରେ ପୌର ପ୍ରଶାସନ ପକ୍ଷରୁ ବସ୍ତି ଉଚ୍ଛେଦ କରାଯାଥିଲା । ଏହି ଜବର ଦଖଲ ଉଚ୍ଛେଦ ସମୟରେ ଶହ ଶହ ବେଆଇନ ଦଖଲ ଘରକୁ ଭାଙ୍ଗିଥିଲା ପୌର ପ୍ରଶାସନ। ତେବେ ଏହି ଜବର ଦଖଲକୁ ତିବ୍ର ବିରୋଧ କରିଥିଲେ ବସ୍ତି ବାସିନ୍ଦା। ପୋଲିସ ଓ ବସ୍ତି ବାସିନ୍ଦାଙ୍କ ଭିତରେ ଠେଲାପେଲା ସହ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ଅପରାହ୍ନ ୪ଟା ୩୦ ମିନିଟ ସମୟରେ କୁଟୁଣିଆ ସାହିର ୨୨ ବର୍ଷୀୟ ଯୁବକ ରବିନାରାୟଣ ପଣ୍ଡା ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୌର ପ୍ରଶାସନ ତାଙ୍କ ଘରକୁ ଭାଙ୍ଗିଦେବା ପରେ ସେ ସଂପୂର୍ଣ୍ଣ ମାନସିକ ଦୁଶ୍ଚିନ୍ତାରେ ଥିଲେ ବୋଲି ତାଙ୍କ ବାପା ଓ ଭାଇ କହିଛନ୍ତି। ପ୍ରଶାସନ ସେମାନଙ୍କ ଥଇଥାନ ନ କରି ହଠାତ ଘର ଭାଙ୍ଗିଦେବା ଫଳରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରବିନାରାୟଣଙ୍କ ରୋଜଗାରରେ ତାଙ୍କ ଘର ଚଳୁଥିଲା। ରବିନାରାୟଣଙ୍କ ମୃତ୍ୟୁ ପରେ ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି।

ଏଠାରେ ପ୍ରକାଶ ଥାଉକି ଢେଙ୍କାନାଳ ସହରର ୯ ନମ୍ବର ୱାର୍ଡ କୁଟୁଣିଆ ପାହାଡ ତଳେ ଦୀର୍ଘ ବର୍ଷ ଧରି ଗଢି ଉଠିଥିଲା ଶହଶହ ଜବର ଦଖଲ ବେଆଇନ କୋଠାଘର। କୁଟୁଣିଆ ସହିରେ ୧୯୦ରୁ ଊର୍ଦ୍ଧ୍ୱ ଘର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୮୦ରୁ ଅଧିକ ଲୋକଙ୍କୁ ୨୦୧୬ ମସିହାରେ ଡ୍ରୋନ ସର୍ଭେ କରାଯାଇ ପଟ୍ଟା ଦିଆଯାଇଥିଲା। ପରେ ଅନେକ ଲୋକ ଏଠାରେ ଜବର ଦଖଲରେ ରହି ଆସୁଥିଲେ। ଯାହାକୁ ପୋଲିସ ପ୍ରଶାସନିକ ଉପସ୍ଥିତିରେ ପୌର ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଥିଲା।

# ନଗର କଂଗ୍ରେସ କମିଟି ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ

କେନ୍ଦ୍ରାପଡା,୨୧।୮(ନି.ପ୍ର): କେନ୍ଦ୍ରାପଡ଼ା ନଗର କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନଗର କଂଗ୍ରେସ କମିଟିର ସଭାପତି ଦିଲ୍ଲୀପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀମାନେ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ରାଜୀବ ଗାନ୍ଧୀଙ୍କ ଦେଶ ପ୍ରତି ଅବଦାନ, ଆଧୁନିକ ଭାରତ ଗଠନରେ ତାଙ୍କ ଭୂମିକା ଏବଂ ଯୁବପିଢ଼ିଙ୍କ ପ୍ରତି ତାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟୁଭୂଷଣ ମହାପାତ୍ର, ପ୍ରଫୁଲ୍ଲ ଦାସ, ସନ୍ତୋଷ ବେହେରା, ଗୋପାଳ ମହାପାତ୍ର, ସୁଶାନ୍ତ ରାଉତ, ରାମ ପୃଷ୍ଟି, ପ୍ରଭାତ କୁମାର ଉପସ୍ଥିତ ଥିଲେ ।



# ବିଲୁଆ ଆକ୍ରମଣରେ ୬ ଆହତ

ଜଗତସିଂହପୁର,୨୧।୮(ନି.ପ୍ର): ବିରିଡି ଥାନା ବାଲିଆରେ ପାଗଳା ବିଲୁଆ ଆତଙ୍କ ସୃଷ୍ଟି କରିଛି। ଅଳକା ହାଇସ୍କୁଲ ଓ ତାର ଆଖପାଖରେ ଘୁରି ବୁଲୁଥିବାବେଳେ ସେହି ଅଂଚଳର ସୁକାନ୍ତ ଭୋଇ, ଗୟାଧର ଭୋଇ, ଖାନା ବେହେରାଙ୍କ ସମେତ ଛୋଟ ପିଲାଙ୍କୁ ଗୋଡେଇ ଗୋଡେଇ କାମୁଡୁଥିବା ଅଭିଯୋଗ ହୋଇଛି। ବିଲୁଆ କାମୁଡିବା ଫଳରେ ଲୋକେ ପ୍ରଥମେ ବିରିଡି ମେଡିକାଲକୁ ଯାଇ ସେଠାରେ ଆବଶ୍ୟକ ଚିକିତ୍ସା ପରେ ଜଗତସିଂହପୁର ମେଡ଼ିକାଲରେ ପହଂଚି ଚିକିତ୍ସା ହୋଇଥିଲେ। ସମସ୍ତଙ୍କୁ ଜଳାତଙ୍କ ଇଞ୍ଜେକ୍ସନ ଦିଆଯାଇଥିଲା। ବିଲୁଆ ଭୟରେ ବର୍ତ୍ତମାନ ଲୋକେ ଘରୁ ବାହାରୁ ନଥିବା ବେଳେ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଯେ ବିଲୁଆଟି ଯେଉଁ ଅଂଚଳରେ ରହୁଛି ତାହାର ପାଖରେ ଅଳକା ହାଇସ୍କୁଲ ରହିଛି। ସେହି ପିଲାମାନଙ୍କ ପ୍ରତି ବିପଦ ଥିବାରୁ ଏଥିପ୍ରତି ସତର୍କତା ଅବଲମ୍ବନ କରିବାପାଇଁ ଗ୍ରାମବାସୀ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।



# ନାରୀ ସଶକ୍ତିକରଣ ସଚେତନତା ଶିବିର

ଓଡ଼ାପଡ଼ା,୨୧।୮(ନି.ପ୍ର): ଶୁକ୍ରବାର ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଉଡକାଟେଣି ସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ମହାବିଦ୍ୟାଳୟଠାରେ ମହିଳା ସଶକ୍ତିକରଣ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଲଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପିକା ସ୍ମିତାରାଣୀ ସାମଲ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଡ ନିରଜ ଚନ୍ଦ୍ର ରାଉତ ଯୋଗ ଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ସଚେତନ କରାଇବା ସହ ଏହାର ଲାଭ ଉଠେଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ଦାୟିତ୍ୱରେ ଥିବା ଶିକ୍ଷା ବିଭାଗର ଅଧ୍ୟାପକ ରାଜଶ୍ରୀ ନନ୍ଦ ପରିଚାଳନା କରୁଥିବାବେଳେ ଅଧ୍ୟାପିକା ଜୟଶ୍ରୀ ପ୍ରଧାନ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ ଡ଼ଃ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା

ହିନ୍ଦୋଳ,୨୧।୮(ନି.ପ୍ର): ଢେଙ୍କାନାଳ ଜିଲ୍ଲା ୫୫ ନମ୍ବର ଜାତୀୟ ରାଜପଥରୁ ହିନ୍ଦୋଳ ସଦର ମହୁକୁମା ସହ ସଂଯୋଗ ହୋଇଥିବା ଏମ.ଡି.ଆର ୧୯ ଏ ରାସ୍ତାର ଅବସ୍ଥା ଏବେ ମରଣଯନ୍ତା ହୋଇପଡିଛି। ଦୈନିକ ଶହ ଶହ ସଂଖ୍ୟାରେ ହାଇୱା ଏବଂ ଟ୍ରିପର ସହିତ ବେଆଇନ ଖଣିଜ ଦ୍ରବ୍ୟ ଆବଶ୍ୟକଠାରୁ ଅଧିକ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଛି। ହିନ୍ଦୋଳ ଗୁଡ଼ିଆକାଟେଣୀ ରାସ୍ତାର ଗୁଡ଼ିଆ କାଟେଣୀ ଛକ ଠାରୁ କାରନ୍ଦା ଛକ ଯାଏଁ ଏବେ ଅଣ୍ଟାଏ ଗଭୀରର ଖାଲ ହୋଇଯାଇଛି। ଅସରାଏ ବର୍ଷା ହେଲେ ଏବେ ରାସ୍ତାରେ କୃତିମ ହ୍ରଦର ସୃଷ୍ଟି କରୁଛି, ଯାହା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି। ସୂଚନା ମୁତାବକ ହିନ୍ଦୋଳ ଗୁଡ଼ିଆ କାଟେଣୀ ରାସ୍ତାରେ ବହୁତ ସଂଖ୍ୟାର ଭାରୀ ଯାନ ଯାତାୟାତ ପାଇଁ କିଏ ଅନୁମତି ଦେଇଛି? କାହିଁକି ବେଆଇନ ଖଣି ଖାଦାନରୁ ଫାଇନ ଆଦାୟ କରି ରାସ୍ତା ନିର୍ମାଣ ମରାମତି କରାଯାଉନାହିଁ? ଏହି ବେଆଇନ ଖଣିଖାଦାନ, ବେଆଇନ ଖଣିଜ ପଦାର୍ଥ ଚାଲାଣରୁ ଆଦାୟ କୋଟିକୋଟି ଟଙ୍କାର ବେଆଇନ ଅର୍ଥ କାହା ପକେଟକୁ ଯାଉଛି? ତାହା ପ୍ରଶ୍ନବାଚି ସୃଷ୍ଟି କରିଛି ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ। ସର୍ବସାଧାରଣଙ୍କ ରାସ୍ତାରେ ଅବୈଧ ଭାବରେ ଏତେ ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନର କୌଣସି ଅଙ୍କୁଶ ନାହିଁ କି ରାଜନୈତିକ ଇଚ୍ଛାଶକ୍ତି ନାହିଁ ରାସ୍ତା ନିର୍ମାଣ ପାଇଁ କିମ୍ବା ଜନଜୀବନ ସୁରକ୍ଷାପାଇଁ। ତେବେ ସରକାର, ଖଣିବିଭାଗ ଏବଂ ପୂର୍ତ୍ତ ବିଭାଗ ତୁରନ୍ତ ରାସ୍ତା ସମସ୍ୟା ଏବଂ ଚୋରା ଖଣି, ଖଣିଜଦ୍ରବ୍ୟ ଚାଲାଣ ଉପରେ ଅଙ୍କୁଶ ଲଗାଇବାକୁ ହିନ୍ଦୋଳ ନିର୍ବାଚନବାସୀ ଦାବି କରିଛନ୍ତି।

# ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଅନୀୟମିତତା ଅଭିଯୋଗ

ବାଙ୍କୀ,୨୧।୮(ନି.ପ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ ସ୍ଥିତ ଘୋଡାବର ଗ୍ରାମରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନିୟମିତତା ଅଭିଯୋଗ ଓ ତଦନ୍ତ କରି ସରକାରୀ ଆବାସ ଯୋଜନାରୁ ବଞ୍ଚିତ ମହିଳା ହିତାଧିକାରୀମାନେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଅନୁଯାୟୀ ସେ ଗ୍ରାମରେ ଅନେକ ଯୋଗ୍ୟ ହିତାଧିକାରୀ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରୁ ବାରମ୍ବାର ବଞ୍ଚିତ ରହୁଥିବା ଏବଂ ଏହି ଗ୍ରାମରେ ଗୋଟିଏ ଗୋଟିଏ ପରିବାରକୁ ଏକାଧିକ ସରକାରୀ ଆବାସ ଯୋଜନାରେ ସାମିଲକରି ଘର ଯୋଗାଇ ଦେବା ଏବଂ ସ୍ଥାନୀୟ ସରପଞ୍ଚ ଅର୍ଥ ରୋଜଗାର କରିବା ପାଇଁ ବ୍ଲକ ଓ ପଞ୍ଚାୟତ ସରକାରୀ ଅଧିକାରୀ ଓ କର୍ମଚାରୀ ହାତ ବାରସୀ କରି ପ୍ରକୃତ ଯୋଗ୍ୟ ଗରିବ, ଅସହାୟ, ଦିନ ମଜୁରିଆ ଙ୍କୁ ତାଲିକାରୁ ବାଦ ଦେଇ ପୂର୍ବରୁ ସରକାରୀ ଆବସ ନେଇଥିବା ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବସ ତାଲିକାରେ ନାଁ ସଂଯୋଗ କରି ଅନିୟମିତତା କରୁଥିବା ଜାଣିପାରି ଘୋଡାବର ଗ୍ରାମର ଘୋଡାବର ଗୀତାଞ୍ଜଳୀ ସାହୁ, ସଞ୍ଜୁଲତା ଦେଇ, ସଧାରାଣୀ ସାହୁ, ସାବିତ୍ରୀ ପରିଡା, ଉର୍ମିଳ ନନ୍ଦ, ଗୁଞ୍ଜାରୀ ସାହୁ ପ୍ରମୁଖ ମହିଳା ହିତଧିକାରୀ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଧିକାରୀ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।



ସୂଚନା ଥାଉକି ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭାରେ ଏଭଳି ଅଭିଯୋଗ କରାଯାଇଥିଲେ ମଧ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତର ସରକାରୀ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିବାକୁ ପ୍ରସ୍ତୁତ ନଥିଲେ। ସରପଞ୍ଚ ଓ ସରକାରୀ ଅଧିକାରୀ ଲୋକଙ୍କ ଅଭିଯୋଗକୁ କର୍ଣ୍ଣପାତ ନକରି ପୂର୍ବ ପ୍ରସ୍ତୁତ ନିର୍ଦ୍ଧାରିତ ତାଲିକା ଅନୁଯାୟୀ ସର୍ଭେ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ପ୍ରଶାସନ ପକ୍ଷରୁ ନିରପକ୍ଷ ତଦନ୍ତ କରି ପ୍ରକୃତ ଯୋଗ୍ୟ ବିବେଚିତ ହିତଧିକାରୀଙ୍କୁ ଚୟନ କରି ସରକାରୀ ଆବାସ ଯୋଜନାରେ ସାମିଲି କରି ଆବାସେ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଅସଦାଚରଣ ମାମଲା ଅଭିଯୁକ୍ତକୁ ୩ ବର୍ଷ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୧।୮(ନି.ପ୍ର): କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଏକ ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତକୁ ୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡରେ ମଧ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଭିଯୁକ୍ତ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ମହାକାଳପଡ଼ା ଥାନା ଅଞ୍ଚଳର ବଙ୍ଗାଳି ମଲିକ(୭୦)। ବିବରଣୀରୁ ପ୍ରକାଶ ଯେ ୨୦୨୧ ମସିହା ଜାନୁଆରୀମାସ ୨୨ ତାରିଖରେ ସେହି ଥାନା ଅଞ୍ଚଳର ଜଣେ ୧୧ ବର୍ଷର ନାବାଳିକା ବଙ୍ଗାଳି ମଲ୍ଲିକଙ୍କ ଘରକୁ ଯାଇଥିଲେ। ହେଲେ ସେହି ସମୟରେ କେହି ନଥିବାର ସୁଯୋଗ ନେଇ ବଙ୍ଗାଳି ମଲ୍ଲିକ ନାବାଳିକାଙ୍କ ସହ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ପାଟି କରିବାରୁ ଅଭିଯୁକ୍ତ ତାଙ୍କ ପାଟିକୁ ଏକ ଗାମୁଛାରେ ବାନ୍ଧି ଦେଇଥିଲେ। ଏହାସହ ଘଟଣା ସଂପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ତାକୁ ଧମକ ଦେଇଥିଲେ। ଅସଦାଚରଣ କରିବା ପରେ ନାବାଳିକାଙ୍କୁ ଘରୁ ବାହାରକୁ ଫିଙ୍ଗି ଦେଇଥିଲେ। ଏ ନେଇ ନାବାଳିକାଙ୍କ ମା' ମହାକାଳପଡା ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

# ଶିକ୍ଷକ ନେତା ସାରଦା ପ୍ରସନ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର,୨୧।୮(ନି.ପ୍ର): ଜଗତସିଂହପୁର ବ୍ଲକ ଅଧିନସ୍ଥ କାଟେସିଂହପୁର ଗ୍ରାମ ନିଜ ବାସ ଭବନରେ ରାଜ୍ୟସ୍ତରୀୟ ଶିକ୍ଷକ ନେତା ସାରଦା ପ୍ରସନ ସିଂ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ରାଜ୍ୟ ନିମ୍ନ ମାଧ୍ୟମିକ ଅବସର ପ୍ରାପ୍ତ ଶିକ୍ଷକ ମଞ୍ଚର ଉପଦେଷ୍ଟା ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ସଙ୍ଘର ସଭାପତି ଭାଗ୍ୟଧର ପ୍ରଧାନ, ଉପଦେଷ୍ଟା ମାଧବ ବିଶ୍ୱାଳ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, କଲ୍ୟାଣୀ ନାୟକ, ଅଶୋକ ରାୟ, ସଞ୍ଜୟ କୁମାର ପ୍ରଧାନ, ପ୍ରେମାନନ୍ଦ ମହାପାତ୍ର, ପ୍ରଫୁଲ୍ଲ ମହାପାତ୍ର ଆଦି କର୍ମକର୍ତ୍ତା ମାନେ ଯୋଗଦେଇ ସ୍ୱର୍ଗତ ସିଂ ଙ୍କର ସାଙ୍ଗଠନିକ ଦକ୍ଷତା, ନେତୃତ୍ୱ ଯୋଗୁ କିଭଳି ଶିକ୍ଷକ ସମାଜର ଅନେକ ସମସ୍ୟା ସମାଧାନ ହୋଇଥିଲା ବୋଲି ବକ୍ତବ୍ୟ ରଖିଥିଲେ। ଜଗତସିଂହପୁର ଜିଲ୍ଲାର ଅବସପ୍ରାପ୍ତ ଶିକ୍ଷକ ମଞ୍ଚର ସୁକାନ୍ତ କୁମାର ରାୟ, ବିଜୟ କୁମାର ପତି, ଈଶ୍ୱର ଚନ୍ଦ୍ର ନନ୍ଦ, ଲକ୍ଷ୍ମୀଧର ବସ୍ତିଆ ସନ୍ତୋଷ କୁମାର ସ୍ୱାଇଁ, ମହେଶ ଚୌଧୁରୀ, ପବିତ୍ର ସାଉ, ହୃଷିକେଶ ଚଇନି, ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ରାଉତ, ଅବସପ୍ରାପ୍ତ ଡେପୁଟି ଡି. ପି. ଆଇ ଅଭୟ କୁମାର ମଲ୍ଲିକ, ରାହାମା ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ବାସୁଦେବ, ଡାକ୍ତର ସର୍ବେଶ୍ୱର ପରିଡା, ଭାବଗ୍ରାହୀ ପ୍ରଧାନ, ବଂଶୀଧର ଆଚାର୍ଯ୍ୟ, ରାମଚନ୍ଦ୍ର ମହାପାତ୍ର, ନାରାୟଣ ମୁଦୁଲି, ଶରତ ପାତ୍ର, ବିଷ୍ଣୁ ଚରଣ ଦାସ, ଗୁରୁଚରଣ ମହାନ୍ତି, ଅରବିନ୍ଦ ସେନାପତି, କୈଳାସ ସ୍ୱାଇଁ, ମୀନାରାଣୀ ଆଦି କର୍ମକର୍ତ୍ତା ଓ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗଦେଇ ସିଂଙ୍କର ଗୁଣ ଗାନ କରିବା ସହିତ ତାଙ୍କ ନେତୃତ୍ୱରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ତାଙ୍କର ସକ୍ରିୟ ସମ୍ପୃକ୍ତି ବିଷୟରେ ଆଲୋକପାତ କରିଥିଲେ।

# ରାକ୍ଷୀ ବାନ୍ଧି ସଡ଼କ ସୁରକ୍ଷା ସଚେତନତା




ଜଗତସିଂହପୁର/କୁଜଙ୍ଗ,୨୧।୮(ନି.ପ୍ର): ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ତିର୍ତ୍ତୋଲରେ ଏକ ନିଆରା ଢଙ୍ଗରେ ସଡକ ସୁରକ୍ଷାର ବାର୍ତ୍ତା ଦେଲା ଓଡ଼ିଶା ରାସ୍ତା ସୁରକ୍ଷା ମଞ୍ଚ। କଟକ-ପାରାଦ୍ୱୀପ ମୁଖ୍ୟ ରାସ୍ତାର ତିର୍ତ୍ତୋଲ କଲେଜ ସମ୍ମୁଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିୟମ ମାନି ଗାଡି ଚଳାଉଥିବା ଚାଳକମାନଙ୍କୁ ରାସ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଯାଇଥିଲା। ଅନ୍ୟପକ୍ଷରେ ଅମାନିଆ ଗାଡି ଚାଳକମାନଙ୍କୁ ନିଜ ପରିବାରର ଦାୟିତ୍ୱ ମନେ ପକାଇ ସୁରକ୍ଷିତ ଭାବେ ଗାଡି ଚଳାଇବାକୁ ସଚେତନ କରାଯାଇଥିଲା।

ଏହି ସଚେତନତା କାର୍ଯ୍ୟକ୍ରମରେ ଓଡିଶା ରାସ୍ତା ସୁରକ୍ଷା ମଞ୍ଚର ସ୍ୱେଚ୍ଛାସେବୀ, ସ୍ମୃତି ଅନୁଷ୍ଠାନର ମହିଳାକର୍ମୀ ଏବଂ ତିର୍ତ୍ତୋଲ କଲେଜର ଏନ୍‌ସିସି ଛାତ୍ରଛାତ୍ରୀ ଯୋଗଦେଇ ଗାଡି ଚାଳକମାନଙ୍କୁ ସଡକ ସୁରକ୍ଷାର ଗୁରୁତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଓଡିଶା ରାସ୍ତା ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ଡ. ଅରୁଣ କୁମାର ପାଣି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ 'ସୁଶ୍ରୀ ଶୁଭଶ୍ରୀ'ର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ରଜନୀଦେବୀ ଜରାଶ୍ରମର ଅଧ୍ୟକ୍ଷା ତଥା ଆଇନଜୀବୀ ମଞ୍ଜୁଲତା ରାଉତ, ଅମରଜ୍ୟୋତି ସାହୁ, ମୁଖ୍ୟ ବକ୍ତା ଭାବେ ସ୍ମୃତିର ଅଧ୍ୟକ୍ଷା କନକଲତା ସୂତାର ଏବଂ ସମ୍ମାନିତ ଅତିଥି ଭାବେ ହେମନ୍ତ କୁମାର ନାୟକ, ଏନ୍‌ସସି ଅଧ୍ୟାପକ ଅଶୋକ କୁମାର ଦାସ, ପୋଲିସ କର୍ମଚାରୀ ଏଲ୍. ରୋଶନ, ଚନ୍ଦ୍ରକାନ୍ତ ବାରିକ, ପ୍ରଭାତ ପରିଡା, ଶ୍ରୀକାନ୍ତ ଦାଶ, ସତ୍ୟପ୍ରକାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ।

# ଗ୍ରାମ୍ୟ ଜଙ୍ଗଲରେ ରାସ୍ତା ନିର୍ମାଣ ନେଇ ବିବାଦ ଘନେଇଲା



ଢେଙ୍କାନାଳ,୨୧।୮(ନି.ପ୍ର): ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଅନ୍ତର୍ଗତ ଖଡଗପ୍ରସାଦ ଗ୍ରାମବାସୀ ପ୍ରସ୍ତାବିତ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ରାସ୍ତା ନିର୍ମାଣକୁ ପୂର୍ବରୁ ବିରୋଧ କରାଯାଇଥିଲା। ଖଡଗପ୍ରସାଦଠାରେ ନବ ନିର୍ମାଣ ବ୍ରାହ୍ମଣୀ ନଦୀ ସେତୁ ଏବେ ଉଗ୍ର ରୁପ ଧାରଣ କରିଥିବାବେଳେ ସେତୁ ସଂଲଗ୍ନ ରାସ୍ତାକୁ ନେଇ ବିବାଦ ଦେଖାଦେଇଛି। କମ୍ପାନୀ ଏବଂ ପ୍ରଶାସନ ଉଭୟଙ୍କ ଭିତିରିଆ ଷଡଯନ୍ତ୍ର ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିପାଇଁ ଶୁକ୍ରବାର ଅପରାହ୍ନରେ ଏକ ସମ୍ବାଦିକ ସମ୍ମିଳନୀ କରି ସୁଚନା ଦେଇଛନ୍ତି ସ୍ଥାନୀୟ ବାସିନ୍ଦା କୈଳାସ ରାଉତ। ଏହି ରାସ୍ତା ସମ୍ପର୍କରେ ପୂର୍ବରୁ ଉଚ୍ଚ ନ୍ୟାୟାଳୟରେ ମାମଲା କରାଯାଇଥିଲା। ତେବେ ଜିଲା ପ୍ରଶାସନ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା ନ କରି କମ୍ପାନୀକୁ ସୁହାଇଲା ଭଳି କାମ ହେଉଛି ବୋଲି କହିଛନ୍ତି କୈଳାସ ରାଉତ। ଆସନ୍ତା ୨୯ ତାରିଖରେ ଏ ସମ୍ପର୍କରେ ମାମଲା ଉଚ୍ଚ ନ୍ୟାୟାଳୟରେ ଥିବା ବେଳେ ଆଜିର ସାମ୍ବାଦିକ ସମ୍ମିଳନୀକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ପ୍ରକୃତ କ୍ଷେତ୍ରରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଗ୍ରାମବାସୀଙ୍କ ହିତ ଚାହୁଁଛି ନା କମ୍ପାନୀ ସପକ୍ଷରେ ରହୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ପ୍ରକାଶ ଥାଉକି ପୂର୍ବରୁ ଏହି ରାସ୍ତାକୁ ନେଇ ଅନେକବାର ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ ବସିଥିଲେ ମଧ୍ୟ କୌଣସି ନିଷ୍ପତି ହୋଇ ନ ପାରିବାରୁ ଗ୍ରାମବାସୀ ନ୍ୟାୟ ପାଇଂ ଉଚ୍ଚନ୍ୟାୟାଳୟରେ ଆଶ୍ରୟ ନେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କୈଳାସ ରାଉତଙ୍କ ସହ ରବିନାରାୟଣ ନାୟକ, ରୋହିତ ବେହେରା ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଛବିରାଣୀ ପତିଙ୍କୁ ସରଳାଦେବୀ ସାରସ୍ୱତ ସମ୍ମାନ



ଜଗତସିଂହପୁର,୨୧।୮(ନି.ପ୍ର): ବିରିଡି ବ୍ଲକ୍ ଦଳେଇଘାଇ ଉତ୍ତର ଶାସନ ପଞ୍ଚାୟତ ମଧ୍ୟଶାସନ ଗ୍ରାମର ପ୍ରତିଷ୍ଠିତ ସାହିତ୍ୟିକା ଛବିରାଣୀ ପତିଙ୍କୁ ତାଙ୍କର ସାମଗ୍ରିକ କୃତି ପାଇଁ ସରଳା ଦେବୀ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। କଟକ ସାରଳା ଭବନରେ ବୁଧବାର ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ଲୌହମାନବୀ ସରଳା ଦେବୀଙ୍କ ୧୨୨ତମ ଜୟନ୍ତୀ ସମାରୋହରେ ଅତିଥି ଭାବେ ତନୟା ପଟ୍ଟନାୟକ, ଡଃ ଇଂ ପ୍ରଭାକର ସ୍ୱାଇଁ, ଡଃ ମନସ୍ୱିନୀ ସାହୁ, ଡଃ ବୈଜୟନ୍ତୀ ନାୟକ ପ୍ରମୁଖ ଯୋଗଦେଇ ଶ୍ରୀମତୀ ପତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରିଥିଲେ। ଏଥିପାଇଁ ଗୀତିକବି ଡଃ ତୋଫାନ ଜେନା, ଗୀତିକବି ବାମଦେବ ସ୍ୱାଇଁ, କବି ପୀତାମ୍ବର ମହାପାତ୍ର, କବୟିତ୍ରୀ ସଂହିତା ଜେନା, କବୟିତ୍ରୀ କୁନ୍ତଳା ମହାପାତ୍ର ପ୍ରମୁଖ ଶ୍ରୀମତୀ ପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅପମିଶ୍ରିତ ଛେନା ଓ ପନିର ବେଧଡ଼କ ବେପାର

ନାଉଗାଁ,୨୦।୮(ନି.ପ୍ର): ନାଉଗାଁ ଡେରିକି ଆଦି ଅଞ୍ଚଳରେ ଅପମିଶ୍ରିତ ଛେନା ଓ ପନିର ବେଧଡ଼କ ଭାବରେ ବିକ୍ରି ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ ଓ ଅପମିଶ୍ରଣ ରୋକିବା ପାଇଁ ଦାୟିତ୍ୱରେ ଥିବା ଖାଦ୍ୟ ସୁରକ୍ଷା ବିଭାଗର ନିୟମିତ ନିରୀକ୍ଷଣକୁ ନେଇ ମଧ ପ୍ରଶ୍ନ ଉଠିଛି। ସ୍ଥାନୀୟ ବଜାରରେ ଛେନା ଓ ପନିର ବିକ୍ରି ହେଉଥିବା ବେଳେ ଏହାର ଗୁଣବତ୍ତା ଓ ପ୍ରସ୍ତୁତି ପ୍ରଣାଳୀ ନେଇ ଗ୍ରାହକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅଭିଯୋଗ ରହିଛି, ଅନେକ ଲୋକ ଏହାର ମାନ ଯାଞ୍ଚ ନକରି କିଣି ନେଉଛନ୍ତି। ଅପମିଶ୍ରିତ କିମ୍ବା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇଲେ ଲୋକଙ୍କ ସ୍ୱାସ୍ଥ୍ୟରେ ସମସ୍ୟା ହୋଇପାରେ। ଛେନା ଓ ପନିରର ନମୁନା ସଂଗ୍ରହ କରି ଯାଞ୍ଚ କରିବା ସହ ଦୋଷୀ ବ୍ୟବସାୟୀଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ନାଉଗାଁ ବଜାରରେ ଏଭଳି ଅଭିଯୋଗ ଥିବା ସତ୍ତ୍ୱେ ଖାଦ୍ୟ ସୁରକ୍ଷା ବିଭାଗର ନିୟମିତ ନିରୀକ୍ଷଣ କେତେ ଦୂର ସଫଳ? ଏନେଇ ବିଭାଗ ପକ୍ଷରୁ ଯାଞ୍ଚ କରି ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆଣିବାକୁ ଦାବି ଜୋର ଧରିଛି।



# ମା ନୀଳିମାରାଣୀ ସାମନ୍ତଙ୍କ ଜନ୍ମ ଦିନରେ ରକ୍ତ ଦାନ ଶିବିର

ରଘୁନାଥପୁର,୨୧।୮(ନି.ପ୍ର): ମା ନୀଳିମାରାଣୀ ସାମନ୍ତଙ୍କ ଜନ୍ମ ଭୂମି ପ୍ରତି ଥିଲା ପ୍ରଗାଢ ଭକ୍ତି। ସେବା, ତ୍ୟାଗର ସେ ଥିଲେ ମୂର୍ତ୍ତୀମନ୍ତ ପ୍ରତୀକ ଓ ଧନ ସମ୍ପତ୍ତି ପ୍ରତି ତାଙ୍କର ସାମାନ୍ୟ ତମ ଲୋଭ ନ ଥିଲା ବୋଲି ଶୁକ୍ରବାର ସ୍ମାର୍ଟ ଗ୍ରାମ କଲରବାଙ୍କରେ ତାଙ୍କର ୯୯ ତମ ଜନ୍ମ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ପ୍ରତିଷ୍ଠାତା କିଟ୍, କିସ୍ ଓ କିମ୍ସ୍ ପ୍ରଫେସର ଅଚ୍ୟୁତ ସାମନ୍ତ ଯୋଗ ଦେଇ ଏହା କହିଥିଲେ। ଏହି ଅବସରରେ ମା ନୀଳିମା ରାଣୀ ସାମନ୍ତଙ୍କ ଉପରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁଙ୍କ ଦ୍ୱାରା ଲିଖିତ ରତ୍ନଗର୍ଭାଙ୍କ ଅମୃତ ବାଣୀ ପୁସ୍ତକକୁ ଡ ସାମନ୍ତ ଉନ୍ମୋଚନ କରି ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ସଂଯୋଗ ହେଉଛି ପୁସ୍ତକ ବୋଲି କହିଥିଲେ। ଏଥିରେ ନୀଳିମା ରାଣୀ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାମନ୍ତ ପୌରୋହିତ୍ୟ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡ ହରିଶ ଚୌଧୁରୀ, ସମାଜ ସେବୀ ନିରୁପମା ସାମନ୍ତ, ଶିକ୍ଷାବିତ୍ ଜ୍ୟୋତ୍ସ୍ନା ମିତ୍ର, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, ଡ ଭାସ୍ୱତୀ କାନ୍ତି ସେନଗୁପ୍ତ, ଡ ଅଜିତ ମହାନ୍ତି, ଡ ହେମନ୍ତ କୁମାର କର, ଡ ଅମ୍ବିକା ପ୍ରସାଦ ମହାନ୍ତି, ବିଜୟ କୁମାର ସାମନ୍ତ,ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ, କିଟ୍ ବିଦ୍ୟୁତ ବିଭାଗ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପଟ୍ଟନାୟକ, ଦୂର୍ଗା ଚରଣ ସାମନ୍ତ, କଳିଙ୍ଗ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ସୁକୃତି ସୁନ୍ଦର୍ ଦାଶ ପ୍ରମୁଖ ଯୋଗ ଦେଇ ମା ନୀଳିମା ରାଣୀ ସାମନ୍ତ ଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋଚନା କରିଥିଲେ। କିମ୍ସ ରୁରାଲ ହସପିଟାଲ୍ ପକ୍ଷରୁ କଟକ ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜ ସହାୟତାରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରା ଯାଇଥିଲା।



### ପାଞ୍ଚପିଢ଼ ମହାବିଦ୍ୟାଳୟରେ 'ନବସୃଜନ ଓ ନୂଆ ଉଦ୍ୟୋଗ' କାର୍ଯ୍ୟକ୍ରମ

# ନିଯୁକ୍ତି ପଛରେ ନ ଦୌଡ଼ି ଉଦ୍ୟୋଗୀ ହେବାକୁ ଛାତ୍ରୀଙ୍କୁ ପ୍ରେରଣା




କରଞ୍ଜିଆ,୨୧।୮(ନି.ପ୍ର): କେବଳ ଶିକ୍ଷା ଗ୍ରହଣ କରି ଚାକିରି ଅନ୍ୱେଷଣ ନୁହେଁ, ବରଂ ନିଜର ନୂଆ ଚିନ୍ତାଧାରା, ସୃଜନଶୀଳତା ଓ ଦକ୍ଷତାକୁ ପୁଞ୍ଜି କରି ଜଣେ ସଫଳ ଉଦ୍ୟୋଗୀ ହେବା ଦିଗରେ ଛାତ୍ରୀମାନଙ୍କୁ ପ୍ରେରିତ କରିବା ଲକ୍ଷ୍ୟରେ ପାଞ୍ଚପିଢ଼ ମହାବିଦ୍ୟାଳୟରେ 'ନବସୃଜନ ଏବଂ ନୂଆ ଉଦ୍ୟୋଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ ଜଣ ଛାତ୍ରୀ ଯୋଗଦେଇ ନିଜ ନିଜର ନୂଆ ପ୍ରକଳ୍ପ ଓ ଉଦ୍ୟୋଗୀ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାକୁ ଚିହ୍ନଟ କରି ତାହାର ସଠିକ୍ ବ୍ୟବହାର ମାଧ୍ୟମରେ ଆତ୍ମନିର୍ଭର ହେବାର ମାର୍ଗ ଦେଖାଇବା ଥିଲା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଣତୀ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପାଞ୍ଚପିଢ଼ ଉପଖଣ୍ଡର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ସେ ସ୍ୱଦେଶୀ ଖାଦ୍ୟ, ସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ନିଜ ଅଂଚଳରେ ଉପଲବ୍ଧ ସମ୍ପଦକୁ ଆଧାର କରି ନୂଆ ଚିନ୍ତାଧାରା ବିକଶିତ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଯୁବ ଶିଳ୍ପୋଦ୍ୟୋଗୀ ତଥା ସମାଜକର୍ମୀ ରାକେଶ କୁମାର ଅଗରୱାଲ ଯୋଗଦେଇ ଜଣେ ଛାତ୍ରୀ କିପରି ନିଜ ଦକ୍ଷତା ଓ ଚିନ୍ତାଧାରାକୁ ଉପଯୋଗ କରି ସଫଳ ଉଦ୍ୟୋଗୀ ହୋଇପାରିବେ, ସେ ସଂପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ନୂଆ ବ୍ୟବସାୟ ଆରମ୍ଭ ସମୟରେ ଆବଶ୍ୟକ ଯୋଜନା, ଦକ୍ଷତା ବିକାଶ, ବଜାର ଚାହିଦା ଓ ଆତ୍ମବିଶ୍ୱାସର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରଶିକ୍ଷକ ସୁବ୍ରତ କୁମାର ବିଶ୍ୱାଳ ଛାତ୍ରୀମାନଙ୍କୁ ନବସୃଜନ, ଉଦ୍ୟୋଗିତା ଏବଂ ନୂଆ ବ୍ୟବସାୟିକ ଚିନ୍ତାଧାରା ସଂପର୍କରେ ପ୍ରଶିକ୍ଷଣ ଦେବା ସହ ପ୍ରେରଣା ଯୋଗାଇ ଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ନବ ଉଦ୍ୟୋଗ ପ୍ରକଳ୍ପ ପ୍ରତିଯୋଗିତା। ଏଥିରେ ଦ୍ୱିତୀୟ ବର୍ଷର ଛାତ୍ରୀ ବାଣୀଶ୍ରୀ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ଛାତ୍ରୀମାନଙ୍କ ପ୍ରକଳ୍ପ ପ୍ରଦର୍ଶନ ଓ ସୃଜନଶୀଳ ଚିନ୍ତାଧାରା ଉପସ୍ଥିତ ଅତିଥି ଓ ଅଧ୍ୟାପକ-ଅଧ୍ୟାପିକାଙ୍କ ମଧ୍ୟରେ ପ୍ରଶଂସା ସାଉଁଟିଥିଲା।

## ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ୫ ଏମ୍‌ଟିପିଏ ସମନ୍ୱିତ ଇସ୍ପାତ ପ୍ରକଳ୍ପ ପାଇଁ ୧୨ ଗ୍ରାମସଭା ସମାପ୍ତ

କେନ୍ଦୁଝର,୨୧।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଜେଏସଡବ୍ଲ୍ୟୁ ଷ୍ଟିଲ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ୫ ମିଲିୟନ ଟନ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସମସ୍ତ ୧୨ଟି ଗ୍ରାମରେ ଗ୍ରାମସଭା ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି। ଶୁକ୍ରବାର ଯମୁନାପୋଷୀ ଗ୍ରାମପଂଚାୟତ ଅନ୍ତର୍ଗତ ଯମୁନାପୋଷୀ ଗ୍ରାମରେ ଆୟୋଜିତ ଗ୍ରାମସଭା ସହିତ ଅନ୍ୟ ସମସ୍ତ ଗ୍ରାମଗୁଡ଼ିକରେ ଏହି ପ୍ରକ୍ରିୟା ସଫଳତାପୂର୍ବକ ସଂପୂର୍ଣ୍ଣ ହୋଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ବିଶାଲ ସିଂହଙ୍କ ନିର୍ଦ୍ଦେଶ କ୍ରମେ ତଥା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକରଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନର ସହଯୋଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ଦ୍ରୁତ, ସମନ୍ୱିତ ଏବଂ ବ୍ୟାପକ ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟାକୁ ସୁଗମ କରାଯାଇଥିଲା। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ଦଣ୍ଡପାଟ, ସ୍ୱତନ୍ତ୍ର ଭୂ-ଅର୍ଜନ ସେଲ୍‌ର ଅଧିକାରୀ ରିତ କୁମାର ଦାଶ, ତ୍ରିଲୋଚନ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା ଓ ଅନ୍ୟ ରାଜସ୍ୱ କର୍ମଚାରୀଙ୍କ ସକ୍ରିୟ ପ୍ରୟାସ ଯୋଗୁଁ ବୈଧାନିକ ଗ୍ରାମସଭା ପ୍ରକ୍ରିୟା ଶୃଙ୍ଖଳିତ ଓ ସଫଳତାର ସହ ସମାପ୍ତ ହୋଇପାରିଛି। ଗ୍ରାମସଭା ପ୍ରକ୍ରିୟାର ସମାପ୍ତି ପ୍ରସ୍ତାବିତ ଇସ୍ପାତ କାରଖାନାକୁ ଆଗକୁ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି, ଯାହା ଜିଲ୍ଲାରେ ଶିଳ୍ପାୟନ, ନିଯୁକ୍ତି ସୁଯୋଗ ସୃଷ୍ଟି, ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ସାମଗ୍ରିକ ବିକାଶକୁ ବେଗବାନ କରିବ ବୋଲି ଆଶା କରାଯାଉଛି। ଆବଶ୍ୟକ ବୈଧାନିକ ଏବଂ ଆଇନଗତ ପ୍ରକ୍ରିୟା ସମାପ୍ତ ହେବା ପରେ, ଏହି ପ୍ରକଳ୍ପ କେନ୍ଦୁଝର ପାଇଁ ଶିଳ୍ପ ଅଭିବୃଦ୍ଧି ଏବଂ ନୂତନ ସୁଯୋଗର ଏକ ପ୍ରତୀକ ସାଜିବ। ଗ୍ରାମସଭା ପ୍ରକ୍ରିୟା ଶେଷ ହେବା ପରେ, ଜମି ଅଧିଗ୍ରହଣ, ପୁନର୍ବାସ ଓ ସ୍ଥାନାନ୍ତରଣ କ୍ଷେତ୍ରରେ ନ୍ୟାୟୋଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ, ୨୦୧୩ (ଆରଏଫସିଟିଏଲଏଆର ଏବଂ ଆର ଆକ୍ଟ) ର ପ୍ରଯୁକ୍ତ ବ୍ୟବସ୍ଥା ଅନୁଯାୟୀ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଆରମ୍ଭ କରାଯାଉଛି।

## ବିଦ୍ୟୁତ ଓ ବନ ବିଭାଗର ସମନ୍ୱୟ ବୈଠକ

ପାଟଣା,୨୧।୮(ନି.ପ୍ର): ପାଟଣା ବନାଞ୍ଚଳ ଇଲାକାରେ ବନ୍ୟଜନ୍ତୁ ବିଶେଷ କରି ହାତୀ ପଲଙ୍କ ସୁରକ୍ଷିତ ଚଳ ପ୍ରଚଳ, ବର୍ଷା ପବନରେ ଝୁଲି ପଡୁଥିବା ବିଦ୍ୟୁତ୍ ତାର, ଅଳ୍ପ ଉଚ୍ଚତା ରେ ଥିବା ବିଦ୍ୟୁତ୍ ତାରର ସ୍ଥିତି ସଂପର୍କରେ ପାଟଣା ବ୍ଲକ ମୁଖ୍ୟାଳୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟୁତ୍ ବିଭାଗ ଓ ବନ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗ ତରଫରୁ ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଧାର, ପାଟଣା ବନପାଳ ନିରନ ସେଠୀ ଓ ସାହାରପଡା ବନପାଳ ଶ୍ରୀମନ୍ତ ବେହେରାଙ୍କ ସହ ସମସ୍ତ ବନରକ୍ଷୀ ଓ ପାରା କର୍ମଚାରୀ ସାମିଲ ଥିବାବେଳେ ଟାଟା ପାୱାର ପକ୍ଷରୁ ତୁରୁମୁଙ୍ଗା ଏସଡିଓ ଜନ୍ମେଜୟ ବେହେରା, ସାହାରପଡା କନିଷ୍ଠ ଯନ୍ତ୍ରୀ ରାକେଶ କୁମାର ସାହୁ,ପାଟଣା କନିଷ୍ଠ ଯନ୍ତ୍ରୀ ଜ୍ୟୋତିରନ ମିଶ୍ର ଓ ତୁରୁମୁଙ୍ଗା କନିଷ୍ଠ ଯନ୍ତ୍ରୀ ଗୁରୁପ୍ରସାଦ ଗିରି ପ୍ରମୁଖ ସମୀକ୍ଷା ବୈଠକରେ ସାମିଲ ଥିଲେ। ବୈଠକରେ ଉଭୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ବନାଞ୍ଚଳ ଇଲାକାରେ କ୍ଷେତ୍ର ପରିଦର୍ଶନ କରି ସୁରକ୍ଷା ସ୍ଥିତି ଯାଂଚ କରିବେ ଓ ବେଆଇନ ହୁକିଂ ଉଚ୍ଛେଦ, ଓହଳି ପଡିଥିବା ବିଦ୍ୟୁତ୍ ତାର ସଜାଡ଼ିବା ଓ ହାତୀଙ୍କ ଚଳ ପ୍ରଚଳକୁ ସୁରକ୍ଷିତ କରିବା ପାଇଁ କେତେକ ବିଦ୍ୟୁତ୍ ଖୁଣ୍ଟର ଉଚ୍ଚତା ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

## ନୂତନ ରେଞ୍ଜରଙ୍କ ଯୋଗଦାନ

ପାଟଣା,୨୧।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟରେ ନୂତନ ରେଞ୍ଜର ଭାବେ ଆର୍ତ୍ତତ୍ରାଣ ମିର୍ଦ୍ଧା ଯୋଗଦାନ କରିଛନ୍ତି। ତାଙ୍କ ଯୋଗଦାନ ପରେ ପାଟଣା ବନାଞ୍ଚଳର ବନ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ଓ ହାତୀ-ମଣିଷ ସଂଘର୍ଷ ଭଳି ପ୍ରମୁଖ ପ୍ରସଙ୍ଗରେ ଆଗାମୀ ଦିନରେ ନୂତନ ପଦକ୍ଷେପ ନିଆଯିବ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି। ନୂତନ ରେଞ୍ଜରଙ୍କ ଯୋଗଦାନ ଅବସରରେ ଶୁକ୍ରବାର ମିଡିଆ ପ୍ରତିନିଧି ବିଜୟ କୁମାର ମହାନ୍ତ ଓ ଯତୀନ୍ଦ୍ର ସେଠୀ ପାଟଣା ବନାଞ୍ଚଳ କାର୍ଯ୍ୟାଳୟରେ ପହଁଚି ତାଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ଉଭୟେ ପୁଷ୍ପଗୁଚ୍ଛ ପ୍ରଦାନ କରି ନୂତନ ରେର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କୁ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଥିଲେ। ସାକ୍ଷାତ ସମୟରେ ପାଟଣା ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସଂପର୍କିତ ପ୍ରସଙ୍ଗ, ବନ୍ୟଜନ୍ତୁ ସୁରକ୍ଷା ଏବଂ ସ୍ଥାନୀୟ ଲୋକଙ୍କ ସହ ବନ ବିଭାଗର ସମନ୍ୱୟ ନେଇ ଆଲୋଚନା ହୋଇଥିଲା।

## ଯବାନଙ୍କ ପାଇଁ ରାକ୍ଷୀ ପଠାଇ ପ୍ରଶଂସା ସାଉଁଟିଲେ ପତିତପାବନ ମହାବିଦ୍ୟାଳୟ ଛାତ୍ରୀ

ରାମଚନ୍ଦ୍ରପୁର,୨୧।୮(ନିପ୍ର): ଭାଇ ଭଉଣୀର ଅତୁଟ ସମ୍ପର୍କର ପ୍ରତିକ ହେଉଛି ରାକ୍ଷୀ। ଆଗକୁ ଆସୁଛି ରାକ୍ଷୀ ପୂର୍ଣ୍ଣିମା, ଯାହାକୁ ଆଡମ୍ବରରେ ପାଳନ ନିମନ୍ତେ ଏକ ପ୍ରକାର ପ୍ରସ୍ତୁତି ଆରମ୍ଭ



ହୋଇଗଲାଣି। ହାଟ ବଜାରର ଠାଏ ଠାଏ ରାକ୍ଷୀ ଦୋକାନର ପସରା ମେଲିଲାଣି। ଗାଁଠୁ ସହର ସବୁଠି ଆଡମ୍ବର ସହକାରେ ଏହି ଉତ୍ସବକୁ ପାଳନ କରାଯାଉଥିବାବେଳେ ଆମ ଦେଶ ସୁରକ୍ଷାରେ ନିୟୋଜିତ ଥିବା ବୀର ଯବାନମାନଙ୍କ ପାଇଁ ରାକ୍ଷୀ ପଠାଇ ନିଆରା ସନ୍ଦେସ ଦେଇଛନ୍ତି ପତିତପାବନ ମହାବିଦ୍ୟାଳୟର ଛାତ୍ରୀମାନେ। ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଛାତ୍ରୀମାନେ ଏକତ୍ରିତ ହୋଇ ବଜାରରୁ ରାକ୍ଷୀ କିଣି ସେହି ରାକ୍ଷୀକୁ ଯବାନ ଭାଇମାନଙ୍କ ପାଖକୁ ଡାକ ଯୋଗେ ପଠାଇଛନ୍ତି। ଏଭଳି ଚିନ୍ତାଧାରାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଯିବୀ ତଥା କଲେଜ ଅଧ୍ୟକ୍ଷ ଉଚ୍ଚ ପ୍ରଶଂସା କରିଛନ୍ତି।

## ମହିଳା ସମାନତା ଦିବସରେ ରକ୍ତଦାନ ଶିବିର ପ୍ରସ୍ତୁତି



ହାଟଡିହି,୨୧।୮(ନି.ପ୍ର): ଆସନ୍ତା ୨୬ ତାରିଖ ବୁଧବାର ଦିନ ମହିଳା ସମାନତା ଦିବସରେ ଚଣ୍ଡୀବିରଞ୍ଚିପୁର ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଆମ ଓଡିଶା ଓ ସେଣ୍ଟ ଜାଭିଅର ହାଇସ୍କୁଲର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜାଭିୟର ହାଇସ୍କୁଲର ସଭାପତି ଇଂ ଉଦୟନାଥ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସାମ୍ବାଦିକ କିଶୋର ଆଚାର୍ଯ୍ୟ ଯୋଗଦେଇ ଶିବିରକୁ ସଫଳ କରିବାଲାଗି ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସାମ୍ବାଦିକ ପାର୍ଥ ସୌରଭ ସା, ବରିଷ୍ଠ ଶିକ୍ଷକ ବିଜୟ କୁମାଇ ପହି, ବିଜୟ କୁମାର ପହି, ଦେବେନ୍ଦ୍ରନାଥ ପାଢୀ, ଦୟାନିଧି ଚିନରା, ହିମାଂଶୁ ରଞ୍ଜନ ବାରିକ, ସୁତିପ୍ତ ଦାଶ, ପ୍ରଶାନ୍ତ କୁମାର ଦାଶ, ସଂଗ୍ରାମ କେଶରୀ ପଟ୍ଟନାୟକ, ଚନ୍ଦ୍ରଶେଖର ବାରିକ, ତନୁଶ୍ରୀ ତନୟା ପହି, ଶୁଭଶ୍ରୀ ପଣ୍ଡା, ଉର୍ମୀ ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ଭାଗ୍ୟଶ୍ରୀ ସାହୁ, ପ୍ରୀତିନନ୍ଦା ମଲ୍ଲିକ, ଚିନ୍ମୟୀ ସାହୁ, ଏସ୍. ବି. ସାଇମଗ୍ନା, ସାଇକ୍ଲିଷ୍ଟା ଜେନା, ମୋନାଲିସା ବାରିକ, ବିଶ୍ୱବନ୍ଦିତା ଜେନା, ସ୍ୱପ୍ନାରାଣୀ ନାୟକ ଏବଂ ସହକର୍ମୀ ମଞ୍ଜୁଲତା ଖୁଣ୍ଟିଆ, ମନୋରମା ସେଠୀ, ଅଜୟ ସେଠୀ ଓ ଉର୍ମିଳା ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଢେଙ୍କା ସମବାୟ ସମିତିରେ ସାର ଅଭାବ



ହାଟଡିହି,୨୧।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଢେଙ୍କା ସମବାୟ ସମିତିରେ ସାର ଅଭାବକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ଚାଷ କାମକୁ ଆଗେଇ ନେବା ପାଇଁ ଏହା ଉପଯୁକ୍ତ ସମୟ ହୋଇଥିବା ବେଳେ ସମବାୟ ସମିତିରୁ ଆଦୌ ସାର ମିଳୁନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସାର ମୁଠାଏ ପାଇଁ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସାର ଅଭାବର ସମାଧାନ ଦାବି କରି ଅନେକ ଚାଷୀ ଢେଙ୍କା ସମବାୟ ସମିତି ସମ୍ମୁଖରେ ପହଁଚି ପ୍ରତିବାଦ କରିଥିଲେ। ଚାଷୀମାନଙ୍କ କହିବା ଅନୁଯାୟୀ, ଚାଷ ଜମିରେ ସାର ପ୍ରୟୋଗ କରିବାର ଉପଯୁକ୍ତ ସମୟ ଚାଲିଥିବା ବେଳେ ଢେଙ୍କା ସମବାୟ ସମିତିରେ ସାର ନମିଳିବା ଯୋଗୁଁ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ଚାଷୀମାନେ ଧାନ ଚାଷ ପାଇଁ ପ୍ରସ୍ତୁତି ନେଇଥିବା ବେଳେ ଠିକ୍ ସମୟରେ ସାର ନମିଳିଲେ ଚାଷରେ ଅସୁବିଧା ସୃଷ୍ଟି ହେବ ବୋଲି ସେମାନେ କହିଛନ୍ତି। ସମବାୟ ସମିତି ମାଧ୍ୟମରେ ସରକାରୀ ନିର୍ଦ୍ଧାରିତ ଦରରେ ସାର ପାଇବା ଆଶାରେ ଚାଷୀମାନେ ଆସୁଥିବା ବେଳେ ଦୀର୍ଘ ସମୟ ଅପେକ୍ଷା କରି ମଧ୍ୟ ଖାଲି ହାତରେ ଫେରିବାକୁ ପଡୁଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ବଜାରରୁ ଅଧିକ ଦରରେ ସାର କିଣିବାକୁ ପଡ଼ିଲେ ଚାଷୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ ଓ ବଜାରରେ ଆବଶ୍ୟକ ପରିମାଣର ସାର ମିଳୁନି ବୋଲି ଶେଷଦେବ ସାମଲ, ନାରାୟଣ ଚନ୍ଦ୍ର ବେହେରା, ସୁରେନ୍ଦ୍ର ପଢ଼ିଆରୀ, ପ୍ରଦୀପ ଖୁଣ୍ଟିଆ, ନୃସିଂହ ବେହେରା, ପ୍ରଫୁଲ୍ଲ ପଢ଼ିଆରୀ, ସୁରଥ ପାଣିଗ୍ରାହୀ, ପ୍ରଦୀପ ପଢ଼ିଆରୀ, କୈଳାଶ ମଲ୍ଲିକ, ରବି ନାରାୟଣ ଜେନା, ଶଶଧର ପରିଡ଼ା, ଘନଶ୍ୟାମ ସେଠୀ, ସୁଧାକର ଜେନା ଓ ଗଣେଶ ମୁଦୁଲିଙ୍କ ସମେତ ଅନେକ ଚାଷୀ ମତବ୍ୟକ୍ତ କରିବା ସହିତ ସମିତି ସମ୍ମୁଖରେ ଦୃଢ଼ ପ୍ରତିବାଦ କରିଥିଲେ। ଚାଷୀମାନଙ୍କ ଅଭିଯୋଗ ହେଉଛି, ଯେ ଢେଙ୍କା ସମବାୟ ସମିତି ପ୍ରତିଷ୍ଠା ହେବାର ଦୁଇ ବର୍ଷ ଅତିକ୍ରମ ହେଲାଣି। ଏହି ସମିତି ଅଧୀନରେ ଢେଙ୍କା, ସଙ୍ଗମ, ଝଣଝଣା, ବାରିଗାଁ, ମଟରାଗଡ଼ିଆ, ଆମ୍ବଗଡ଼ିଆ, ଆଦି ୧୧ଟି ଗ୍ରାମର ୭୦୦ରୁ ଉର୍ଦ୍ଧ୍ୱ ଚାଷୀ ଥିବାବେଳେ ସମିତି ମାଧ୍ୟମରେ ଚାଷୀଙ୍କ ଧାନ ବିକ୍ରୟ ହେଉଛି, କିନ୍ତୁ ଚାଷୀଙ୍କୁ ସାର ଯୋଗାଇ ଦିଆଯାଉନି। ଏବେ ଚାଷ କାମ ପାଇଁ ସାର ଅତ୍ୟନ୍ତ ଜରୁରୀ। ଏହି ସମୟରେ ଆବଶ୍ୟକ ପରିମାଣର ସାର ଯୋଗାଣ ନହେଲେ ଚାଷ କାମରେ ବିଳମ୍ବ ହେବା ସହ ଚାଷୀଙ୍କ ଉତ୍ପାଦନ ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ବର୍ଷା ଓ ଚାଷର ସମୟକୁ ନେଇ ଚାଷୀମାନେ ପୂର୍ବରୁ ଚିନ୍ତିତ ଥିବା ବେଳେ ସାର ଅଭାବ ସମସ୍ୟାକୁ ଆହୁରି ଜଟିଳ କରିଦେଇଛି ବୋଲି ସେମାନେ କହିଛନ୍ତି।

## ବ୍ରାଇଟ ସ୍ମାଇଲ ଡେଣ୍ଟାଲ କ୍ଲିନିକ୍ ଉଦ୍‌ଘାଟିତ

ଚମ୍ପୁଆ,୨୧।୮(ନି.ପ୍ର): ଚମ୍ପୁଆ ସହରବାସୀଙ୍କୁ ଉନ୍ନତ ଦନ୍ତ ଚିକିତ୍ସା ସେବା ଯୋଗାଇବା ଲକ୍ଷ୍ୟରେ ଚମ୍ପୁଆ ବସଷ୍ଟାଣ୍ଡ ନିକଟରେ 'ବ୍ରାଇଟ ସ୍ମାଇଲ ଡେଣ୍ଟାଲ କ୍ଲିନିକ୍'ର ଶୁଭାରମ୍ଭ ହୋଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଫିତା କାଟି କ୍ଲିନିକ୍‌ର ଉଦ୍‌ଘାଟନ କରିଥିଲେ। କ୍ଲିନିକ୍‌ରେ ଦାନ୍ତ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ଚିକିତ୍ସା ଓ ଆବଶ୍ୟକୀୟ ସୁବିଧା ଉପଲବ୍ଧ ହେବ ବୋଲି ଡା. ଓ.ଏମ୍. ରିତିଶ କୁମାର କହିଛନ୍ତି। ଚମ୍ପୁଆ ଓ ଏହାର ଆଖପାଖ ଅଂଚଳର ଲୋକଙ୍କୁ ସହଜରେ ଗୁଣାତ୍ମକ ଦନ୍ତ ଚିକିତ୍ସା ସେବା ମିଳିପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡା. ଚିରିବୀ ଚୌଧୁରୀ, ବରିଷ୍ଠ ଓକିଲ ରମେଶ ପ୍ରଧାନ, ଗଙ୍ଗାଧର କର, ତପନ କୁମାର ମିଶ୍ର, ସୁଶାନ୍ତ ସାହୁ, ସୁରେଶ ଗିରିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅତିଥି ଉପସ୍ଥିତ ଥିଲେ। ନୂତନ ଡେଣ୍ଟାଲ କ୍ଲିନିକ୍ ଖୋଲିବା ଦ୍ୱାରା ଚମ୍ପୁଆବାସୀଙ୍କୁ ଦନ୍ତ ଚିକିତ୍ସା କ୍ଷେତ୍ରରେ ଅଧିକ ସୁବିଧା ମିଳିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

## କରଞ୍ଜିଆ ଡାକ୍ତରଖାନାରେ ଦୁର୍ବ୍ୟବହାର ଅଭିଯୋଗ



କରିଆ,୨୧।୮(ନି.ପ୍ର): କରଞ୍ଜିଆ ପଟାକାଟ ଛକ, ୱାର୍ଡ ନମ୍ବର-୭ର ପ୍ରଶାନ୍ତ ନାୟକ ତାଙ୍କ ୧୨ ବର୍ଷୀୟ ଝିଅ ପ୍ରଜ୍ଞା ନାୟକଙ୍କୁ ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ କରଞ୍ଜିଆ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଜଣେ କର୍ମଚାରୀ ତାଙ୍କ ସହ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିବା ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଘଟଣାର ପ୍ରତିବାଦରେ ପ୍ରଶାନ୍ତ ତାଙ୍କ ଝିଅଙ୍କୁ ସାଙ୍ଗରେ ନେଇ ଦୈନିକ ଓଡିଆ ଖବରକାଗଜ 'ପ୍ରତିଦିନ' କାର୍ଯ୍ୟାଳୟରେ ପହଂଚିଛନ୍ତି। ଗଣମାଧ୍ୟମ ଜରିଆରେ ସେ ଘଟଣା ସଂପର୍କରେ ପ୍ରଶାସନ ଓ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ପ୍ରଶାନ୍ତଙ୍କ ଦାବି ହେଉଛି, ଅଭିଯୁକ୍ତ କର୍ମଚାରୀ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଏଥିସହ ତାଙ୍କ ୧୨ ବର୍ଷୀୟ ଝିଅ ପ୍ରଜ୍ଞାଙ୍କର ଯେପରି ସଠିକ୍ ଓ ଉଚିତ ଚିକିତ୍ସା ହୋଇପାରିବ, ସେଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ମଦ ଚୋରା ଚାଲାଣ କରୁଥିବା ବେଳେ ୫ ବାଟୋଇଙ୍କୁ ଧକ୍କା ଦେଲା ବାଇକ

ପଣ୍ଡାପଡା,୨୧।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଜୁଙ୍ଗା ଗ୍ରାମ ପଂଚାୟତ କାବେରୀପଶି ଛକ ଠାରୁ ଅଳ୍ପ କିଛି ଦୂରରେ ହାଡିବନ୍ଧୁ ମହାନ୍ତଙ୍କ ଘର ପାଖରେ ଗୁରୁବାର ସନ୍ଧ୍ୟା ସମୟରେ ଗାଡି ନଂ (ଓଡି୦୯ଏଚ୍-୦୩୪୭) ରନ୍ଧା ଦେଶୀ ମହୁଲି ମଦ ଚୋରା ଚାଲାଣ କରୁଥିବା ବେଳେ କାବେରୀପଶି ଗ୍ରାମର ଶକୁନ୍ତଳା ମହାନ୍ତ, ଭାର୍ଗବୀ ମହାନ୍ତ, ବଉଳ ମହାନ୍ତ, କୁନ୍ତଳା ମହାନ୍ତ, ଚନ୍ଦ୍ରିକା ମହାନ୍ତ, ସନ୍ଧ୍ୟାରାଣି ମହାନ୍ତ, ବାସନ୍ତୀ ମହାନ୍ତ ନାଇଗୁଡ଼ା (ଡୁମୁରିନାଳୀ) ଶୁଦ୍ଧିକ୍ରିୟା ପାଇଁ ଗାଧୋଇ ସାରି ଫେରିବା ସମୟରେ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଶକୁନ୍ତଳା ମହାନ୍ତ, ଚନ୍ଦ୍ରିକା ମହାନ୍ତ ଅଧିକ ଗୁରୁତର ଥିବାବେଳେ ସେମାନଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲରେ ଚିକିତ୍ସା କରାଯାଉଥିବା ବେଳେ କାର୍ତ୍ତିକ ମହାନ୍ତଙ୍କ ସ୍ତ୍ରୀ ଶକୁନ୍ତଳା ମହାନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ କଟକ ଏସସିବିକୁ ସ୍ଥାନାନ୍ତର କରାଯାଇଛି। ପ୍ରତିଦିନ ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତଥା ଅବକାରୀ ବିଭାଗ ଗ୍ରାମ ଗୁଡିକରେ ଚାଲିଥିବା ମହୁଲି ମଦକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି ହୋଇଛି । ଯଦି ଆଗକୁ ଏହା ବନ୍ଦ ନ ହୁଏ ତେବେ ଆଗକୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି।

## ବିଭିନ୍ନ ସମବାୟ ସମିତି ପରିଦର୍ଶନ କଲେ ପୂର୍ବତନ କୃଷକ ମୋର୍ଚ୍ଚା ସଭାପତି

ଆନନ୍ଦପୁର,୨୧।୮(ନି.ପ୍ର): ଓଡିଶାର ଚାଷୀ ଦରଦୀ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚାଷୀ ମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା କରୁଛନ୍ତି। ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ପୀକରଣ ବ୍ୟବସ୍ଥାକୁ ସରଳୀକରଣ କରିଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନରେ ଅଗଷ୍ଟ ୧୦ ତାରିଖ ଠାରୁ ଧାନ ସଂଗ୍ରହ ପୀକରଣ ଆରମ୍ଭ ହୋଇଛି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ ଶୁକ୍ରବାର ଶୈଳଙ୍ଗ, ଖାଲିଆମେଣ୍ଟା, ଭଣ୍ଡାରିଡିହା, ଦେଓଗାଁ, ମଦନପୁର, ଖଲଣା,ବାଟୋ ଓ ବେଲବାହାଳି ପ୍ରଭୃତି ସେବା ସମବାୟ ସମିତି ବୁଲି ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। ରାଜ୍ୟ ସରକାର ପଞ୍ଜୀକରଣକୁ ସରଳୀ କରଣ କରିଥିବାରୁ ଚାଷୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଜଣାଇବା ସହିତ ଆନନ୍ଦ ପ୍ରକାଶ କରିଥିଲେ। ସରୋବର ନେଟୱାର୍କ ଡାଉନ ରହୁଥିବାରୁ ପୀକରଣରେ ଅହେତୁକ ବିଳମ୍ବ ହେଉଥିବା ଚାଷୀ ମାନେ ଚାଷୀ ନେତା ମହେଶ୍ୱର ସାହୁଙ୍କ ଠାରେ ପ୍ରକାଶ କରିଥିଲେ। ଏ ବିଷୟରେ ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଚାଷୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ବିକାଶ ଚନ୍ଦ୍ର ଜେନା, ବିପିନି କୁମାର ଜେନା, ବାମନ ଚରଣ ଭୂୟାଁ, ରୂପ ମହାରଣା, ପ୍ରଣବ ପୁହାଣ, ରାଧେଶ୍ୟାମ ରଣା, ରବିନ୍ଦ୍ର କୁମାର ପଣ୍ଡା, ସନ୍ତୋଷ କୁମାର ସ୍ୱାଇଁ, ବୁଲୁ ପଟ୍ଟନାୟକ, ତୀର୍ଥ ଜେନା, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ବର୍ଷେ ପରେ ବି ହୋଇପାରୁନି କାଞ୍ଜିଆ ହୋଦା



ଚମ୍ପୁଆ,୨୧।୮(ନି.ପ୍ର): ଚମ୍ପୁଆ ଏନ୍‌ଏସିକୁ ୧୪ ବର୍ଷ ପୁରିବାକୁ ବସିଥିଲେ ହେଁ ବିଭାଗର ଆନ୍ତରିକତାର ଅଭାବ ପାଇଁ ବୁଲା ଗାଇଗୋରୁଙ୍କ ନିମିତ୍ତ କାଞ୍ଜିଆ ହୋଦା ନିର୍ମାଣ କରାଯାଇ ପାରିନାହିଁ । ଚମ୍ପୁଆ ସହରର ମୁଖ୍ୟ ରାସ୍ତା ତଥା ଛକ ଗୁଡିକରେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସଞ୍ଜ ନଇଁଲେ ଏହି ଗୃହପାଳିତ ପଶୁଙ୍କ ଭିଡ ଜନଗହଳି ସ୍ଥାନରେ ଦେଖିବାକୁ ମିଳୁଥିବା ଫଳରେ ନିୟମିତ ଟ୍ରାଫିକ ସମସ୍ୟା, ରାସ୍ତା ଅବରୋଧ ଏବଂ ସଡ଼କ ଦୁର୍ଘଟଣା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ସକାଳ ସମୟରେ ରାସ୍ତା ଖାଲି ରହୁଥିବା ବେଳେ ସନ୍ଧ୍ୟା ସମୟରୁ ରାତିସାରା ଗାଈଗୋରୁ, ବୁଲା କୁକୁରମାନଙ୍କ କବଜାରେ ଚମ୍ପୁଆ ସହର ଦେଇ ଯାଇଥିବା ୨୦ନଂ ଜାତୀୟ ରାଜପଥ ରହୁଛି। ଏହି ରାସ୍ତାରେ ଦୈନିକ ଶହଶହ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ ଯାତାୟତ କରୁଥିବାରୁ ପରିସ୍ଥିତି ଆହୁରି ଗମ୍ଭୀର ହୋଇପଡିଛି। ଗାଈଗୋରୁ, ବଳଦ ଓ ଷଣ୍ଢ ମାଲିକମାନେ ନିର୍ବିକାର ଭାବେ ଏମାନଙ୍କୁ ଛାଡ଼ିଦେବା ଯୋଗୁଁ ସେମାନେ କେଉଁଠି ରାସ୍ତା କବ୍‌ଜା କଲେଣି ତ କେଉଁ ପରିବା ବଜାରରେ ପଶି ଦୋକାନୀମାନଙ୍କ ପରିବା ଖାଇଗଲେଣି। ପ୍ରଶାସନ ସବୁ ଦେଖି ନ ଦେଖିବା ନ୍ୟାୟରେ ବାଟ ଭାଙ୍ଗି ଚାଲି ଯାଉଛନ୍ତି। ଏନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ କହିଥିଲେ କି ରାଜସ୍ୱ ବିଭାଗ ତରଫରୁ ଆମକୁ ଗୋଶାଳା ନିର୍ମାଣ ପାଇଁ ପ୍ଲଟ ନଂ ୧୩୩୮ ଓ ୧୩୩୯ରେ ଏକ ଏକର ଯାଗା ୨୫/୫/୨୦୨୫ ରେ ଯୋଗାଇ ଦିଆଯାଇଛି। ଆମେ ସରକାରଙ୍କୁ ପ୍ରସ୍ତାବ ମଧ୍ୟ ପଠାଇ ସାରିଛୁ। କିନ୍ତୁ ଏପର୍ଯ୍ୟନ୍ତ କିଛି ଚିଠି ଆସିନାହିଁ। ଆନନ୍ଦପୁର, କେନ୍ଦୁଝର, ଯୋଡ଼ା,ବଡ଼ବିଲ ଆଦି ସହର ମାନଙ୍କରେ ଏପର୍ଯ୍ୟନ୍ତ ଗୋଶାଳା ମଧ୍ୟ ନାହିଁ ବୋଲି ସଫେଇ ଦେଇଥିଲେ। ୨୦୨୫ ମସିହାରୁ ଜାଗା ମିଳିଥିଲେ ହେଁ ଆନ୍ତରିକତା ଅଭାବରୁ ଏପ୍ରକଳ୍ପଟି ଏବେ ମଧ୍ୟ ଆଣ୍ଠେଇ ପଡ଼ିଛି।

### ଅନିଶ୍ଚିତତା ମଧ୍ୟରେ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ

# ୨୦୨୬-୨୭ ଶିକ୍ଷାବର୍ଷରେ ଛାତ୍ରଙ୍କ ଏନ୍‌ରୋଲମେଣ୍ଟକୁ ନେଇ ଅସନ୍ତୋଷ



ଆନନ୍ଦପୁର,୨୧।୮(ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଏବେ ଅନିଶ୍ଚିତତା ମଧ୍ୟରେ। ୧୯୪୫ ମସିହାରେ ପ୍ରତିଷ୍ଠିତ ଏହି ପୁରାତନ ଶିକ୍ଷାନୁଷ୍ଠାନ ଦୀର୍ଘ ୮୧ ବର୍ଷ ଧରି ଆନନ୍ଦପୁର ତଥା କେନ୍ଦୁଝର ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ଓ ଗୌରବ ବଜାୟ ରଖିଆସିଛି। ଏହି ବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଅନେକ ଛାତ୍ର ରାଜନୈତିକ, ପ୍ରଶାସନିକ, ସାମାଜିକ ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ତେବେ ଏହି ଗୌରବମୟ ଶିକ୍ଷାନୁଷ୍ଠାନରେ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ଏନ୍‌ସିସି ଏନ୍‌ରୋଲମେଣ୍ଟକୁ ନେଇ ସମସ୍ୟା ଦେଖାଦେଇଛି। ଏନ୍‌ସିସି ୟୁନିଟ୍‌କୁ ସସ୍‌ପେଣ୍ଡ କରାଯାଇଥିବାରୁ ଚଳିତ ବର୍ଷ ବିଦ୍ୟାଳୟର ଛାତ୍ରମାନେ ସମର ଶିକ୍ଷାର୍ଥୀ ବାହିନୀରେ ସାମିଲ ହେବାରୁ ବଂଚିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, ୭ ବାଟାଲିୟନ ଭଦ୍ରକ ପକ୍ଷରୁ ବିଦ୍ୟାଳୟର ଏନ୍‌ସିସି ୟୁନିଟ୍‌କୁ ସସ୍‌ପେଣ୍ଡ କରାଯାଇଥିଲେ ମଧ୍ୟ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ କାରଣ ଦର୍ଶାଅ ନୋଟିସ୍ ଦିଆଯାଇନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏପରି ପଦକ୍ଷେପ ଫଳରେ ବହୁ ଛାତ୍ର ଏନ୍‌ସିସିରେ ଯୋଗଦେଇ ଦେଶସେବା, ଶୃଙ୍ଖଳା, ନେତୃତ୍ୱ ଓ ଦାୟିତ୍ୱବୋଧର ଶିକ୍ଷା ହାସଲ କରିବାର ସୁଯୋଗରୁ ବଂଚିତ ହେବେ ବୋଲି ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏନେଇ ବାଟାଲିୟନ କମାଣ୍ଡିଂ ଅଫିସରଙ୍କ ପକ୍ଷରୁ ବିଦ୍ୟାଳୟରେ ଏନ୍‌ସିସି ସମ୍ବନ୍ଧୀୟ ଆବଶ୍ୟକ ସାମଗ୍ରୀ ନଥିବା ଏବଂ ବିଦ୍ୟାଳୟର ଛାତ୍ରମାନେ ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଯୋଗଦାନ କରିନଥିବା ଭଳି କାରଣ ଦର୍ଶାଯାଇଥିବା ଜଣାପଡ଼ିଛି। ତେବେ ଏହି କାରଣଗୁଡ଼ିକୁ ନେଇ ଏନ୍‌ସିସି ୟୁନିଟ୍‌କୁ ସସ୍‌ପେଣ୍ଡ କରାଯିବା ଓ ଏନ୍‌ରୋଲମେଣ୍ଟ ବନ୍ଦ କରାଯିବାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସମାଧାନ ନିମନ୍ତେ ବିଦ୍ୟାଳୟ କମିଟିର ଏକ ପ୍ରତିନିଧି ଦଳ ୭ ବାଟାଲିୟନ ଭଦ୍ରକ କାର୍ଯ୍ୟାଳୟକୁ ଯାଇ ଚଳିତ ଶିକ୍ଷାବର୍ଷ ପାଇଁ ଛାତ୍ରମାନଙ୍କ ଏନ୍‌ସିସି ଏନ୍‌ରୋଲମେଣ୍ଟ ସଂପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ପୁନର୍ବାର ଏନ୍‌ରୋଲମେଣ୍ଟ ପାଇଁ ଅନୁମତି ଦେବାକୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ। ମାତ୍ର କମାଣ୍ଡିଂ ଅଫିସରଙ୍କ ପକ୍ଷରୁ ଏନ୍‌ରୋଲମେଣ୍ଟ ପାଇଁ ସିଧାସଳଖ ଅନୁମତି ନମିଳିବାରୁ ପ୍ରତିନିଧି ଦଳ ନିରାଶ ହୋଇ ଫେରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର, ଅଭିଭାବକ ଓ ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏକ ପୁରାତନ ଓ ଗୌରବମୟ ଶିକ୍ଷାନୁଷ୍ଠାନରେ ଦୀର୍ଘଦିନ ଧରି ଚାଲିଆସୁଥିବା ଏନ୍‌ସିସି ବ୍ୟବସ୍ଥାକୁ ହଠାତ୍ ବନ୍ଦ କରିବା ପରିବର୍ତ୍ତେ ବିଦ୍ୟାଳୟର ଅଭାବ ଓ ସମସ୍ୟାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ କରାଯାଉ ବୋଲି ଦାବି ହୋଇଛି। ଅଭିଭାବକମାନଙ୍କ କହିବା ଅନୁଯାୟୀ, ଏନ୍‌ସିସି କେବଳ ଏକ ଶିକ୍ଷାକ୍ରମ ନୁହେଁ, ଏହା ଛାତ୍ରମାନଙ୍କ ମଧ୍ୟରେ ଶୃଙ୍ଖଳା, ଦେଶପ୍ରେମ, ନେତୃତ୍ୱ, ସାହସ ଓ ସାମାଜିକ ଦାୟିତ୍ୱବୋଧ ବିକାଶ କରିବାର ଏକ ମହତ୍ତ୍ୱ ପୂର୍ଣ୍ଣ ମାଧ୍ୟମ। ତେଣୁ ଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏନ୍‌ସିସି ଏନ୍‌ରୋଲମେଣ୍ଟ ତୁରନ୍ତ ଆରମ୍ଭ କରାଯିବା ଆବଶ୍ୟକ।

# ହିଣ୍ଡାଲକୋ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର



ହୀରାକୁଦ, ୨୧।୮(ନଦିପ୍ର): ହିଣ୍ଡାଲକୋ ପକ୍ଷରୁ ଶୁକ୍ରବାର ଗୁଣ୍ଡରୁପଡ଼ା କମ୍ୟୁନିଟି ସେଣ୍ଟରଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ହୀରାକୁଦ ହିଣ୍ଡାଲକୋ ୟୁନିଟ୍ ହେଡ୍ ସୁମିତ ମୁଖାର୍ଜୀଙ୍କ ପରାମର୍ଶରେ ଆୟୋଜିତ ଏହି ଶିବିରରେ ୧୬୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବଣ୍ଟନ କରାଯାଇଥିଲା।ୟୁନିଟ୍ ହେଡ୍ ଶ୍ରୀ ମୁଖାର୍ଜୀ, ସ୍ମେଲଟର ପ୍ଲାଣ୍ଟ ହେଡ୍ ପ୍ରତାପ ସାହୁ, ଲ୍ୟାଣ୍ଡ ଆଣ୍ଡ କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା, ସ୍ୱରୂପ ପଟ୍ଟନାୟକ, ଅଭିଜିତ ଚାଟାର୍ଜୀ, ମାନସ ରଥ, ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରବୀଣ ଯାଦବ, ଡେ କେୟାର ହସ୍ପିଟାଲ ପ୍ରଶାସକ ସତ୍ୟ ପଣ୍ଡା, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ଏବଂ ବିଭାଗୀୟ ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ ମା ସମଲେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦୀପ ପ୍ରଜ୍ୱଳନ କରି ଶିବିର ଆରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ମୁଖାର୍ଜୀ କହିଥିଲେ, ହିଣ୍ଡାଲକୋ ହୀରାକୁଦ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ମହିଳା ଓ ଯୁବବର୍ଗଙ୍କ ବିକାଶ ସହିତ ସ୍ଥାନୀୟ ସଂସ୍କୃତିର ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଭବିଷ୍ୟତରେ ମଧ ଏଭଳି ଜନ କଲ୍ୟାଣମୂଳକ କାର୍ଯ୍ୟ ଜାରି ରହିବ। ସ୍ମେଲଟର ପ୍ଲାଣ୍ଟ ହେଡ୍ ଶ୍ରୀ ସାହୁ ଅଞ୍ଚଳରେ ଏଭଳି ଉନ୍ନୟନ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ହିଣ୍ଡାଲକୋ ସ୍ୱାସ୍ଥ୍ୟ ସେବା ବିଭାଗର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଯାଦବଙ୍କ ନେତୃତ୍ୱରେ ଡା. ପଦ୍ମାଳୟା ମିଶ୍ର, ଡା. ପୂଜା ଶ୍ରୀବାସ୍ତବ, ଡା. ଯୋଗେଶ ଡାଖାନି, ଡା. ସୁମିତ କୁମାର, ଡା. ତ୍ରିଲୋଚନ ବାରିକ ପ୍ରମୁଖ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ। ରୋଗୀମାନଙ୍କୁ ଔଷଧ ବଣ୍ଟନ କରା ଯାଇଥିଲା। ।ଶିବିରରେ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି ଜ୍ଞାନେନ୍ଦ୍ରିୟ ଦାଶ, ଇତୁଆ ଖଡ଼ିଆ, ଦୀପକ ଭୋଇ, ଅଭିରାମ ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ହିଣ୍ଡାଲକୋର ଜନ କଲ୍ୟାଣ ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ଶିବିର ପରିଚାଳନାରେ ସିଏସ୍ଆର୍ ବିଭାଗର ପରିଚାଳକ ଆନନ୍ଦ ଚକ୍ରବର୍ତ୍ତୀ, ମିଳନ କୁମାର ସାହୁ, ସୁଶ୍ରୀ ରାମେଶ୍ୱରୀ ଦାଶ, ହାନ୍ସ ଫାଉଣ୍ଡେସନ ପ୍ରକଳ୍ପ ସଂଯୋଜକ ଅମିତ ସିଂ, ସୌରଭ ନାୟକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଶାସନର ନଜର ଆଢୁଆଳରେ ମାର୍ଦ୍ଦିଫଙ୍ଗା ବିଦ୍ୟାଳୟ
# ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରେଣୀଗୃହ, ପାଣି ବ୍ୟବସ୍ଥା ନାହିଁ

ଦାରିଙ୍ଗବାଡ଼ି,୨୧।୮(ଏଜେନ୍ସି): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍‌ରେ ଅନେକ ବିଦ୍ୟାଳୟ ଅଛି ଯାହାର ଭିତ୍ତିଭୂମି ବିକାଶ ହୋଇପାରି ନାହିଁ। କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠି ପାନୀୟ ଜଳର ଘୋର ସମସ୍ୟା ଦେଖା ଦେଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଶ୍ରେଣୀ କୋଠା, ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ପାଠ ପଢ଼ା।




ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ରାହ୍ମଣଗାଁ ଥାନା ସାରାମୂଳୀ ପଞ୍ଚାୟତର ମାର୍ଦ୍ଦିଫଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ଯାହା ଅଛି ତାହା ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ। ପାଚେରି ନ ଥିବାରୁ ବିଦ୍ୟାଳୟ ପରିସର ଗୋରୁଗାଈଙ୍କ ଆଡ଼ା ପାଲଟିଥିବା ଅଭିଯୋଗ ହୋଇଛି।ଦାରିଙ୍ଗବାଡ଼ି ବ୍ଲକ୍‌ର ସୀମାନ୍ତ ଅଞ୍ଚଳରେ ଥିବା ଏହି ବିଦ୍ୟାଳୟ ପ୍ରତି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ପଡ଼ୁ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଂପ୍ରତି ବର୍ଷା ଯୋଗୁଁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଭୟଭୀତ ହୋଇପଡ଼ିଛନ୍ତି। ଶ୍ରେଣୀଗୃହଗୁଡ଼ିକର ଆଜବେଷ୍ଟସ୍ ଫାଟି ଯାଇଥିବାରୁ ପାଣି ପଶିଯାଉଛି। ଛାତ୍ରଛାତ୍ରୀଙ୍କ ପାଇଁ ବସି ପାଠ ପଢ଼ିବାକୁ ସୁରକ୍ଷିତ ସ୍ଥାନ ମିଳୁନାହିଁ। ଅନେକ ସମୟରେ ପିଲାମାନେ ଭୟଭୀତ ହୋଇ ବାରଣ୍ଡାରେ ପଢୁଛନ୍ତି। ଏହା ସହିତ ଶ୍ରେଣୀଗୃହର କାନ୍ଥଗୁଡ଼ିକ ମଧ ଦୁର୍ବଳ ହୋଇପଡ଼ିଛି। ବହୁ ବର୍ଷ ପୁରୁଣା ଏହି ଶ୍ରେଣୀଗୃହଗୁଡ଼ିକ କେତେବେଳେ ଭୁଶୁଡ଼ି ପଡ଼ିବ ତାହା କହିହେବ ନାହିଁ ବୋଲି ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ନୂତନ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ ସେଥିରେ ପାଣି ବ୍ୟବସ୍ଥା ନାହିଁ। ଛାତ୍ରଛାତ୍ରୀ ଶୌଚ ପାଇଁ ବାହାରକୁ ଯିବାକୁ ବାଧ ହେଉଛନ୍ତି। ସବୁଠାରୁ ଗୁରୁତର ସମସ୍ୟା ହେଉଛି ବିଦ୍ୟାଳୟ ପରିସରରେ ପିଇବା ପାଣିର ଅଭାବ। ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ପ୍ରାୟ ଏକ କିଲୋମିଟର ଦୂରରୁ ପାଣି ଆଣିବାକୁ ପଡ଼ୁଛି। ଅବ୍ୟବସ୍ଥା ମଧରେ ବିଦ୍ୟାଳୟ ଚାଲିଛି। ଜିଲ୍ଲା ପ୍ରସାଶନ ତୁରନ୍ତ ହସ୍ତକ୍ଷେପ କରି ଶ୍ରେଣୀଗୃହ ମରାମତି, ପାଚେରି ନିର୍ମାଣ, ପାନୀୟଜଳ ଆଦିର ବ୍ୟବସ୍ଥା କରିବାକୁ ଛାତ୍ରଛାତ୍ରୀ, ଅଭିଭାବକ ଦାବି କରିଛନ୍ତି। ଅନ୍ୟଥା ଅଭିଭାବକମାନେ ସ୍କୁଲ ତାଲା ପକାଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀବଳଦେବଜୀଉଙ୍କ ପାଇଁ ରାକ୍ଷୀ ପଠାଇବେ ସୁଭଦ୍ରା



ଭୁବନେଶ୍ୱର,୨୧।୮(ନିପ୍ର): ଶ୍ରୀକ୍ଷେତ୍ରରୁ ମାଆ ସୁଭଦ୍ରାଙ୍କ ରାକ୍ଷୀ ତୁଳସୀ କ୍ଷେତ୍ର ବଡଭାଇ ବଳିଆରଭୁଜ ରେବତୀକାନ୍ତ ବଳଦେବଜୀଉଙ୍କ ପାଖକୁ ଯିବାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।କଟକର ନୂଆଁବଜାର ପୋତାପୋଖରୀସ୍ଥିତ ଶ୍ରୀଜଗନ୍ନାଥ ପାଟସେବା ବିକାଶପରିଷଦ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ମାଆ ସୁଭଦ୍ରାଙ୍କ ବାଡଗ୍ରାହୀ ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସମହାପାତ୍ର ଏବଂ ଜଗନ୍ନାଥ ପାଟସେବା ବିକାଶ ପରିଷଦର ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ସାହୁ ଏକ ପ୍ରେସବାର୍ତ୍ତାରେ କହିଛନ୍ତି, ଆସନ୍ତା ୨୩ତାରିଖ ଦିନ ୧.୩୦ରେ ହାଇଟେକ୍ ଗ୍ରୁପ୍ ମ୍ୟାନେଜିଂ ଟ୍ରଷ୍ଟି ତଥା ସିଇଓ ସୁରେଶ କୁମାର ପାଣିଗ୍ରାହୀ ଏବଂ ହିମାଂଶୁ କୁମାର ସାହୁ ପୁରୀ ଶଙ୍କରାଚାର୍ଯ୍ୟଙ୍କ ଠାରୁ ପବିତ୍ର ରାକ୍ଷୀ ଗ୍ରହଣ କରି ଅପରାହ୍ନ ୪.୧୫ରେ ହାଇଟେକ୍ ମେଡିକାଲ୍ ସମ୍ମୁଖ ଗଣେଶ ମନ୍ଦିରରେ ପହଞ୍ଚିବେ। ସେଠାରୁ ଯାତ୍ରା କରି ପ୍ରତାପ ନଗରୀସ୍ଥିତ ଧାକୁଲେଇ ପୀଠରେ ରାତ୍ରୀଯାପନ କରିବେ। ପରଦିନ ୯ଟାରେ ବାଡ଼ଗ୍ରାହୀ ଶ୍ରୀ ଦାସମହାପାତ୍ର ଓ ସିଇଓ ଶ୍ରୀ ପାଣିଗ୍ରାହୀ ଏକ ସୁସଜ୍ଜିତ ରଥରେ ଧାକୁଲେଇ ପୀଠରୁ ଯାତ୍ରା କରି ନୂଆବଜାର ପାଟସେବା ବିକାଶ ପରିଷଦରେ ଦିନ ୧୦ଟାରେ ପହଞ୍ଚିବେ। ଶିଖରପୁର ଛକରେ ଏହି ଭବ୍ୟ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ମଧାହ୍ନ ୧୨.୩୦ରେ କେନ୍ଦ୍ରାପଡାସ୍ଥିତ ବଡ଼ଭାଇ ଶ୍ରୀବଳଦେବଜୀଉ ମନ୍ଦିରରେ ରାକ୍ଷୀ ପ୍ରଦାନ କରାଯିବ। ଏହି ରାକ୍ଷୀଯାତ୍ରା ୨୨ବର୍ଷ ଧରି ଆୟୋଜିତ ହୋଇ ଆସୁଛି। ଏହି ଆଧାତ୍ମିକ ଯାତ୍ରାକୁ ଲକ୍ଷାଧିକ ଲୋକ ଦର୍ଶନ କରିବେ ବୋଲି ହାଇଟେକ୍ ଗ୍ରୁପ ଅଧ୍ୟକ୍ଷ ଡ. ପାଣିଗ୍ରାହୀ ଏବଂ ଦଇତାପତି ଶ୍ରୀ ଦାସମହାପାତ୍ର କହିଛନ୍ତି।

# ଥାନାରେ ବରିଷ୍ଠ ନାଗରିକ ଦିବସ

ଡୁଙ୍ଗୁରିପାଲି,୨୧।୮(ନି ପ୍ର): ଡୁଙ୍ଗୁରିପାଲି ଥାନାରେ ବରିଷ୍ଠ ନାଗରିକ ଦିବସ ପାଳନ ସହିତ ସାଇବର ଅପରାଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।




ଥାନା ଅଧିକାରୀ ରୋଜାଲିନ ପଟେଲ ଏସ୍‌ଆଇ ଅମିତ କୁମାର ଧଳଙ୍କ ଉପସ୍ଥିତରେ ଶତାଧିକ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏସଆଇ ଧଳ ବରିଷ୍ଠ ନାଗରିକଙ୍କର ଏକ ସଂଘ ଗଠନ କରାଯିବାକୁ ପ୍ରସ୍ତାବ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲଳିତ ଭୋଇ ଓ ଚାଷୀ ନେତା ଗଙ୍ଗାଧର ଖମାରୀ ସାଇବର ସଚେତନତା ଉପରେ କହିଥିଲେ। ଯଦି ଅଜଣା ଲୋକ ଫୋନ କରି ବ୍ୟାଙ୍କ ଆକାଉଣ୍ଟ, ଏଟିଏମ ପିନ, ଓଟିପ ମାଗନ୍ତି ତେବେ ନ ଦେବା ପାଇଁ କହିଥିଲେ। ମୋବାଇଲରେ କୌଣସି ଅଜଣା ମେସେଜକୁ ମଧ୍ୟ କ୍ଲିକ ନ କରିବା ଏବଂ ଆକାଉଣ୍ଟରୁ ଟଙ୍କା ହ୍ୟାକ ହେଲେ ୧୯୩୦ରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା।

# ମା'ଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ

କୋରାପୁଟ, ୨୧/୮(ନି ପ୍ର): କୋରାପୁଟ ଜିଲ୍ଲା ନନ୍ଦପୁର ସଦର ମହକୁମାର ପ୍ରସିଦ୍ଧ ଗ୍ରାମଦେବୀ ମା' ଠାକୁରାଣୀଙ୍କ ନବଦିନାତ୍ମକ ଘଟଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ସମଗ୍ର ନନ୍ଦପୁର ସହର ଉତ୍ସବମୁଖର ହୋଇପଡ଼ିଛି। ବାହାରେ ରହୁଥିବା ନନ୍ଦପୁରବାସୀ ମଧ ଯାତ୍ରାରେ ସାମିଲ ହେବା ସହ ମା'ଙ୍କ ଦର୍ଶନ ପାଇଁ ନିଜ ଘରକୁ ଫେରିଛନ୍ତି। ବୁଧବାର ସନ୍ଧ୍ୟାରେ ମା' ଠାକୁରାଣୀଙ୍କ ଘଟ ବିରାଟ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ଭିତରଗଡ଼ସ୍ଥିତ ଗଙ୍ଗାଗୁଡ଼ି ଜନ୍ମବେଦୀରେ ପହଞ୍ଚିଥିଲା।

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: www.oshb.org
ପତ୍ରସଂଖ୍ୟା-୧୮୦ ତା: ୧୧-୦୮-୨୦୨୬

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ , ପ୍ରଥମ ପର୍ଯ୍ୟାୟ, ରାଉରକେଲା ଗୃହନିର୍ମାଣ ପ୍ରକଳ୍ପରେ, ଘର ନଂ-ଇ.ସି.ଆର. (ECR-195) ଟିକୁ ଶ୍ରୀମତୀ ଦମୟନ୍ତୀ ଠାକୁର, ସ୍ୱା-ରାମ ସୁନ୍ଦର ଠାକୁର, ଗ୍ରା - ରାଇକେରା, ପୋ/ଥାନା-ବାନ୍ଦୁ, ଜି-ଗୁମୁଲା ( ଝାଡଖଣ୍ଡ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଦମୟନ୍ତୀ ଠାକୁର ଉକ୍ତ ଗୃହଟିକୁ ଦାନ ସୂତ୍ର ଆଧାରରେ ତାଙ୍କର ପୁତ୍ର ଶ୍ରୀ ଶିବ ଶଙ୍କର ଠାକୁର , ପି- ରାମ ସୁନ୍ଦର ଠାକୁର,ଗ୍ରା- ରାଇକେରା, ପୋ/ଥାନା-ବାନ୍ଦୁ, ଜି- ଗୁମୁଲା( ଝାଡଖଣ୍ଡ)ଙ୍କନାମରେ, ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

Caption No: 13001/1607/2627

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: www.oshb.org
ପତ୍ରସଂଖ୍ୟା- ୧୮୩ ତା: ୧୩.୦୭.୨୬

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ରମିକ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ନଂ ୧ | ସ୍ୱର୍ଗତଃ କୃପାସିନ୍ଧୁ ଚୌଧୁରୀ<br>ପିତା- ସ୍ୱର୍ଗତଃ ଅଗାଧୁ ଚୌଧୁରୀ<br>ଗ୍ରା -ତୁଡିପଡା ( ନୂଆସାହି)<br>ପୋ/ଥାନା-ବୋଲଗଡ଼<br>ଜି -ଖୋର୍ଦ୍ଧା | ଏଲ୍.ଆଇ.ଜି.ଏ -୯୦<br>(LIG-A-90)<br>କମ୍ପୋଜିଟ୍ ହାଉସିଂ ସ୍କିମ୍<br>ଗୁରୁଜଙ୍ଗ, ଖୋର୍ଦ୍ଧା | ୧.ପିତବାସ ଚୌଧୁରୀ (ବି.ପୁତ୍ର)<br>୨.ଲକ୍ଷ୍ମୀଧର ଚୌଧୁରୀ(ବି.ପୁତ୍ର)<br>୩. ତ୍ରିଲୋଚନ ଚୌଧୁରୀ(ବି.ପୁତ୍ର)<br>୪. ପ୍ରମୋଦ କୁମାର ଚୌଧୁରୀ(ବି.ପୁତ୍ର)<br>୫. ସୌଦାମିନୀ ସୁବୁଦ୍ଧି (ବି.କନ୍ୟା) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

Caption No: 13001/1609/2627

E-mail ID : sepwdrgda1@gmail.com

**GOVERNMENT OF ODISHA**
**"e" Procurement Notice**
**OFFICE OF THE SUPERINTENDING ENGINEER, RAYAGADA(R&B) DIVISION NO - I, RAYAGADA**

**Bid Identification No: RC (RANDB) RGD 07/ 2026-2027**
**File No. E-II-C8-.../2026 No 4533 Dated 18.08.2026**

1 No of the works - 01 (One) no Road work only
2 Estimated Cost - Rs 74. 16 Lakhs
3 Cost of document - Rs.10.000/-
4 Bid Security - Rs 74,200/-
5 Class of Contractor : B

6 The Bid documents will be available in the website www.tendersodisha.gov.in from 11.00 Hrs of dated 29.08 2026 to 17 00 Hrs. of dated 07.09.2026 for online bidding.
7. Last date/Time for receipt of bids in the portal - Upto17 00Hrs of Dated 07.09.2026.

8. Date of Opening of Technical Bid at 11.30 Hours on dated 08.09.2026 in the office of the Superintending Engineer. Rayagada (R&B) Division No-I.

9. Further details can be seen from the e-Procurement portal www.tendersodisha.gov.in" Any Addendum/Corrigendum/ Cancellation of tender can also be seen in the said website only.

Sd/-
Superintending Engineer
Rayagada, (R&B), Division No - I

Caption No: 34001/666/2627

**'e' PROCUREMENT NOTICE NO.11/ 2026-27**

1 Name of work. : Road Work
2. Total No. of Work. : 01 (One) work.
3. Estimated Cost. : Rs.9.24 lakhs.
4. Period of Completion. : 01 (One) Calendar Months.
5. Class of contractors. : C &'D'Class only.

**Other details as follows:**

a) Procurement officer. :Superintending Engineer, Rural Works Division,Kataka.
b) Availability of tender online for bidding :From dt.24.08.2026 at 11.00 A.M. to dt.02.09.2026 up to 5.00 P.M.
c) Last date & time of seeking of tender clarification. : dt.01.09.2026 up to 5.00 P.M..
d) Date & Time of Opening Technical Bid : dt.03.09.2026 at 11.00 A.M.

Further details can be seen from the Govt, website www.tenderodisha.gov.in

Sd/-
Superintending Engineer
Works Division, Kataka.

Caption No: 25001/967/2627

## ପ୍ରଥମ ପୃଷ୍ଠାରୁ...

### ସ୍ୱାମୀଜୀଙ୍କ ପ୍ରତ୍ୟେକ ରକ୍ତ...

ଆଜିର ଯୁବପିଢ଼ି ନିଜର ମୂଳ ଶିକ୍ଷା, ସଂସ୍କୃତି, ବେଦ, ସଂସ୍କୃତ, ଗୋ-ସଂରକ୍ଷଣ ଓ ସନାତନୀ ପରମ୍ପରା ସହ ଯୋଡ଼ିହୋଇ ଦେଶଭକ୍ତି ଓ ସାହସର ସହ ସମାଜ ଗଠନରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ସଭାରେ ଅନ୍ୟମାନଙ୍କ ମଧରେ ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସାଂସଦ ରୁଦ୍ର ନାରାୟଣ ପାଣି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସ୍ୱାମୀ ଜୀବନ ମୁକ୍ତାନନ୍ଦ ଜୀ, ସ୍ୱାମୀ ସଚ୍ଚିଦାନନ୍ଦ ଜୀ ମହାରାଜଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ଅତିଥି ଓ ରାଜ୍ୟର କୋଣ-ଅନୁକୋଣରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ପାରାଦୀପ ବନ୍ଦର ବିକାଶକୁ ...

ପାରାଦୀପ ବନ୍ଦର ପ୍ରାଧିକରଣର ପ୍ରଶାସନିକ ଭବନରେ ନିର୍ମିତ ଏକ ଅତ୍ୟାଧୁନିକ ମଡେଲ୍ ରୁମ୍‌ର ମଧ କେନ୍ଦ୍ର ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ମଡେଲ ରୁମ୍ ଜରିଆରେ ବନ୍ଦରର ବର୍ତ୍ତମାନର ସୁବିଧା, ମାନଚିତ୍ର ଏବଂ ଭବିଷ୍ୟତର ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଏକ ସ୍ପଷ୍ଟ ପ୍ରତିଛବି ପ୍ରଦର୍ଶିତ ହେବ। ଫଳରେ ଅଧିକାରୀ ତଥା ନିବେଶକମାନେ ନୂତନ ପ୍ରକଳ୍ପଗୁଡ଼ିକର ସମୀକ୍ଷା ସହଜରେ କରିପାରିବେ।

କେବଳ ବାଣିଜ୍ୟିକ ବିକାଶ ନୁହେଁ, ପରିବେଶ ସୁରକ୍ଷାକୁ ମଧ ବନ୍ଦର କର୍ତ୍ତୃପକ୍ଷ ବିଶେଷ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ସୋନୋୱାଲ ବନ୍ଦର ପରିସରରେ ଏକ ଚାରାରୋପଣ କରି ବିଶାଳ ବୃକ୍ଷରୋପଣ ଅଭିଯାନର ଅଗ୍ରଗତିକୁ ଉତ୍ସାହିତ କରିଛନ୍ତି। ୧୯୯୯ ମହାବାତ୍ୟାର ବିଭୀଷିକା ପରେ ପାରାଦୀପରେ ହଜିଯାଇଥିବା ସବୁଜିମା ଫେରାଇ ଆଣିବା ପାଇଁ ବନ୍ଦର ପ୍ରଶାସନ ୧ ନିୟୁତ (୧୦ ଲକ୍ଷ) ବୃକ୍ଷରୋପଣ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛି। ଗତ ୪ ବର୍ଷ ଧରି ସ୍ଥାନୀୟ ବାସିନ୍ଦା ଏବଂ କର୍ମଚାରୀଙ୍କ ମିଳିତ ସହଯୋଗରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଗଛ ଲଗାଯାଉଥିବା ପିପିଏ ପକ୍ଷରୁ ସୂଚନା ଦିଆଯାଇଛି ।

### ପରଲୋକରେ ବିସ୍ମୟ ..

ଆଗରୁ ଚାଲିଯାଇଥିଲେ ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର ଓ ଚିତ୍ତ ଜେନା। ଏବେ ସେହି ପିଢ଼ିର ପ୍ରଣବ ପଟ୍ଟନାୟକଙ୍କ ମଧ ଚାଲିଗଲେ। ତାଙ୍କ ଭଳି କଳାକାରଙ୍କର ଶରୀର ବିଲୀନ ହୋଇଯାଇପାରେ କିନ୍ତୁ ସ୍ମୃତି ସମ୍ପୁଟକରେ ସାଇତା ହୋଇ ରହିଥିବ ତାଙ୍କର କାଳଜୟୀ କଣ୍ଠସ୍ୱର। ଆଜି ବି ସକାଳ ହେଲେ ଭାସି ଆସେ ତାଙ୍କର ସେହି ଭଜନ 'କେଉଁନାମ ଧରି ଡାକିବି ତୁମକୁ ତୁମେ ତ ସର୍ବନାମ'।

### ରକ୍ଷା ବନ୍ଧନରେ...

ଯେଉଁମାନଙ୍କର କିସ୍ତି ବାକି ରହିଛି, କାହାର ୨ କିସ୍ତି ତ କାହାର ୩ କିସ୍ତି ତାହା ଯାଞ୍ଚ ପରେ ମିଳିବ। ୫ମ କିସ୍ତି ବାବଦରେ ୫,୧୬୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ।

### ୩୧ ଯାଏ ବଢ଼ିଲା ...

୨୦୨୬ର ଖରିଫ ଋତୁ ପାଇଁ ବିଜ୍ଞାପିତ ଅଞ୍ଚଳ ଓ ବିଜ୍ଞାପିତ ଫସଲ ଅନୁଯାୟୀ ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଏବଂ ହଳଦୀ ଭଳି ଫସଲଗୁଡ଼ିକୁ ବୀମା ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରାଯାଇଛି। ସମସ୍ତ ଯୋଗ୍ୟ ଋଣୀ, ଅଣଋଣୀ ଏବଂ ଭାଗଚାଷୀ ଏହି ଯୋଜନାର ଲାଭ ଉଠାଇ ପାରିବେ। ଓଡ଼ିଶାର ଚାଷୀମାନେ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଜମି ପାଇଁ ମାଗଣାରେ ଫସଲ ବୀମା ସୁବିଧା ପାଇପାରିବେ।

## ଗ୍ରିହମ୍ ହାଉସିଂ ଫାଇନାନ୍ସ ଲିମିଟେଡ୍

GRIHUM HOUSING FINANCE

ପଞ୍ଜୀକୃତ କାର୍ଯ୍ୟାଳୟ: ଷଷ୍ଠ ମହଲା, ବି ବିଲ୍ଡିଂ, ଗଙ୍ଗା ତ୍ରୁଏନୋ, ଲୋହେଗାଓଁ, ପୁନେ, ମହାରାଷ୍ଟ୍ର-୪୧୧୦୧୪

ପରିଶିଷ୍ଟ୪(ରୁଲ୍୮(୧)ଦ୍ରଷ୍ଟବ୍ୟ)
ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

ଯେହେତୁ, ନିମ୍ନ ସ୍ୱାକ୍ଷରକାରୀ ଗ୍ରିହମ୍ ହାଉସିଂ ଫାଇନାନ୍ସ ଲିମିଟେଡ୍, ଏଠାରେ ଏବଂ ପରେ ଉପରୋକ୍ତ କର୍ପୋରେଟ୍/ପଞ୍ଜୀକୃତ କାର୍ଯ୍ୟାଳୟର ସୁରକ୍ଷିତ ଋଣଦାତା ଭାବରେ ସୂଚୀତ, ର କ୍ଷମତାପ୍ରାପ୍ତ ଅଧିକାରୀ ହୋଇଥିବାରୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ ୨୦୦୨ (ଏଠାରେ ଏବଂ ପରେ 'ଉପରୋକ୍ତ ଆଇନ' ଭାବରେ ସୂଚୀତ) ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ପାଠ କରାଯାଇ ଧାରା ୧୩ (୧୨) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ ନିମ୍ନୋକ୍ତ ତାରିଖରେ ଦାବି ବିଜ୍ଞପ୍ତି ଜାରି କରିଥିଲେ, ଯେଉଁଥିରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଉକ୍ତ ନୋଟିସ୍ ପାଇବାର ୬୦ ଦିନ ମଧରେ ଉକ୍ତ ନୋଟିସରେ ଉଲ୍ଲେଖ ଥିବା ରାଶି ପରିଶୋଧ କରିବାକୁ କୁହାଯାଇଥିଲା ।
ଋଣଗ୍ରହୀତାମାନେ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଏତଦ୍ୱାରା ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ, ସିକ୍ୟୁରିଟି ଇଣ୍ଟରେଷ୍ଟ ଏନଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ଉପରୋକ୍ତ ରୁଲ୍ସର ରୁଲ ୮ ପାଠ କରାଯାଇ ଉକ୍ତ ଆଇନର ଧାରା ୧୩ (୪) ଅନୁଯାୟୀ ତାଙ୍କ (ପୁରୁଷ/ମହିଳା) ଉପରେ ନ୍ୟସ୍ତ ହୋଇଥିବା କ୍ଷମତା ବଳରେ ନିମ୍ନଲିଖିତ ସମ୍ପତ୍ତିକୁ ବର୍ଷ ୨୦୨୬ ଅଗଷ୍ଟ ୧୭ ତାରିଖରେ ଦଖଲକୁ ନେଇଛନ୍ତି ।
ବିଶେଷ କରି ଋଣଗ୍ରହୀତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ, ସେମାନେ ଏହି ସମ୍ପତ୍ତି ଉପରେ କୌଣସି କାରବାର କରିବେ ନାହିଁ, ଯଦି ଏପରି କାରବାର କରନ୍ତି ତେବେ ସେମାନଙ୍କୁ ସୁରକ୍ଷିତ ଋଣଦାତାଙ୍କୁ ରାଶି ଏବଂ ଏହା ଉପରେ ସୁଧ ଦେବାକୁ ପଡିବ । ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ଯେ, ଆଇନର ଧାରା ୧୩ର ଉପଧାରା (୮) ର ବିଧି ବ୍ୟବସ୍ଥା ଅନୁଯାୟୀ ସେଥିରେ ଉପଲବ୍ଧ ଥିବା ସମୟସୀମା ମଧରେ ସେମାନେ ସୁରକ୍ଷିତ ସମ୍ପତ୍ତିକୁ ମୁକୁଳାଇପାରିବେ । ଦଖଲକୁ ନିଆଯାଇଥିବା ସଂପତ୍ତିର ସଂପୂର୍ଣ୍ଣ ବିବରଣୀ ଏଠାରେ ନିମ୍ନରେ ଦିଆଗଲା।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ | ସମ୍ପତ୍ତିର ବର୍ଣ୍ଣନା | ଦଖଲ ତାରିଖ | ବୈଧାନିକ ଦାବି ବିଜ୍ଞପ୍ତି ତାରିଖ | ଦାବି ବିଜ୍ଞପ୍ତିରେ ଥିବା ରାଶି (ଟ.) |
|---|---|---|---|---|---|
| 1 | ଦେବାଶିଷ ନନ୍ଦୀ, ଅଞ୍ଜଳି ନନ୍ଦୀ | ସଂପତ୍ତିର ସମସ୍ତ ଅଂଶ: ପ୍ଲଟ୍ ନଂ. ୩୭୧୨, ଜି.ବି., ଏ ୦.୦୫ ଡେସିମିଲ, ମୌଜା-ଜୟଦେବକସବା, ଥାନା-ବାଲେଶ୍ୱର ସଦର, ଥାନା ନଂ. ୨୭୪, ତହସିଲ-ବାଲେଶ୍ୱର ସଦର, ଏସ୍.ଆର୍.ଓ-ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର, ମ୍ୟୁଟେସନ ଖାତା ନଂ. ୧୫୨୦/୨୦୯୮, ପ୍ଲଟ୍‌ର ପରସୀମା: ଉ-ଦେବାଶୀଷ ନନ୍ଦୀଙ୍କ ପ୍ଲଟ୍ ନଂ. ୩୭୧୩, ଦ-ପର୍ଶୁରାମ ନନ୍ଦୀଙ୍କ ପ୍ଲଟ୍ ନଂ. ୩୬୯୨, ପୂ-ପ୍ଲଟ୍ ନଂ.-୩୬୮ (ପି.ଡବ୍ଲ୍ୟୁ.ଡି ରୋଡ୍ ଓ ଜମି) ଏବଂ ପର୍ଶୁରାମ ନନ୍ଦୀଙ୍କ ପ୍ଲଟ୍ ନଂ. ୩୬୯୨ ଓ ଆପ୍ରୋଚ୍ ରୋଡ୍, ପ-ପ୍ଲଟ୍ ନଂ. ୩୭୧୧. | 17/08/2026 | 09/06/2026 | Loan No. HM0064H16100012 ଟ.୮୭୪୨୦୦/-(ଆଠ ଲକ୍ଷ ଚଉସ୍ତରୀ ହଜାର ଦୁଇ ଶହ ଟଙ୍କା କେବଳ) ୦୯/୦୬/୨୦୨୬ ସୁଦ୍ଧା ବାର୍ଷିକ ସୁଧ @17% ରେ ସଂଗୃହୀତ ତାରିଖ ପର୍ଯ୍ୟନ୍ତ ଦେବାକୁ ପଡିବ। |

ଯଦି କୌଣସି କାରଣରୁ ସ୍ଥାନୀୟ ଭାଷାରେ ପ୍ରକାଶନ ଏବଂ ଇଂରାଜୀ ସମ୍ବାଦପତ୍ର ପ୍ରକାଶନର ବିଷୟବସ୍ତୁ ମଧ୍ୟରେ କୌଣସି ପ୍ରଭେଦ ଥାଏ ତେବେ ଇଂରାଜୀ ସମ୍ବାଦପତ୍ର ବିଜନେସ୍ ଷ୍ଟାଣ୍ଡାର୍ଡରେ ପ୍ରକାଶିତ ବିଷୟବସ୍ତୁ ହିଁ ବଳବତ୍ତର ହେବ।

ତାରିଖ: ୨୨.୦୮.୨୦୨୬, ସ୍ଥାନ: ଓଡ଼ିଶା ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଗ୍ରିହମ୍ ହାଉସିଂ ଫାଇନାନ୍ସ ଲିମିଟେଡ୍

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ।)

ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ରୁଲ୍ସ-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଆମଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତି ଦଖଲକୁ ନିଆଯାଇଛି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ପରେ କୌଣସି ପ୍ରକାର କାରବାର କଲେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମନ୍ତେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଦଶରଥପୁର ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ମଧୁସୂଦନ ଗିରି,** ପିତା: ହରେକୃଷ୍ଣ ଗିରି / **ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସ୍ୱପ୍ନା ଗିରି,** ସ୍ୱାମୀ: ମଧୁସୂଦନ ଗିରି, ଉଭୟଙ୍କ ଠିକଣା- ସା: ଉଦୟପୁର, ପୋ: ଦଶରଥପୁର, ଯାଜପୁର, ଓଡ଼ିଶା, ପିନ୍-୭୫୫୦୦୬ | ୧୪.୦୮.୨୦୨୬ ସୁଦ୍ଧା ଟ.୨,୯୬,୮୮୨.୦୬ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୨୨.୦୫.୨୦୨୬ / ୧୪.୦୮.୨୦୨୬ | **ଶ୍ରୀମତୀ ସ୍ୱପ୍ନା ଗିରି,** ସ୍ୱାମୀ: ମଧୁସୂଦନ ଗିରିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୩୯, ମ୍ୟୁଟେସନ୍ ଖାତା ନଂ.: ୨୨୧, ଜମିର କ୍ଷେତ୍ର: ଏକର୦.୨୩୦ ଡିସିମିଲି, ମୌଜା: ଉଦୟପୁର, ଥାନା/ତହସିଲ: ଦଶରଥପୁର, ଏସ୍‌ଆରଓ: ମଙ୍ଗଳପୁର, ଜିଲ୍ଲା: ଯାଜପୁର ଏବଂ ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୩୩୮, ଦକ୍ଷିଣ: ପ୍ଲଟ୍ ନଂ. ୩୪୦ ଏବଂ ୩୪୧, ପୂର୍ବ: ପ୍ଲଟ୍ ନଂ. ୩୪୨ ଏବଂ ପଶ୍ଚିମ: ରାସ୍ତା |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୧.୦୮.୨୦୨୬** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**

## ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ

UJJIVAN SMALL FINANCE BANK

ପଞ୍ଜୀକୃତ କାର୍ଯ୍ୟାଳୟ: ଗ୍ରେପ୍ ଗାର୍ଡେନ, ନଂ-୨୭, ୩ୟ 'ଏ' କ୍ରସ, ୧୮ତମ ମେନ, ୬ଷ୍ଠ ବ୍ଲକ, କୋରାମଙ୍ଗଲା, ବେଙ୍ଗାଲୁରୁ-୫୬୦୦୯୫. ଶାଖା କାର୍ଯ୍ୟାଳୟ : ରିଶି ଟେକ୍ ପାର୍କ, ୪ର୍ଥ ମହଲା, ପ୍ରେମିସେସ୍ ନଂ. ୦୨-୦୩୬୦, ପ୍ଲଟ୍ ନଂ. ଡିଏଚ୍-୬/୨, ଆକ୍ସନ ଏରିଆ ୧ଡି, ନ୍ୟୁ ଟାଉନ, ପୋ-ରାଜାରହାଟ, ଥାନା-ନ୍ୟୁ ଟାଉନ,(ପୁରୁଣା ରାଜାରହାଟ), କୋଲକାତା-୭୦୦୧୬୦.

ପ୍ରି-ନିଲାମ ନୋଟିସ୍

ସର୍ବସାଧାରଣ ବିଜ୍ଞପ୍ତି ନିଲାମ ସୂଚନା ସମ୍ବାଦପତ୍ର (ନମୁନା)
ସୁନା ନିଲାମ ସହିତ ବିଡ୍ ଆମନ୍ତ୍ରଣ ନୋଟିସ୍

ନିମ୍ନ ସାରଣୀରେ ଉଲ୍ଲେଖ କରାଯାଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନେ ଅନେକଥର ସ୍ମରଣ କରାଯିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ମଧରେ ଋଣ ପରିଶୋଧ କରିବାରେ ଏବଂ ବନ୍ଧକ ସୁନା ଅଳଙ୍କାର ମୁକ୍ତ କରିବାରେ ବିଫଳ ହୋଇଛନ୍ତି। ନିମ୍ନଲିଖିତ ତାଲିକାଭୁକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକ ନିମ୍ନଲିଖିତ ସାରଣୀ (ଶାଖା ଠିକଣା ଯେଉଁଠାରେ ନିଲାମ ପରିଚାଳନା କରାଯିବ) ରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଆମର ଶାଖା ପରିସରରେ ସର୍ବସାଧାରଣ/ଅନଲାଇନ/ବ୍ୟକ୍ତିଗତ ନିଲାମରେ ୧୭-୦୯-୨୦୨୬ @ ପୂର୍ବାହ୍ନ ୧୦:୦୦ଘଣ୍ଟା -୪:୩୦ ଘଣ୍ଟାରେ ବିକ୍ରୟ କରାଯିବ। କୌଣସି କାରଣ ନ ଦର୍ଶାଇ ଯେକୌଣସି ବିଡ୍ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ବ୍ୟାଙ୍କର ରହିଛି। ଦୟାକରି ଧ୍ୟାନ ଦିଅନ୍ତୁ ଯେ ଯଦି ନିଲାମ ସେହି ଦିନରେ ସମାପ୍ତ ହୁଏ ନାହିଁ, ତେବେ ପରବର୍ତ୍ତୀ ଦିନଗୁଡ଼ିକରେ ସମାନ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଏହା କରାଯିବ। ଯଦି ଗ୍ରାହକଙ୍କ ମୃତ୍ୟୁ ହୋଇଯାଏ, ତେବେ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ମନୋନୀତ ବ୍ୟକ୍ତି/ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ। ଋଣଗ୍ରହୀତାଙ୍କୁ ନିଲାମ ତାରିଖ ପୂର୍ବରୁ ଅଦ୍ୟତନ ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ପ୍ରଦାନ କରିବାକୁ ସୂଚିତ କରାଯାଉଛି, ନଚେତ୍ ବନ୍ଧକ ସୁନା ଅଳଙ୍କାର ବିକ୍ରି କରାଯିବ ଏବଂ ବକେୟା ରାଶି, ଯଦି କିଛି ଥାଏ, ତେବେ ତାହା ସୁଧ ଏବଂ ମୂଲ୍ୟ ସହିତ ଆଦାୟ କରାଯିବ।

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ | ବ୍ୟାଙ୍କ ଶାଖାର ନାମ | ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରର ବର୍ଣ୍ଣନା | ଆନୁମାନିକ ମୋଟ ଓଜନ (ଗ୍ରାମରେ) | ଆନୁମାନିକ ମୂଲ୍ୟ (ଟ.ରେ) | ଯେଉଁ ଶାଖାରେ ନିଲାମ ଅନୁଷ୍ଠିତ ହେବ | କ୍ଷମତାପ୍ରାପ୍ତ ବ୍ୟକ୍ତି | ଯୋଗାଯୋଗ ନମ୍ବର |
|---|---|---|---|---|---|---|---|---|
| 1. | ମିଳନ ସାହୁ | 3520-ବରଗଡ଼ | କାନ ମୁଦି, କାନ ମୁଦି, ମୁଦି | 12.37 | 150892 | କମର୍ସ ପ୍ଲାଜା, ଭି.ଏସ୍.ଏସ୍. ନଗର, ୱାର୍ଡ ନଂ. ୦୯, ଏନ୍.ଏଚ୍.-୬, ଆକ୍ସିସ୍ ବ୍ୟାଙ୍କ ନିକଟ, ବରଗଡ, ବରଗଡ, ଓଡିଶା । | UJJ81655-ଦୀପକ କୁମାର ସାହୁ | 7008180833 |
| 2. | ସୁମନ ପ୍ରସାଦ କର | 3344-ସହିଦ ନଗର | ଚେନ୍, ରିଙ୍ଗ୍ | 16.3 | 214483 | ଉପର ଗ୍ରାଉଣ୍ଡ ଫ୍ଲୋର, ସହିଦ ନଗର, ୟୁନିଟ୍ ନଂ ୧୧, ମହର୍ଷି କଲେଜ ରୋଡ୍, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା। | UJJ81655-ଦୀପକ କୁମାର ସାହୁ | 7008180833 |
| 3. | ସୁମନ ପ୍ରସାଦ କର | 3344-ସହିଦ ନଗର | ଚେନ୍, କାନ ମୁଦି, କାନ ମୁଦି, ମୁଦି | 25.34 | 341255 | ଉପର ଗ୍ରାଉଣ୍ଡ ଫ୍ଲୋର, ସହିଦ ନଗର, ୟୁନିଟ୍ ନଂ ୧୧, ମହର୍ଷି କଲେଜ ରୋଡ୍, ଭୁବନେଶ୍ୱର, ଖୋର୍ଦ୍ଧା, ଓଡିଶା। | UJJ81655-ଦୀପକ କୁମାର ସାହୁ | 7008180833 |

ଉପରେ ଉଲ୍ଲେଖିତ ସମୟ ଅନୁଯାୟୀ ଆଗ୍ରହୀ ପକ୍ଷମାନେ ନିଲାମ ତାରିଖରେ ସେମାନଙ୍କର ପ୍ୟାନ୍ କାର୍ଡ ସହିତ ଏକ ନୂଆ ପାସପୋର୍ଟ ଆକାରର ଫଟୋଗ୍ରାଫ୍, ବୈଧ ଫଟୋ ପରିଚୟ ପ୍ରମାଣ ଏବଂ ଠିକଣାର ପ୍ରମାଣ ସହିତ ବ୍ୟାଙ୍କର ଉପରୋକ୍ତ ଶାଖା ଠିକଣାକୁ ପରିଦର୍ଶନ କରିପାରିବେ।
ଅଧିକ ବିବରଣୀ ଏବଂ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଇଚ୍ଛୁକ ବିଡରମାନେ ଆମର ବ୍ୟାଙ୍କ ୱେବସାଇଟ୍ https://www.ujjivansfb.in/e-auctions ପରିଦର୍ଶନ କରିବାକୁ ଅନୁରୋଧ କରାଯାଇଛି ଏବଂ ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ରେ ଥିବା ଆମର ଶାଖା ସହିତ ମଧ ଯୋଗାଯୋଗ କରିପାରିବେ, ଯାହାର ଠିକଣା ଉପରୋକ୍ତ ସାରଣୀରେ ଉଲ୍ଲେଖ କରାଯାଇଛି।
ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ: -
୧. ଇଚ୍ଛୁକ ବିଡରମାନେ ସେମାନଙ୍କର ବିଡ୍/କୋଟେସନ୍ ନିର୍ଦ୍ଧାରିତ ଫର୍ମରେ ବନ୍ଦ କଭରରେ ତାଙ୍କ (ମହିଳା/ପୁରୁଷ) ର ପରିଚୟ ପତ୍ର, ଠିକଣା ପ୍ରମାଣ ସହିତ ଦାଖଲ କରିବା ଉଚିତ।
୨. ନିର୍ଦ୍ଧାରିତ ଫର୍ମାଟରେ ନଥିବା ବିଡ୍/କୋଟେସନ୍ ଗ୍ରହଣ କରାଯିବ ନାହିଁ। ବିଡ୍/କୋଟେସନ୍ ସହିତ ପରିଚୟ ପତ୍ର ପ୍ରମାଣ ଏବଂ ଠିକଣା ପ୍ରମାଣପତ୍ର ଉଜ୍ଜୀବନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍‌ର ଉପରୋକ୍ତ ଶାଖା ଠିକଣାରେ ୧୭-୦୯-୨୦୨୬@ପୂର୍ବାହ୍ନ ୧୦:୦୦ ଘଣ୍ଟାରୁ ଅପରାହ୍ନ ୪:୩୦ ଘଣ୍ଟା ମଧରେ ଦାଖଲ କରାଯିବ। ବ୍ୟାଙ୍କର କୋଟେସନ୍ ପ୍ରତ୍ୟାଖ୍ୟାନ କିମ୍ବା ଗ୍ରହଣ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି।
୩. ସିଲ୍ ହୋଇଥିବା ବିଡ୍/କୋଟେସନ୍ ନିଲାମ ବିକ୍ରୟ ପ୍ରକ୍ରିୟାର ଅଧକ୍ଷତା କରୁଥିବା ଅଧିକାରୀଙ୍କ ଦ୍ୱାରା, ଉପଲବ୍ଧ ବିଡରମାନଙ୍କ ଉପସ୍ଥିତିରେ, ୧୭-୦୯-୨୦୨୬ ତାରିଖ ପୂର୍ବାହ୍ନ ୧୦:୦୦ଘଣ୍ଟା-୪:୩୦ ଘଣ୍ଟା ମଧରେ ଖୋଲାଯିବ।
୪. ବିଡ୍ ଖୋଲିବା ପରେ, ନିଲାମ ବିକ୍ରୟ ପ୍ରକ୍ରିୟାର ଅଧକ୍ଷତା କରୁଥିବା ଅଧିକାରୀଙ୍କ ବିବେଚନା ଅନୁଯାୟୀ, ଇଚ୍ଛୁକ ବିଡରମାନଙ୍କୁ ପ୍ରସ୍ତାବ ମୂଲ୍ୟ ବୃଦ୍ଧି କରିବା ପାଇଁ ନିଜ ନିଜ ମଧରେ ତୀବ୍ର ବିଡ୍ କରିବା ପାଇଁ ସୁଯୋଗ ଦିଆଯାଇପାରେ। ବର୍ଦ୍ଧିତ ପରିମାଣ ନିଲାମ ବିକ୍ରୟ ପ୍ରକ୍ରିୟାର ଅଧକ୍ଷତା କରୁଥିବା ଅଧିକାରୀଙ୍କ ଦ୍ୱାରା ସ୍ଥିର କରାଯିବ ଏବଂ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ।
୫. ସର୍ବାଧିକ ପରିମାଣର ବିଡ୍ ପ୍ରଦାନକାରୀ ଅଂଶଗ୍ରହଣକାରୀଙ୍କୁ ନିଲାମ ବିକ୍ରୟ ପ୍ରକ୍ରିୟାର ଅଧକ୍ଷତା କରୁଥିବା ଅଧିକାରୀ ସଫଳ ବିଡ୍ ପ୍ରଦାନକାରୀ ଭାବରେ ଘୋଷଣା କରିବେ।
୬. ସଫଳ ବିଡ୍ ପ୍ରଦାନକାରୀ ନିଲାମ ବିକ୍ରୟ ସମାପ୍ତ ହେବାର ୩ (ତିନି) କାର୍ଯ୍ୟ ଦିବସ ମଧରେ ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ (ଯେପରିକି, ସେ ଯେଉଁ ମୂଲ୍ୟରେ ସୁନା ଅଳଙ୍କାର ବିଡ୍ କରନ୍ତି) ନଗଦରେ (ଅନୁମୋଦିତ ସୀମା ପର୍ଯ୍ୟନ୍ତ) କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଦ୍ୱାରା ଜମା କରିବେ। ଯଦି ସଫଳ ବିଡର୍ ଉପରୋକ୍ତ ପଦ୍ଧତିରେ ବିକ୍ରୟ ମୂଲ୍ୟ ଜମା କରିବାରେ ବିଫଳ ହୁଅନ୍ତି, ତେବେ ସେ ପର୍ଯ୍ୟନ୍ତ ତାଙ୍କ (ପୁରୁଷ/ମହିଳା) ଦ୍ୱାରା ଜମା କରାଯାଇଥିବା ମୋଟ ଅର୍ଥ କୌଣସି ସୂଚନା ବିନା ବାଜ୍ୟାପ୍ତ କରାଯିବ ଏବଂ ବ୍ୟାଙ୍କ ଦ୍ୱାରା ଉପଯୁକ୍ତ ମନେ କରାଯାଉଥିବା ଅନ୍ୟ କୌଣସି ପଦ୍ଧତିରେ ସ୍ୱର୍ଣ୍ଣ ଅଳଙ୍କାର ପୁନଃନିଲାମ କିମ୍ବା ବିକ୍ରୟ କରାଯିବ। ଏପରି କ୍ଷେତ୍ରରେ ସଫଳ ବିଡ୍ ପ୍ରଦାନକାରୀ ସୁନା ଅଳଙ୍କାର କିମ୍ବା ପରବର୍ତ୍ତୀ ସମୟରେ ବିକ୍ରୟ କରାଯାଇପାରୁଥିବା ପରିମାଣର ଯେକୌଣସି ଅଂଶ ସମ୍ବନ୍ଧୀୟ ସମସ୍ତ ଦାବିକୁ ବାଜ୍ୟାପ୍ତ କରିବେ।
୭. ସଫଳ ବିଡ୍ ପ୍ରଦାନକାରୀଙ୍କୁ ବ୍ୟାଙ୍କରୁ ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ପ୍ରଦାନ କରିବା ପରେ ତୁରନ୍ତ ମୁକ୍ତ ହେବାକୁ ପଡିବ ଯାହା ତାଙ୍କ ଦ୍ୱାରା ବିଡ୍ କରାଯାଇଥିବା ସୁନା ଅଳଙ୍କାର, ତାଙ୍କ ଖର୍ଚ୍ଚ ଏବଂ ଦାୟିତ୍ୱରେ ବହନ କରାଯାଇଛି। ସୁନା ଅଳଙ୍କାର ପାଇବା ପାଇଁ ଦେବାକୁ ପଡୁଥିବା ପ୍ରଯୁଜ୍ୟ ବୈଧାନିକ ଦେୟ/କର/ଚାର୍ଜ ମଧ ସେ ବହନ କରିବେ। ସଫଳ ବିଡର ବ୍ୟାଙ୍କ ସପକ୍ଷରେ ଆବଶ୍ୟକ ପ୍ରାପ୍ତି ସ୍ୱୀକାର ପତ୍ର ଦେଖାଇବାକୁ ପଡିବ।
୮. ଯେଉଁ ଅଧିକାରୀ ନିଲାମ ବିକ୍ରୟ ପ୍ରକ୍ରିୟାରେ ଅଧକ୍ଷତା କରିବେ ତାଙ୍କର କୌଣସି କିମ୍ବା ସମସ୍ତ ଟେଣ୍ଡର/ବିଡ୍/ଅଫରକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ରହିଛି ଏବଂ/କିମ୍ବା କୌଣସି କାରଣ ନ ଦର୍ଶାଇ ନିଲାମ ବିକ୍ରୀକୁ ବନ୍ଦ/ସ୍ଥଗିତ/ରଦ୍ଦ କରିଦେବାର ଅଧିକାର ରହିଛି ଏବଂ କୌଣସି ପୂର୍ବ ସୂଚନା ନ ଦେଇ ବିକ୍ରୟର କୌଣସି କିମ୍ବା ସମସ୍ତ ସର୍ତ୍ତାବଳୀକୁ ପରିବର୍ତ୍ତନ କରିପାରନ୍ତି।
୯. ଏହି ବିକ୍ରୟ ବ୍ୟାଙ୍କର ପୁଷ୍ଟିକରଣରେ ସଂପନ୍ନ କରାଯିବ।
୧୦. ସ୍ୱର୍ଣ୍ଣ ଅଳଙ୍କାର ''ଯେଉଁଠାରେ ଯେପରି ଅଛି ଅବସ୍ଥାରେ'' ଏବଂ ''ସେଥିରେ ଯାହା ଅଛି ଆଧାରରେ'' ବିକ୍ରୟ କରାଯିବ।
ଅଧିକ ବିବରଣୀ ପାଇଁ ଇଚ୍ଛୁକ ବିଡରମାନେ ଉପରୋକ୍ତ ସାରଣୀ ଅନୁଯାୟୀ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିଃ ର ଯୋଗାଯୋଗ ବ୍ୟକ୍ତିଙ୍କ ସହ ସଂପର୍କ କରିପାରିବେ।

**ତାରିଖ : ୨୨-୦୮-୨୦୨୬, ସ୍ଥାନ : ଓଡ଼ିଶା**

**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ**
**ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ**

# ଟିପିସିଓଡିଏଲ୍ ସୋଲାର ରଥକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ



ଜଗତସିଂହପୁର,୨୧।୮(ନିପ୍ର): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା' ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ବୃଦ୍ଧି ଏବଂ ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ ସୋନାଲ୍ ରଥକୁ ଉଦ୍‌ଘାଟନ କରିଥିଲେ। ଏହି ସୋଲାର ରଥ ଜିଲ୍ଲା ପରିକ୍ରମା କରି ଲୋକମାନଙ୍କୁ ରୁଫଟପ୍ ସୋଲାର, ସରକାରୀ ସବସିଡି, ଯୋଗ୍ୟତା ମାନଦଣ୍ଡ ଏବଂ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସୋଲାର ସାଙ୍ଗ ଟିମ ଉପଭୋକ୍ତାମାନଙ୍କ ସହ ସିଧାସଳଖ ଆଲୋଚନା କରି ଘଟଣାସ୍ଥଳରେ ହିଁ ଆବଶ୍ୟକୀ ମାର୍ଗଦର୍ଶନ ପ୍ରଦାନ କରିବେ। ପୂର୍ବରୁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ କମିଟି (ଡିଏଲ୍‌ସି) ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀଦନରେ ମଡେଲ ସୋଲାର ଗ୍ରାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୧୦ଟି ଗ୍ରାମକୁ ଚୟନ କରିଥିଲେ। ଏହି ଗ୍ରାମଗୁଡ଼ିକ ୯୦ ଦିନ ମଧ୍ୟରେ ସର୍ବାଧିକ ସଂଖ୍ୟକ ରୁଫଟପ୍ ସୋଲାର ସ୍ଥାପନ କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଜୟୀ ଗ୍ରାମ ଅକ୍ଷୟ ଶକ୍ତି ବିକାଶ ଅନୁଦାନ ଭାବରେ ୧ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବ। ଏହି ଅବସରରେ ଶ୍ରୀ ସୋନାଲ୍ କହିଛନ୍ତି, ଏହି ସୋଲାର ରଥ ରୁଫଟପ୍ ସୋଲାର ସମ୍ପର୍କିତ ସଚେତନତାକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇ ଅଧିକରୁ ଅଧିକ ପରିବାରକୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା'ର ଲାଭ ଉଠାଇବାରେ ସକ୍ଷମ କରିବ। 'ମୋ ଛାତ, ମୋ ସଞ୍ଚୟ', ଗ୍ରାମସଭା ସଚେତନତା କାର୍ଯ୍ୟକ୍ରମ ଏବଂ ସୋଲାର ରଥ ମାଧ୍ୟମରେ ଟିପିସିଓଡିଏଲ୍ ପ୍ରତ୍ୟେକ ପରିବାର ନିକଟରେ ସ୍ୱଚ୍ଛ, ସୁଲଭ ତଥା ଦୀର୍ଘସ୍ଥାୟୀ ସୌର ଶକ୍ତି ସୁବିଧା ପହଞ୍ଚାଇବା କାର୍ଯ୍ୟ ଜାରି ରଖିଛି।

# ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚାର ନୂଆ ଟିମ୍

ସମ୍ବଲପୁର,୨୧।୮(ନିପ୍ର): ସମ୍ବଲପୁର ଜିଲ୍ଲା ବିଜେପି ପଛୁଆ ବର୍ଗ (ଓବିସି) ମୋର୍ଚ୍ଚାର ନୂତନ ଟିମ୍ ଘୋଷଣା କରାଯାଇଛି। ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ତଥା ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ରମେଶ ପ୍ରଧାନ ଏହି ନୂତନ ଟିମ୍ ଘୋଷଣା କରିଛନ୍ତି। ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚୀ ଅନୁଯାୟୀ, ଜିଲ୍ଲା ଉପସଭାପତି ଭାବେ ପ୍ରକାଶ ପୃଷ୍ଟି, ବିପିନ ଛକର, ଲୀଲାରାଣୀ ସାହୁ, ଚନେହଲା ପାତ୍ର ଓ ରାମକୃଷ୍ଣ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଅଜୟ କୁମାର ବେହେରା ଓ ଓମ୍‌ପ୍ରକାଶ ବିଶ୍ୱାଳଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ସମ୍ପାଦକ ଭାବେ ସୁଶାନ୍ତ ପ୍ରଧାନ, ପ୍ରଭାସ କର୍ଣ୍ଣ, ହାରାବତୀ ସାମଲ, ଧୀରେନ ନାଗ ଓ ସୌଦାମିନି ଦେହୁରୀଙ୍କୁ ମନୋନୀତ କରା ଯାଇଛି। ସୁବୋଧ ପଟେଲଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ମିଳିଛି। ଜିଲ୍ଲା କାର୍ଯ୍ୟ କାରିଣୀ ସଦସ୍ୟ ଭାବେ ସୁଶୀଲ ଭୋଇ, ଶୟନ ପୋଦ୍ଦାର, ରମେଶ ସାହୁ, ଲଳିତା ସାହୁ, ଜୟକାନ୍ତ ସାହୁ, ଅଶୋକ ସାହୁ, ଅଶ୍ୱିନୀ ରାଉତ, ବିମଲ ଚୌଧୁରୀ, ଦିବାକର ପୃସେଠ, ତରୁଣ ଚୌଧୁରୀ, କଙ୍ଗାଲୁ ରାଣା, ବିଦ୍ୟାଧର ମେହେର, ନାରାୟଣ ବେହେରା, ଗୌରୀଶଙ୍କର ସାହୁ, ମନବୋଧ ଭୋଇ, ସୁନୀଲ ବାଘ ଓ ପ୍ରଶାନ୍ତ ମହାକୁଡ଼ଙ୍କୁ ମନୋନିତ କରାଯାଇଛି। ନୂତନ କାର୍ଯ୍ୟକାରିଣୀ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଓ ପଛୁଆ ବର୍ଗଙ୍କୁ ସଂଗଠନ ସହ ଯୋଡ଼ିବା ଦିଗରେ କାର୍ଯ୍ୟ କରିବ। ନୂତନ ପଦାଧିକାରୀମାନେ ବିଜେପିର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଓବିସି ମୋର୍ଚ୍ଚାକୁ ଆହୁରି ସକ୍ରିୟ କରିବା ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଆହ୍ୱାନ ଦେଇଛନ୍ତି।

# ରାସ୍ତା ପଚାରିବା ବାହାନାରେ ଛୁରିମାରି ଲୁଟ୍

## ଆହତଙ୍କୁ ହସ୍ପିଟାଲରେ ଭେଟିଲେ ବିଧାୟକ



ବିଜେପୁର,୨୧।୮(ନିପ୍ର): ରାସ୍ତାରେ ଯାଉଥିବା ଲୋକଙ୍କୁ ରାସ୍ତା ପଚାରିବା ବାହାନାରେ ଅଟକାଇ ଲୁଟ୍ କରାଯିବାକୁ ନେଇ ବିଜେପୁର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଜେପୁର–ପଦ୍ମପୁର ରାସ୍ତାର ପହଣ୍ଡି ଗ୍ରାମ ନିକଟରେ ଗୁରୁବାର ସନ୍ଧ୍ୟା ସନ୍ଧ୍ୟା ପ୍ରାୟ ୭ଟାରୁ ୮ଟା ମଧ୍ୟରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ତିନିଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଜଣେ ମହିଳାଙ୍କୁ ପଦ୍ମପୁର ରାସ୍ତା ପଚାରିଥିଲେ। ଏହାପରେ ତାଙ୍କ ଶାଢ଼ି ଟାଣିବା ସହ ଛୁରା ଦେଖାଇ ସୁନା ଗହଣା ଲୁଟି ନେଇଥିବା ଅଭିଯୋଗ ରହିଛି। ପୀଡ଼ିତା ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ଛୁରାରେ ଆକ୍ରମଣ କରବାରୁ ୩ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଝିର୍ଲି ଗାଁର ୨ ଜଣ ମହିଳା ଅଛନ୍ତି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ସନତ କୁମାର ଗଡ଼ତୀୟା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତମାନଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ଆହତମାନଙ୍କ ଚିକିତ୍ସା ନେଇ ଡାକ୍ତରମାନଙ୍କ ସହ ମଧ ଆଲୋଚନା କରିଥିଲେ। ଅଭିଯୁକ୍ତମାନଙ୍କୁ ଶୀଘ୍ର ଠାବ କରିବା ଏବଂ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ବିଧାୟକ ଗୁରୁତ୍ୱ ଦେଇଛନ୍ତି। ବିଜେପୁର ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି କହିଛନ୍ତି, ଛାନ୍‌ଭିନ୍ ଜାରି ରହିଛି। ଲୁଟ୍ ସୁନାର ପରିମାଣ ଓ ଅଭିଯୁକ୍ତଙ୍କ ପରିଚୟ ତଦନ୍ତ ପରେ ସ୍ପଷ୍ଟ ହେବ।

# ଜିପିଏଲ୍‌ଏଫ୍‌ରୁ ଲକ୍ଷାଧିକ ଟଙ୍କା ଠକେଇ

## ଥାନାରେ ଅଭିଯୋଗ କଲେ ମହିଳା



ଡୁଙ୍ଗୁରିପାଲି,୨୧।୮(ନି ପ୍ର): ଡୁଙ୍ଗୁରିପାଲି ବ୍ଲକ ରେ ଶୁଖା ଓ କପାସିରା ଜିପିଏଲ୍‌ଏଫ୍‌ରୁ ଲକ୍ଷାଧିକ ଟଙ୍କା ଠକେଇ ନେଇ ଶୁକ୍ରବାର ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ କରିଛନ୍ତି କାପାସିରା ସଂଘର ପ୍ରଭାସିନୀ ପଧାନ ଓ ଶୁଖା ଜିପିଏଲ୍‌ଏଫ୍ ସଂଘର ଦୀପାଞ୍ଜଳୀ ପଧାନ। ଅଭିଯୋଗ ଅନୁଯାୟୀ, ୮।୪।୨୦୨୫ରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ବିଶ୍ୱଜିତ ପରିଡା, ଡୁଙ୍ଗୁରିପାଲି ବ୍ଲକ ପ୍ରକଳ୍ପ ସଂଯୋଜକ ସଂଜିତ କୁମାର ଷଡ଼ଙ୍ଗୀ ଶୁଖା ଓ କପାସିରା ପ୍ରେସିଡେଣ୍ଟ, ସେକ୍ରେଟାରୀ ଏବଂ ଏମବିକେଙ୍କୁ ବୈଠକକୁ ଡାକି ପନିର ମେସିନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏକ ବୈଠକ ବସିଥିଲା ଓ ଡିପିସି ବିଶ୍ୱଜିତ ପରିଡା ଜୟପୁରସ୍ଥ ଡ୍ରିମ ଇଣ୍ଟରନାସନାଲ ପ୍ରାଇଭେଟ ଲିମିଟେଡ୍‌ରୁ ମେସିନ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ପ୍ରଥମେ ୩/୭/୨୦୨୫ ରେ ତାଙ୍କର ଆକାଉଣ୍ଟରୁ କମ୍ପାନୀ ଆକାଉଣ୍ଟକୁ ପାଞ୍ଚ ଲକ୍ଷ ଟଙ୍କା ଦିଆ ଗଲା। କିଛି ଦିନ ପରେ ଡିପିସି ପୁଣି ଚିଠି କରି ଉଭୟ ଏମବିକେଙ୍କୁ କହିଥିଲେ ଯେ ସମ୍ପୂର୍ଣ ପେମେଣ୍ଟ ଦେଲେ କମ୍ପାନୀ ମେସିନ ପଠାଇବ। ପୁଣି ଦ୍ୱିତୀୟ ଥର ଚାରି ଲକ୍ଷ ଅନେଶ୍ୱତ ହଜାର ଆଠ ସହ ଟଙ୍କା ଆକାଉଣ୍ଟକୁ ପଠାଗଲା। ହେଲେ ଏକ ମାସ ପରେ କମ୍ପାନୀକୁ ଫୋନ କରାଗଲା। କିନ୍ତୁ କେହି ଉଠାଇ ନ ଥିଲେ। ଡିପିସିଙ୍କୁ ମହିଳାମାନେ ଅନେକ ଥର ଅଭିଯୋଗ କରିଥିଲେ। ହେଲେ ସେ କେବଳ ଆଶ୍ୱାସନା ଦେଉଥିଲେ। ଏକ ବର୍ଷ ବିତିଯାଇଥିଲେ ବି ମେସିନ ଆସିଲା ନାହିଁ। ଉଭୟ ଗ୍ରୁପରୁ କୋଡିଏ ଲକ୍ଷ ଟଙ୍କା କମ୍ପାନୀ ନେଇଥିବା ଅଭିଯୋଗ ହୋଇଛି। ମେସିନ ଯୋଗାଣ ଆଳରେ ଠକେଇ ହୋଇଥିବା ସନ୍ଦେହ କରାଯାଉଛି। ସଠିକ ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡ଼ିବ। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆଇଆଇଏମ୍‌ଟିରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ପୁରସ୍କାର

## ବୃତ୍ତି ଓ ମେଣ୍ଟରସିପ୍ ସୁଯୋଗ, ଯୋଗ କ୍ଲବ୍ ଓ ଓପନ୍ ଜିମ୍ ଉଦ୍‌ଘାଟିତ



ସ୍ଥାନୀୟ ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍‌ଟି) ପକ୍ଷରୁ ବାର୍ଷିକ ବୃତ୍ତି ଓ ପୁରସ୍କାର ପ୍ରଦାନ ସମାରୋହ ସହିତ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଅଧିବେଶନ ଆୟୋଜିତ ହୋଇଯାଇଛି। ଶିକ୍ଷାଗତ ଉତ୍କର୍ଷତାକୁ ସମ୍ମାନ ଦେବା, ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ ସୁସ୍ଥତାକୁ ଗୁରୁତ୍ୱ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରଥମ ଅଧିବେଶନରେ ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ ପରିଚୟମୂଳକ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପୁରସ୍କାର ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏମ୍‌ବିଏ, ଏମ୍‌ସିଏ ଓ ବି- ଟେକ୍ କାର୍ଯ୍ୟକ୍ରମରେ ୯ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏମବିଏରେ ପ୍ରଫେସର ସୋନାଲି ଦାସ ସ୍ମାରକୀ ପୁରସ୍କାର ରୁଚିସ୍ମିତା ସାହୁ, ପ୍ରଫେସର ଉମେଶ ଚରଣ ପଟ୍ଟନାୟକ ସ୍ମାରକୀ ପୁରସ୍କାର ଅଂଶୁଭବ ପ୍ରଧାନ ଏବଂ ପ୍ରଫେସର ବିଜୟନ ସୁଗୁମାରନ ସ୍ମାରକୀ ପୁରସ୍କାର ବର୍ଷାରାଣୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏମସିଏରେ ପ୍ରଫେସର ଫ୍ଲୋରିନ ପୋପେଣ୍ଟିଉ ସ୍ମାରକୀ ପୁରସ୍କାର ଲମ୍ବୋଦର ଜେନା, ପ୍ରଫେସର କାଜୁମି ନାକାମାସୁ ସ୍ମାରକୀ ପୁରସ୍କାର ନିତେଶ କୁମାର ଦାସ ଏବଂ ପ୍ରଫେସର ପ୍ରଭାତ କୁମାର ମହାନ୍ତି ସ୍ମାରକୀ ପୁରସ୍କାର ଭୋଲାନାଥ ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ବି-ଟେକରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ୱର୍ଗତ ପ୍ରଫେସର ମହେଶ ଚନ୍ଦ୍ର ସାହୁ ସ୍ମାରକୀ ପୁରସ୍କାର ସୁଭାଶ୍ରୀ ସାହୁ, ପ୍ରଫେସର ଲକ୍ଷ୍ମୀ ସି. ଜୈନ ସ୍ମାରକୀ ପୁରସ୍କାର ଅଂଶୁମାନ ବେହେରା ଏବଂ ସ୍ୱର୍ଗତ ଇଞ୍ଜିନିୟର ଚେତନ ଲାଲ ଜୈନ ସ୍ମାରକୀ ପୁରସ୍କାର ଶ୍ରିୟା ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯିବା ସହିତ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଷ୍ଟେମ (ଏସଟିଇଏମ୍) କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଠାରୁ ନିଶୁଳ୍କ ମେଣ୍ଟରଶିପ୍ ପାଇବାର ସୁଯୋଗ ମଧ ଦିଆଯାଇଛି। ରାଜେନ୍ଦ୍ର ନାଥ ସେନାପତିଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଓ ସୁସ୍ଥତା ଅଧିବେଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରାଯାଇଥିଲା। ଏହି ଅବସରରେ ଯୋଗ କ୍ଲବ୍ ଓ ଓପନ୍ ଜିମ୍ ସୁବିଧା ଉଦ୍‌ଘାଟିତ ହୋଇଥିତଲା। ଡିନ୍ ଏକାଡେମିକ୍ସ, ପ୍ରଫେସର ଡ. ପ୍ରମୋଦ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରେସ କ୍ଲବର ସାଧାରଣ ବୈଠକ



ଜି.ଉଦୟଗିରି,୨୧।୮(ନିପ୍ର): ଜି.ଉଦୟଗିରି ପ୍ରେସ କ୍ଲବର ମାସିକ ସାଧାରଣ ବୈଠକ ସ୍ଥାନୀୟ ଆଦିବାସୀ ସାଂସ୍କୃତିକ ଭବନରେ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ସମ୍ପାଦକ ଅନିଲ କୁମାର ଦଳବେହେରା ବିବରଣୀ ପଠନ କରିଥିଲେ।

# ବେଟି ବଢ଼ାଓ ବେଟି ବଚାଓ କର୍ମଶାଳା



ଗୁଣପୁର , ୨୧।୮(ନିପ୍ର) ଗୁଣୁପୁର ବ୍ଲକ ସଦଭାବନା ଗୃହ ରେ ବେଟି ପଢ଼ାଓ ବେଟି ବଚାଓ ଏବଂ ସାଇବର ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ରେ ଗୁଣୁପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାହାରା ପରିବାର ପରାମର୍ଶ କେନ୍ଦ୍ର ର ସଚିବ ପ୍ରମୋଦ କୁମାର ସାହୁ ଯୋଗ ଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ଗୁଣୁପୁର ସହକାରୀ ଜିଲ୍ଲାପାଳ ଦୀପା ରାଣୀ ବେହେରା, ଅତିରିକ୍ତ ତହସିଲଦାର ଅଭିଳାଷ ଶତପଥୀ ଗୁଣୁପୁର ଥାନା ଅଧିକାରୀ ଗୁଣୁପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦେଇ ଥିଲେ । ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦ ପରିଚାଳନା ଓ ଧନ୍ୟବାଦ ଦେଇ ଥିଲେ।

# ଦାଦନ ଶ୍ରମିକ ଚାଲାଣ ବେଳେ ଶ୍ରମ ଅଧିକାରୀଙ୍କ ଚଢାଉ



ଜି ଉଦୟଗିରି, ୨୧।୮(ନିପ୍ର) କନ୍ଧମାଳ ଜିଲ୍ଲାରେ କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ ବହୁ ଲୋକେ କେରଳ,ତାମିଲନାଡୁ ଆଦି ଅଞ୍ଚଳକୁ ଯାଉଥିବା ଜଣା ପଡିଛି ଦିନକୁ ଦିନ ଏପଟେ ଦାଦନ ସଂଖ୍ୟା ବଢୁଥିବା ବେଳେ ସେପଟେ ଦାଦନମୁକ୍ତ କନ୍ଧମାଳ କରିବାକୁ ପ୍ରୟାସ ଜାରୀ ରହିଛି ପ୍ରତ୍ୟେକ ସପ୍ତାହର ଶୁକ୍ରବାର ଦିନ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି, ରାଇକିଆ, ଦାରିଙ୍ଗବାଡି,ଟିକାବାଲି ଆଦି ଅଞ୍ଚଳରୁ ବସ ଯୋଗେ ଦାଦନ ଖଟିବାକୁ ବହୁ ପୁରୁଷ ଓ ମହିଳା ଶ୍ରମିକ ସୁଦୂର କେରଳକୁ ଯାଉଥିବା ବେଳେ କିଛି ସେଠି ମୃତ୍ୟୁବରଣ ମଧ କରିଥିବା ନଜିର ଅଛି ଏପରିସ୍ଥଳେ ଆଜି ଏକ ବସ ନମ୍ବର ୪୨ ୪୬୧୭ ଯୋଗେ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୯ ଜଣ ମହିଳା ଓ ପୁରୁଷ ଦାଦନ ଖଟିବାକୁ କେରଳ ଅଭିମୁଖେ ଯାଉଥିବା ବେଳେ ଜି.ଉଦୟଗିରି କଳିଙ୍ଗା ରାସ୍ତାର ଡିଏଭି ନିକଟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଚଢାଉ ହୋଇଥିଲା ଚଢାଉ ବେଳେ କନ୍ଧମାଳ ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର ଟିମ ସହ ପହଞ୍ଚି,ଜି.ଉଦୟଗିରି ପୋଲିସ,ଚାଇଲ୍ଡ ଲାଇନ ସଭ୍ୟ,ଶ୍ରମ ୟୁନିଅନ ଓ ଜି.ଉଦୟଗିରି ପୋଲିସ ଏ.ଏସ.ଆଇ ବୁଲୁ ବେହେରା, ରବୀନ୍ଦ୍ର କୁମାର ସେଠୀ ଟିମ ସହାୟତାରେ ଡିଏଭି ନିକଟରେ ବସକୁ ଯାଞ୍ଚ କରିଥିଲେ ଯାଞ୍ଚ ସମୟରେ ୪୯ ଜଣ ଯାଉଥିବବେଳେ ସେମାନଙ୍କର କାଗଜପତ୍ର ଯାଞ୍ଚ କଲାପରେ ଶ୍ରମିକଙ୍କୁ ନେଇ ବସ କେରଳ ଯାତ୍ରା କରିଥିଲା

# ସଂଘବଦ୍ଧ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜାତୀୟ ରାଜପଥ ଅବରୋଧ




ଜୟପୁର, ୨୧/୮ (ନି.ପ୍ର.): ଜୟପୁରରେ ସଂଘବଦ୍ଧ ଆକ୍ରମଣରେ ଜଣେ ୧୮ ବର୍ଷୀୟ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ଯୁବକ ହେଉଛନ୍ତି କେବିଡି ଗ୍ରାମର କିଷାନ୍ କୁଲଦୀପ। ପରିବାରବର୍ଗଙ୍କ ଅଭିଯୋଗ ଅନୁଯାୟୀ, କିଷାନ୍ ମୋବାଇଲ୍ ଫୋନ୍ ମରାମତି କରିବା ପାଇଁ ସେ ନିଜ ଗ୍ରାମ କେବିଡି ରୁ ଜୟପୁର ଯାଇଥିଲା କିନ୍ତୁ ସେ ଫେରିବା ବେଳେ ସ୍ଥାନୀୟ ଏଲ୍‌ଆଇସି ଅଫିସ ନିକଟ ସଉରାଗୁଡା ଛକ ଠାରେ ତାଙ୍କୁ କିଛି ଯୁବକ ଅତର୍କିତ ଭାବେ ସଂଘବଦ୍ଧ ଆକ୍ରମଣ କରିବା ସହ ଛୁରାମାଡ଼ କରିଥିଲେ। ଗୁରୁତର ଆହତ କିଷାନଙ୍କୁ ସ୍ଥାନୀୟ ଲୋକେ ଓ ପରିବାର ବର୍ଗ ଉଦ୍ଧାର କରି ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରାୟ ତିନି ଘଣ୍ଟା ଧରି ରାଜପଥ ଅବରୋଧ ଯୋଗୁଁ ଯାତାୟାତ ବ୍ୟାହତ ହୋଇଥିଲା। ଖବର ପାଇ ଜୟପୁର ସଦର ଓ ଟାଉନ୍ ଥାନା ପୁଲିସ ସହ ସାଇଣ୍ଟିଫିକ୍‌ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ




ସୁବର୍ଣ୍ଣପୁର,୨୧।୮(ନିପ୍ର): ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମାର୍ଗ ଦର୍ଶକ। ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ବରିଷ୍ଠ ନାଗରିକ ଦିବସ ପାଳନ କରିବାର ମୂଳଲକ୍ଷ୍ୟ ବୋଲି ଶୁକ୍ରବାର ଅନୁଷ୍ଠିତ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ଅତିଥିମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦୟାନିଧି ହୋତା ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଏସ୍‌ପି ନାରାୟଣ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ଡ. ପ୍ରଫୁଲ୍ଲ ରଥ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଧନୁ ପ୍ରଧାନ ଓ ଭୀମସେନ ପାଣିଗ୍ରାହୀଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୋଲିସ୍ ପ୍ରଶାସନ ପକ୍ଷରୁ ୩୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇ ଥିଲା। ଏଥିରେ ସ୍ଥାନୀୟ ଥାନା ଅଧିକାରୀ ଯଯାତି କେଶରୀ ସାହୁଙ୍କ ସମେତ ପୋଲିସ ବାହିନୀ ସହଯୋଗ କରିଥିଲେ। ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା ଓ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ନାୟକଙ୍କ ଦ୍ୱାରା ଅନୁଷ୍ଠାନକୁ ପ୍ରଦତ୍ତ ଏଆର୍‌କଣ୍ଡିସନର୍‌କୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀଙ୍କ ରଚିତ ମୋ ବନ୍ଦୀ ଜୀବନ ପୁସ୍ତକକୁ ତାଙ୍କ ପୁତ୍ର ପ୍ରଶାନ୍ତ ଶତପଥୀ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ସଂପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିବାବେଳେ ନିମାଇଁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣେଶ ପୂଜା ଶୁଭ ଖୁଣ୍ଟି ସ୍ଥାପିତ



ହରଭଙ୍ଗା ୨୧/୦୮(ନିପ୍ର)ବୌଦ୍ଧ ଜିଲ୍ଲା ତିଳେଶ୍ୱର ହାଟପଦାଠାରେ ବାବା ଗଣପତି କ୍ଲବ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ୧୬ତମ ଗଣେଶ ପୂଜା ପାଇଁ ଗୁରୁବାର ସନ୍ଧ୍ୟାରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ବିଶ୍ୱାମିତ୍ର ଯୋଶୀଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଓ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଏହି ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।ଶୁଭ ଖୁଣ୍ଟି ସ୍ଥାପନ ସହ ଚଳିତ ବର୍ଷର ଗଣେଶ ପୂଜା ପାଇଁ ପ୍ରସ୍ତୁତି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ବିଘ୍ନବିନାଶକ ଭଗବାନ ଶ୍ରୀଗଣେଶଙ୍କ ଆଶୀର୍ବାଦରେ ପୂଜା ଓ ସମସ୍ତ କାର୍ଯ୍ୟକ୍ରମ ସଫଳ ହେବା ନେଇ କ୍ଲବ ସଦସ୍ୟମାନେ ଆଶା ପ୍ରକାଶ କରିଥିଲେ।ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବାବା ଗଣପତି କ୍ଲବ ପକ୍ଷରୁ ବିଭିନ୍ନ ଆୟୋଜନ କରାଯାଉଛି। ପ୍ରାୟ ୧୫ ଦିନ ଧରି ଚାଲିବାକୁ ଥିବା ଏହି ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ କମିଟି ପକ୍ଷରୁ ଅନ୍ନଛତ୍ରର ବ୍ୟବସ୍ଥା କରାଯିବ। ଏବଂ ଭସାଣି ଯାତ୍ରାକୁ ମଧ ଧୂମଧାମରେ ପାଳନ କରାଯିବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି।

# ପିପଳପଦରରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ




ଲକ୍ଷ୍ମୀପୁର, ୨୧/୦୮ (ନି.ପ୍ର.): ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ରହିଥିବା ପିପଳପଦର ପଞ୍ଚାୟତବାସୀଙ୍କ ଦାବି ଶେଷରେ ପୂରଣ ହୋଇଛି। ଆଜି ପିପଳପଦର ପଞ୍ଚାୟତ ସଦରରୁ ମୁଖ୍ୟମନ୍ତ୍ରୀ ବସ୍ ସେବାର ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ପଞ୍ଚାୟତବାସୀଙ୍କ ଯାତାୟାତ ସମସ୍ୟା ଦୂର ହେବା ସହ ଗମନାଗମନ ବ୍ୟବସ୍ଥା ଆହୁରି ସୁଗମ ହେବ ବୋଲି ଆଶା ପ୍ରକାଶ ପାଇଛି।ପିପଳପଦର ପଞ୍ଚାୟତବାସୀ ଦୀର୍ଘଦିନ ଧରି ମୁଖ୍ୟମନ୍ତ୍ରୀ ବସ୍ ସେବା ଦାବି କରି ଆସୁଥିଲେ। ଏନେଇ ଅନେକଥର ଅଭିଯୋଗ ଓ ଦାବି ଉପସ୍ଥାପନ କରାଯାଇଥିଲା। ଚଳିତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା, ସ୍ଥାନୀୟ ସରପଞ୍ଚ ଚିନ୍ତ ମାଣ୍ଡିଙ୍ଗା,ବାମଦେବ ତୁରୁକ ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜିଠାରୁ ପିପଳପଦର ପଞ୍ଚାୟତ ସଦରରୁ ଏହି ବସ୍ ସେବା ଆରମ୍ଭ ହୋଇଛି। ଲକ୍ଷ୍ମୀପୁର ବିଡିଓ ସବ୍ୟସାଚୀ ବେହେରା ଓ ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା ସବୁଜ ପତାକା ଦେଖାଇ ବସ୍‌ଟିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସରପଞ୍ଚ ଚିନ୍ତ ମାଣ୍ଡିଙ୍ଗା, ଏବିଡିଓ ସ୍ମୃତିରଞ୍ଜନ ପଟ୍ଟନାୟକ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବାତୋଷ ସ୍ୱାଇଁ, ମୁଖ୍ୟମନ୍ତ୍ରୀ ବସ୍ ସୁପରଭାଇଜର ଆକାଶ ଖୋସଲା,ନାଏବ ସରପଞ୍ଚ ବିକାସ ହଲଓ୍ୱାଙ୍କ ସମେତ ବହୁ ବିଜେପି କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବେଦାନ୍ତର କଣ୍ଟ୍ରୋଲ ରୁମକୁ ଶକ୍ତି ଯୋଗାଉଛନ୍ତି ମହିଳା ଶକ୍ତି



ଭୁବନେଶ୍ୱର,୨୧।୮(ନିପ୍ର): ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ବିଶୋଧନାଗାରରେ କଣ୍ଟ୍ରୋଲ ରୁମ୍ ଅପରେଟର (ସିଆରଓ) କାର୍ଯ୍ୟବଳର ୧୦୦% ମହିଳା ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ୯ ଜଣ ମହିଳା, ୭ ଜଣ ପୁରୁଷଙ୍କ ସମେତ ୪ ଜଣ ଡ୍ୟୁଟି ଅଫିସର (ଡିଓ) ଏବଂ ୧୬ ଜଣ କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର (ସିଆରଇ) ଙ୍କୁ ନେଇ ଗଠିତ ଏକ ଦଳ ସେମାନଙ୍କୁ ସମର୍ଥନ କରୁଛନ୍ତି। ସେମାନଙ୍କର ବର୍ଦ୍ଧିତ ଉପସ୍ଥିତି ଉତ୍ପାଦନ କ୍ଷେତ୍ରରେ ଏକ ଶକ୍ତିଶାଳୀ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡିସିଏସ୍) ବିଶୋଧନାଗାର କେନ୍ଦ୍ରରେ ରହିଛି, ଯାହା ଶହ ଶହ ଡାଟା ଷ୍ଟ୍ରିମକୁ ଏକୀକୃତ କରିଥାଏ ଏବଂ ଉତ୍ପାଦନ ପ୍ରକ୍ରିୟାକୁ ନିରବଚ୍ଛିନ୍ନ ନିୟନ୍ତ୍ରଣରେ ସକ୍ଷମ କରିଥାଏ। କଣ୍ଟ୍ରୋଲ୍ ରୁମ୍ ଅପରେଟର ଭାବରେ, ଏହି ମହିଳାମାନେ ପ୍ରକ୍ରିୟା ପରିମାପକ ଉପରେ ନଜର ରଖନ୍ତି, ପରିଚାଳନା ଧାରାର ବିଶ୍ଳେଷଣ କରନ୍ତି, ସୁରକ୍ଷା ସୂଚନାର ମୂଲ୍ୟାଙ୍କନ କରନ୍ତି ଏବଂ ସ୍ଥିର ଏବଂ ଦକ୍ଷ ପରିଚାଳନା ବଜାୟ ରଖିବା ପାଇଁ ତ୍ୱରିତ ନିଷ୍ପତ୍ତି ନିଅନ୍ତି। ବିଶୋଧନାଗାର କମାଣ୍ଡ ହବ୍‌ରୁ କାର୍ଯ୍ୟ କରିବା, ଯେଉଁଠାରେ ପ୍ରତ୍ୟେକ ସେକେଣ୍ଡ ଗଣନା ଏବଂ ପ୍ରତ୍ୟେକ ନିଷ୍ପତ୍ତି ପ୍ରଭାବ ବହନ କରେ। ଏହି ମହିଳାମାନେ ବିଶ୍ୱର ସର୍ବବୃହତ ଆଲୁମିନା ବିଶୋଧନାଗାରରେ ନିରାପଦ, ସ୍ଥିର ଓ ଦକ୍ଷ ପରିଚାଳନା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଅଙ୍କିତା ରଥଙ୍କ ପାଇଁ କଣ୍ଟ୍ରୋଲ୍ ରୁମ୍ କେବଳ ଏକ କାର୍ଯ୍ୟସ୍ଥଳୀ ନୁହେଁ। ଏହା ଏପରି ଏକ ସ୍ଥାନ ଯେଉଁଠାରେ ସେ ବିକଶିତ ହୋଇଛନ୍ତି ଏବଂ ନିଜର ଶକ୍ତି ଆବିଷ୍କାର କରିଛନ୍ତି। ୨୦୧୭ରେ ବେଦାନ୍ତ ଆଲୁମିନିୟମରେ ଯୋଗଦେବା ପରଠାରୁ ସେ ଲାବୋରେଟୋରୀ ଏବଂ ପ୍ରଡକ୍ସନ୍ ଡିସିଏସ୍‌ରେ କାର୍ଯ୍ୟ କରି ନୂତନ ଆହ୍ୱାନକୁ ଗ୍ରହଣ କରିଛନ୍ତି। ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼କୁ ୨୦୨୫ ରେ ଏହାର ସର୍ବୋଚ୍ଚ ଆଲୁମିନା ଉତ୍ପାଦନ ହାସଲ କରିବାରେ ତାଙ୍କର ଅବଦାନ ଥିଲା। ସେହିପରି ନିସିକା ଦାସ ପ୍ରଡକ୍ସନ୍ ଡିସିଏସ୍ ଟିମର ଜଣେ କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିୟର। ସେ ୨୦୨୩ରେ ଯୋଗ ଦେଇ ବିଶୋଧନାଗାରର ୩ ଏମପିଟିଏ ସମ୍ପ୍ରସାରଣ ପ୍ରକଳ୍ପରେ ଜଡିତ ଥିଲେ। ଅଙ୍କିତା, ନିସିକା ଓ ଅନ୍ୟମାନଙ୍କ କାହାଣୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ରେ ଘଟୁଥିବା ଏକ ବୃହତ ପରିବର୍ତ୍ତନକୁ ଦର୍ଶାଏ। ସେମାନଙ୍କ ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରି ଭିଏଏମଏଲର ଡିସିଏସ ପ୍ରଡକ୍ସନ ମ୍ୟାନେଜର ଜିତେନ୍ଦ୍ର କୁମାର ସାଇନି କହିଛନ୍ତି, କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ହେଉଛି ବିଶୋଧନାଗାରର ସ୍ନାୟୁ। ଆମ ପରିଚାଳକମାନେ ହେଉଛନ୍ତି କାରଖାନାର ଆଖି ଏବଂ କାନ। ଯେଉଁମାନେ ସଠିକ ଓ ସ୍ଥିରତା ସହିତ ବାସ୍ତବ ସମୟ ନିଷ୍ପତ୍ତି ନିଅନ୍ତି।

# ସାମ୍ବାଦିକଙ୍କ ପିତୃ ବିୟୋଗ



ଟିକାବାଲି, ୨୧।୮(ନିପ୍ର) ଟିକାବାଲିର ସକାଳ ପ୍ରତିନିଧି ଆକୁଳ ଦିଗାଳ ଙ୍କ ପିତା କୁମ୍ଭକର୍ଣ୍ଣ ଦିଗାଳ ୬୪ ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ଥିବା କାରଣ ରୁ ବ୍ରହ୍ମପୁର ରେ ଚିକିତ୍ସିତ ଥିବା ବେଳେ ଗୁରୁବାର ୯. ୩୦ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଆଜି ତାଙ୍କ ମର ଶରୀର କୁ ନିଜ ବାସଭବନକୁ ଅଣାଯାଇଥିବା ବେଳେ ବନ୍ଧୁ ପରିଜନ ଅନ୍ତିମ ଦର୍ଶନ କରିଛନ୍ତି। ଶୁକ୍ରବାର ଦିନ ଶ୍ରୀଦିଗାଳ ଙ୍କ ଅନ୍ତିମ ସଂସ୍କାର କରାଯିବ। ସେ ଜଣେ ପରୋପକାରୀ, ଧର୍ମପାରାୟଣ ବ୍ୟକ୍ତି ଥିବା ବେଳେ ତାଙ୍କ ନିଧନରେ ଅଂଚଳ ରେ ଶୋକର ଛାୟା ଖେଳି ଯାଇଛି।

# ଗାୟତ୍ରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ




କଳାହାଣ୍ଡି,୨୧।୮ (ନି.ପ୍ର) ଗାୟତ୍ରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭବାନୀପାଟଣା ପକ୍ଷରୁ ନବାଗତ ୨ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ଉତ୍ସବ ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଥିଲା।ଏହି ଅବସରରେ ବିଦ୍ୟାଳୟର ସଂମ୍ପାଦକ ଡ଼. ସୁଧାଂଶୁ ଶେଖର ପାଣିଗ୍ରାହୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ ଶୃଙ୍ଖଳା, ନୀତି, ଚରିତ୍ର ଗଠନ ଓ ଭବିଷ୍ୟତ ଲକ୍ଷ୍ୟ ପ୍ରତି ନିଷ୍ଠାବାନ ହେବାକୁ ପରାମର୍ଶ ଦେଇଥିଲେ।
ବିଦ୍ୟାଳୟର ନିର୍ଦ୍ଦେଶକ ଦେବପ୍ରିୟା ଦାସ ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଗାୟତ୍ରୀ ଅନୁଷ୍ଠାନର ଶିକ୍ଷାମୂଳକ ପରିବେଶର ସୁଯୋଗ ନେଇ ନିଜ ଲକ୍ଷ୍ୟ ହାସଲ କରିବାକୁ ଆହ୍ୱାନ କରିଥିଲେ।ଅଧକ୍ଷ ଉତ୍ତମ ସାହୁ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। ଏହା ସହିତ ବିଦ୍ୟାଳୟର ଲୋକ ସଂମ୍ପର୍କ ଅଧିକାରୀ ଲିଲେଶ କୁମାର ସାହୁ ଉତ୍ସବରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।
ଉତ୍ସବରେ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଅଭିଭାବକ ଓ ନବାଗତ ଛାତ୍ରଛାତ୍ରୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଉତ୍ସବମୁଖର କରିଥିଲା। ନୂତନ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନେ ସଫଳତାର ନୂଆ ଅଧ୍ୟାୟ ରଚନା କରନ୍ତୁ ବୋଲି ସମସ୍ତେ ଶୁଭକାମନା ଜଣାଇଥିଲେ।

# ୨୩ରୁ ଦୁଲୀପ ଟ୍ରଫି : ବୈଭବଙ୍କ ଉପରେ ନଜର

ନୂଆଦିଲ୍ଲୀ,୨୧।୮(ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ ଦୁଲୀପ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଛି।ଏଥର ଦୁଲୀପ ଟ୍ରଫିର ୪ ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ଫାଇନାଲ ମ୍ୟାଚ ଚେନ୍ନାଇରେ ଅନୁଷ୍ଠିତ ହେବ।



ବିସିସିଆଇର ଘୋଷିତ କାର୍ଯ୍ୟସୂଚୀ ଅନୁସାରେ, ୨୩ ଅଗଷ୍ଟରୁ ଦୁଲୀପ ଟ୍ରଫିର ଆରମ୍ଭ ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଇଷ୍ଟ ଜୋନ ଓ ନର୍ଥ ଇଷ୍ଟ ଜୋନ ମୁହାଁମୁହିଁ ହେବେ। ଏହି ମ୍ୟାଚ ୨୩ରୁ ୨୬ ଅଗଷ୍ଟ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇର ସେଣ୍ଟର ଅଫ ଏକ୍ସେଲିନ୍ସି( ସିଓଇ) ଗ୍ରାଉଣ୍ଡ–୨ରେ ଖେଳାଯିବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ନର୍ଥ ଜୋନ ଓ ୱେଷ୍ଟ ଜୋନ ମଧ୍ୟରେ ମୁକାବିଲା ହେବ।ଏହି ମ୍ୟାଚ ବିସିସିଆଇର ସେଣ୍ଟର ଅଫ ଏକ୍ସେଲିନ୍ସି (ସିଓଇ)ଗ୍ରାଉଣ୍ଡ–୧ରେ ଅନୁଷ୍ଠିତ ହେବ।

କ୍ୱାର୍ଟର ଫାଇନାଲ ବିଜେତା ଦଳଗୁଡ଼ିକ ୩୦ ଅଗଷ୍ଟରୁ ୨ ସେପ୍ଟେମ୍ବର ମଧ୍ୟରେ ସେମିଫାଇନାଲ ଖେଳିବେ। ପ୍ରଥମ ସେମିଫାଇନାଲରେ ସେଣ୍ଟ୍ରାଲ ଜୋନ, କ୍ୱାର୍ଟର ଫାଇନାଲ–୧ର ବିଜେତା ଦଳକୁ ଭେଟିବ। ଦ୍ୱିତୀୟ ସେମିଫାଇନାଲରେ ସାଉଥ ଜୋନ, କ୍ୱାର୍ଟର ଫାଇନାଲ–୨ର ବିଜେତା ଦଳ ସହ ମୁକାବିଲା କରିବ।ତେବେ ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବୀ ସୂର୍ଯ୍ୟବଂଶୀଙ୍କ ଉପରେ ସମସ୍ତଙ୍କ ନଜର ରହିବ। କାରଣ ସେ ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇବା ସହିତ ଉପ–ଅଧିନାୟକ ନିଯୁକ୍ତ ହୋଇଛନ୍ତି।

**ମ୍ୟାଚ୍ ସୂଚୀ:** ୨୩–୨୬ ଅଗଷ୍ଟ: ଇଷ୍ଟ ଜୋନ ବନାମ ନର୍ଥ ଇଷ୍ଟ ଜୋନ କ୍ୱାର୍ଟର ଫାଇନାଲ–୧

୨୩–୨୬ ଅଗଷ୍ଟ: ନର୍ଥ ଜୋନ ବନାମ ୱେଷ୍ଟ ଜୋନ କ୍ୱାର୍ଟର ଫାଇନାଲ–୨

୩୦ ଅଗଷ୍ଟ–୨ ସେପ୍ଟେମ୍ବର: ସେଣ୍ଟ୍ରାଲ ଜୋନ ବନାମ ଖଏ–୧ ବିଜେତା ସେମିଫାଇନାଲ–୧

୩୦ ଅଗଷ୍ଟ–୨ ସେପ୍ଟେମ୍ବର: ସାଉଥ ଜୋନ ବନାମ ଖଏ–୨ ବିଜେତା ସେମିଫାଇନାଲ–୨

୬–୧୦ ସେପ୍ଟେମ୍ବର: ଫାଇନାଲ (ଏମ.ଏ ଚିଦାମ୍ବରମ ଷ୍ଟାଡିୟମ, ଚେନ୍ନାଇ)

# ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ: ପାକିସ୍ତାନର ଇନିଂସ ପରାଜୟ

ହେଡିଂଲି,୨୧।୮(ଏଜେନ୍ସି): ସ୍ଥାନୀୟ ଲିଡ୍ସର ହେଡିଂଲରେ ଅନୁଷ୍ଠିତ ଚଳିତ ସିରିଜର ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ପାକିସ୍ତାନକୁ ଏକ ଇନିଂସ ଓ ୧୦୩ ରନରେ ପରାସ୍ତ କରିଛି ଇଂଲଣ୍ଡ। ପାକିସ୍ତାନର ପ୍ରଥମ ପାଳି ସ୍କୋର ୧୭୧ ରନ ଜବାବରେ ଇଂଲଣ୍ଡ ପ୍ରଥମ ପାଳିରେ ୪୦୯ ରନ କରିଥିଲା। ତେବେ ପାକିସ୍ତାନ ଦ୍ୱିତୀୟ ପାଳିରେ କେବଳ ୧୩୫ ରନରେ ଅଲଆଉଟ ହେବା ପରେ ଇଂଲଣ୍ଡ ବୃହତ ବିଜୟ ହାସଲ କରିଛି। ଇଂଲଣ୍ଡର ପ୍ରଭାବୀ ବୋଲର ଓଲି ରବିନସନ୍ ଓ ଜୋଶ ଟଙ୍ଗ୍ ପ୍ରଥମ ଇନିଂସରେ ୫ ଲେଖାଁଏ ଓ ଦ୍ୱିତୀୟ ଇନିଂସରେ ୩ ଲେଖାଏଁ ୱିକେଟ ଅକ୍ତିଆର କରି ପାକିସ୍ତାନ ବ୍ୟାଟିଂକୁ ଧୂଳିସାତ କରି ଦେଇଥିଲେ।



ତେବେ ଏହି ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଥିଲା। ପାକିସ୍ତାନର ପ୍ରଥମ ପାଳି ୧୭୧ ରନରେ ଶେଷ ହେବା ପରେ ବ୍ୟବହୃତ ବଲକୁ ଦୁଇ ଭାଗରେ କାଟି ଗୋଟିଏ ଭାଗ ଓଲି ରବିନସନ୍‌ଙ୍କୁ ଏବଂ ଅନ୍ୟ ଭାଗ ଜୋଶ ଟଙ୍ଗ୍‌ଙ୍କୁ ଦିଆଯାଇଥିଲା।

ସୂଚନା ଯୋଗ୍ୟଯେ କ୍ରିକେଟ ମ୍ୟାଚରେ ଜଣେ ବୋଲର ଗୋଟିଏ ଇନିଂସରେ ୫ୱିକେଟ୍ ନେଲେ, ମ୍ୟାଚରେ ବ୍ୟବହୃତ ବଲକୁ ସ୍ମୃତି ଭାବେ ସାଙ୍ଗରେ ନେବାର ଏକ ପରମ୍ପରା ରହିଛି । ହେଡିଂଲିରେ ଇଂଲଣ୍ଡର ଓଲି ରବିନସନ୍ ଓ ଜୋଶ ଟଙ୍ଗ୍ ଉଭୟେ ପାକିସ୍ତାନ ବିପକ୍ଷ ପ୍ରଥମ ଇନିଂସରେ ୫–୫ୱିକେଟ୍ ନେଇଥିବାରୁ ଉଭୟ ବୋଲରଙ୍କୁ ବଲର ଅଧା ଅଧା ଦେବା ପାଇଁ ଗ୍ରାଉଣ୍ଡ ଷ୍ଟାଫ୍ ବଲକୁ ସମାନ ଦୁଇ ଭାଗରେ କାଟିଥିଲେ ।ଜୋଶ ଟଙ୍ଗ୍ କହିଛନ୍ତି ଯେ, ରବିନସନ୍ ବଲକୁ ଦୁଇ ଭାଗ କରି ବାଣ୍ଟିବା ପ୍ରସ୍ତାବ ଦେଇଥିଲେ। ଏହା ତାଙ୍କ ପାଇଁ ମଧ୍ୟ ଏକ ନୂଆ ଅନୁଭୂତି ବୋଲି ସେ କହିଛନ୍ତି। ଇଂଲଣ୍ଡର ଟେଷ୍ଟ ଇତିହାସରେ ପ୍ରାୟ ୨୦ ବର୍ଷ ପରେ ଗୋଟିଏ ଇନିଂସରେ ଦୁଇ ବୋଲର ୫–୫ ୱିକେଟ୍ ନେଇଛନ୍ତି । ଶେଷଥର ୨୦୦୬ ମସିହାରେ ମାଞ୍ଚେଷ୍ଟରରେ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏଭଳି ଘଟିଥିଲା। ସେତେବେଳେ ଷ୍ଟିଭ୍ ହାର୍ମିସନ୍ ଓ ମଣ୍ଟି ପାନେସର ୫–୫ ୱିକେଟ୍ ନେଇଥିଲେ ।

## ବାଂଲାଦେଶ ପ୍ରିମିଅର ଲିଗ ସସପେଣ୍ଡ

ଢ଼ାକା,୨୧।୮(ଏଜେନ୍ସି):ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ବିଭିନ୍ନ କାରଣ ନେଇ ବାଂଲାଦେଶ ପ୍ରିମିଅର ଲିଗକୁ ସସପେଣ୍ଡ କରିଛି। ଦେଶର ସବୁଠାରୁ ବଡ଼ କ୍ରିକେଟ ଲିଗ୍ ବିପିଏଲର ଆୟୋଜନ କରିବ ନାହିଁ । ବୋର୍ଡର ଅଧ୍ୟକ୍ଷ ତମିମ ଇକବାଲ କହିଛନ୍ତି, ଲିଗ୍ ଭିନ୍ନ ରୂପରେ ବ୍ୟବସ୍ଥିତ ଭାବେ ପୁଣି କରାଯିବ। ତେବେ ବୋର୍ଡର ଏଭଳି ନିଷ୍ପତ୍ତି ପଛରେ ବିତ୍ତୀୟ କ୍ଷତି ମୁଖ୍ୟ କାରଣ ବୋଲି କୁହାଯାଉଛି। ତମିମ ଇକବାଲ୍ କହିଛନ୍ତି, ଚଳିତବର୍ଷ ବିପିଏଲ୍‌ର ଆୟୋଜନ ହେବ ନାହିଁ । ଗତ ୨ ବର୍ଷ ଭିତରେ ବୋର୍ଡ ବିପିଏଲ୍ ଯୋଗୁଁ ୩.୩ ମିଲିଅନ ଡଲାର କ୍ଷତି ସହିଛି ।ଏହି କ୍ଷତି ପାଖାପାଖି ୩୧.୫ କୋଟି ଟଙ୍କା ହେବ ।ସେ ଆହୁରି ମଧ୍ୟ କହିଛନ୍ତି, ବିପିଏଲ୍ ଭଲ ଟୁର୍ଣ୍ଣାମେଣ୍ଟ ।ଏହାକୁ ଲୋକମାନେ ଖୁବ୍ ଭଲପାଇବା ମଧ୍ୟ ଦେଇଛନ୍ତି ।ଏହାର ଆୟୋଜନ ଠିକ୍ ଭାବେ ହେଲେ ଲୋକଙ୍କ




ଉତ୍ସାହ ଅଧିକ ବଢିଯିବ । ଫ୍ରାଞ୍ଚାଇଜ କ୍ରିକେଟରୁ ବୋର୍ଡକୁ ଫାଇଦା ମିଳିବା ଉଚିତ, କ୍ଷତି ନୁହେଁ। ତେଣୁ ଏଥିପାଇଁ ସମସ୍ୟାର ସମାଧାନ ନ ବାହାରିଛି, ସେ ପର୍ଯ୍ୟନ୍ତ କ୍ଷତିରେ ଚାଲିଥିବା ଟୁର୍ଣ୍ଣାମେଣ୍ଟକୁ ସସପେଣ୍ଡ କରିବା କିଛି ଭୁଲ୍ ନୁହେଁ । ବର୍ତ୍ତମାନ ବିପିଏଲ୍ ବିବାଦରେ ରହିଛି । ଚଳିତବର୍ଷ ମଇରେ ବାଂଲାଦେଶ କ୍ରିକେଟ ବୋର୍ଡର ଜଣେ ଖେଳାଳି ଏବଂ ଟିମ୍ ଅଫିସିଆଲ୍‌ଙ୍କୁ ଆଣ୍ଟି କରପସନ୍ ୟୁନିଟ୍ ସଟ୍ଟାବାଜୀ ସମ୍ମିଳନୀରେ ସାମିଲ ଥିବାରୁ ସସପେଣ୍ଡ କରାଯାଇଥିଲା।

## ଡୋପିଂ ମାମଲା: ସ୍ୱପ୍ନା ବର୍ମନ୍ ନିଲମ୍ବିତ



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଭାରତୀୟ ଆଥଲେଟିକ୍ସରେ ଡୋପିଂମାମଲା। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାର ହେପ୍ଟାଥଲନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଭାରତୀୟ ଆଥଲେଟ୍ ସ୍ୱପ୍ନା ବର୍ମନ୍‌ଙ୍କୁ ଜାତୀୟ ଡୋପିଂ ନିରୋଧୀ ଏଜେନ୍ସି (ନାଡା) ସାମୟିକ ଭାବେ ନିଲମ୍ବନ କରିଛି।ତାଙ୍କ ନମୁନାରେ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍ ‘ବୋଲ୍ଡେନୋନ୍’ ଚିହ୍ନଟ ହୋଇଛି।୨୯ ବର୍ଷୀୟା ସ୍ୱପ୍ନା ଚଳିତ ମାସ ଆରମ୍ଭରେ ଆଥଲେଟିକ୍ସରୁ ଅବସର ଘୋଷଣା କରିଥିଲେ, କିନ୍ତୁ ତାଙ୍କ ବିରୋଧରେ ଡୋପିଂ ମାମଲାର ଶୃଙ୍ଖଳାଗତ ପ୍ରକ୍ରିୟା ଜାରି ରହିବ।ସେ ଶୁଣାଣିରେ ନିଜ ପକ୍ଷ ରଖିବା ସହ ‘ବି’ ନମୁନା ପରୀକ୍ଷା ପାଇଁ ଅନୁରୋଧ କରିପାରିବେ। ଦୋଷୀ ସାବ୍ୟସ୍ତ ହେଲେ ବାସନ୍ଦ ଲାଗୁ ହେବ। ସ୍ୱପ୍ନା ୨୦୧୮ ଏସୀୟ କ୍ରୀଡ଼ାରେ ପ୍ରଥମ ଭାରତୀୟ ମହିଳା ହେପା ଆଥଲେଟ୍ ଭାବେ ସ୍ୱର୍ଣ୍ଣ ଜିତିଥିବା ବେଳେ ୨୦୧୬ ରିଓ ଅଲିମ୍ପିକ୍ସରେ ମଧ୍ୟ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ସ୍ୱପ୍ନାଙ୍କ ସହ ହକି ଖେଳାଳି ମୟଙ୍କ ଶର୍ମାଙ୍କୁ ୪ ବର୍ଷ ଓ ଧାବିକା ସଞ୍ଜନା ସିଂହଙ୍କୁ ୫ ବର୍ଷ ପାଇଁ ବାସନ୍ଦ କରାଯାଇଛି।

## ଭାରତ ବିପକ୍ଷ ସିରିଜ ଖେଳି କ୍ଷତି ଭରଣା କରିବ ନ୍ୟୁଜିଲାଣ୍ଡ

ଅକଲାଣ୍ଡେ,୨୧।୮(ଏଜେନ୍ସି): ନ୍ୟୁଜିଲାଣ୍ଡ ଟିମର ପ୍ରଦର୍ଶନ ଭଲ ରହିଥିଲେ ହେଁ ବୋର୍ଡ ଲଗାତାର କ୍ଷତିରେ ଚାଲିଛି । ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ଗତବର୍ଷ ୭୦ କୋଟି ଟଙ୍କାର କ୍ଷତି ସହିଛି ।ଏବେ ଭାରତ ବିପକ୍ଷରେ ସିରିଜ ଖେଳି ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ କ୍ଷତି ସହିଥିବା ଟଙ୍କାକୁ ଆଦାୟ କରିପାରିବ । ନ୍ୟୁଜିଲାଣ୍ଡ ଟିମ୍ ଅକ୍ଟୋବରରେ ଭାରତ ବିପକ୍ଷରେ ମୋଟ୍ ୧୨ଟି ମ୍ୟାଚ ଖେଳିବ । ୩ଟି ଫର୍ମାଟରେ ମ୍ୟାଚ ଖେଳାଯିବ ।ଏଥିରୁ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ନିଜର କ୍ଷତି ଟଙ୍କାକୁ ଆଦାୟ କରିପାରିବ ।ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରି ୫ଟି ଟି୨୦, ୫ଟି ଦିନିକିଆ ଏବଂ ୨ଟି ଟେଷ୍ଟ ସିରିଜ ଖେଳିବ ।

## ଭାରତୀୟ କ୍ରିକେଟ ଦଳକୁ କଲମ୍ବୋସ୍ଥିତ ଇଣ୍ଡିଆ ହାଉସରେ ଭବ୍ୟ ସ୍ୱାଗତ

କଲମ୍ବୋ, ୨୧।୮ (ଏଜେନ୍ସି):ସଂପ୍ରତି ଭାରତୀୟ ଦଳକୁ କଲମ୍ବୋସ୍ଥିତ ଇଣ୍ଡିଆ ହାଉସ ଠାରେ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି। ଶ୍ରୀଲଙ୍କାରେ ଥିବା ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା ଖେଳାଳିମାନଙ୍କ ପାଇଁ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ। ଏଥିରେ ଭାରତୀୟ ଦଳ ସହ ଶ୍ରୀଲଙ୍କା ଦଳର ଖେଳାଳିମାନେ ମଧ୍ୟ ଯୋଗ ଦେଇଥିଲେ। ଏହା ଏକ ‘ସ୍ମରଣୀୟ ସନ୍ଧ୍ୟା’ ବୋଲି ଦୁଇ ଦଳକୁ ଆତିଥ୍ୟ ଦେଇଥିବା ଶ୍ରୀ ଝା କହିଥିଲେ।‘ବିସିସିଆଇଏକ୍ସ’ରେ ସେ ଲେଖିଛନ୍ତି ଯେ ‘ଟିମ୍ ଇଣ୍ଡିଆ ପାଇଁ ମୁଁ ଉତ୍ସାହିତ। ସଂପ୍ରତି ଏଠାରେ ଚାଲିଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସିପ୍ ଅବସରରେ ଉଭୟ ଭାରତ ଓ ଶ୍ରୀଲଙ୍କାର ପୁରୁଷ କ୍ରିକେଟ୍ ଦଳକୁ ଆତିଥ୍ୟ ଦେଇ ବହୁତ ଖୁସି। କାରଣ କ୍ରିକେଟ୍ ଉଭୟ ଦେଶର ସମ୍ପର୍କକୁ ଆହୁରି ଦୃଢ଼ କରିଚାଲିଛି।’

### ବିଶ୍ୱ ବ୍ୟାଡମିଣ୍ଟନ: ୧୫ ବର୍ଷ ପ୍ରତୀକ୍ଷାର ଅନ୍ତ

## ପଦକ ନିଶ୍ଚିତ କଲେ ତ୍ରିଶା ଓ ଗାୟତ୍ରୀ

ନୂଆଦିଲ୍ଲୀ,୨୧।୮(ଏଜେନ୍ସି): ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଭାରତୀୟ ବ୍ୟାଡମିଣ୍ଟନ ଇତିହାସରେ ଯୋଡିଲେ ନୂଆ ଅଧ୍ୟାୟ । ବିଡବ୍ଲ୍ୟୁଏଫ୍ ବିଶ୍ୱ ପ୍ରତିଯୋଗିତାର ମହିଳା ଯୁଗଳରେ ଭାରତର ୧୫ ବର୍ଷର ପଦକ ମରୁଡ଼ି ଅନ୍ତ ଘଟାଇଛନ୍ତି।ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମହିଳା ଡବଲ୍ସ ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ି ପ୍ରବେଶ କରି ଅତିକମରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଫଳରେ ୨୦୧୧ରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନ ପୁନପ୍ପାଙ୍କ କାଂସ୍ୟ ପଦକ ପରେ ମହିଳା ଯୁଗଳରେ ଏହା ଭାରତର ପ୍ରଥମ ପଦକ।

ଶୁକ୍ରବାର ଅନୁଷ୍ଠିତ ମହିଳା ଯୁଗଳ ପ୍ରିକ୍ୱାର୍ଟରଫାଇନାଲ ମ୍ୟାଚରେ ତ୍ରିଶା ଓ ଗାୟତ୍ରୀ କଡ଼ାସଂଘର୍ଷ କରି ୧୬–୨୧, ୨୧–୧୫, ୨୧–୧୩ରେ ବିଶ୍ୱର ୪ ନମ୍ବର ଚୀନର ଜିଆ ୟିଫାନ ଓ ଝାଙ୍ଗ ସୁଝିଆନ୍‌ଙ୍କୁ ପରାସ୍ତ କରିଥିଲେ।ପ୍ରଥମ ଗେମ୍ ହାରିବା ପରେ ଭାରତୀୟ ଯୋଡ଼ି ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ଗେମ୍ ଜିତି ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ।



# ବାଣିଜ୍ୟ ଖବର

# ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ମହିଳାଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ

ଭୁବନେଶ୍ୱର ,୨୧।୮(ନି.ପ୍ର):ପାଖେଇ ଆସୁଛି ଭାଇ ଭଉଣିଙ୍କ ସ୍ନେହର ପ୍ରତୀକ ପର୍ବ ପବିତ୍ର ରକ୍ଷା ବନ୍ଧନ। ଟିପିସିଓଡିଏଲ ଓ ଏହାର ସିଏସଆର ପ୍ରକଳ୍ପ ସମୃଦ୍ଧି ମାଧ୍ୟମରେ ଓଡ଼ିଶାର ଅନନ୍ୟ ସଂସ୍କୃତିକ ଲୋକକଳା ପଟ୍ଟଚିତ୍ର, ନଡ଼ିଆ କତା, ନଡ଼ା ଓ ଡୋକ୍ରା କାରିଗରୀକୁ ନେଇ ପ୍ରସ୍ତୁତ ପରିବେଶ ଉପଯୋଗୀ ରାକ୍ଷୀର ପ୍ରଚାର ପ୍ରସାର ଦିଗରେ ନେଇଛି ଅଭିନବ ପଦକ୍ଷେପ।



ମହିଳା ସଶକ୍ତିକରଣ ଓ କଳା ସଂସ୍କୃତିର ସୁରକ୍ଷା ଉଦ୍ଦେଶ୍ୟରେ, ଟିପିସିଓଡିଏଲ ଓଡିଶାର ପାରମ୍ପରିକ ଶିଳ୍ପ ପଟ୍ଟଚିତ୍ର, ଡୋକ୍ରା ଓ ତାଳପତ୍ର ଶିଳ୍ପ ବ୍ୟବହାର କରି ପ୍ରାକୃତିକ ଓ ପରିବେଶ ଅନୁକୂଳ ରାକ୍ଷୀ ତିଆରିରେ ଗ୍ରାମୀଣ ମହିଳା ଓ ଶିଳ୍ପୀଙ୍କୁ ସହଯୋଗ କରୁଛି। ଏହି ହାତ ତିଆରି ରାଖିଗୁଡିକ ଖୋର୍ଦ୍ଧା ଜିଲ୍ଲାର ବଳିଆନ୍ତା ଆର୍ଟ କ୍ଲଷ୍ଟର୍ ଓ ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା ହେରିଟେଜ ଭିଲେଜର ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି । ଯାହାକୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି। କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ଅନୁକୂଳ ରାକ୍ଷୀଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଭୁବନେଶ୍ୱରର ସ୍ଥିତ ଟିପିସିଓଡିଏଲର ଟେକ୍ନୋଲୋଜି ସେଣ୍ଟର୍ ପରିସରରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଥିଲା। ଶହ ଶହ ଲୋକ ଷ୍ଟଲ୍ ପରିଦର୍ଶନ କରିଥିଲେ ଏବଂ ଏହି ସୁନ୍ଦର ହସ୍ତଶିଳ୍ପ ରାଖିଗୁଡ଼ିକୁ ଦେଖି ଖୁସି ବ୍ୟକ୍ତ କରିଥିଲେ।

ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ବଜାର ସଂଯୋଜନ ସହଯୋଗରେ ୩୦୦ ରୁ ଅଧିକ ମହିଳା ଲୋକକଳାର ତାଲିମ ନେବା ସହ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଏହି ପ୍ରୟାସ ଗ୍ରାମୀଣ ମହିଳାଙ୍କୁ ଉଦ୍ୟମୀତା ରାସ୍ତାରେ ଆଗେଇ ନେବା ସହ ଓଡିଶାର ପାରମ୍ପରିକ କଳାକୁ ପୁନରୁଜ୍ଜୀବିତ କରୁଛି। ଏହି ପରିବେଶ ଅନୁକୂଳ ରାଖିଗୁଡିକୁ ପ୍ରଦର୍ଶନୀ, ସ୍ଥାନୀୟ ବିକ୍ରୟ ଓ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ବିକ୍ରୟ କରାଯାଉଛି। ଗ୍ରାମୀଣ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ରାକ୍ଷୀ ଓଡ଼ିଶାର କଳା ସଂସ୍କୃତି ପରମ୍ପରା ଓ ମହିଳା ସଶକ୍ତିକରଣର ପ୍ରତୀକ।

### ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

# ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୧।୮ (ନି.ପ୍ର): ସହଜ, ସୁଗମ, ଅସୁବିଧାମୁକ୍ତ ଏବଂ ଉପଯୁକ୍ତ ଖୁଚୁରା ଋଣ ସମାଧାନ ସହିତ ପ୍ରତ୍ୟେକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏହାର ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଚଳିତ ଅଗଷ୍ଟ୨୧ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ,




ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା ରିଟେଲ୍ କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ୍ ଅଫ୍ ଓଡିଶାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ ଭି ମୂରଲୀ କ୍ରୀଷ୍ଣା, ଉତ୍କଳ ବିଲ୍ଡର୍ସର ନିର୍ଦ୍ଦେଶକ ଅମିତ ବୈଦ, ଜ୍ୟୋତି ମୋଟର୍ସର ପରିଚାଳନା ନିର୍ଦ୍ଦେଶକ ଦେବ ଜ୍ୟୋତି ପଟ୍ଟନାଏକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂ ଏବଂ ମୁଖ୍ୟ ପ୍ରବନ୍ଧକ ପ୍ରିୟମ୍ବଦା ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ସମ୍ଭାବ୍ୟ ଗ୍ରାହକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମୂରଲୀ କ୍ରୀଷ୍ଣା ଦ୍ୱାରା ପ୍ରଦାନ କରାଯାଇଥିବା ଖୁଚୁରା ଋଣ ଉତ୍ପାଦ ଯେପରି ସେ ସ୍ୱର୍ଣ୍ଣ ଋଣ , ସେ ଗୃହ ଋଣ, ସେ ଗୃହ ଲକ୍ଷ୍ମୀ ହୋମ୍ ଲୋନ୍ (କେବଳ ମହିଳାମାନଙ୍କ ପାଇଁ) ଉପରେ ପ୍ରତିଯୋଗିତାମୂଳକ ସୁଧ ହାର ଏବଂ ଜିରୋ ପ୍ରୋସେସିଂ ଚାର୍ଜ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ଶାଖାର ହିତାଧିକାରୀମାନଙ୍କୁ ୫୦ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେଫ୍ ଦାବୀ, ଉଦ୍ୟମ ପଞ୍ଜୀକରଣ, ସିକେୱାଇସି ଓ ରିକେୱାଇସିର ଲାଭ ଏବଂ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ସୂଚନା ପ୍ରଦାନ କରାଯାଇଥିଲା।

# ଆଇଆଇଟି ଭୁବନେଶ୍ୱରରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ

ଭୁବନେଶ୍ୱର, ୨୧।୮ (ନି.ପ୍ର): ବିଶ୍ୱ ଉଦ୍ୟୋଗୀ ଦିବସ ୨୦୨୬ ପୂର୍ବ ସନ୍ଧ୍ୟାରେ, ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ (ଆରଇପି) ଟେଗା ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଅଧ୍ୟକ୍ଷ ମଦନ ମୋହନ ମୋହଙ୍କାଙ୍କ ସହିତ ଏକ ଆକର୍ଷଣୀୟ ଆଲୋଚନାର ଆୟୋଜନ କରିଥିଲା, ଯେଉଁଥିରେ ଉଦ୍ୟୋଗୀ ଅନ୍ତର୍ଦୃଷ୍ଟି, ନେତୃତ୍ୱ ଏବଂ ଉଦ୍ଦେଶ୍ୟମୂଳକ ଉଦ୍ୟୋଗ ଗଠନ ଉପରେ ଏକ ଦୃଢ଼ ବାର୍ତ୍ତା ସାମିଲ ହୋଇଥିଲା। ଏହି ଆଲୋଚନା ଦୃଷ୍ଟିକୋଣ,ନେତୃତ୍ୱ ଏବଂ ଉଦ୍ୟୋଗୀତା ଉପରେ କେନ୍ଦ୍ରିତ ଥିଲା। ଶ୍ରୀ ମୋହଙ୍କାଙ୍କୁ ସ୍ୱାଗତ କରି, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ଉଦ୍ୟୋଗ ଉପରେ ପ୍ରତିଷ୍ଠାନର ବର୍ଦ୍ଧିତ ଧ୍ୟାନ ଏବଂ ଛାତ୍ର ଏବଂ ଗବେଷକଙ୍କୁ କେବଳ ଚାକିରି ଖୋଜୁଥିବା ବ୍ୟକ୍ତି ଭାବରେ ନୁହେଁ, ବରଂ ଭବିଷ୍ୟତର ନିଯୁକ୍ତି ସୃଷ୍ଟିକାରୀ ଭାବରେ ପ୍ରତିପାଳନ କରିବାର ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଯୁବଗୋଷ୍ଠୀ ପାଇଁ ଏକ କ୍ୟାରିୟର ପଥ ଭାବରେ ଉଦ୍ୟୋଗୀତାକୁ ଚୟନ କରିବା ଏବଂ ଏ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ପ୍ରେରଣା ଦେବା ପାଇଁ ଏହି ଅବସରର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର କର୍ମଲକର ଆଇଆଇଟି ଭୁବନେଶ୍ୱରର ମହତ୍ୱାକାଂକ୍ଷୀ ୧୦୦ କ୍ୟୁବ୍ ଷ୍ଟାର୍ଟ–ଅପ୍ ଇନିସିଏଟିଭ୍ ମଧ୍ୟ ଉଲ୍ଲେଖ କରିଥିଲେ, ଯାହାର ଲକ୍ଷ୍ୟ ଓଡ଼ିଶାର ଶତବାର୍ଷିକୀ ବର୍ଷ ଅର୍ଥାତ ୨୦୩୬ ମସିହା ସୁଦ୍ଧା




୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୦୦ ଟି ଷ୍ଟାର୍ଟଅପକୁ ମାର୍ଗଦର୍ଶନ ଦେବା। ପ୍ରତିଷ୍ଠାନ ବର୍ତ୍ତମାନ ପ୍ରାୟ ୧୪୦ ଷ୍ଟାର୍ଟଅପକୁ ଏହି କ୍ରମରେ ସାମିଲ କରିଛି, ଯାହାର ସଂଖ୍ୟା ଦୁଇ ବର୍ଷ ପୂର୍ବେ ପ୍ରାୟ ୧୮ ଥିଲା। ଏହାର ଉଦ୍ୟୋଗୀତା ଇକୋସିଷ୍ଟମରେ ପିଏଚଡି ଏବଂ ଏମଏସ–ଗବେଷଣା ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣା ଏବଂ ଉଦ୍ୟୋଗୀତା ଉପରେ ଏକ ପ୍ରାରମ୍ଭିକ ପାଠ୍ୟକ୍ରମ, ଷ୍ଟାର୍ଟଅପ ପରିକଳ୍ପନାକୁ ଆଗେଇ ନେବା ପାଇଁ ଅଧ୍ୟାପକଙ୍କ ପାଇଁ ପ୍ରସ୍ତାବିତ ଛୁଟି ଏବଂ ବି.ଟେକ୍ ଛାତ୍ରଙ୍କ ପାଇଁ ଏକ ନବସୃଜନ ଏବଂ ଉତ୍ପାଦ ବିକାଶ ମାଇନର୍ ଅନ୍ତର୍ଭୁକ୍ତ।

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଶ୍ରୀ ମୋହଙ୍କା ଆଇଆଇଟି ଭୁବନେଶ୍ୱରରେ ଖଣିଜ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ କୋଟି ଟଙ୍କାର ସହାୟତା ପ୍ରତିଶ୍ରୁତି ଦେଇଥିଲେ, ଯାହା ଉଦ୍ୟୋଗୀତା, ଶିଳ୍ପ ବିଶେଷଜ୍ଞତା ଏବଂ ବିଶେଷଜ୍ଞ ଶିକ୍ଷାଗତ କ୍ଷମତାକୁ ସଂଯୋଗ କରିବା ପାଇଁ ପ୍ରତିଷ୍ଠାନର ପ୍ରୟାସରେ ଏକ ନୂତନ ଦିଗ ଯୋଡ଼ିବ। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସ୍କୁଲ ଅଫ ମିନେରାଲସ, ମେଟାଲର୍ଜି ଆଣ୍ଡ ମ୍ୟାଟେରିଏଲସର ଡିଷ୍ଟିଂଗୁଇଷଡ଼ ଭିଜିଟିଂ ପ୍ରଫେସର, ପ୍ରଫେସର ବି. କେ. ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଏକାଡେମିକ୍ କାର୍ଯ୍ୟକଳାପର ପ୍ରଫେସର–ଇନ–ଚାର୍ଜ ଡକ୍ଟର ଶାନ୍ତନୁ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଅଜୟ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୧।୮ (ନି.ପ୍ର): ଶ୍ରୀମତୀ ସୁରମା ପାଢ଼ୀ, ବାଚସ୍ପତିଙ୍କ ଉପସ୍ଥିତିରେ ଅଜୟ ହାଇଅର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ ଉତ୍ସାହ ଓ ଆନନ୍ଦର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ଅତିଥି ଭାବେ ଭାଇସ୍ ଚାନ୍ସେଲର ଡ. ରବି ନାରାୟଣ ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହିତ ଶୃଙ୍ଖଳା, ନୈତିକତା ଓ ମାନବିକ ମୂଲ୍ୟବୋଧକୁ ଜୀବନରେ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମରେ ସ୍କୁଲର ଚେୟାରମ୍ୟାନ୍ ବ୍ରହ୍ମାନନ୍ଦ ମଙ୍ଗରାଜ ଏବଂ ଡାଇରେକ୍ଟର ଇତିଶ୍ରିତା ସ୍ୱାଇଁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ



ଶିକ୍ଷାନୁଷ୍ଠାନର ଉନ୍ନତି କାମନା କରିଥିଲେ।ସ୍କୁଲର ପ୍ରିନ୍ସିପାଲ୍ ଡ. ସନ୍ତୋଷ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରି ଶିକ୍ଷା, କ୍ରୀଡ଼ା ଓ ବିଭିନ୍ନ ସହପାଠ୍ୟକ୍ରମ କ୍ଷେତ୍ରରେ ବିଦ୍ୟାଳୟର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଭାଇସ୍ ପ୍ରିନ୍ସିପାଲ୍ ଲକ୍ଷ୍ମୀକାନ୍ତ ମିଶ୍ର ଏବଂ ଆଡମିନିଷ୍ଟ୍ରେଟିଭ୍ ଅଫିସର୍ ମୃତ୍ୟୁଞ୍ଜୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା।ବିଦ୍ୟାଳୟର ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ, ଅଭିଭାବକ ଓ ଅତିଥିମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲା।

# ଆର୍‌ଏସ୍‌ପିର ରଣନୀତି ଡିରେକ୍ଟର ପର୍ସୋନେଲ୍ କପ୍‌ର ବିଜେତା ଫାଇନାଲସରେ ପ୍ରତିଦ୍ୱନ୍ଦ୍ୱିତା କରିବେ


ରାଉରକେଲା, ୨୧।୮(ନି.ପ୍ର): ରାଞ୍ଚିରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲସରେ ରାଉରକେଲା ଇସ୍ପାତ କାରଖାନା(ଆରଏସପି)ର ଟିମ୍‌ଗୁଡ଼ିକୁ ଚୟନ କରିବା ପାଇଁ ଅଗଷ୍ଟ ୧୮ ଏବଂ ୧୯ ରେ ଲର୍ନିଂ ଆଣ୍ଡ ଡେଭେଲପମେଣ୍ଟ ସେଣ୍ଟର ଠାରେ ରଣ ନୀତି ୨୦୨୬ –ଡିରେକ୍ଟର ପର୍ସୋନେଲ୍ କପ୍ ଦୁଇଦିନିଆ ବିଜନେସ୍ ସିମୁଲେସନ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସେଲ୍ ଦ୍ୱାରା ଅଲ୍–ଇଣ୍ଡିଆ ମ୍ୟାନେଜମେଣ୍ଟ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅନୁଭୂତିପୂର୍ଣ୍ଣ ବିଜନେସ୍ ସିମୁଲେସନ୍ ମାଧ୍ୟମରେ ରଣନୀତିକ ଚିନ୍ତାଧାରା, ଆନ୍ତଃ–ବିଭାଗୀୟ ସହଯୋଗ ଏବଂ ପ୍ରବନ୍ଧକୀୟ ନିଷ୍ପତ୍ତି ନେବାର ଦକ୍ଷତାକୁ ବୃଦ୍ଧି କରିବା ଥିଲା।



ଏହି କାର୍ଯ୍ୟକ୍ରମରେ ୧୦୨ ଜଣ ଏକ୍ଜିକ୍ୟୁଟିଭ୍‌ଙ୍କୁ ନେଇ ଗଠିତ ୩୪ ଟି ଟିମ୍ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି ସିମୁଲେସନ୍ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟର ପାରସ୍ପରିକ ନିର୍ଭରଶୀଳତା ବିଷୟରେ ଜ୍ଞାନ ଆହରଣ କରିବାକୁ ଏବଂ ସମଗ୍ର ସଂସ୍ଥାଗତ ପ୍ରଦର୍ଶନ ଉପରେ ପ୍ରବନ୍ଧକୀୟ ନିଷ୍ପତ୍ତିର ପ୍ରଭାବକୁ ବୁଝିବାକୁ ସକ୍ଷମ କରିଥିଲା। ପୂରା କାର୍ଯ୍ୟକ୍ରମରେ ଟିମ୍‌ଗୁଡ଼ିକ ଉଚ୍ଚସ୍ତରୀୟ ଉତ୍ସାହ, ଦଳଗତ କାର୍ଯ୍ୟ, ବିଶ୍ଳେଷଣାତ୍ମକ ଦକ୍ଷତା ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ। ଗ୍ରୁପ୍–ଏ ରେ ପୂରବ ଦାସ (ବରିଷ୍ଠ ପ୍ରବନ୍ଧକ, ଫ୍ଲକ୍ସ ଆଣ୍ଡ ରିଫ୍ରାକ୍ଟରୀ), ସମ୍ପଦ ମିଶ୍ର (ଉପ ମହାପ୍ରବନ୍ଧକ, କୋକ୍ ଓଭନ୍ସ) ଏବଂ ଅବିନାଶ ପଟ୍ଟନାୟକ (ଉପ ମହାପ୍ରବନ୍ଧକ, ପ୍ଲେଟ୍ ମିଲ୍)ଙ୍କୁ ନେଇ ଗଠିତ ଟିମ୍ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ସୀମାଞ୍ଚଳ ଗୌଡ଼ (ବରିଷ୍ଠ ପ୍ରବନ୍ଧକ), ପୁନୀତ ଠାକର (ସହକାରୀ ମହାପ୍ରବନ୍ଧକ) ଏବଂ ସିଦ୍ଧାର୍ଥ ପାଲ (ବରିଷ୍ଠ ପ୍ରବନ୍ଧକ) – ସମସ୍ତେ ନ୍ୟୁ ପ୍ଲେଟ୍ ମିଲ୍‌ର, ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ସେହିପରି ଗ୍ରୁପ୍–ବି ରେ, ପପୁ କୁମାର (ସହକାରୀ ମହାପ୍ରବନ୍ଧକ, ବିତ୍ତ ଓ ଲେଖା ), ପ୍ରକାଶ ଚନ୍ଦ୍ର ସାହୁ (ସହକାରୀ ମହାପ୍ରବନ୍ଧକ, ବିତ୍ତ ଓ ଲେଖା) ଏବଂ ବିକ୍ରାନ୍ତ କୁମାର ପଟେଲ (ସହକାରୀ ମହାପ୍ରବନ୍ଧକ, ସତର୍କତା) ଙ୍କ ଟିମ୍ ପ୍ରଥମ ସ୍ଥାନ ଅଧିକାରୀ ହୋଇଥିବା ବେଳେ କୁମାର ସୌରଭ ଶୋ (ସହକାରୀ ମହାପ୍ରବନ୍ଧକ, ଆର.ଏମ.ଏଚ.ପି), ଶ୍ରୀ ପ୍ରଭାତ କୁମାର (ଉପ ମହାପ୍ରବନ୍ଧକ, କାଲସିନିଂ ପ୍ଲାଣ୍ଟ–୨) ଏବଂ ତନୁଜ କୁମାର ସାହୁ (ବରିଷ୍ଠ ପ୍ରବନ୍ଧକ, ବିତ୍ତ ଓ ଲେଖା) ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ସେମାନଙ୍କର ସମଗ୍ର ପ୍ରଦର୍ଶନ ଆଧାରରେ, ପ୍ରତିଯୋଗିତା ଢାଞ୍ଚା ଅନୁଯାୟୀ ରାଞ୍ଚିର ମ୍ୟାନେଜମେଣ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ଏମ.ଟି.ଆଇ) ଠାରେ ଅନୁଷ୍ଠିତ ହେବାକୁ ଥିବା ରଣ– ନୀତି ୨୦୨୬ ର ଲେବଲ–୨ ରେ ଆର.ଏସ.ପି ର ପ୍ରତିନିଧିତ୍ୱ କରିବା ପାଇଁ ସମସ୍ତ ଚାରୋଟି ଶୀର୍ଷ–ପ୍ରଦର୍ଶନକାରୀ ଟିମ୍‌ଙ୍କୁ ଚୟନ କରାଯାଇଛି।

# ୧୬ କୋଟିରେ ବିକ୍ରି ହେଲା ଗାନ୍ଧିଜୀଙ୍କ ଚିଠି

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ମହାତ୍ମା ଗାନ୍ଧୀ ତାଙ୍କର ଘନିଷ୍ଠ ସହାୟକ ଓ ବନ୍ଧୁ ଆନନ୍ଦ ଟି ହିଙ୍ଗୋରାନିଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଦୈନନ୍ଦିନ ଚିନ୍ତାଧାରା ସଂଗ୍ରହ ଭାରତରେ ରେକର୍ଡ଼ ୧୬.୨୦ କୋଟି ଟଙ୍କାରେ ନିଲାମ ହୋଇଛି। ହିଙ୍ଗୋରାନିଙ୍କ ପତ୍ନୀ ବିଦ୍ୟାଙ୍କ ମୃତ୍ୟୁ ପରେ ତାଙ୍କୁ ଆଧ୍ୟାତ୍ମିକ ମାର୍ଗଦର୍ଶନ ଓ ସାନ୍ତ୍ୱନା ପ୍ରଦାନ କରିବା ପାଇଁ ଗାନ୍ଧିଙ୍କ ଦ୍ୱାରା ଏହି ଦୈନିକ



ଚିନ୍ତନ ଲେଖାଯାଇଥିଲା। ପରେ ହାତଲେଖାଗୁଡ଼ିକୁ 'ଏ ଥଟ୍ ଫର୍ ଦି ଡେ' ପୁସ୍ତକ ଭାବରେ ସଂକଳିତ ଓ ପ୍ରକାଶ କରାଯାଇଥିଲା, ଯାହା ଗାନ୍ଧୀଙ୍କ ବ୍ୟକ୍ତିଗତ ଦର୍ଶନ ଓ ତାଙ୍କ ନିକଟତମ ଲୋକଙ୍କ ସହିତ ତାଙ୍କ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ରେକର୍ଡ କରିଥିଲା। ସାଫ୍ରୋନଆର୍ଟ ଦ୍ୱାରା ଆୟୋଜିତ ଏକ ନିଲାମରେ ମହାତ୍ମା ଗାନ୍ଧୀଙ୍କ ୬୮୮ଟି ହାତଲେଖାର ବିରଳ ସଂଗ୍ରହ ସମ୍ପ୍ରତି ରେକର୍ଡ ୧୬.୨୦ କୋଟି ଟଙ୍କାରେ ବିକ୍ରି ହୋଇଛି। ହିଙ୍ଗୋରାନି ପରିବାର ଦ୍ୱାରା ଦଶନ୍ଧି ଦଶନ୍ଧି ଧରି ସଂରକ୍ଷିତ ଏହି ବିଶାଳ ସଂଗ୍ରହ ଗାନ୍ଧିଙ୍କ ଜୀବନର ୨୦ ବର୍ଷରୁ ଅଧିକ ସମୟ ଅନ୍ତର୍ଭୁକ୍ତ। ଏଥିରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଗୁରୁତ୍ୱପୂର୍ଣ୍ଣ ସମୟ ସହିତ ଜଡିତ ବ୍ୟକ୍ତିଗତ ଚିଠିପତ୍ର ଓ ଅନ୍ୟାନ୍ୟ ଦଲିଲ ଅନ୍ତର୍ଭୁକ୍ତ। ଏହା କୌଣସି ଭାରତୀୟ ଐତିହାସିକ ଦଲିଲର ନିଲାମରେ ଏପର୍ଯ୍ୟନ୍ତ ମିଳିଥିବା ସର୍ବାଧିକ ମୂଲ୍ୟ।

### ବନ୍ଦେ ମାତରମ୍ ବିବାଦ

# କଂଗ୍ରେସ ଉପରେ ବର୍ଷିଲେ ସ୍ମୃତି ଇରାନୀ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ବିଜେପିର ନବନିଯୁକ୍ତ ଜାତୀୟ ସାଧାରଣ ସମ୍ପାଦକ ସ୍ମୃତି ଇରାନୀ ଶୁକ୍ରବାର ବନ୍ଦେ ମାତରମ୍ ବିବାଦକୁ ନେଇ କଂଗ୍ରେସ ଉପରେ ବର୍ଷିଛନ୍ତି। ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ୧୯୫୦ ମସିହାରେ ସମ୍ବିଧାନ ପ୍ରଣୟନ ସଭାରେ ବନ୍ଦେ ମାତରମ୍‌କୁ 'ଜନ ଗଣ ମନ' ସହିତ ସମାନ ସମ୍ମାନ ପ୍ରଦାନ କରାଯିବା ଉଚିତ ବୋଲି ସ୍ପଷ୍ଟ କରିଥିବାବେଳେ ଏହି ଜାତୀୟ ସଙ୍ଗୀତକୁ ସମାନ ସମ୍ମାନ ଦିଆଯିବ କି ନାହିଁ ତାହା କଂଗ୍ରେସ କିପରି ସ୍ଥିର କରିପାରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏକ ସାକ୍ଷାତକାରରେ ସ୍ମୃତି ଇରାନୀ କହିଛନ୍ତି, ଭାରତର ସଂସଦ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ମତାମତ ଦେଇ ଆଇନ ପ୍ରଣୟନ କରିବା ପରେ ସେହି ଆଇନକୁ ଅଳିଆ ଗଦାକୁ ଫିଙ୍ଗିଦେବା ପାଇଁ ସୋନିଆ ଗାନ୍ଧିଙ୍କ ଅଧିକାର ନାହିଁ ବୋଲି ସେ କହିଛନ୍ତି। ଏହି ଗୀତର ପଞ୍ଚମ ଏବଂ ଷଷ୍ଠ ଅନୁଚ୍ଛେଦରେ ଦେବୀ ଦୁର୍ଗାଙ୍କୁ ଆବାହନ କରାଯାଇଥିବାରୁ ସୋନିଆ ଗାନ୍ଧି କିମ୍ବା କଂଗ୍ରେସ ଦଳର ଏଥିରେ କ'ଣ ସମସ୍ୟା ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଦିଲ୍ଲୀରେ ଦିନକରେ ୧୧୪ ଏଚ୧ଏନ୍୧ ମାମଲା

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ଦିଲ୍ଲୀରେ ଏଚ୧ଏନ୍୧ (ସ୍ୱାଇନ୍ ଫ୍ଲୁ) ମାମଲା ଲଗାତାର ବୃଦ୍ଧି ପାଇବା ଚିନ୍ତା ବଢାଇ ଦେଇଛି। ଦିଲ୍ଲୀରେ ଗୋଟିଏ ଦିନରେ ୧୧୪ଟି ନୂଆ ଏଚ୍୧ଏନ୍୧ ମାମଲା ଚିହ୍ନଟ ପରେ ୨୦୨୬ରେ ମୋଟ ମାମଲା ସଂଖ୍ୟା ୧,୭୭୭ରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏହି ପ୍ରସଙ୍ଗରେ ଏକ ଜରୁରୀକାଳୀନ ବୈଠକ କରିଛନ୍ତି। ନଡ୍ଡା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏହି ବୈଠକରେ ରାଜଧାନୀରେ ବର୍ତ୍ତମାନର ଏଚ୧ଏନ୍୧ ପରିସ୍ଥିତି ଓ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ରାଜଧାନୀରେ ଅସ୍ଥିର ଆର୍ଦ୍ରତା ଓ ତାପମାତ୍ରା ସ୍ୱାଇନ୍ ଫ୍ଲୁ ମାମଲା ସମ୍ପର୍କରେ ଚିନ୍ତା ବଢାଇ ଦେଇଛି।

# ବୃଦ୍ଧ ବାପା-ମା'ଙ୍କୁ ହତାଦର କରିପାରିବେନି ପୁଅ-ଝିଅ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ବୟସ ବଢ଼ିଗଲେ ଅପମାନ, ଅବହେଳା କିମ୍ବା ଅସୁରକ୍ଷା ସହି ରହିବାକୁ ପଡ଼ିବ ନାହିଁ। ବୃଦ୍ଧ ବାପା-ମା'ଙ୍କ ସୁରକ୍ଷା, ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ସେମାନଙ୍କ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ଘରୁ ବାହାର କରିବାକୁ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶ ଦେଇପାରିବ। ଯଦି ପିଲାମାନେ ବାପା-ମା'ଙ୍କ ଯତ୍ନ ଠିକ୍‌ରେ ନେଉନାହାନ୍ତି, ତାଙ୍କୁ ହତାଦାର କରୁଛନ୍ତି, ତେବେ ବାପା-ମା' ପୁଅ କିମ୍ବା ଝିଅଙ୍କୁ ନିଜ ଘରୁ ବାହାର କରିଦେଇପାରିବେ। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଏହା ସ୍ପଷ୍ଟ କରିଛନ୍ତି ସୁପ୍ରିମକୋର୍ଟ।

ବିଚାରପତି ପିଏସ୍ ନରସିଂହ ଓ ବିଚାରପତି ଆଲୋକ ଆରାଧେଙ୍କ ଖଣ୍ଡପୀଠ ଆହ୍ଲାବାଦ ହାଇକୋର୍ଟଙ୍କ ପୂର୍ବ ରାୟକୁ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି, ୨୦୦୭ର 'ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ' ଅଧୀନରେ ଗଠିତ ମେଣ୍ଟେନାନ୍ସ ଟ୍ରିବ୍ୟୁନାଲ୍ ଆବଶ୍ୟକ ହେଲେ ସନ୍ତାନ କିମ୍ବା ସମ୍ପର୍କୀୟଙ୍କୁ ଘର ଖାଲି କରିବାକୁ ଆଦେଶ ଦେଇପାରିବ।



ଲକ୍ଷ୍ନୌର ରବିକାନ୍ତ ଗୁପ୍ତାଙ୍କ ମାମଲାରେ ଏହି ରାୟ ଆସିଛି। ତାଙ୍କ ପୁଅ ଓ ବୋହୂ ତାଙ୍କ ସମ୍ପତ୍ତିରେ ରହୁଥିଲେ। ୨୦୨୨ ନଭେମ୍ବର ୧୫ରେ ଏସ୍‌ଡିଏମ୍ ଏହି ସମ୍ପତ୍ତି ରବିକାନ୍ତଙ୍କ ନିଜସ୍ୱ ଅର୍ଜିତ ସମ୍ପତ୍ତି ବୋଲି ଦର୍ଶାଇ ପୁଅଙ୍କୁ ଘର ଖାଲି କରିବାକୁ ଆଦେଶ ଦେଇଥିଲେ। ପରେ ଜିଲ୍ଲାପାଳ ମଧ୍ୟ ଏହିଆଦେଶକୁ ବଜାୟ ରଖିଥିଲେ। କିନ୍ତୁ ଆହ୍ଲାବାଦ ହାଇକୋର୍ଟ ଏହି ଆଦେଶକୁ ରଦ୍ଦ କରିଦେଇଥିଲେ। ହାଇକୋର୍ଟଙ୍କ ମତ ଥିଲା ଯେ ଟ୍ରିବ୍ୟୁନାଲର ଏଭଳି ଭାବେ ଘର ଖାଲି କରାଇବାର ଅଧିକାର ନାହିଁ। ଏହାକୁ ଚ୍ୟାଲେଞ୍ଜ କରି ରବିକାନ୍ତ ସୁପ୍ରିମକୋର୍ଟ ଯାଇଥିଲେ।

ସୁପ୍ରିମକୋର୍ଟ କହିଛନ୍ତି, ବୃଦ୍ଧଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ବିପଦରେ ପଡ଼ିଲେ ଟ୍ରିବ୍ୟୁନାଲ୍ ଆବଶ୍ୟକ ପଦକ୍ଷେପ ନେଇପାରିବ। କୋର୍ଟ ଆହୁରି କହିଛନ୍ତି, ସଭ୍ୟ ସମାଜର ପରିଚୟ ହେଉଛି ବୃଦ୍ଧ ନାଗରିକଙ୍କୁ ମିଳୁଥିବା ସମ୍ମାନ, ମର୍ଯ୍ୟାଦା ଓ ସୁରକ୍ଷା। ସମ୍ବିଧାନର ଧାରା ୨୧ ଅନୁଯାୟୀ ସମ୍ମାନର ସହ ବଞ୍ଚିବାର ଅଧିକାର ଏବଂ ଧାରା ୪୧ ଅନୁଯାୟୀ ବରିଷ୍ଠ ନାଗରିକଙ୍କ ପ୍ରତି ରାଜ୍ୟର ଦାୟିତ୍ୱକୁ ମଧ୍ୟ କୋର୍ଟ ଉଲ୍ଲେଖ କରିଛନ୍ତି। ବୃଦ୍ଧ ବାପା-ମା'ଙ୍କ ଘରେ ରହିବାର ଅଧିକାରକୁ ସନ୍ତାନ ଅବହେଳା କିମ୍ବା ଅସୁରକ୍ଷିତ କରିପାରିବେ ନାହିଁ। ଆବଶ୍ୟକ ହେଲେ ଆଇନ ମଧ୍ୟ ବୃଦ୍ଧଙ୍କ ପକ୍ଷରେ ଠିଆ ହେବ।

# ନାଇଜେରିଆରେ ଡଙ୍ଗା ବୁଡ଼ି ୫୦ରୁ ଅଧିକ ମୃତ

**ଆବୁଜା,୨୧।୮(ଏଜେନ୍ସି):** ନାଇଜେରିଆର ଉତ୍ତର-ପଶ୍ଚିମ ସୋକୋଟୋ ରାଜ୍ୟରେ ଡଙ୍ଗା ବୁଡ଼ି ଅତି କମ୍‌ରେ ୫୦ ଜଣଙ୍କ ମୃତ୍ୟୁ ହୋଇଛି। ଗୋରାଉ ଅଞ୍ଚଳ ନିକଟ ଗୋରୋନ୍ୟୋ ପାଖ ନଦୀରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ପ୍ରାୟ ୪୦ ଜଣ ଶିଶୁ ଥିବା ଜଣାପଡ଼ିଛି। ତେବେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି।



ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହ ଜରୁରିକାଳୀନ ଉଦ୍ଧାରକାରୀ ଦଳ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ସୋକୋଟୋ ପୋଲିସ କମାଣ୍ଡର ଓ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ନାଇଜେରିଆରେ ବର୍ଷାଋତୁରେ ନଦୀ ଓ ଜଳପଥରେ ଏପରି ଦୁର୍ଘଟଣା ଘଟୁଥିବାବେଳେ ଡଙ୍ଗାରେ ଅତ୍ୟଧିକ ଲୋକ ନେବା, ସୁରକ୍ଷା ନିୟମ ଉଲ୍ଲଂଘନ ଓ ଦୁର୍ବଳ ନିରୀକ୍ଷଣକୁ ଏହାର ପ୍ରମୁଖ କାରଣ ଭାବେ ଦେଖାଯାଉଛି। ଡଙ୍ଗାରେ ଅତ୍ୟଧିକ ଯାତ୍ରୀ ନେବା ଓ ସୁରକ୍ଷା ନିୟମ ନମାନିବା ଦୁର୍ଘଟଣାର କାରଣ ବୋଲି ଜଣାପଡ଼ିଛି।

ଜାତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ଅବଦୁଲ କାଦିର ୟୁସୁଫ୍ କହିଛନ୍ତି, ଡଙ୍ଗାଟିରେ ୮୦ରୁ ଅଧିକ ଲୋକ ଥିଲେ। ସେମାନେ ଚାଷ କାମ ପାଇଁ ଗୋରାଉ ଅଞ୍ଚଳର ଚାଷଜମି ଆଡ଼କୁ ଯାଉଥିଲେ। ଧାନ ଅମଳ ପାଇଁ ଯାଉଥିବା ଚାଷୀ ଓ ଶ୍ରମିକମାନେ ଡଙ୍ଗାରେ ଥିଲେ। ଅତ୍ୟଧିକ ଲୋକ ଥିବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିବା ପ୍ରାଥମିକ ଭାବେ କୁହାଯାଇଛି।

# ମଲ୍‌ରେ ଧସିଲା ସେଣ୍ଟ୍ରିଂ, ୩ ଶ୍ରମିକ ମୃତ

**ମଥୁରା,୨୧।୮(ଏଜେନ୍ସି):** ମଥୁରା ବୃନ୍ଦାବନରେ ଏକ ନିର୍ମାଣାଧୀନ ମଲ୍‌ରେ ଅଭାବନୀୟ ଅଘଟଣ। ଓମେକ୍ସ କୋର୍ଟୟାର୍ଡ ମଲ୍‌ରେ ଢଳେଇ କାମ ଚାଲିଥିବା ବେଳେ ହଠାତ୍ ସେଣ୍ଟ୍ରିଂ ଧସିବା ଯୋଗୁ ୩ ଜଣ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଘଟଣାରେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି।

ଖବର ମୁତାବକ, ଓମେକ୍ସ କୋର୍ଟୟାର୍ଡ ମଲ୍‌ରେ ଛାତ ଢଳେଇ କାମ ଚାଲୁଥିଲା। ଏହି ସମୟରେ ହଠାତ୍ ସେଣ୍ଟ୍ରିଂ ଧସିପଡିଥିଲା। ଏହି ସମୟରେ କାମ କରୁଥିବା ଶ୍ରମିକ ତଳେ ଫସିଯାଇଥିଲେ। ଘଟଣା ପରେ ଚିତ୍କାର ଶୁଣାଯିବା ପରେ ଆଖପାଖର ଲୋକ ଏବଂ ସୁରକ୍ଷାକର୍ମୀ ଘଟଣା ସ୍ଥଳକୁ ଦୌଡି ଆସିଥିଲେ। ସୂଚନା ପାଇ ସ୍ଥାନୀୟ ପୋଲିସ, ଫାୟାର ବ୍ରିଗେଡ ଏବଂ ଆମ୍ବୁଲାନ୍ସ ଗାଡ଼ି ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା।

ଘଟଣାରେ ଜୀବନ ହରାଇଥିବା ମୃତକଙ୍କ ପରିଚୟ ମିଳିଛି। ସେମାନଙ୍କ ମଧ୍ୟରୁ ନେପାଳବାସୀ ୪୨ ବର୍ଷୀୟ ଶିବରାମ ଜଣେ ରହିଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗଳର ୨୮ ବର୍ଷୀୟ ରଫୁ୍ୟଲ ଏବଂ ୩୦ ବର୍ଷୀୟ ଆଲାମ ବୋଲି ଜଣାପଡିଛି।

ଘଟଣାରେ ଗୁରୁତର ଥିବା ଜଣେ ଶ୍ରମିକଙ୍କୁ ଚିକିତ୍ସା ପାଇଁ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଆଗ୍ରା ଏସଏନ ମେଡିକାଲ କଲେଜକୁ ରେଫର କରାଯାଇଛି। ଘଟଣା ସ୍ଥଳରେ ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିଯୋଗ ଯେ, ନିର୍ମାଣ କାର୍ଯ୍ୟରେ ସୁରକ୍ଷା ମାନକ ସଠିକ୍ ନଥିଲା। କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କିମ୍ବା ସେଫ୍ଟି ଗିୟର ଉପଲବ୍ଧ ନଥିଲା, ଯେଉଁଥିପାଇଁ ଏଭଳି ଅଘଟଣ ଘଟିଗଲା।

# ଜୟପୁରରେ ସିଜେପି ଟିମ୍‌କୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ

**ଜୟପୁର,୨୧।୮(ଏଜେନ୍ସି):** ରାଜସ୍ଥାନର ଜୟପୁର ଜିଲ୍ଲା ବଗରୁ ଅଞ୍ଚଳର ରାମପୁରା-କୁଁରପୁରା ଗାଁରେ ଶୁକ୍ରବାର ସକାଳେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଟିମ୍‌କୁ ଗ୍ରାମବାସୀଙ୍କ ତୀବ୍ର ବିରୋଧର ସାମ୍ନା କରିବାକୁ ପଡ଼ିଛି। ସରକାରୀ ସ୍କୁଲ ପରିଦର୍ଶନ ପାଇଁ ଯାଇଥିବା ସିଜେପିର ସହସଂଯୋଜକ ଆଶୁତୋଷ ରାଙ୍କା ଓ ତାଙ୍କ ସହଯୋଗୀମାନଙ୍କ ସହ ଧକ୍କା ମରାମରି ହୋଇଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାର ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ବୁଲୁଛି।

ଆଶୁତୋଷ ରାଙ୍କା ପୂର୍ବରୁ ବଗରୁ ବିଧାନସଭା ଅଞ୍ଚଳର ସରକାରୀ ସ୍କୁଲ ପରିଦର୍ଶନ କରିବା ନେଇ ସୂଚନା ଦେଇଥିଲେ। ସ୍କୁଲରେ ପିଲାମାନଙ୍କୁ ମିଳୁଥିବା ସୁବିଧା ଓ ସ୍କୁଲ ଭବନର ସ୍ଥିତି ଯାଞ୍ଚ କରିବା ଏହି ଗସ୍ତର ଉଦ୍ଦେଶ୍ୟ ଥିଲା। ରାଙ୍କାଙ୍କ ଅଭିଯୋଗ ଅନୁସାରେ, ଗାଁର ସରକାରୀ ସ୍କୁଲ ଭବନ ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ପିଲାମାନେ ସମସ୍ୟାରେ ପଡୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ଜାଣିବା ପାଇଁ ସେ ଟିମ୍ ସହ ଗାଁକୁ ଯାଇଥିଲେ।

ତେବେ ସିଜେପି ଟିମ୍ ଗାଁରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ମୁଖ୍ୟ ରାସ୍ତାରେ ଜମା ହୋଇ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଦେଇ ଯାଉଥିବା ଗାଡ଼ିଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଥିଲା। ରାଙ୍କା ଓ ତାଙ୍କ ସହଯୋଗୀମାନେ ପହଞ୍ଚିବା ପରେ ଗ୍ରାମବାସୀ ବିରୋଧ କରିବା ସହ ସେମାନଙ୍କୁ ଗାଁରୁ ବାହାର କରିଦେଇଥିଲେ। ଏହି ସମୟରେ ଉଭୟ ପକ୍ଷ ମଧ୍ୟରେ ଧକ୍କା ମରାମରି



ହୋଇଥିଲା। ସିଜେପି କର୍ମୀ ଶିବାଙ୍ଗୀ ଶର୍ମା ଅଭିଯୋଗ କରିଛନ୍ତି ଯେ, ଟିମ୍‌ର କର୍ମୀମାନଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ସେମାନଙ୍କୁ ଆତଙ୍କବାଦୀ ଓ ନକ୍ସଲ ବୋଲି କୁହାଯାଇଥିଲା। ସିଜେପି ପକ୍ଷରୁ ଏହି ବିରୋଧକୁ ପୂର୍ବ ଯୋଜନାବଦ୍ଧ ବୋଲି ମଧ୍ୟ ଅଭିଯୋଗ କରାଯାଇଛି।

# ୬.୭ ତୀବ୍ରତାର ଭୂମିକମ୍ପରେ ଥରିଲା ପେରୁ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ପେରୁର ଦକ୍ଷିଣ ଆଣ୍ଡିଜ୍ ପାହାଡ଼ ଅଞ୍ଚଳରେ ୬.୭ ତୀବ୍ରତାର ଭୂମିକମ୍ପ ହୋଇଛି। ଏହି ଭୂମିକମ୍ପରେ ବଡ଼ ଧରଣର ଜୀବନ କିମ୍ବା ସମ୍ପତ୍ତି କ୍ଷତି ହୋଇଥିବା ଖବର ମିଳିନାହିଁ। ଏହାର କେନ୍ଦ୍ର ଅୟାକୁଚୋ ଅଞ୍ଚଳର ପାରିନାକୋଚାସ୍ ପ୍ରଦେଶର ଉପାହୁଆଚୋ ସହରଠାରୁ ପ୍ରାୟ ୩୮ କିଲୋମିଟର ଉତ୍ତର-ପଶ୍ଚିମରେ ଥିଲା। ଭୂମି ତଳେ ପ୍ରାୟ ୬୬.୭ କିଲୋମିଟର ଗଭୀରତାରେ ଏହାର କେନ୍ଦ୍ର ଥିଲା।

ଭୂମିକମ୍ପର ଝଟକା ପେରୁର ଦକ୍ଷିଣ ଅଞ୍ଚଳର ଅନେକ ସ୍ଥାନରେ ଅନୁଭୂତ ହୋଇଥିଲା। ଇକା ଓ ଆରେକିପା ଅଞ୍ଚଳରେ ମଧ୍ୟ ଲୋକମାନେ ଝଟକା ଅନୁଭବ କରିଥିଲେ। ଭୂମିକମ୍ପଟି ଭୂମି ତଳେ ବହୁତ ଗଭୀରରେ ହୋଇଥିବାରୁ ବଡ଼ ଧରଣର କ୍ଷତି ହୋଇନଥିବା କୁହାଯାଉଛି। କିଛି ରିପୋର୍ଟ ଅନୁସାରେ ୨ ଜଣ ଆହତ ହୋଇଛନ୍ତି। କିଛି ଘର ଓ ଅନ୍ୟାନ୍ୟ କୋଠାବାଡ଼ି କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ ଖବର ଆସିଛି। କିଛି ସ୍କୁଲ, ଘର ଓ ହସ୍ପିଟାଲରେ ମଧ୍ୟ କ୍ଷତି ହୋଇଥିବା କୁହାଯାଉଛି।

# ମହାବଳୀପୁରମ୍ ବୈଠକ: ସଂଘୀୟ ରାଜନୀତିର ନୂଆ ଚିତ୍ର

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ମହାବଳୀପୁରମରେ ଅନୁଷ୍ଠିତ ୩୧ତମ ଦକ୍ଷିଣାଞ୍ଚଳ ପରିଷଦ ବୈଠକ ଦକ୍ଷିଣ ବଦଳୁଥିବା ରାଜନୈତିକ ସମୀକରଣର ଏକ ଚିତ୍ର ପ୍ରଦାନ କରିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଓ ନେତାମାନେ ଯୋଗଦେଇ ଆଞ୍ଚଳିକ ସ୍ଥିତି, ଲୋକସଭା ନିର୍ବାଚନ ମଣ୍ଡଳୀର ସୀମା ପୁନଃ ନିର୍ଦ୍ଧାରଣ(ଡଲିମିଟେସନ) ଆଦି ଉପରେ ଆଲୋଚନା କରିଥିଲେ।



ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ସ୍ୱରକୁ ଜାତୀୟ ମଞ୍ଚରେ ଅଧିକ ଶକ୍ତିଶାଳୀ କରିବା ଉପରେ ଜୋର ଦେଇଥିଲେ। ପୁନଃନିର୍ଦ୍ଧାରଣରେ ଜନସଂଖ୍ୟାକୁ ମୁଖ୍ୟ ଆଧାର କରାଗଲେ ଦକ୍ଷିଣ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ କମିପାରେ ବୋଲି ସେ ଚିନ୍ତା ପ୍ରକାଶ କରିଥିଲେ। ଏହା ସହ ନିଟ୍, କାବେରୀ ଜଳ ବିବାଦ ଓ ରାଜ୍ୟ ଅଧିକାର ସମ୍ପର୍କିତ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। କେନ୍ଦ୍ର ସହ ପ୍ରତ୍ୟେକ ପ୍ରସଙ୍ଗରେ ବିରୋଧ ନୁହେଁ, ବରଂ ସହଯୋଗ ମନୋଭାବ ଆବଶ୍ୟକ। ଏକ ଶକ୍ତିଶାଳୀ ରାଜ୍ୟ ହିଁ ଏକ ଶକ୍ତିଶାଳୀ ଭାରତ ଗଠନ କରେ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ।

କେରଳମ୍ ମୁଖ୍ୟମନ୍ତ୍ରୀ ଭିଡି ସତୀଶନଙ୍କ ଆଭିମୁଖ୍ୟ ଅପେକ୍ଷାକୃତ ନରମ ଥିଲା। ସ୍ୱାସ୍ଥ୍ୟ, ଭିତ୍ତିଭୂମି, ପରିବେଶ ଓ ଅର୍ଥସହାୟତା କ୍ଷେତ୍ରରେ ସହଯୋଗୀ ସଂଘୀୟ ମନୋଭାବ ପାଇଁ ସେ ମତ ଦେଇଥିଲେ। ମୁଲ୍ଲାପେରିୟାର ପ୍ରସଙ୍ଗରେ ନୂଆ ବନ୍ଧ ନିର୍ମାଣର ସମ୍ପୂର୍ଣ୍ଣ ଖର୍ଚ୍ଚ କେରଳମ୍ ବହନ କରିବ ବୋଲି ପ୍ରସ୍ତାବ ରଖିଥିଲେ, ଯାହାକୁ ତାମିଲନାଡୁ ଅସ୍ୱୀକାର କରିଛି।

ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ଉନ୍ନୟନ ଉପରେ ଜୋର ଦେଇଥିଲେ। ଅମରାବତୀ-ବେଙ୍ଗାଲୁରୁ-ଚେନ୍ନାଇ ହାଇସ୍ପିଡ୍ ରେଲ କରିଡର, ଲଜିଷ୍ଟିକ୍ସ ନେଟୱର୍କ ଓ ରାଜ୍ୟର ବିଭାଜନ ପରବର୍ତ୍ତୀ ବକେୟା ପ୍ରସଙ୍ଗ ସମାଧାନ ପାଇଁ ସେ ଦାବି ରଖିଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଅପେକ୍ଷାକୃତ କୂଟନୈତିକ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଡିଲିମିଟେସନ୍‌ରେ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ଦକ୍ଷିଣ ରାଜ୍ୟଗୁଡ଼ିକୁ ଦଣ୍ଡିତ ନ କରିବାକୁ ସେ ଦାବି କରିବା ସହିତ ପ୍ରସ୍ତାବିତ ମେକେଦାଟୁ ପ୍ରକଳ୍ପ ସପକ୍ଷରେ ମଧ୍ୟ ଯୁକ୍ତି ବାଢ଼ିଥିଲେ।

ମହାବଳୀପୁରମ୍ ବୈଠକରୁ ସ୍ପଷ୍ଟ ହୋଇଛି ଯେ ମୁଖ୍ୟମନ୍ତ୍ରୀ ଥାଲାପତି ବିଜୟ ଜାତୀୟ ସ୍ତରରେ ଦକ୍ଷିଣ ଭାରତର ସ୍ୱର ସାଜିବାକୁ ଉଦ୍ୟମ କରୁଛନ୍ତି। ସୀମା ନିର୍ଦ୍ଧାରଣ ଓ ସମ୍ବଳ ବଣ୍ଟନକୁ ନେଇ ସମସ୍ତଙ୍କର ଚିନ୍ତା ରହିଛି। କିନ୍ତୁ ଆଞ୍ଚଳିକ ପ୍ରତିଦ୍ୱନ୍ଦ୍ୱିତା କାରଣରୁ ସମସ୍ତ ଦାକ୍ଷିଣାତ୍ୟ ରାଜ୍ୟ ଏକାଠି ହୋଇ ନା ଅଲଗା ଅଲଗା କେନ୍ଦ୍ର ସହ ଆଲୋଚନା କରିବେ ତାହା ଅସ୍ପଷ୍ଟ ରହିଛି।

ADMISSION OPEN 2026-27
BINODINI SPECIAL B.Ed. COLLEGE
At/PO: Pichukuli, Near Co-Operative Society Bank, Khordha, Odisha-752064
Approved By Rehabilitation Council of India (RCI) New Delhi.
Affiliated to Utkal University, Recognised By Govt. of Odisha.
B.Ed. Spl. Ed. (HI)
Eligibility: Students Secured 50% and above for General & 45% and above for SC/ST & PH Candidates, in Graduation with any stream or its Equivalent.
E-mail: binodinispecialbedcollege@gmail.com
For Admission Contact- 9438541650

ହୋମି ଭାବା ସେଣ୍ଟର ଫର୍ ସାଇନ୍ସ ଏଜୁକେସନ
ଟାଟା ଇନଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ
ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିଅର ସାଇନ୍ସରେ
ରାଷ୍ଟ୍ରୀୟ ଅଲିମ୍ପିୟାଡ୍ କାର୍ଯ୍ୟକ୍ରମ ୨୦୨୬-୨୭
ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀ ନଭେମ୍ବର ୨୧ ଏବଂ ୨୨, ୨୦୨୬ ରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି) ପକ୍ଷରୁ ପରିଚାଳିତ ହେଉଥିବା ଏ ସମ୍ବନ୍ଧିତ ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନଏସଇଏସ୍) (ବିଜ୍ଞାନ ବିଷୟ ପାଇଁ) ରେ ଅଂଶଗ୍ରହଣ କରିବାକୁ ପଡିବ ।
୨୦୨୭ ମସିହାର ଅନ୍ତର୍ଜାତୀୟ ଅଲିମ୍ପିୟାଡରେ ଅଂଶଗ୍ରହଣ ପାଇଁ ଏନଏସ୍‌ଇଏସ୍‌ରେ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରଥମ ଆବଶ୍ୟକତା ।
ନାମ ପଞ୍ଜୀକରଣ ପାଇଁ:
ଏନଏସ୍‌ଇଏସ୍: https://www.iapt.org.in (ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୧୪, ୨୦୨୬)
ଅଧିକ ସୂଚନା : https://olympiads.hbcse.tifr.res.in
https://www.iapt.org.in.
cbc 48143/11/0005/2627

### ଥାନାରେ ରାହୁଲ ଗାନ୍ଧିଙ୍କ ଧାରଣା।

# ଏଫଆଇଆର ନରଖିଲେ, ଏଠାରୁ ହଲିବି ନାହିଁ

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ପେପର ଲିକ୍ ବିରୋଧରେ ଛାତ୍ର ଛାତ୍ରୀଙ୍କ ପ୍ରତିବାଦ ସମୟରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗକୁ ନେଇ ପୁଣିଥରେ ରାଜନୀତି ଆରମ୍ଭ ହୋଇଛି। ଶୁକ୍ରବାର ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ପେଲେଟ୍ ଗନ୍ ବ୍ୟବହାର ଅଭିଯୋଗରେ ଆହତ ହୋଇଥିବା ଜଣେ ଯୁବକଙ୍କୁ ନେଇ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନରେ ପହଞ୍ଚିଥିଲେ। ସେ ଅଭିଯୋଗ



ଦାୟର କରିବାକୁ ସେଠାରେ ପହଞ୍ଚିଥିଲେ। ଏଫଆଇଆର ପଞ୍ଜୀକରଣ ନହେବା ପରେ ରାହୁଲ ଗାନ୍ଧି ପୋଲିସ ଷ୍ଟେସନ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖାଯାଇଛି। ରାହୁଲ କହିଛନ୍ତି, ଜୁଲାଇ ୨୦ରେ କନଟ୍ ପ୍ଲେସରେ ପେଲେଟ୍ ଗନ୍ ବ୍ୟବହାର କରାଯାଇଥିଲା। ଏହାର ପ୍ରମାଣ ହେଉଛି ସାହିଲଙ୍କ ଶରୀରରେ ଥିବା ପେଲେଟ୍। ଏମ୍ସ ରିପୋର୍ଟରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ତାଙ୍କ ଶରୀରରେ କେତେ ପେଲେଟ୍ ଥିଲା। ଦିଲ୍ଲୀ ପୋଲିସ କହିଛି, ସେମାନେ ପେଲେଟ୍ ଫୁଟାଇ ନାହାନ୍ତି, ତେବେ କେହି ଜଣେ ପେଲେଟ୍ ଚଳାଇଥିବେ। ଆମେ କେବଳ ଏଫଆଇଆର ରୁଜୁ କରିବାକୁ କହୁଛୁ। ଆମକୁ ଭିତରୁ କୁହାଯାଉଛି ଯେ ଉପରୁ ଏକ ନିର୍ଦ୍ଦେଶ ଅଛି ଯେ ଏଫଆଇଆର ରୁଜୁ ହୋଇପାରିବନାହିଁ। ଏଫଆଇଆର ରୁଜୁ ନହେବା ପର୍ଯ୍ୟନ୍ତ ଆମେ ଏଠାରୁ ହଟିବୁ ନାହିଁ। ଆମେ କେବଳ ଏହି ପରିବାର ପାଇଁ ନ୍ୟାୟ ଦାବି କରୁଛୁ। ରାପିଡ୍ ଆକ୍ସନ ଫୋର୍ସର କର୍ମଚାରୀମାନେ ସଂସଦ ପୋଲିସ ଷ୍ଟେସନ ବାହାରେ ପହଞ୍ଚିଛନ୍ତି। ଡିସିପିଙ୍କ ସହ ସାକ୍ଷାତ କରିବା ପରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏଠାରେ ଉପସ୍ଥିତ ଅଛନ୍ତି ।

# 'ବନ୍ଦେ ମାତରମ୍' ବିବାଦରୁ ନଜର ହଟାଇବାକୁ ରାହୁଲଙ୍କ ଧାରଣା

**ନୂଆଦିଲ୍ଲୀ,୨୧।୮(ଏଜେନ୍ସି):** ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସଂସଦ ମାର୍ଗ ପୋଲିସ ଷ୍ଟେସନ ବାହାରେ



ଧାରଣା ଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତାଙ୍କ ମିଡିଆର ଧ୍ୟାନ ଆକର୍ଷଣ କରିବାକୁ ଧାରଣା ଦେଇଛନ୍ତି ବୋଲି ନଡ୍ଡା କହିଛନ୍ତି। ନଡ୍ଡା କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ଧାରଣା ପ୍ରତିବାଦ 'ବନ୍ଦେ ମାତରମ୍'କୁ ଅସମ୍ମାନ କରିବା ପାଇଁ କଂଗ୍ରେସ ଯେଉଁ ସମାଲୋଚନାର ସମ୍ମୁଖୀନ ହେଉଛି ସେଥିରୁ ଧ୍ୟାନ ହଟାଇବା ପାଇଁ ପ୍ରୟାସ।

ପ୍ରତିଦିନର ପୂଜା ବିଶେଷାଙ୍କ 'ଭବ୍ୟପ୍ରୀତା'
ପ୍ରକାଶ ପାଇବାକୁ ଯାଉଛି
ସେଥିପାଇଁ ଲେଖକ, ଲେଖିକାମାନଙ୍କୁ ଗଳ୍ପ, ଅଣୁଗଳ୍ପ, ଅନୁବାଦ ଗଳ୍ପ, ଫିଚର, କବିତା
ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା
sahitya.pratidin.daily@gmail.com
କୁ ପଠାଇବାକୁ ଅନୁରୋଧ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida